ଧରିତ୍ରୀ 50 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୪/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, November 14/2024 Page 16 ₹ 7.00 | SAMBALPUR
୫୦ଶ ଭାଗ ୩୪୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 349 ମୂଲ୍ୟ ₹୭/-

DSPL-191

ଓଡ଼ିଶା ସରକାର



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁରଭି ୨୦୨୪



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଗରିମାମୟ ଉପସ୍ଥିତି**

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ସୂର୍ଯ୍ୟବଂଶୀ ସୁରଜ**
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର, ଭୁବନେଶ୍ୱର

**୧୪ ନଭେମ୍ବର, ୨୦୨୪ । ସମୟ: ଦିବା ୧୧ଘଟିକା**

ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ଭୁବନେଶ୍ୱର

ଆୟୋଜକ: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

OIPR-27068/13/0019/2425

# ଇନ୍ଦିରା ଆସିଲେ ବି ଫେରିବନି ୩୭୦: ଶାହା

## ମହାରାଷ୍ଟ୍ରରେ ମହାସଂଗ୍ରାମ


ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା

**ପରଭାନି/ଜଲଗାଓଁ/ଧୁଲେ,୧୩।୧୧**

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସ୍ୱର୍ଗରୁ ଓହ୍ଲାଇ ଆସିଲେ ବି ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ପୁନଃ ଅବସ୍ଥାପିତ କରିପାରିବେ ନାହିଁ ବୋଲି ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ମାତ୍ର ସପ୍ତାହେ ବାକି ଥିବାବେଳେ ଭାଜପାର ଷ୍ଟାର୍ କ୍ୟାମ୍ପେନର ଶାହା ମାରାଥନ୍ ପ୍ରଚାରକରି ଏକାଧିକ ସଭାକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ ମୁସଲିମ୍ ସଂରକ୍ଷଣ ପ୍ରସଙ୍ଗରେ କଂଗ୍ରେସକୁ ଘେରିଛନ୍ତି। ମୁଖ୍ୟ ବିରୋଧୀ ଦଳ ଅନେକ ବର୍ଷ ଧରି ରାମମନ୍ଦିର ନିର୍ମାଣରେ ମଧ୍ୟ ପ୍ରତିବନ୍ଧକ ସାଜିଥିଲା ବୋଲି ଶାହା ସମାଲୋଚନା କରିଛନ୍ତି।

ରାଜନୈତିକ ଦୃଷ୍ଟିରୁ ଦେଶର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନ ପାଇଁ ନଭେମ୍ବର ୨୦ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଭୋଟ ଗଣତି ୨୩ରେ କରାଯିବ। ଭାଜପା ଅଜିତ୍ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଏକନାଥ ଶିନ୍ଦେଙ୍କ ଶିବସେନା ସହ ମେଣ୍ଟ କରି ମହାଯୁତି ବ୍ୟାନରରେ ନିର୍ବାଚନ ଲଢୁଥିବାବେଳେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା (ୟୁବିଟି), ଏନ୍‌ସିପି (ଶରଦ ପାୱାର) ଏବଂ କଂଗ୍ରେସକୁ ନେଇ ଗଠିତ ବିରୋଧୀ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ଶାସକ ମେଣ୍ଟକୁ କ୍ଷମତାଚ୍ୟୁତ କରିବା ପାଇଁ ଅଣ୍ଟା ଭିଡ଼ିଛି। ମତଦାନ ତାରିଖ ପାଖେଇ ଆସୁଥିବାବେଳେ ପ୍ରଚାର ରୋଚକ ମୋଡ଼ରେ ପହଞ୍ଚିଛି। ଶାସକ ମହାଯୁତି ମେଣ୍ଟର ପ୍ରଚାର ପାଇଁ ଶାହା ଧୁଲେରେ ଏକ ସଭାକୁ ସମ୍ବୋଧିତ କରି କହିଛନ୍ତି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ମନେରଖିବା ଉଚିତ ଯେ, ତାଙ୍କ ପୂର୍ବ ଚତୁର୍ଥ ପିଢ଼ି ଫେରିଲେ ବି ଦଳିତ, ଆଦିବାସୀ ଓ ଅନ୍ୟ ପଛୁଆ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣକୁ ଛଡ଼ାଇନେଇ ମୁସଲମାନମାନଙ୍କୁ ଦେଇପାରିବେ ନାହିଁ। ସେହିପରି ୨୦୧୯ ଅଗଷ୍ଟ ୫ରେ ଉଚ୍ଛେଦ ହୋଇସାରିଥିବା ଅନୁଚ୍ଛେଦ ୩୭୦କୁ କୌଣସି ପରିସ୍ଥିତିରେ ମଧ୍ୟ ପୁନଃ ଅବସ୍ଥାପିତ କରିବାକୁ ଦିଆଯିବ ନାହିଁ। ଏପରି କି ଇନ୍ଦିରା ଗାନ୍ଧୀ ସ୍ୱର୍ଗରୁ ଓହ୍ଲାଇ ଆସିଲେ ବି ଏହାକୁ ଫେରାଇ ଆଣିପାରିବେ ନାହିଁ। ଶାହା ଏମ୍‌ଭିଏକୁ ଔରଙ୍ଗଜେବ୍ ଫ୍ୟାନ୍ କ୍ଲବ୍ ଭାବେ ଅଭିହିତ କରି ଭାଜପା ନେତୃତ୍ୱାଧୀନ ମହାଯୁତିକୁ ମରାଠା ଯୋଦ୍ଧା ରାଜା ଛତ୍ରପତି ଶିବାଜୀ ମହାରାଜ ଓ ସ୍ୱାଧୀନତା ସଂଗ୍ରାମୀ ବୀର ସାବରକରଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ମେଣ୍ଟ ବୋଲି କହିଛନ୍ତି। ନଭେମ୍ବର ୨୦ ନିର୍ବାଚନରେ ଏମ୍‌ଭିଏ ଜିତିଲେ ମହାରାଷ୍ଟ୍ର କଂଗ୍ରେସର ଏଟିଏମ୍‌ରେ ପରିଣତ ହୋଇଯିବ ବୋଲି ଜଲଗାଓଁରେ ପ୍ରଚାରବେଳେ ଶାହା ସମାଲୋଚନା କରିଛନ୍ତି।

# ନେତାଙ୍କ ବ୍ୟାଗ୍‌ରେ କ'ଣ ଅଛି



ନିର୍ବାଚନ କମିଶନଙ୍କ ଅଧିକାରୀମାନେ ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ବ୍ୟାଗ୍ ଯାଞ୍ଚ କରିବା ନେଇ ବିବାଦ ସୃଷ୍ଟି ହେବା ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଦେବେନ୍ଦ୍ର ଫଡ଼ନବିସଙ୍କୁ ମଧ୍ୟ ଅନୁରୂପ ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିଛି। ସୋମବାର ଉଦ୍ଧବଙ୍କ ହେଲିକପ୍ଟର ଜବତମାଲରେ ଅବତରଣ କରିବା ପରେ ସେଠାରେ ଉପସ୍ଥିତ ଅଧିକାରୀମାନେ ତାଙ୍କ ବ୍ୟାଗ୍ ଯାଞ୍ଚ କରିଥିଲେ। ମଙ୍ଗଳବାର ଉଦ୍ଧବ ଲାତୁରରେ ପହଞ୍ଚିବା ପରେ ନିର୍ବାଚନ ଅଧିକାରୀମାନେ ପୁଣି ତାଙ୍କ ବ୍ୟାଗ୍ ଖୋଲି ସେଥିରେ କ'ଣ ଅଛି ବୋଲି ଖୋଲି ଦେଖିଥିଲେ। ଏହାକୁ ନେଇ କ୍ଷୁବ୍ଧ ଉଦ୍ଧବ କହିଥିଲେ, ମୋ ବ୍ୟାଗ୍‌ରେ କିଛି ନାହିଁ। କେବଳ ମୋ ବ୍ୟାଗ୍ କାହିଁକି ଯାଞ୍ଚ କରୁଛ ? ଦମ୍ ଅଛି ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଶିନ୍ଦେ, ଫଡନବିସ ଓ ଅଜିତଙ୍କ ବ୍ୟାଗ୍ ବି ଯାଞ୍ଚ କର। ବୁଧବାର ମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କ ହେଲିକପ୍ଟର ପାଲଘର ପୋଲିସ ଗ୍ରାଉଣ୍ଡରେ ଅବତରଣ କରିବା ପରେ ନିର୍ବାଚନ ଅଧିକାରୀମାନେ ତାଙ୍କ ବ୍ୟାଗ୍ ଚେକ୍ କରିଛନ୍ତି। ସେହିପରି ନାଗପୁରର କଟୋଲରେ ଫଡ଼ନବିସ୍‌ଙ୍କ ବ୍ୟାଗ୍ ଯାଞ୍ଚ କରାଯାଇଥିବାବେଳେ ଅଜିତ ମଧ୍ୟ ତାଙ୍କ ବ୍ୟାଗ୍‌ର ତଲାସି କରାଯାଇଥିବା ନେଇ ଏକ୍ସ'ରେ ଭିଡିଓ ପୋଷ୍ଟ କରିଛନ୍ତି। ଏସବୁକୁ ନେଇ ଭୋଟରଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି, ନେତାଙ୍କ ବ୍ୟାଗ୍‌ରେ କ'ଣ ରହିଛି ?

# ନିଜ ଗୋଡ଼ରେ ଛିଡ଼ାହୁଅ: ସୁପ୍ରିମକୋର୍ଟ

## ଅଜିତଙ୍କୁ ଶରଦ ପାୱାରଙ୍କ ଫଟୋ ବ୍ୟବହାର ମନା



**ନୂଆଦିଲ୍ଲୀ,୧୩।୧୧**

ସୁପ୍ରିମକୋର୍ଟ ବୁଧବାର ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଗୋଷ୍ଠୀକୁ ନିଜ ଗୋଡ଼ରେ ଛିଡ଼ା ହେବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପ୍ରଚାର ବେଳେ ଏନ୍‌ସିପି ପ୍ରତିଷ୍ଠାତା ଶରଦ ପାୱାରଙ୍କ ଫଟୋ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏନ୍‌ସିପିର ନିର୍ବାଚନୀ ଚିହ୍ନ ଘଣ୍ଟାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗିରହିଥିବା ବିବାଦ ପ୍ରସଙ୍ଗରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜ୍ୱଲ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରିଛନ୍ତି। ଏହି ଅବସରରେ ଖଣ୍ଡପୀଠ ଶରଦ ଓ ତାଙ୍କ ପୁତୁରା ଅଜିତଙ୍କ ଗୋଷ୍ଠୀକୁ କୋର୍ଟକୁ ଧାଇଁବା ପରିବର୍ତ୍ତେ ଯୁଦ୍ଧଭୂମି ଉପରେ ଫୋକସ୍ କରିବାକୁ ପରାମର୍ଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଭାରତୀୟମାନେ ବୁଦ୍ଧିମାନ। ଶରଦ ପାୱାର ଓ ଅଜିତ ପାୱାର କିଏ, ସେନେଇ ଭାରତର ଲୋକେ ଭଲ ଭାବେ ଜାଣନ୍ତି। ସେମାନଙ୍କୁ ସହଜରେ ବୋକା ବନାଯାଇପାରିବ ନାହିଁ। ତେଣୁ ଉଭୟ ପକ୍ଷ ନିଜ ନିଜ ପ୍ରଚାରରେ ଲାଗନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି।

# ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍, ବାଇଡେନ୍


ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସ୍‌ରେ ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ହାତ ମିଳାଉଛନ୍ତି ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

**ୱାଶିଂଟନ୍,୧୩।୧୧**

ଆମେରିକାର ବିଦାୟୀ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ବୁଧବାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭେଟିଛନ୍ତି। ଓଭାଲ ଅଫିସରେ ଦୁଇନେତାଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ବିଶେଷକରି ଡେମୋକ୍ରାଟଙ୍କଠାରୁ ରିପବ୍ଲିକାନ୍‌ଙ୍କୁ କ୍ଷମତା ହସ୍ତାନ୍ତର ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ବାଇଡେନ୍ ଟ୍ରମ୍ପ୍‌ଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ରାଜନୀତି ହେଉଛି କଠିନ ବ୍ୟାପାର। ସବୁବେଳେ ରାଜନୀତି ସୁଖଦ ହୋଇ ନ ଥାଏ। କିନ୍ତୁ ଏହା ଆଜି ଏକ ସୁନ୍ଦର ବିଶ୍ୱରେ ପରିଣତ ହୋଇଛି। ପ୍ରାୟ ୪ ବର୍ଷ ତଳେ ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ନିର୍ବାଚନରେ ପରାଜିତ ହେବା ପରେ ହ୍ୱାଇଟ୍ ହାଉସ୍ ଛାଡ଼ି ଚାଲିଯାଇଥିଲେ। କ୍ୟାପିଟୋଲ ହିଲ୍ ଦଙ୍ଗାକୁ ନେଇ ଟ୍ରମ୍ପ୍ ଆଇନର କାଠଗଡ଼ାରେ ଛିଡ଼ା ହୋଇଥିବାବେଳେ ବାଇଡେନ୍‌ଙ୍କ ସହ ତାଙ୍କର ସୌଜନ୍ୟମୂଳକ ସାକ୍ଷାତ୍ ହୋଇ ନ ଥିଲା।

# ସାମନ୍ଥା ହାର୍ଭେଙ୍କୁ 'ବୁକର'



**ଲଣ୍ଡନ୍,୧୩।୧୧**

ବ୍ରିଟିଶ୍ ଲେଖିକା ସାମନ୍ଥା ହାର୍ଭେ ଚଳିତ ବର୍ଷର ସମ୍ମାନଜନକ ବୁକର ପୁରସ୍କାର ପାଇଛନ୍ତି। ସାମନ୍ଥା ତାଙ୍କର ମହତ୍ତ୍ୱାକାଂକ୍ଷୀ ତଥା ସୁନ୍ଦର ଉପନ୍ୟାସ 'ଅର୍ବିଟାଲ' ପାଇଁ ୨୦୨୪ ବୁକର ପ୍ରାଇଜ୍ ହାତେଇଛନ୍ତି। ପୁରସ୍କାର ରାଶି ବାବଦକୁ ତାଙ୍କୁ ୫୦,୦୦୦ ପାଉଣ୍ଡ ପ୍ରଦାନ କରାଯାଇଛି। ବ୍ରିଟେନ୍‌ରେ ସର୍ବାଧିକ ବିକ୍ରି ଉପନ୍ୟାସଗୁଡ଼ିକ ମଧ୍ୟରୁ ଅନ୍ୟତମ 'ଅର୍ବିଟାଲ' ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୬ ମହାକାଶଚାରୀ ଅତିବାହିତ କରିଥିବା ଗୋଟିଏ ଦିନର କାହାଣୀକୁ ନେଇ ଗତିଶୀଳ ହୋଇଛି। ଲଣ୍ଡନ୍‌ର ଓଲ୍ଡ ବିଲିଙ୍ଗ୍‌ସଗେଟ୍‌ରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ବିଚାରକମଣ୍ଡଳୀ ୧୩୬ ପୃଷ୍ଠା ସମ୍ବଳିତ 'ଅର୍ବିଟାଲ୍'କୁ ଏକ ସୁନ୍ଦର ଉପନ୍ୟାସ ଭାବେ ଅଭିହିତକରି ଏଥିରେ ମାନବୀୟ ମୂଲ୍ୟବୋଧର ପ୍ରତିପ୍ରକାଶ ହୋଇଥିବା ଦର୍ଶାଇଛନ୍ତି। ଏହି ଅବସରରେ ସାମନ୍ଥା ଖୁସିବ୍ୟକ୍ତ କରିବା ସହ ବୁକର ପୁରସ୍କାର ତାଙ୍କୁ ଲେଖନୀ ଚାଳନାରେ ଆହୁରି ପ୍ରେରଣା ଦେବ ବୋଲି କହିଛନ୍ତି।

# 'ଓଜନ କମିନାହିଁ': ସୁନୀତା


ସୁନୀତା ୱିଲିୟମ୍ସ

**ୱାଶିଂଟନ, ୧୩।୧୧**

ଆମେରିକୀୟ ମହାକାଶ ସଂସ୍ଥା(ନାସା)ର ଆଷ୍ଟ୍ରୋନଟ ସୁନୀତା ୱିଲିୟମ୍ସ ବୁଧବାର ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ରୁ ନିଜ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସୂଚନା ଦେଇଛନ୍ତି। ଏକ ଭିଡିଓ ବାର୍ତ୍ତା ଜାରି କରି ସେ କହିଛନ୍ତି, ଗତ ଜୁନ୍ ମାସରେ ଆଇଏସ୍‌ଏସ୍‌କୁ ଆସିବା ସମୟରେ ତାଙ୍କର ଯାହା ଓଜନ ଥିଲା, ଏବେ ମଧ୍ୟ ତାହା ବଜାୟ ରହିଛି। ମହାକାଶରେ ଆଷ୍ଟ୍ରୋନଟମାନଙ୍କ ରହିଥିବା ଗାଇଡଲାଇନ୍ ଅନୁଯାୟୀ ତାଙ୍କୁ ଲଗାତର କଠୋର ବ୍ୟାୟାମ କରିବାକୁ ପଡୁଛି। ସେଥିପାଇଁ ତାଙ୍କର ଶାରୀରିକ ରୂପ ବଦଳିଯାଇଛି। ତେବେ ତାଙ୍କର କୌଣସି ଓଜନ ହ୍ରାସ ହୋଇ ନାହିଁ ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ସୁନୀତା କହିଛନ୍ତି।

# ହସ୍ପିଟାଲରେ ଡାକ୍ତରଙ୍କୁ ୭ ଥର ଛୁରାମାଡ଼


ଡାକ୍ତର ବାଲାଜୀ ଜଗନାଥନ

**ଚେନ୍ନାଇ, ୧୩।୧୧**

ଚେନ୍ନାଇସ୍ଥିତ ଗୁଣ୍ଡି ଅଞ୍ଚଳରେ ଥିବା କଲାଇନଗର ସେଣ୍ଟେନାରି ହସ୍ପିଟାଲର ଓପିଡିରେ ସରକାରୀ ଡାକ୍ତର ବାଲାଜୀ ଜଗନାଥନଙ୍କୁ ବୁଧବାର ଜଣେ ଯୁବକ ୭ ଥର ଛୁରାମାଡ଼ କରିଛନ୍ତି। ଆକ୍ରମଣକାରୀ ଯୁବକଙ୍କ ମା' କର୍କଟ ରୋଗରେ ପୀଡ଼ିତ ଥିବାବେଳେ ତାଙ୍କର ଚିକିତ୍ସା ଅଙ୍କୋଲୋଜିଷ୍ଟ ବାଲାଜୀଙ୍କ ତତ୍ତ୍ୱାବଧାନରେ କରାଯାଉଥିଲା। ଯୁବକ ଜଣକ ପେସେଣ୍ଟ ଆଟେଣ୍ଡାଣ୍ଟ ଭାବେ କିଛି ଦିନ ହେବ ରହି ଆସୁଥିଲେ। ଛୁରାମାଡ଼ ଯୋଗୁ ବାଲାଜୀଙ୍କ ଛାତିର ଉପରପାର୍ଶ୍ୱ ଏବଂ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ ହସ୍ପିଟାଲର ଇଣ୍ଟେନ୍‌ସିଭ କେୟାର ୟୁନିଟ୍(ଆଇସିୟୁ)ରେ ରଖାଯାଇଛି। ତାଙ୍କ ଅବସ୍ଥା ସ୍ଥିର ରହିଛି ବୋଲି ତାମିଲନାଡୁ ସ୍ୱାସ୍ଥ୍ୟମନ୍ତ୍ରୀ ଥିରୁ ସୁବ୍ରମଣ୍ୟମ କହିଛନ୍ତି। ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରାଯାଇଛି। ଘଟଣାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାକୁ ଇଣ୍ଡିଆନ ମେଡିକାଲ ଆସୋସିଏଶନ ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

# ଅନ୍ତରଙ୍ଗ ଭିଡିଓ ଭାଇରାଲ: ଆକାଉଣ୍ଟ ବନ୍ଦକଲେ ଇନ୍‌ଫ୍ଲୁଏନ୍ସର



**ଇସ୍‌ଲାମାବାଦ, ୧୩।୧୧**

ପାକିସ୍ତାନୀ ଇନ୍‌ଫ୍ଲୁଏନ୍ସର ତଥା ଟିକ୍‌ଟକ୍ ଷ୍ଟାର୍ ଇମ୍‌ଶା ରେହମାନଙ୍କର ଏକ ଅନ୍ତରଙ୍ଗ ଭିଡିଓ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକରେ ଭାଇରାଲ ହେବାରେ ଲାଗିଛି, ଫଳରେ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏହା ଇମ୍‌ଶାଙ୍କର ଏକ ପବ୍ଲିସିଟି ଷ୍ଟଣ୍ଟ ଏବଂ ସେ ଜାଣିଶୁଣି ନିଜ ପ୍ରତି ଅଧିକ ଧ୍ୟାନ ଆକର୍ଷଣ କରି ଫଲୋଅର୍ସ ବଢ଼ାଇବା ପାଇଁ ନିଜ ଅନ୍ତରଙ୍ଗ ଭିଡିଓକୁ ଭାଇରାଲ କରିଛନ୍ତି ବୋଲି ବହୁ ସୋସିଆଲ ମିଡିଆ ୟୁଜର୍ସ ଅଭିଯୋଗ କରିଛନ୍ତି। ତେଣୁ ଟିକ୍‌ଟକ୍, ଇନ୍‌ଷ୍ଟାଗ୍ରାମ ସମେତ ନିଜର ସମସ୍ତ ସୋସିଆଲ ମିଡିଆ ଆକାଉଣ୍ଟକୁ ସେ ବୁଧବାର ବନ୍ଦ କରିଦେଇଛନ୍ତି।

# ଭୋଜପୁରୀ ଅଭିନେତ୍ରୀ ଅକ୍ଷରା ସିଂଙ୍କୁ ହତ୍ୟା ଧମକ



**ପାଟନା, ୧୩।୧୧**


ଭୋଜପୁରୀ ଅଭିନେତ୍ରୀ ଅକ୍ଷରା ସିଂଙ୍କୁ ବୁଧବାର ହତ୍ୟା ଧମକ ମିଳିଛି। ୫୦ ଲକ୍ଷ ଟଙ୍କା ନ ଦେଲେ ତାଙ୍କୁ ହତ୍ୟା କରାଯିବ ବୋଲି ଜଣେ ଦୁର୍ବୃତ୍ତ କଲ୍ ମାଧ୍ୟମରେ ଧମକ ଦେଇଥିବା ନେଇ ଅଭିନେତ୍ରୀ ଜଣକ ବିହାରର ପାଟନା ଜିଲା ଦାନାପୁର ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଦାନାପୁର ଥାନାର ଉପବିଭାଗୀୟ ପୋଲିସ ଅଧିକାରୀ(ଏସ୍‌ଡିପିଓ) ଭାନୁ ପ୍ରତାପ ସିଂ କହିଛନ୍ତି, ଅକ୍ଷରାଙ୍କୁ ୨ଟି ଭିନ୍ନ ନମ୍ବରରୁ ଧମକ ଆସିଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

# ଦିଲ୍ଲୀ ପ୍ରଦୂଷଣ ଗମ୍ଭୀର



**ନୂଆଦିଲ୍ଲୀ, ୧୩।୧୧**

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଗତ ୨୪ ଘଣ୍ଟା ମଧ୍ୟରେ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଚଳିତ ଋତୁରେ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବାୟୁ ପ୍ରଦୂଷଣର ସ୍ତର ପ୍ରଥମ ଥର ପାଇଁ ଗମ୍ଭୀର ଶ୍ରେଣୀରେ ପହଞ୍ଚିଥିବା ନେଇ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର ରାଷ୍ଟ୍ରୀୟ ରାଜଧାନୀର ବାୟୁ ଗୁଣବତ୍ତା ସୂଚକାଙ୍କ(ଏକ୍ୟୁଆଇ) ୪୨୯ରେ ପହଞ୍ଚିଛି। ମଙ୍ଗଳବାର ଏହି ସ୍ତର ୩୩୪ରେ ରହିଥିଲା। ଦିଲ୍ଲୀର ସମୁଦାୟ ୩୬ ଷ୍ଟେଶନ ମଧ୍ୟରୁ ୩୨ଟି ଷ୍ଟେଶନ୍‌ର ପ୍ରଦୂଷଣର ସ୍ତର ଗମ୍ଭୀର ଶ୍ରେଣୀରେ ଥିବା ନେଇ ସିପିସିବି ସୂଚନା ଦେଇଛି। ତେବେ ସିପିସିବି ଅନୁଯାୟୀ, ଦିଲ୍ଲୀରେ ଦେଖାଦେଇଥିବା ପ୍ରଦୂଷଣର କେବଳ ୧୫.୪% ଯାନବାହନରୁ ନିର୍ଗତ ଧୁଆଁରୁ ଆସୁଛି। ସେହିପରି ନିକଟସ୍ଥ ହରିୟାଣା ଓ ଉତ୍ତରପ୍ରଦେଶର ଅଞ୍ଚଳଗୁଡ଼ିକରେ ବହୁ ସଂଖ୍ୟାରେ ନଡ଼ା ଜଳାଯିବା କାରଣରୁ ରାଷ୍ଟ୍ରୀୟ ରାଜଧାନୀରେ ଘନ କୁହୁଡ଼ି ସମସ୍ୟା ଦେଖାଦେଇଛି। ପ୍ରକାଶ ଯେ, 'ଏକ୍ୟୁଆଇ'ର ସ୍ତର ୪୫୦ରୁ ଅଧିକ ରହିଲେ ପ୍ରଦୂଷଣର ମାତ୍ରା ଗମ୍ଭୀର ଶ୍ରେଣୀରେ ରହିଥିବା ନେଇ ଧରାଯାଇଥାଏ।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୪/୨୦୨୪ | Bhubaneswar, Thursday, November 14/2024 | ପୃଷ୍ଠା-୧




**ବାରବାଟୀରେ ସୁମିତ ପ୍ରଭାବୀ**

ମହାରାଷ୍ଟ୍ର ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ୪ ଉଇକେଟ ନେଇଛନ୍ତି ଓଡ଼ିଶାର ବାମହାତୀ ସ୍ପିନର ସୁମିତ ଶର୍ମା।

୧୪

୧୦

**ଡେଟିଂ ଗୁଜବକୁ ଖଣ୍ଡନ କଲେ ଖୁସି**

ଅଭିନେତା ବେଦାଙ୍ଗ ରାଇନାଙ୍କ ସହ ଡେଟ୍ କରୁଥିବା ରିପୋର୍ଟକୁ ଅଭିନେତ୍ରୀ ଖୁସି କପୁର ଗୁଜବ ବୋଲି କହିଛନ୍ତି।





ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

# ଲୋକଙ୍କୁ ଖୁବ୍‌ଶୀଘ୍ର ଫେରାଯିବ ବେଦାନ୍ତ ବିଶ୍ୱବିଦ୍ୟାଳୟ ଜମି

**ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ଅଞ୍ଚଳରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ହୋଇଥିବା ବ୍ୟାପକ ଜମି ଅଧିଗ୍ରହଣକୁ ହାଇକୋର୍ଟ ୨୦୧୦ ନଭେମ୍ବର ୧୬ରେ ଅବୈଧ ଘୋଷଣା କରିଥିଲେ। ଏହାସହ ସ୍ୱତ୍ୱାଧିକାରୀଙ୍କୁ ସେମାନଙ୍କ ଜମି ଫେରାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୋଧରେ ହୋଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ୨୦୨୩ ଏପ୍ରିଲ ୧୨ରେ ଖାରଜ କରିବା ସହ ହାଇକୋର୍ଟ ରାୟକୁ ଯଥାର୍ଥ ଦର୍ଶାଇଥିଲେ। ଏହି ରାୟର ପ୍ରାୟ ୧୯ ମାସ ପରେ ବେଦାନ୍ତ ଗ୍ରୁପ୍‌ର ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ପାଇଥିବା ଜମି ଖୁବ୍‌ଶୀଘ୍ର ଲୋକ (ପ୍ରକୃତ ସ୍ୱତ୍ୱାଧିକାରୀ)ଙ୍କୁ ଫେରସ୍ତ ଦିଆଯିବା ପ୍ରକ୍ରିୟା ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ଏହି ସୂଚନା ଦେଇଛନ୍ତି।**

**ଭୁବନେଶ୍ୱର,୧୩।୧୧(ଅନିଲ ଦାସ)**

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ମୋଟ ୩୩୪୨.୫୩ ଏକର ଘରୋଇ ଜମି ଅଧିଗ୍ରହଣ କରାଯାଇଥିଲା। ଜମିହରାଙ୍କୁ ଚିହ୍ନଟ କରି ସେମାନଙ୍କ ଜମି ଫେରସ୍ତ କରାଯିବ। ଏନେଇ ଆସନ୍ତା ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରାଯିବ। ଲୋକଙ୍କୁ ସେମାନଙ୍କ ଜମି ମିଳିବା ସହ ସେମାନେ ଉକ୍ତ ଜମିକୁ ନିଜ ଦଖଲକୁ ନେବେ। ଫେରି ପାଉଥିବା ଜମିକୁ ସମ୍ପୃକ୍ତ ଲୋକଙ୍କ ନାଁରେ ପଞ୍ଜୀକରଣ କରାଯିବ। ଜମି ପାଇଁ ଲୋକମାନେ ପାଇଥିବା କ୍ଷତିପୂରଣ ସରକାରଙ୍କୁ ଫେରାଇବେ ବୋଲି ମନ୍ତ୍ରୀ କହିଛନ୍ତି।

୨୦୦୬ରେ ତତ୍କାଳୀନ ବିଜେଡି ସରକାର ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ସହ ଏମ୍‌ଓୟୁ କରିଥିଲେ। ଏଥିପାଇଁ ଫାଉଣ୍ଡେଶନକୁ ସରକାରୀ ଜମି ସହ ୨୨ଟି ଗାଁର ଘରୋଇ ଜମିକୁ ମିଶାଇ ୪,୧୭୮.୮୪ ଏକର ଜମି ଦିଆଯିବାକୁ ଚୁକ୍ତି ହୋଇଥିଲା। ସେଥିରୁ ୩୩୪୨.୫୩ ଏକର ଜମି ଫାଉଣ୍ଡେଶନକୁ ହସ୍ତାନ୍ତର କରାଯାଇଥିଲା। ଏଥିସହିତ ଫାଉଣ୍ଡେଶନ ଅତିରିକ୍ତ ଭାବେ ୬୧୨.୦୨ ଏକର ସରକାରୀ ଜମି ଲିଜ୍ ନେବାକୁ ଆବେଦନ କରିଥିଲା। ସେଥିରୁ ୫୦୯.୨୭ ଏକର ଜମିକୁ ସରକାରୀ ଅନୁମୋଦନ ମିଳିଥିବା ବେଳେ ଫାଉଣ୍ଡେଶନକୁ ୪୯୪.୯୮ ଏକର ଜମି ଦଖଲ ଦିଆଯାଇଥିଲା। ସେଥିରୁ ୫୭.୨୧ ଏକର ଜମିର ଲିଜ୍‌ଡିଡ୍ କରାଯାଇଥିଲା।

ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବାସଚ୍ୟୁତ ହୋଇଥିବା ୯ ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବାରମ୍ବାର ନାମ ପରିବର୍ତ୍ତନ ସହ କମ୍ପାନୀର ବିଶ୍ୱସନୀୟତାକୁ ନେଇ ସେତେବେଳେ ପ୍ରଶ୍ନ ଉଠିଥିଲା। ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ହାଇକୋର୍ଟ ୨୦୧୦ରେ ବୈଧ ନୁହେଁ ବୋଲି ଦର୍ଶାଇଥିଲେ। ଏହି ରାୟକୁ ସର୍ବୋଚ୍ଚ ଅଦାଲତ ୨୦୨୩ରେ କାଏମ ରଖିବା ସହ ଜମି ଫେରାଇବାକୁ ଆଦେଶ ଦେଇଥିଲେ। ଇତିମଧ୍ୟରେ ରାଜ୍ୟରେ ସରକାର ବଦଳିଛି। ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଅଧିଗ୍ରହଣ ହୋଇଥିବା ଘରୋଇ ଜମିକୁ ସରକାର ଫେରାଇବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଜିଲା ପ୍ରଶାସନ ଏ ନେଇ ଖୁବ୍‌ଶୀଘ୍ର ପଦକ୍ଷେପ ନେବ। ବିଜ୍ଞପ୍ତି ପ୍ରକାଶ ପାଇବ ଓ ତା'ପରେ ଜମି ଫେରାଯିବ। ଜମି ରେକର୍ଡ ପରିବର୍ତ୍ତନ ନେଇ ରାଜସ୍ୱ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

# ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଅସାମ୍ବିଧାନିକ

**ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଅସାମ୍ବିଧାନିକ। କୌଣସି ବ୍ୟକ୍ତିଙ୍କ ବିରୋଧରେ ଆଗତ ଅଭିଯୋଗ ଆଧାରରେ ତାଙ୍କ ଘର ଭଙ୍ଗାଯାଇପାରିବ ନାହିଁ। ଜଣେ ବ୍ୟକ୍ତି କିଛି ଭୁଲ୍ କରିଥିଲେ ତାଙ୍କ ପାଇଁ ପୂରା ପରିବାରକୁ ଦଣ୍ଡିତ କରାଯାଇପାରିବ ନାହିଁ। ଅଭିଯୋଗ ଉପରେ କାର୍ଯ୍ୟପାଳିକା କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ, ଏହା ନ୍ୟାୟପାଳିକାର କର୍ତ୍ତବ୍ୟ। ସୁପ୍ରିମକୋର୍ଟ ବୁଧବାର ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଉପରେ ରୋକ ଲଗାଇବା ସହ ଏହି ଐତିହାସିକ ରାୟ ଶୁଣାଇଛନ୍ତି। ଏଥିସହ କ୍ଷମତାର ଦୁରୁପଯୋଗକୁ ବରଦାସ୍ତ କରାଯିବ ନାହିଁ। ମନଇଚ୍ଛା ବୁଲ୍‌ଡୋଜର ଲଗାଇ ଘର ଭାଙ୍ଗିଥିଲେ ସମ୍ପୃକ୍ତ ଅଧିକାରୀଙ୍କୁ ଛଡ଼ାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଚେତାଇ ଦେଇଛନ୍ତି।**

**ନୂଆଦିଲ୍ଲୀ,୧୩।୧୧**

ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଆପରାଧିକ ମାମଲାର ଅଭିଯୁକ୍ତମାନଙ୍କ ଘରେ ବୁଲ୍‌ଡୋଜର ଲଗାଇ ସେଗୁଡ଼ିକୁ ଭାଙ୍ଗିଦିଆଯାଉଛି।



**କାର୍ଯ୍ୟପାଳିକା ନ୍ୟାୟପାଳିକାର ସ୍ଥାନ ନେଇପାରିବ ନାହିଁ: ସୁପ୍ରିମକୋର୍ଟ**

ଏହା ବିରୋଧରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଖଲ ହୋଇଥିଲା। ଜଷ୍ଟିସ୍ ବି. ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଏହାର ଶୁଣାଣିକରି ବୁଧବାର ୯୫ ପୃଷ୍ଠା ସମ୍ବଳିତ ରାୟ ଦେଇଛନ୍ତି। ଏହି ଅବସରରେ ଖଣ୍ଡପୀଠ କେଉଁ ଉଦ୍ଦେଶ୍ୟରେ ଓ କିଭଳି ଭାବେ ସମ୍ପତ୍ତି ଉଚ୍ଛେଦ କରାଯାଇପାରିବ ସେନେଇ ସାରା ଦେଶରେ ପ୍ରଯୁଜ୍ୟ ହେବା ଭଳି ଗାଇଡ୍‌ଲାଇନ୍ ଜାରି କରିଛନ୍ତି।

ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନକୁ ୨ ଜଣିଆ ଖଣ୍ଡପୀଠ ନିଜ ରାୟରେ ଅସାମ୍ବିଧାନିକ ଦର୍ଶାଇ କହିଛନ୍ତି, ଜଣେ ନାଗରିକ କୌଣସି ☞ପୃଷ୍ଠା-୨

## ୭ବର୍ଷରେ ଏସ୍‌ଆଇ ହେବେ ଇନ୍‌ସପେକ୍ଟର

**ଭୁବନେଶ୍ୱର,୧୩।୧୧(ସତ୍ୟଜିତ୍ ରାଉତ)**

ପୋଲିସ ବିଭାଗରେ ପଦୋନ୍ନତି କ୍ଷେତ୍ରରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ୭ ବର୍ଷ କାର୍ଯ୍ୟ କଲେ ଜଣେ ସବ୍‌ଇନ୍‌ସପେକ୍ଟର (ଏସ୍‌ଆଇ) ଇନ୍‌ସପେକ୍ଟର ହୋଇପାରିବେ। ଏ ସଂକ୍ରାନ୍ତରେ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଓଡ଼ିଶା ପୋଲିସ ମାନୁଆଲ୍ ରୁଲ୍ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପୁରାଣରେ ଯକ୍ଷ ଓ ନାଗ**

## ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

**ଭଦ୍ରକ,୧୩।୧୧(ସନାତନ ରାଉତ)**

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଆମ୍ବରୋଳି ସେବା ସମବାୟ ସମିତିର ସଭାପତି ଚିତ୍ତରଞ୍ଜନ ରାଉତ (୫୫)ଙ୍କୁ ହତ୍ୟା କରାଯାଇଛି। ବୁଧବାର ସକାଳେ ବନ୍ଧଗାଁ ରାସ୍ତାପାର୍ଶ୍ୱ ଧାନକ୍ଷେତରୁ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଛି। ପୂର୍ବ ଶତ୍ରୁତାରୁ ଚିତ୍ତରଞ୍ଜନଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବଡ଼ଭାଇ ମନୋରଞ୍ଜନଙ୍କ ଅଭିଯୋଗକ୍ରମେ ଗ୍ରାମାଞ୍ଚଳ ଥାନାରେ ଏକ ହତ୍ୟା ମାମଲା (ନଂ.୬୯୧/୨୪) ରୁଜୁ କରାଯାଇଛି।

ସେ ଏତଲାରେ ଦର୍ଶାଇଛନ୍ତି ଯେ, ଚିତ୍ତରଞ୍ଜନ ମଙ୍ଗଳବାର ରାତିରେ ସ୍ଥାନୀୟ ଅନ୍ୟ ଏକ ଗାଁକୁ ଅଷ୍ଟପ୍ରହରିରେ ଯୋଗଦେବାକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଯୋଗାଯୋଗ କରିଥିଲେ। ତାଙ୍କ ମୋବାଇଲ ସୁଇଚ୍‌ଅଫ୍ ଥିବାରୁ ଯୋଗାଯୋଗ ହୋଇପାରି ନ ଥିଲା। ବୁଧବାର ସକାଳେ ମୃତଦେହ ବନ୍ଧଗାଁ ରାସ୍ତାପାର୍ଶ୍ୱ ☞ପୃଷ୍ଠା-୨



ଚିତ୍ତରଞ୍ଜନ ରାଉତ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର ବୁଧବାର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ସଚେତନତାର ବାର୍ତ୍ତା ଦେଉଛନ୍ତି। (ଫଟୋ- ବିକାଶ ନାୟକ)

## ଜମି ବିବାଦରୁ ଡବଲ ମର୍ଡର

**ଆସିକା,୧୩।୧୧(ସୁରେନ୍ଦ୍ର ନାଥ ସାହୁ)**

**ଭାଇ ତଣ୍ଟିକାଟି ଭାଉଜଙ୍କୁ ବିଷ ପିଆଇ ମାରିଲେ**

କିଛି ଜମି ପାଇଁ ଭାଇ ନେଇଛି ଭାଇ ଓ ଭାଉଜଙ୍କ ଜୀବନ। ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ପଞ୍ଚାୟତ ସମେଇଗୁଡା ଗ୍ରାମରେ ବୁଧବାର ଘଟିଛି ଏହି ଡବଲ୍ ମର୍ଡର। ଜମି ଭାଗବଣ୍ଟା ବିବାଦରୁ ବଡ଼ଭାଇଙ୍କ ତଣ୍ଟି କାଟିବା ପରେ ଭାଉଜଙ୍କୁ କୀଟନାଶକ ପିଆଇ ହତ୍ୟା କରିଛନ୍ତି ସାନଭାଇ। ମୃତକମାନେ ହେଲେ ରାଜୁ ପାତ୍ର (୬୨) ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଓରଫ ମଲା (୫୦)। ପୋଲିସ ଅଭିଯୁକ୍ତ ସାନଭାଇ ଭୁଗୁନି ପାତ୍ର ଓ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖିଛି।

ସମେଇଗୁଡ଼ା ଗାଁର ରାଜୁ ଓ ତାଙ୍କ ଭାଇ ଭୁଗୁନିଙ୍କ ମଧ୍ୟରେ ଜମି ଭାଗବଣ୍ଟାକୁ ନେଇ ଦୀର୍ଘଦିନ ହେଲା ବିବାଦ ଲାଗି ରହିଥିଲା। ବୁଧବାର ସକାଳ ପ୍ରାୟ ୯ଟାରେ ରାଜୁ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନିଜ ଜମିକୁ ଯାଇ କାମରେ ଲାଗିଥିଲେ। ଏହି ସମୟରେ ଭୁଗୁନି, ତାଙ୍କ ସ୍ତ୍ରୀ ଓ ପୁଅ ଉକ୍ତ ଜମିକୁ ଯାଇ ରାଜୁଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେମାନେ ଅତର୍କିତ ଆକ୍ରମଣ କରିଥିଲେ। ଭୁଗୁନି କୌଣସି ଏକ ଧାରୁଆ ଅସ୍ତ୍ରରେ ବଡ଼ଭାଇ ରାଜୁଙ୍କ ବେକକୁ କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କୁ ରକ୍ଷା କରିବାକୁ ବାହାରି ଥିବା ଲକ୍ଷ୍ମୀଙ୍କୁ ନିର୍ଘୁମ ମାଡ ମାରିବା ପରେ ଭୁଗୁନି ଜମିରେ ଥିବା ଏକ କୀଟନାଶକ ଆଣି ☞ପୃଷ୍ଠା-୨

# ସରକାରୀ ଚାକିରି ଚୟନ ଅନିୟମିତତା ରୋକିବାକୁ ଆସିବ ନୂଆ ଆଇନ

**ଭୁବନେଶ୍ୱର,୧୩।୧୧(ଅନିଲ ଦାସ)**

ସରକାରୀ ଚାକିରି ପାଇଁ ସରକାରଙ୍କ ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଉଥିବା ପରୀକ୍ଷାରେ ଅନିୟମିତତା ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ପରୀକ୍ଷା ପରିଚାଳନାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇ ପରୀକ୍ଷାର୍ଥୀମାନେ ରାସ୍ତାକୁ ଓହ୍ଲାଉଛନ୍ତି। ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ରକ୍ଷାକରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନ ନିବାରଣ) ଆଇନ-୨୦୨୪ କାର୍ଯ୍ୟକାରୀ କରିବେ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।

ନୂତନ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ପରୀକ୍ଷା ପ୍ରକ୍ରିୟାରେ ଅନିୟମିତତା କରିଥିବା ବ୍ୟକ୍ତିଙ୍କୁ ୩ରୁ ୫ବର୍ଷ ଜେଲଦଣ୍ଡ ସହ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନ ଦେବାକୁ ହେବ। ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି), ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ, ଓଡ଼ିଶା ସବ୍ ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ, ସର୍ଭିସ୍ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ ସିଲେକ୍ସନ ବୋର୍ଡ, ଓଡ଼ିଶା ଶିକ୍ଷା(ରାଜ୍ୟ ପାଇଁ ସିଲେକ୍ସନ ବୋର୍ଡ) ରୁଲ୍ସ-୧୯୯୨, ଓଡ଼ିଶା ଜେଇଇ ସମେତ ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ କିମ୍ବା ଗଠିତ ଚୟନ କମିଟି/ଏଜେନ୍ସି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଏଜେନ୍ସି ଦ୍ୱାରା ପରିଚାଳିତ ସମସ୍ତ ସରକାରୀ ପରୀକ୍ଷା ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରିବାକୁ ଏହି ନୂଆ ଆଇନ ଅଣାଯାଇଛି। ଏହି ବିଲ୍‌କୁ ଆସନ୍ତା ଶୀତ ଅଧିବେଶନରେ ବିଧାନସଭାରେ ପାରିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

'ଓଡ଼ିଶା ପବ୍ଲିକ୍ ଏକ୍ସଜାମିନେଶନ (ପ୍ରିଭେନ୍ସନ୍ ଅଫ୍ ଅନ୍‌ଫେୟାର ମିନ୍‌ସ) ଆକ୍ଟ-୨୦୨୪' କାର୍ଯ୍ୟକାରୀ ହେଲେ ସରକାରୀ ଚାକିରି ପାଇଁ ଚୟନ ପରୀକ୍ଷାରେ ବିଭିନ୍ନ ପ୍ରକାର ଅନ୍ୟାୟ ଯଥା ମିଥ୍ୟା ପରିଚୟ ପ୍ରଦାନ, ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା ସଂକ୍ରାନ୍ତ ସୂଚନା ଲିକ୍, ପରୀକ୍ଷା ହଲ୍ ଭିତରକୁ ☞ପୃଷ୍ଠା-୨

**କ୍ୟାବିନେଟ୍ ନିଷ୍ପତ୍ତି**

- **ଅସତ୍ ଉପାୟ ଅବଲମ୍ବନକଲେ ୫ ବର୍ଷ ଜେଲ, ୧୦ ଲକ୍ଷ ଜରିମାନା**

## ପ୍ରିନ୍ସ ୱିଲିୟମ୍ ସବୁଠୁ ଆକର୍ଷଣୀୟ ଚନ୍ଦା ପୁରୁଷ



ଯୁବରାଜ ୱିଲିୟମ

**ଲଣ୍ଡନ, ୧୩।୧୧**

ବ୍ରିଟେନ୍ ଯୁବରାଜ ୱିଲିୟମ(୪୨)ଙ୍କୁ ଚଳିତ ବର୍ଷର ସବୁଠୁ ଆକର୍ଷଣୀୟ ଚନ୍ଦା ପୁରୁଷ ଭାବେ ନାମିତ କରାଯାଇଛି। ସର୍ଚ୍ଚ ମାର୍କେଟିଂ ଏଜେନ୍ସି 'ରିବୁଟ' ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି। ଲଗାତର ଦ୍ୱିତୀୟ ବର୍ଷ ପାଇଁ ପ୍ରିନ୍ସ ୱିଲିୟମ ଏହି ଟାଇଟଲକୁ ବଜାୟ ରଖିଛନ୍ତି। ସେହିପରି କ୍ରମାଗତ ତୃତୀୟ ବର୍ଷ ପାଇଁ ବୈଜ୍ଞାନିକ ପଦ୍ଧତିରେ ଅଧ୍ୟୟନ କରାଯାଇ ଏହି ଟାଇଟଲର ବିଜେତା ଘୋଷଣା କରାଯାଇଥିବା ନେଇ 'ରିବୁଟ'ର ୱେବସାଇଟ୍‌ରେ ସୂଚନା ଦିଆଯାଇଛି। ଏହି ଅଧ୍ୟୟନ ଅନୁଯାୟୀ, ୧୦ରୁ ୯.୮୬ ସ୍କୋର ସହ ପ୍ରିନ୍ସ ଅଫ୍ ୱାଲ୍ସ ୱିଲିୟମ୍ ସବୁଠୁ ଆକର୍ଷଣୀୟ ଚନ୍ଦା ପୁରୁଷମାନଙ୍କ ତାଲିକାର ଶୀର୍ଷରେ ରହିଛନ୍ତି। ଆମେରିକୀୟ ଅଭିନେତା ତଥା ପ୍ରଫେସ୍‌ନାଲ ରେସ୍‌ଲର ଡୱେନ ଜନ୍‌ସନ୍ ଓ ଆମେରିକୀୟ ବାସ୍କେଟବଲ ଖେଳାଳି ସକିଲ ଓ'ନିଲ ଯଥାକ୍ରମେ ୮.୮୮ ଓ ୮.୮୪ ସ୍କୋର ସହ ଉକ୍ତ ତାଲିକାର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି।

# ରାମ୍‌କୋକୁ ୧.୫୨ କୋଟି ଜରିମାନା

**ଜବରଦଖଲ ଜମି ଖାଲି କରିବାକୁ ନିର୍ଦ୍ଦେଶ**

**ଯାଜପୁର,୧୩।୧୧(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାର ଧର୍ମଶାଳା ବ୍ଲକ ହରିଦାଶପୁରରେ ପ୍ରତିଷ୍ଠା ହୋଇଥିବା ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ କାରଖାନା ଆଇନଗତ ଅଧିକାର ନ ଥିବା ୫.୪୨ ଏକର ଶ୍ମଶାନ, ଜଳାଶୟ ଏବଂ ଗ୍ରାମ୍ୟ ଜଙ୍ଗଲକୁ ଦଖଲ କରିଛି। ଏନେଇ ପ୍ରିନ୍ସିପାଲ ଆକାଉଣ୍ଟ ଜେନେରାଲ(ଏଜି)ର ଅଡିଟ-୧ ରିପୋର୍ଟରେ ଧରାପଡିଛି। ଏହାପରେ ଧର୍ମଶାଳା ତହସିଲଦାର ଏଜି ରିପୋର୍ଟକୁ ଭିତ୍ତି କରି ୧ କୋଟି ୫୨ ଲକ୍ଷ ୯୪ ହଜାର ୩୧୮ ଟଙ୍କା ସରକାରଙ୍କ ନିକଟରେ ଦାଖଲ କରିବାକୁ କାରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପରୋକ୍ତ ସରକାରୀ ଜମି ଖାଲି କରିବାକୁ ରାମ୍‌କୋ ସିମେଣ୍ଟର ୟୁନିଟ୍ ହେଡ୍‌ଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରୁ ରାମ୍‌କୋ ସିମେଣ୍ଟର ଜମି ଅଧିଗ୍ରହଣ ପ୍ରକ୍ରିୟାରେ କଳା କାରନାମା ସ୍ପଷ୍ଟ ହୋଇଛି।

ହରିଦାଶପୁରଠାରେ କାରଖାନା ପ୍ରତିଷ୍ଠା ପାଇଁ ରାମ୍‌କୋ ପକ୍ଷରୁ ୧୦୦ ଏକର ଜମି ପାଇଁ ଇଡ୍‌କୋ ଜରିଆରେ ଆବେଦନ ହୋଇନାହିଁ। ଏପରି କି ଜିଲା ରାଜସ୍ୱ ପ୍ରଶାସନ ପକ୍ଷରୁ ଭୂଅର୍ଜନ ଆଇନ ୪(୧), ୬(୧)ରେ ☞ପୃଷ୍ଠା-୨



## ପ୍ରଶାସନ ଅଜାଣତରେ ଜମି ଅକ୍ତିଆର

**ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ**

- ଦେବୋତ୍ତର, ଗୋଚର ଜମି ଦଖଲ
- ଉପକୃତ ହୋଇନାହାନ୍ତି କ୍ଷତିଗ୍ରସ୍ତ ପ୍ରଜା
- ସରକାରଙ୍କ ଜନଶୁଣାଣିକୁ ଅଣଦେଖା

ରାମ୍‌କୋର ସରକାରୀ ଜମି ଜବରଦଖଲ ସମ୍ପର୍କରେ ଧରିତ୍ରୀରେ ଗତ ସେପ୍ଟେମ୍ବର ୧୩ ତାରିଖରେ ପ୍ରକାଶ ପାଇଥିବା ଖବର।

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ, ସ୍ଥାନ: ସମବାୟ ଭବନ, ୟୁନିଟ୍-୯, ସମୟ: ସକାଳ ୮ଟା।
- ସ୍ୱତନ୍ତ୍ର ମୁରୁଜ ଅଙ୍କନ ପ୍ରତିଯୋଗିତା, ସ୍ଥାନ: ଜନପଥ ରମାଦେବୀ କଲେଜ ସଂଲଗ୍ନ ଚଉତରା, ସମୟ: ସକାଳ ୮ଟା।
- ଆଲୋଚନାଚକ୍ର ‘କାର୍ତ୍ତିକ ମାହାତ୍ମ୍ୟ’, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ବିଡିଏ, ଚନ୍ଦ୍ରଶେଖରପୁର, ସମୟ: ସକାଳ ୯ଟା।
- ଷ୍ଟିୱାର୍ଟ ସ୍କୁଲ ପକ୍ଷରୁ କଲଚର ଫେଷ୍ଟ, ସ୍ଥାନ: ସ୍କୁଲ ପରିସର, ୟୁନିଟ୍- ୮, ସମୟ: ପୂର୍ବାହ୍ନ ୧୦ଟା ଏବଂ ବାର୍ଷିକ ପୁରସ୍କାର ବିତରଣ, ସମୟ: ଅପରାହ୍ନ ୫ଟା ୩୦।
- ଶିଶୁ ଦିବସ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ‘ଶେଫାଳି’, ସ୍ଥାନ: ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ନହରକଣ୍ଟା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଅବସରରେ ଶିଶୁ ଦିବସ ସମାରୋହ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ମହୋତ୍ସବ, ସ୍ଥାନ: ରେଡକ୍ରସ୍ କନ୍‌ଫରେନ୍ସ ହଲ୍, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ନେଶନ ବିଲ୍ଡର ଆୱାର୍ଡ ସେରିମନି, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- କାର୍ତ୍ତିକେୟ ପୂଜା ଅବସରରେ କମିଟି ପକ୍ଷରୁ ଅପେରା ପାର୍ଟିର ନାଟକ, ସ୍ଥାନ: ରୁଦ୍ରପୁର-ସୁନ୍ଦରାପାଟଣା ଗ୍ରାମ କ୍ଲବ ପଡ଼ିଆ, ବାଲିଅନ୍ତା, ସମୟ: ରାତି ୧୧ଟା।
- ଫିଲ୍ମ ‘ସପନଟିଏ- ଏ ଡ୍ରିମ୍’ ରିଲିଜ୍, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କସ୍ତୁରବା ନାରୀମହଲ ଆନୁକୂଲ୍ୟରେ ଶିଶୁ ଦିବସ, ସ୍ଥାନ: ନାରୀମହଲ ପରିସର, ସମୟ: ଅପରାହ୍ନ ୩ଟା।
- କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ ରିଡର୍ସ କ୍ଲବର ଉଦ୍‌ଘାଟନ, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା, ସ୍ଥାନ: ସଂସ୍କୃତି ଭବନ, ସମୟ: ଅପରାହ୍ନ ୪ଟା ୩୦।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନର ସପ୍ତମ ଅଧିବେଶନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ସଂଭାବନାର ବୋଇତ ବନ୍ଦାଣ ଉତ୍ସବ ଓ ପ୍ରତିଯୋଗିତା, ସ୍ଥାନ: ହୋଟେଲ ପତ୍ରପୋଡ଼ା, ଏକାମ୍ର ହାଟ, ସମୟ: ସନ୍ଧ୍ୟା ୬ଟା।
- ୩୫ତମ ଶିଶୁ ମେଳା ଉଦ୍‌ଘାଟନ, ସ୍ଥାନ: ଏକାମ୍ର ହାଟ, ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ୧୨ତମ ଓଡ଼ିଶା ରାଗ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ନାଟକ ନାଚୁଆ ମଉଡ଼ମଣି ବୈଷ୍ଣବ ପାଣି, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସିଟିଜେନ ଫୋରମ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବୁଲନ ଭାଇ ସେବା ଭବନ, ମାଷ୍ଟରକ୍ୟାଣ୍ଟିନ, ସମୟ: ସନ୍ଧ୍ୟା ୭ଟା।

## କଟକ

- ବିଦ୍ୟାଳୟ ସ୍ତରୀୟ ପ୍ରଦର୍ଶନୀ, ସ୍ଥାନ: କେମ୍ବ୍ରିଜ୍ ସ୍କୁଲ ପରିସର, କ୍ୟାଣ୍ଟନମେଣ୍ଟ ରୋଡ୍, ସମୟ: ସକାଳ ୮ଟା ୩୦।
- ଉଦୀୟମାନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶିଶୁଦିବସ ପାଳନ, ସ୍ଥାନ: ସୁଭଦ୍ରାନଗର, ବିଡ଼ାନାସୀ, ସମୟ: ଅପରାହ୍ନ ୪ଟା।
- ଉତ୍କଳ ଚିଲ୍‌ଡ୍ରେନ୍ ଥିଏଟର ପକ୍ଷରୁ ଥିଏଟର ଇନ୍ ଏଡୁକେଶନ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ନାଳନ୍ଦା ପବ୍ଲିକ ସ୍କୁଲ ପରିସର, ସିଡିଏ-୮, ସମୟ: ଅପରାହ୍ନ ୪ଟା।
- ଜବାହର ନବୋଦୟ ବିଦ୍ୟାଳୟ, ମୁଣ୍ଡଳୀ ପକ୍ଷରୁ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ପାଳନ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- କଟକ ଗଙ୍ଗାମନ୍ଦିର ସାହି ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ଶ୍ରୀ ଶ୍ରୀ ଗଙ୍ଗାମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଅଙ୍ଗନୱାଡି ଜ୍ଞାନ କେନ୍ଦ୍ରସ୍ତରୀୟ ସୁସ୍ଥ ଶିଶୁ ସମାରୋହ-୨୦୨୪ ଓ କୋଟିଏ ହସ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ବ୍ଲକ ଗୋପାଳପୁରପାଟଣା ଅଙ୍ଗନବାଡି କେନ୍ଦ୍ର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।
- ନିଗମ କଳା ସଂସଦ ନିମାପଡ଼ା ପକ୍ଷରୁ ୧୬ତମ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ ଏବଂ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଗଜଲକ୍ଷ୍ମୀ ମଣ୍ଡପ, ପୁରୁଣା ବସ୍‌ଷ୍ଟାଣ୍ଡ, ନିମାପଡ଼ା, ସମୟ: ଅପରାହ୍ନ ୪ଟା।
- ପବିତ୍ର କାର୍ତ୍ତିକ ପଞ୍ଚକ ଅବସରରେ ଶରତ ରାହାସ ତୃତୀୟ ଦିବସ, ସ୍ଥାନ: ପତିତପାବନ ମନ୍ଦିର ସମ୍ମୁଖ ଯଜ୍ଞ ମଣ୍ଡପ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଖୋର୍ଦ୍ଧା ଜିଲା ଇଣ୍ଟା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଶିଶୁ ଦିବସ, ସ୍ଥାନ: ସିଗ୍‌ମା ପ୍ଲବିକ୍ ସ୍କୁଲ, ବିଡିଏ କଲୋନୀ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଶିଶୁ ଉତ୍ସବ-୨୦୨୪, ସ୍ଥାନ: ଶ୍ରୀ ହଟକେଶ୍ୱର ଦେବଙ୍କ ପୀଠ ପରିସର, ଅତ୍ରି, ବେଗୁନିଆ, ସମୟ: ସକାଳ ୯ଟା।
- ଶୁଭ ସନ୍ଧ୍ୟା ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ୩୧ତମ ବଡ଼ଓଷା ଭଜନ ସମାରୋହ, ସ୍ଥାନ: ଦେଉଳବସ୍ତ ବାବା ଗତିଶ୍ୱରଦେବଙ୍କ ମନ୍ଦିର ପରିସର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ପଲଟନ ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା ୩୦।
- ଆମ ବଡ଼ଓଷା ପରବ, ସ୍ଥାନ: ଗୁରୁଜଙ୍ଗ ମେଲଣ ପଡ଼ିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ରାଇ ଦାମୋଦର ବ୍ରତ ଉପଲକ୍ଷେ ଆରାଧନା ଓ ଯଜ୍ଞାହୂତି, ପ୍ରସାଦସେବନ, ସ୍ଥାନ: ହାମରିଆ-ନାଫରାଇ, ଭୋଗରାଇ, ସମୟ: ସକାଳ ୬ଟା।
- ମାଗଣା ସ୍ୱାସ୍ଥ୍ୟ ଶିବିର (ମୋତିଆବିନ୍ଦୁ ଚିହ୍ନଟ, ଦାନ୍ତ ଓ ଡାଇବେଟିସ୍ ପରୀକ୍ଷା), ସ୍ଥାନ: ରାଉତପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟ, ରୂପସା, ସମୟ: ସକାଳ ୮ଟା।
- ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ପ୍ରୋ ହେଲ୍‌ଥ କ୍ଲିନିକ, ଖଇରା, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର ଓ ଅନ୍ନ ମହୋତ୍ସବ, ସ୍ଥାନ: ଚିରକୁଲା, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଉତ୍ସବ ‘ମହକ-୨୦୨୪’, ସ୍ଥାନ: ଉତ୍କଳ ବାଳାଶ୍ରମ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜଗଦ୍ଧାତ୍ରୀ ପୂଜା ଉପଲକ୍ଷେ ଶ୍ରୀ ଚୈତନ୍ୟଦେବଙ୍କୁ ଆରାଧନା, ନାମ ସଂକୀର୍ତ୍ତନ, ପ୍ରସାଦସେବନ, ସ୍ଥାନ: ମହେଶପୁର ପଞ୍ଚାୟତ ପାଖ, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ଦିବସ ଓ ବାର୍ଷିକ ଉତ୍ସବ, ସ୍ଥାନ: ଗଡ଼ପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସମ୍ବଲପୁର

- ସମ୍ବଲପୁରୀ ଧନୁଯାତ୍ରା ସକାଶେ ନାଟ୍ୟ ପୁସ୍ତକ ପୂଜନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- .କାର୍ତ୍ତିକେଶ୍ୱର ମହୋତ୍ସବ ଉପଲକ୍ଷେ ମ୍ୟୁଜିକ ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରତିଯୋଗୀତା, ହୀରାକୁଦ ସ୍ଥିତ ଜିଗ ଜାଗ କ୍ଲବ, ପୂର୍ବାହ୍ନ : ପୂର୍ବାହ୍ନ ୧୦ଟା।
- ସମନ୍ୱୟ ଖାଦ୍ୟ ମେଳା, ସ୍ଥାନ : ବୁର୍ଲା ସ୍ଥିତ ପିଏମଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ନମ୍ବର-୨, ସମୟ : ପୂର୍ବାହ୍ନ ୧୦ଟା ୩୦।
- .ଫାଇନ ଆର୍ଟ ଏକକ ପ୍ରଦର୍ଶନୀ , ସ୍ଥାନ : ଗୌରିଶଙ୍କର ପାର୍କ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦।
- ରାତ୍ରିକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଶିଶୁ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ପିଏମ୍ କେନ୍ଦ୍ରୀୟ ବିଦ୍ୟାଳୟ ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲା ପରିଷଦ ଗୃହ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଯୁବ ରେଡକ୍ରସ୍ ଶିବିର, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ,ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- କାର୍ତ୍ତିକ ପଞ୍ଚକ ଚତୁର୍ଦ୍ଦଶୀ , ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସକାଳ ୬ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଷଷ୍ଠ ଦିବସରେ ପ୍ରବଚନ, ସ୍ଥାନ: ସୋନପୁର ଭଗବତୀ ପ୍ଲଟ ସ୍ଥିତ ଅଗ୍ରସେନ ଭବନ, ସମୟ: ସକାଳ ୭ଟା ୩୦।
- ୯୨ତମ ଚବିଶ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ସୋନପୁର ଗଙ୍ଗାଧର ମେହେର ଛକ, ସମୟ: ସକାଳ ୮ଟା।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ଷଣ୍ଢା, ବୀରମହାରାଜପୁର ବ୍ଲକ ସମୟ: ସକାଳ ୯ ଟା।
- ଚତୁର୍ଦ୍ଦଶୀ ପାଇଁ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ଧବଳେଶର ମନ୍ଦିର, କୁତମେଣ୍ଡା, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ ଟା।
- ୫୧୨୦ତମ ନିମ୍ବାର୍କ ଜୟନ୍ତୀର ଅଧିବାସ ଓ କଳସ ଶୋଭାଯାତ୍ରା, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଅଖଣ୍ଡ ନାମଯଜ୍ଞର ଅଣତିରିଶ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତ୍ରିବିକ୍ରମ ବେଶ, ସ୍ଥାନ: କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିଶୁ ଦିବସ ଅବସରରେ ଶିଶୁ ମହୋତ୍ସବ ମୁକୁର, ସ୍ଥାନ: ସୋନପୁର ବ୍ଲକ ପିପିଲିପାଲି ସ୍ଥିତ ବିଶ୍ୱଭରତୀ ଚିନ୍ତନ ଶିକ୍ଷା ନିକେତନ, ସମୟ: ଅପରାହ୍ନ ୨ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ସୋନପୁର ଛନ୍‌ଛାନ୍ ଡୁଙ୍ଗୁରି ସ୍ଥିତ ଯୋଗେଶ୍ୱର ମନ୍ଦିର, ସମୟ: ଅପରାହ୍ନ ୪ ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭଗବତ ମନ୍ଦିର , ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ସୀତଚୋରି, ସ୍ଥାନ: ଷଣ୍ଢା,ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।

## ବରଗଡ଼

- କୁଚ୍ ବିହାର୍ ଟ୍ରଫି, ସ୍ଥାନ: ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ଡିଆଇଏସ୍‌ଏଚ୍‌ଏ କମିଟି ବୈଠକ, ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଁଳା ଚତୁର୍ଦ୍ଦଶୀ ପାଳନ, ସ୍ଥାନ: ରାଧାରାଣୀ ବିହାର, ଖଜୁରଟିକ୍ରା, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ରାହାସ ଯାତ୍ରା ମହୋତ୍ସବ, ସ୍ଥାନ: ନୂଆପାଲି, ଗାଇସିଲେଟ୍, ସମୟ: ଅପରାହ୍ନ ୩ଟା।
- ଅଁଳା ଚତୁର୍ଦ୍ଦଶୀ ପାଳନ, ସ୍ଥାନ: ଶକ୍ତିନଗର, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ସମ୍ବିଧାନ ରଥ ପରିଭ୍ରମଣ କାର୍ଯ୍ୟକ୍ରମ, ସ୍ଥାନ: ସୁନାରୀମୁଣ୍ଡା, ସମୟ: ସକାଳ ୮ଟା ୩୦।
- ଭାଗବତ ପାରାୟଣ, ସ୍ଥାନ: କୁକୁରଜଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଶିଶୁମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସଂସ୍କାର ସ୍କୁଲ ସରବାହାଲ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ଖରିଫ ଧାନ ସଂଗ୍ରହ ବୈଠକ,ସ୍ଥାନ:ବିକାଶ ଭବନ,ସମୟ:ପୂର୍ବାହ୍ନ ୧୧ଟା।
- ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଏବଂ ଶିଶୁ ଦିବସ ପାଳନ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର,ସମୟ: ଅପରାହ୍ନ୨ଟା୩୦।

## ରାଉରକେଲା

- ଶିଶୁ ଦିବସ ପାଳନ, ସ୍ଥାନ: ସେକ୍ଟର ୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ଦିବସ ପାଳନ, ସ୍ଥାନ: ଶକ୍ତିନଗର, ସମୟ: ସନ୍ଧ୍ୟା ୬ଟା।
- ବୋଇତ ବନ୍ଦାଣ ମହୋତ୍ସବ ୨୦୨୪ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସେକ୍ଟର--୨ ପଡ଼ିଆ, ସମୟ: ରାତି ୮ଟା।

## ଦେବଗଡ଼

- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠସାହି ଛକ, ସମୟ: ପ୍ରାତଃ ୫ଟା।
- ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ସମୟ: ସକାଳ ୯ଟା।
- ଶିଶୁ ଦିବସ ପାଳନ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଜନଜାତୀୟ ଗୌରବ ଦିବସ ନେଇ ପ୍ରେସ ମିଟ୍, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା’ କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ପୁରାତନ ଛାତ୍ରସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ହୋଟେଲ ଭାଗୀରଥି ଇନ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ରାଧାମାଧବ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାକଲୋନି ଓ ବଙ୍ଗଳାପଡ଼ା, ସମୟ: ରାତ୍ର ୧୦ଟା।
- ରାଧାକୃଷ୍ଣ ପୂଜା ଉପଲକ୍ଷେ ପୁରାଣପାଠ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋକମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ରାଧାକୃଷ୍ଣ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁ, ସମୟ: ରାତ୍ର ୯ଟା ୩୦।
- ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ ଭାଲୁକୋନା ଗାଁ, ସମୟ: ରାତ୍ର ୯ଟା।

## ବୌଦ୍ଧ

- କରଡି ଚମ୍ପେଶ୍ୱର ମହାଦେବ ମନ୍ଦିରରେ ନବାହ୍ନ ପାରାୟଣ ନବମ ଦିବସ, ସ୍ଥାନ: କରଡି ମହାଦେବ ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା, ସମୟ: ସକାଳ ୮ଟା।
- ବୌଦ୍ଧ ଜଗନ୍ନାଥ ମନ୍ଦିରରେ ନବାହ୍ନ ପାରାୟଣ ନବମ ଦିବସ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ ଓ ସନ୍ଥ ସମ୍ମିଳନୀର ଚତୁର୍ଥ ଦିନ, ସ୍ଥାନ: ଉମ୍ବରଗାଡ ( କଙ୍କଳା), ବୌଦ୍ଧ , ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ ସକାଳୁ ଆପଣଙ୍କ ଯାତ୍ରା ଓ ଭ୍ରମଣ ପ୍ରୀତିପ୍ରଦ ରହିବ। ଚନ୍ଦ୍ରଙ୍କ ସ୍ୱସ୍ଥାନ ପ୍ରତି ଦୃଷ୍ଟିକୋଣରୁ ସାମାଜିକ ସ୍ତରରେ ପ୍ରତିଷ୍ଠାଲାଭ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମଜନିତ କାରଣରୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ବୃଷ** ରାଶି ପ୍ରତି ଶୁଭଦୃଷ୍ଟିଜନିତ ସମସ୍ୟାର ସମାଧାନ କରି ଲକ୍ଷ୍ୟ ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଲାଗିରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବେ। ବନ୍ଧୁଙ୍କ ସହାନୁଭୂତି ଲାଭକରି ଆର୍ଥିକ ସମସ୍ୟାର ସମାଧାନ କରିପାରିବେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେପରି କିଛି ହେବନି।

**ମିଥୁନ** ଦ୍ୱିତୀୟ ସ୍ଥାନରେ ପାପଗ୍ରହ ଆପଣଙ୍କ ସକାଶେ ଅର୍ଥ ସମସ୍ୟା ସୃଷ୍ଟି କରିପାରେ। ନିଜ ଫାଇଦା ପାଇଁ ବନ୍ଧୁମାନେ ମନଲୋଭା କଥା କହିପାରନ୍ତି। ମୃଗଶିରା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହେବ। ଶିଳ୍ପ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସହ ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ରକୁ ବ୍ୟସ୍ତବହୁଳ କରିବ।

**କର୍କଟ** ଅଶ୍ଳେଷା ନକ୍ଷତ୍ର କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ସାମନା କରି ବ୍ୟସ୍ତତା ବୃଦ୍ଧି ପାଇବ। ଅବଶ୍ୟ ଆତ୍ମୀୟ ସ୍ୱଜନଙ୍କ ସାହାଯ୍ୟର ପ୍ରତିଶ୍ରୁତି ଆପଣଙ୍କୁ ନୂତନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ସିଂହ** କୋଣଭାବସ୍ଥ ଶୁକ୍ର ପ୍ରଭାବରେ ଯାତ୍ରା, ବାଣିଜ୍ୟ, ଚେଷ୍ଟା କରୁଥିବା କାମ, ଅର୍ଥ ସମ୍ପର୍କ ପ୍ରଭୃତି ପ୍ରତ୍ୟେକ ଦିଗରୁ ଶୁଭଫଳ ପାଇବେ। ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନାର ଅବସର ପାଇବେ ନାହିଁ। ବ୍ୟବସାୟରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କନ୍ୟା** ସୁଖାଧିପତିଙ୍କ କେନ୍ଦ୍ରାଧିପତିତ୍ୱ ହେତୁ ଲାଳିତ୍ୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ସଜାଡି ନେବେ। ଶିକ୍ଷା ଓ ଆଲୋଚନା କ୍ଷେତ୍ରରେ ବ୍ୟତିକ୍ରମର ସୂଚନା ରହିଛି। ଉତ୍ତରା ଫାଲଗୁନୀ ନକ୍ଷତ୍ର ସକାଶେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ଆଧ୍ୟାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅସୁବିଧାରେ ପଡ଼ିବେ। କୌଣସି କାର୍ଯ୍ୟ ସମ୍ପନ୍ନ କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିବେ। କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** ବଳହୀନ ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ସାଙ୍ଗକୁ ପୁରସ୍କୃତ ମଧ୍ୟ ହେବେ। ଜମିଜମା କାରଣକୁ ନେଇ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** ଶନିଙ୍କ ପ୍ରଭାବଜନିତ ଆପଣଙ୍କ କଥା ଓ କାମରେ ତାଳମେଳ ରହିବ ନାହିଁ। ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବ ପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ହାତକୁ ନେଇଥିବା ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି।

**ମକର** ରାଶିକୁ ଚନ୍ଦ୍ର ପ୍ରଭାବିତ କରୁଥିବାରୁ ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। କର୍ମକ୍ଷେତ୍ରରେ ହାତ ପାହାନ୍ତାକୁ ସୁଯୋଗ ଆସିଯିବା ହେତୁ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ଘରେ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ ଏବଂ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**କୁମ୍ଭ** ତୃତୀୟ ଚନ୍ଦ୍ରଜନିତ ବନ୍ଧୁମାନଙ୍କ ସାହାଯ୍ୟ ପାଇଁ ପଥ ପରିଷ୍କାର କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆଜି ସଭାସମିତି, ସତ୍‌ସଙ୍ଗ, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** ରାଶିରେ ରାହୁ ଥିବାରୁ ଛୋଟବଡ଼ କେତୋଟି ଘଟଣାକୁ ବାଦ୍ ଦେଲେ ପ୍ରାୟତଃ ବିଶେଷ ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ନଭେମ୍ବର ୧୪ ତାରିଖ, ଶିଶୁଦିବସ, ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ, ବିଶ୍ୱ ମଧୁମେହ ଦିବସ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହାରମ୍ଭ, କାର୍ତ୍ତିକ ଶୁକ୍ଳପକ୍ଷର ଶିବ ଉତ୍ଥାପନୀ ବୈକୁଣ୍ଠ ଚତୁର୍ଦ୍ଦଶୀ ଗୁରୁବାର, ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ତ୍ରିବିକ୍ରମ ବା ଆଡ଼କିଆ ବେଶ, ବଡ଼ଓଷା, ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୫୮ ଗତେ ଘ.୦୭.୨୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨.୫୪ ଗତେ ଘ.୦୨.୧୭ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ବୁଲ୍‌ଡୋଜର ...

ଆପରାଧିକ ମାମଲାରେ ଅଭିଯୁକ୍ତ ଏପରି କି ଦୋଷୀ ହୋଇଥିଲେ ମଧ୍ୟ ତାଙ୍କ ଘର ଭାଙ୍ଗିବା ସମ୍ପୂର୍ଣ୍ଣ ରୂପେ ଅସାମ୍ବିଧାନିକ। ଯଦି କାର୍ଯ୍ୟପାଳିକା ଏକତରଫା ଭାବେ ଏକ ଅପରାଧର ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କ ଘରେ ବୁଲ୍‌ଡୋଜର ଲଗାଇ ଭାଙ୍ଗିଦିଏ, ତାହା ଆଇନ ଶାସନର ସିଦ୍ଧାନ୍ତ ପରିପନ୍ଥୀ। ତେଣୁ କାରଣ ଦର୍ଶାଅ ନୋଟିସ ନ ଦେଇ କୌଣସି ପ୍ରକାର ଉଚ୍ଛେଦ କାର୍ଯ୍ୟ କରାଯାଇପାରିବ ନାହିଁ। ସ୍ଥାନୀୟ ପୌରପାଳିକା ଆଇନ ଅନୁସାରେ ଯଦି ଉଚ୍ଛେଦ କରାଯାଏ ତେବେ ଧାର୍ଯ୍ୟ ଦିବସର ୧୫ ଦିନ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନୋଟିସ ଜାରି କରାଯିବ। କାର୍ଯ୍ୟପାଳିକା ଏଭଳି ଦାୟିତ୍ୱ ତୁଲାଇବାବେଳେ ନ୍ୟାୟପାଳିକାର ସ୍ଥାନ ନେଇପାରିବ ନାହିଁ। ଯଦି କାର୍ଯ୍ୟପାଳିକା ବିଚାରପତିଙ୍କ ଭୂମିକା ନେଇ ନାଗରିକଙ୍କ ଘର ଭାଙ୍ଗିବା ଭଳି କାର୍ଯ୍ୟାନୁଷ୍ଠାନ ନିଏ ତାହା କ୍ଷମତା ବିକେନ୍ଦ୍ରୀକରଣ ସିଦ୍ଧାନ୍ତ ବିରୋଧୀ। ନାଗରିକମାନଙ୍କ ମନରେ ଭୟ ସଞ୍ଚାର କରି ସରକାରୀ ଅଧିକାରୀମାନେ ଏକତରଫା ଏଭଳି କାର୍ଯ୍ୟାନୁଷ୍ଠାନ ନେଲେ ଆମେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୨ ଅଧୀନରେ ନିଜ କ୍ଷମତାକୁ ଉପଯୋଗ କରି ଆବଶ୍ୟକ ପଦକ୍ଷେପ ନେବୁ। କୌଣସି ବିଚାରାଧୀନ ମାମଲାରେ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ପାଇଁ ଅନୁଚ୍ଛେଦ ୧୪୨ ସୁପ୍ରିମକୋର୍ଟଙ୍କୁ ଆବଶ୍ୟକ ରାୟ ଶୁଣାଇବା ଏବଂ କାର୍ଯ୍ୟାନୁଷ୍ଠାନ ନେବା ଲାଗି କ୍ଷମତା ପ୍ରଦାନ କରିଥାଏ। ଆଲୋଚ୍ୟ ପ୍ରସଙ୍ଗରେ ରାୟ ଶୁଣାଇବାବେଳେ ଖଣ୍ଡପୀଠ ଆହୁରି କହିଛନ୍ତି, ଏପରି କି ଉଚ୍ଛେଦ ପାଇଁ ନିର୍ଦ୍ଦେଶନାମା ଜାରି ହେବା ପରେ ମଧ୍ୟ ପ୍ରଭାବିତ ପକ୍ଷମାନଙ୍କୁ ଏହାକୁ ଉପଯୁକ୍ତ ଫୋରମ୍‌ରେ ଚ୍ୟାଲେଞ୍ଜ କରିବା ଲାଗି ସମୟ ଦିଆଯିବା ଆବଶ୍ୟକ। ଯେଉଁ ସ୍ଥଳେ ଲୋକେ ଡିମୋଲ୍ୟୁଶନ୍ ଅର୍ଡର ବିରୋଧରେ ଅପିଲ କରିବାକୁ ଚାହୁଁ ନ ଥିବେ, ସେହି ମାମଲାରେ ମଧ୍ୟ ସେମାନଙ୍କୁ ସ୍ଥାନ ଖାଲି କରି ଆବଶ୍ୟକ ବନ୍ଦୋବସ୍ତ କରିବା ଲାଗି ପର୍ଯ୍ୟାପ୍ତ ସମୟ ଦିଆଯିବା ଉଚିତ। ମହିଳା, ଶିଶୁ ଓ ରୋଗଣା ବ୍ୟକ୍ତିଙ୍କୁ ରାତାରାତି ରାସ୍ତାକଡ଼କୁ ଘୋଷାରିନେବାର ଦୃଶ୍ୟ ଆଦୌ ସୁଖଦ ନୁହେଁ। ସେମାନଙ୍କୁ କିଛି ସମୟ ଦିଆଗଲେ ସରକାରୀ ଅଧିକାରୀମାନଙ୍କ ମୁଣ୍ଡ ଉପରେ ଆକାଶ ଖସିପଡ଼ିବନି। ତେଣୁ ଭାଙ୍ଗିବା ପାଇଁ ଧାର୍ଯ୍ୟ ହୋଇଥିବା ତାରିଖର ୧୫ ଦିନ ପୂର୍ବରୁ ଘର ମାଲିକଙ୍କୁ ରେଜିଷ୍ଟର୍ଡ ପୋଷ୍ଟ ଯୋଗେ ନୋଟିସ ପଠାଯିବା ସହ ଅତିରିକ୍ତ ଭାବେ ସମ୍ପୃକ୍ତ ଘରେ ଏକକିତା ନୋଟିସ ସଂଲଗ୍ନ କରାଯିବ। ତେବେ ରାସ୍ତା, ଫୁଟ୍‌ପାଥ୍, ରେଳପଥ, ନଦୀ ଓ ଜଳାଶୟ କିମ୍ବା କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ କାର୍ଯ୍ୟ କରାଯିବାକୁ ଥିବା ଜାଗା ଭଳି କୌଣସି ସର୍ବସାଧାରଣ ସ୍ଥାନରେ ବେଆଇନ ନିର୍ମାଣ ହୋଇଥିଲେ ଏହି ଗାଇଡ୍‌ଲାଇନ୍ ଲାଗୁ ହେବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଯେଉଁ ସ୍ଥାନରେ ଉଚ୍ଛେଦ କାର୍ଯ୍ୟ କରାଯିବ, ତାହାର ସମ୍ପୂର୍ଣ୍ଣ ଭିଡିଓଗ୍ରାଫି କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଓ ଦୋଷୀମାନଙ୍କ ମଧ୍ୟ ସମ୍ବିଧାନ ତଥା ଆପରାଧିକ ଆଇନ ପ୍ରଦତ୍ତ କିଛି ନିର୍ଦ୍ଦିଷ୍ଟ ଅଧିକାର ଓ ସୁରକ୍ଷା ରହିଛି। ତେଣୁ ସରକାରୀ ଅଧିକାରୀମାନେ ଏଥିପ୍ରତି ସତର୍କ ଓ ସଚେତନ ରହି ନିଜ ଦାୟିତ୍ୱ ନିର୍ବାହ କରିବା ଉଚିତ ବୋଲି ଖଣ୍ଡପୀଠ ଚେତାଇ ଦେଇଛନ୍ତି। ପ୍ରକାଶ ଯେ, ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଅକ୍ଟୋବର ୧ରେ ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ।

### ଉଚ୍ଛେଦ ପାଇଁ ନିର୍ଦ୍ଦେଶାବଳୀ

- ■ ଜଣେ ବ୍ୟକ୍ତିଙ୍କ ଭୁଲ୍ ପାଇଁ ପୂରା ପରିବାରକୁ ଦଣ୍ଡିତ କରାଯାଇପାରି ନାହିଁ
- ■ ଭୁଲ୍ ଉପାୟରେ ଘର ଭାଙ୍ଗିଥିଲେ କ୍ଷତିପୂରଣ ଦିଆଯାଉ
- ■ କ୍ଷମତାର ଦୁରୁପଯୋଗକୁ ବରଦାସ୍ତ କରାଯାଇପାରିବ ନାହିଁ
- ■ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ପକ୍ଷପାତୀ ହୋଇପାରିବ ନାହିଁ
- ■ ମନଇଚ୍ଛା ବୁଲ୍‌ଡୋଜର ବ୍ୟବହାର କରିଥିଲେ ଅଧିକାରୀଙ୍କୁ ଛଡ଼ାଯିବନି
- ■ ଯାହାଙ୍କ ଘର ଭଙ୍ଗାଯିବାକୁ ଥିବ, ଏହା ପୂର୍ବରୁ ତାଙ୍କୁ ସମୟ ଦିଆଯାଉ
- ■ ରେଜିଷ୍ଟର୍ଡ ପୋଷ୍ଟରେ ନୋଟିସ ପଠାଯାଉ, ୧୫ ଦିନ ସମୟ ଦିଆଯାଉ
- ■ କୌଣସି ଅପରାଧ ପାଇଁ ଦଣ୍ଡ ଦେବା ଅଦାଲତଙ୍କ କାର୍ଯ୍ୟ
- ■ ରାୟ ନ ଆସିବା ପୂର୍ବରୁ କାହାକୁ ଦୋଷୀ ବିବେଚନା କରା ନ ଯାଉ
- ■ ସର୍ବସାଧାରଣ ସ୍ଥାନରେ ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ଏହି ଗାଇଡ୍‌ଲାଇନ୍ ଲାଗୁ ହେବ ନାହିଁ
- ■ ଯେଉଁଠି ଉଚ୍ଛେଦ କରାଯାଉଥିବ, ତାହାର ସମ୍ପୂର୍ଣ୍ଣ ଭିଡିଓଗ୍ରାଫି କରାଯିବ

## ପୂର୍ବତନ ସରପଞ୍ଚଙ୍କୁ ...

ଧାନକ୍ଷେତରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାରୁ ଅଷ୍ଟପ୍ରହରି କାର୍ଯ୍ୟକ୍ରମରୁ ଘରକୁ ଫେରିବା ବେଳେ ତାଙ୍କୁ ରାସ୍ତାରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଗ୍ରାମାଞ୍ଚଳ ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ନିକଟରୁ ୧୭୦୦ ଟଙ୍କା ମିଳିଥିବା ବେଳେ ତାଙ୍କ ପର୍ସ ଓ ଗାଡ଼ି ନ ଥିଲା। ତାଙ୍କ ମୁଣ୍ଡ ପଛପଟେ ଗଭୀର କ୍ଷତ ଥିବାରୁ କୌଣସି ମାରଣାସ୍ତ୍ରରେ ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି। କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାଶ କହିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଚିତ୍ତରଞ୍ଜନ ବିଜେଡିର ଜଣେ ଭଲ ସଙ୍ଗଠକ ଥିଲେ। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଡାକ୍ତରଖାନାରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ୨୪ ଘଣ୍ଟା ଭିତରେ ଦୋଷୀଙ୍କୁ ଧରିବା ପାଇଁ ଦାବି କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହକୁ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା ପରେ ଶେଷକୃତ୍ୟ କରାଯାଇଥିଲା।

## ଜମି ବିବାଦରୁ ଡବଲ ...

ତାଙ୍କୁ ପିଆଇ ଦେଇଥିଲେ। ମୁମୂର୍ଷୁ ଅବସ୍ଥାରେ ଲକ୍ଷ୍ମୀ ସେଠାରେ ପଡ଼ି ରହିଥିଲେ। ସାହି ପଡ଼ୋଶୀ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଆସିକା ଏସ୍‌ଡିପିଓ ସଞ୍ଜୟ କୁମାର ମହାପାତ୍ର, ଆସିକା ଥାନା ଦାୟିତ୍ୱରେ ଥିବା କୋଟିନଡା ଥାନା ଅଧିକାରୀ କୃଷ୍ଣ ସାହା, ଶେରଗଡ ଓ ହିଞ୍ଜିଳି ଥାନା ଅଧିକାରୀ ଏବଂ ଛତ୍ରପୁରରୁ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛନ୍ତି। ପାରିବାରିକ ଜମି ବିବାଦକୁ ନେଇ ଯୋଜନା ମୁତାବକ ଦମ୍ପତିଙ୍କୁ ହତ୍ୟା କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅଜିତ କୁମାର ପରିଡ଼ା କହିଛନ୍ତି। ଏ ନେଇ ମୃତ ରାଜୁଙ୍କ ପୁଅ ସନ୍ତୋଷ ପାତ୍ର ଆସିକା ଥାନାରେ ଅଭିଯୋଗ କରିଛନ୍ତି। ଦାଦା, ଖୁଡି ଓ ଦାଦାଙ୍କ ପୁଅ ମିଶି ବାପାଙ୍କ ଗଳାକାଟି ହତ୍ୟା କରିଥିବା ବେଳେ ମା’ଙ୍କୁ ଜୋରଜବରଦସ୍ତ ବିଷ ପିଆଇ ମାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତିକରି ପୋଲିସ ନଂ.୭୩୮/୨୪ରେ ହତ୍ୟା ମାମଲା ରୁଜୁ କରିଛି। ଦୁଇ ମୃତଦେହକୁ ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଯାଇଛି ।

## ସରକାରୀ ଚାକିରି ଚୟନ ...

ଅନଧିକୃତ ଲୋକଙ୍କ ପ୍ରବେଶ ନିଷେଧ ତଥା ବ୍ୟାଘାତ ସୃଷ୍ଟି ଆଦିକୁ ରୋକିବା ସହ ପରୀକ୍ଷାର ଅଖଣ୍ଡତା ବଜାୟ ରଖିବା ପାଇଁ ଏହି ବିଲ୍ ଅଣାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ଆଇନରେ ସମସ୍ତ ଅପରାଧ, ଜାମିନବିହୀନ ଓ ରଫା ଅଯୋଗ୍ୟ ହେବ। କୌଣସି ବ୍ୟକ୍ତି ପରୀକ୍ଷାରେ ଅନୁଚିତ ଉପାୟ ଓ ଅପରାଧ କଲେ ତାଙ୍କୁ ୩ରୁ ୫ବର୍ଷ ଜେଲଦଣ୍ଡ ଓ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ କରାଯିବ। ସେବା ପ୍ରଦାନକାରୀ ମଧ୍ୟ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ ହେବେ ଓ ଆନୁପାତିକ ପରୀକ୍ଷା ଖର୍ଚ୍ଚ ମଧ୍ୟ ତାଙ୍କଠାରୁ ଆଦାୟ କରାଯିବ। ଜରିମାନା ପଇଠରେ ବିଫଳ ହେଲେ ଭାରତୀୟ ନ୍ୟାୟ ସଂହିତା-୨୦୨୩ ବ୍ୟବସ୍ଥା ଅନୁସାରେ ଅତିରିକ୍ତ ଜେଲ ଦଣ୍ଡ ଲାଗୁ କରାଯିବା ବ୍ୟବସ୍ଥା ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମୋଟ ୮ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ୫, ସାଧାରଣ ପ୍ରଶାସନ ବିଭାଗ ଓ ଜଳ ସମ୍ପଦ ବିଭାଗର ଗୋଟିଏ ଲେଖାଏ ପ୍ରସ୍ତାବ ରହିଥିବାବେଳେ ବିଧାନସଭା ଅଧିବେଶନ ଆହୂତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି।

## ରାମ୍‌କୋକୁ ୧.୫୨ ...

ବିଜ୍ଞପ୍ତି ଜାରି କରାଯାଇନାହିଁ। ଭୂଅର୍ଜନ ପ୍ରକ୍ରିୟା ତ ଦୂରର କଥା କାରଖାନା ପ୍ରତିଷ୍ଠା ପାଇଁ ଜନଶୁଣାଣି ହୋଇ ନ ଥିବାବେଳେ କମ୍ପାନୀରୁ ଜୋରସୋର ସିମେଣ୍ଟ ଉତ୍ପାଦନ ଚାଲିଛି । ଏଜି ଅଡିଟ୍ ରିପୋର୍ଟ ଅନୁସାରେ ଚକ୍ରଧରସୋଲ ମୌଜାର ୧.୪୭ ଏକର, ଶ୍ରୀବନ୍ତପୁର ମୌଜାର ୨.୪୧ ଓ ୦.୧୬ ଏକର, ନାନପୁର ମୌଜାର ୯୫୧ ପ୍ଲଟ୍ ନମ୍ବରରେ ୦.୯୧ ଏକର ଓ ୯୪୭ ପ୍ଲଟ୍ ନମ୍ବରରେ ୦.୪୭ ଏକର ଶ୍ମଶାନ, ଜଳାଶୟ ଏବଂ ଗ୍ରାମ୍ୟ ଜଙ୍ଗଲ ରାମ୍‌କୋ ପକ୍ଷରୁ ଜବରଦଖଲ କରାଯାଇଛି। ଏଥିରେ କୌଣସି ଜବରଦଖଲ ମାମଲା କିମ୍ବା ଲିଜ୍ ପ୍ରପୋଜାଲ ଦାଖଲ କରାଯାଇ ନାହିଁ। ଏହିକ୍ରମରେ ରାମ୍‌କୋକୁ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀମାନେ ଅଯାଚିତ ଅନୁକମ୍ପା ପ୍ରଦର୍ଶନ କରିଥିବା ସ୍ପଷ୍ଟ ହେଉଛି। ଏ ସଂକ୍ରାନ୍ତରେ ଧରିତ୍ରୀରେ ୧୩।୯।୨୦୨୪ରେ ‘ପ୍ରଶାସନ ଅଜାଣତରେ ଜମି ଅକ୍ତିଆର’ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ସବିଶେଷ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ରିପୋର୍ଟ ଅନୁସାରେ ତହସିଲ ପ୍ରଶାସନ ପକ୍ଷରୁ ତହସିଲଦାର ତାଙ୍କ ପତ୍ରସଂଖ୍ୟା ୫୭୧୭/୨୩।୧୦।୨୦୨୪ରେ ଉପରୋକ୍ତ ଜରିମାନା ସହ ଜମି ଖାଲି କରିବାକୁ ନିର୍ଦ୍ଦେଶ ହୋଇଛି। ନଚେତ୍ ଓଡ଼ିଶା ପ୍ରିଭେସନ୍ ଅଫ୍ ଲ୍ୟାଣ୍ଡ ଏନକ୍ରୁଚମେଣ୍ଟ(ଓପିଏଲଇ)ଆକ୍ଟ ଅନୁଯାୟୀ ଦଖଲଚ୍ୟୁତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରାମ୍‌କୋ ସିମେଣ୍ଟ ଲିମିଟେଡକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ୧୪୩୪୯/୨୮।୧୦।୨୦୧୭ରେ କାରଖାନା ପ୍ରତିଷ୍ଠା କରିବାକୁ ବିଭିନ୍ନ ସର୍ତ୍ତରେ ଅନୁମତି ମିଳିଥିଲା। ତାମିଲନାଡୁର ବିରୁଧୁନଗର ରାଜାପଲୟମ ତହସିଲ ଅଧୀନ ଏହି କମ୍ପାନୀ ୪୪୦କୋଟି ଟଙ୍କା ବ୍ୟୟରେ ୧୦୦ ଏକର ଜମିରେ ଏହି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ସ୍ଥାପନ କରିଛି। ଭୂଅର୍ଜନ ଆଇନକୁ ଦଳିମକଚି ଦିଆଯିବା ସହ ଜିଲା ଜମି ଅଧିଗ୍ରହଣ ଉପଦେଷ୍ଟା ମଣ୍ଡଳୀର ମଧ୍ୟ ଅନୁମତି ଲୋଡ଼ା ଯାଇନାହିଁ । ଏପରି କି କମ୍ପାନୀ ପାଖରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ତାଲିକା ମଧ୍ୟ ନାହିଁ। ଫଳରେ କ୍ଷତିଗ୍ରସ୍ତ ପରିବାର କମ୍ପାନୀରୁ କୌଣସି ପ୍ରକାର ଉପକୃତ ହୋଇ ପାରିନାହାନ୍ତି। ରାମ୍‌କୋ ଲୋକଙ୍କ ଚାଷ ଜମି ସହ ଦେବୋତ୍ତର ଓ ବିଭିନ୍ନ ସରକାରୀ କିସମ ଜମି ହାତେଇ ନେଇ ସିମେଣ୍ଟ କାରଖାନା ସ୍ଥାପନ କରିବାକୁ ଏସ୍‌ପିସିବିରୁ ଅନୁମତି ପାଇଛି। ୨୦୧୯ ଫେବୃଆରୀରେ ଏହି ତହସିଲ ଅନ୍ତର୍ଗତ ବାଟିଜଙ୍ଗା, ନାନପୁର ଓ ଜୋଗରଡା ମୌଜାର ପ୍ରାୟ ୨ ଏକର ଗୋଚର ଜମିକୁ ଅଣଗୋଚର ଜମି ଭାବେ ପରିବର୍ତ୍ତନ କରିବାକୁ ବ୍ୟାପକ ଚଞ୍ଚଳତା ହୋଇଥିଲା। ଏଥିପାଇଁ ଜାରି ହୋଇଥିବା ସର୍ବସାଧାରଣ ନୋଟିସରେ ୨୦ଜଣ ସ୍ଥାନୀୟ ଲୋକ ଏବଂ ୨ ଜଣ ସରପଞ୍ଚଙ୍କ ଦସ୍ତଖତକୁ ଜାଲିଆତି କରି ପରିବର୍ତ୍ତିତ ଗୋଚର ଜମିକୁ ଇଡ୍‌କୋକୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ହୋଇଥିଲା। ଏହି ମର୍ମରେ ସେତେବେଳେ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଅର୍ଥ ବଳରେ ସମସ୍ତ ଅଭିଯୋଗକୁ ଚପାଇ ଦିଆଯାଇଥିବା ଚର୍ଚ୍ଚା ହୋଇଥିଲା। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ରାମ୍‌କୋ ପକ୍ଷରୁ ଏଯାଏ ନିର୍ଦ୍ଧାରିତ ଅର୍ଥ ଦାଖଲ କରାଯାଇ ନାହିଁ। ଏପରିକି ରାମ୍‌କୋ କୌଣସି ଉତ୍ତର ଏଯାଏ ରଖିନାହିଁ। ତେଣୁ ଆଗାମୀ ଦିନରେ ପୁଣି ଥରେ ରାମ୍‌କୋକୁ ରିମାଇଣ୍ଡ କରାଯିବ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୭ବର୍ଷରେ ଏସ୍‌ଆଇ ...

ଅନୁଯାୟୀ ଜଣେ ଏସ୍‌ଆଇଙ୍କୁ ଇନ୍ସପେକ୍ଟର ହେବା ପାଇଁ ଯୋଗ୍ୟତା ମାନଦଣ୍ଡ ୧୦ବର୍ଷ ଥିଲା। ପୋଲିସ ମୁଖ୍ୟାଳୟର ପ୍ରସ୍ତାବକୁ ବିଚାର କରାଯାଇ ଏହି ପଦୋନ୍ନତିର ବୟସସୀମାକୁ ୭ବର୍ଷକୁ ସରକାର ହ୍ରାସ କରିଥିବା ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।




# ୨୪ରେ ଯଦି ମହିଳା ବଞ୍ଚିତ ହେବେ ଗାଁକୁ ଯିବ ଟିମ୍: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୧୧(ସୁନିତ୍ ମିଶ୍ର)**

ନିର୍ବାଚନ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨ଟି ପର୍ଯ୍ୟାୟରେ ପ୍ରଥମ କିସ୍ତି 'ସୁଭଦ୍ରା' ଯୋଜନା ଟଙ୍କା ମହିଳାମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଗଲାଣି। ତଥାପି ଅନେକ ମହିଳା ଆବେଦନ କରିଥିଲେ ସୁଦ୍ଧା 'ସୁଭଦ୍ରା' ଟଙ୍କା ପାଇନାହାନ୍ତି। ଏହାକୁ ନେଇ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏପରି ସ୍ଥିତିରେ 'ସୁଭଦ୍ରା' ଟଙ୍କା ପାଇ ନ ଥିବା ମହିଳାଙ୍କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପରାମର୍ଶ ଦେଇ କହିଛନ୍ତି, ଗୋଟିଏ ଆକାଉଣ୍ଟ ସହ ଗୋଟିଏ ମୋବାଇଲ ନମ୍ବର ଲିଙ୍କ୍ କରନ୍ତୁ। ରାଜ୍ୟର ପ୍ରାୟ ୫ ଲକ୍ଷ ଆବେଦନକାରୀଙ୍କ ବ୍ୟାଙ୍କ ସହ ଲିଙ୍କେଜ ହୋଇନାହିଁ। ବ୍ୟାଙ୍କ ଆକାଉଣ୍ଟ-ଆଧାର-ମୋବାଇଲ ନମ୍ବର ମଧ୍ୟରେ ସମନ୍ୱୟ ନାହିଁ। ଯାହାର ୨ରୁ ୩ଟି ଆକାଉଣ୍ଟ ଅଛି, ସେମାନଙ୍କ ଏଭଳି ସମସ୍ୟା ହେଉଛି। ବ୍ୟାଙ୍କ ଯାଇ ଗୋଟିଏ ଆକାଉଣ୍ଟ ସହ ଗୋଟିଏ ମୋବାଇଲ ନମ୍ବର ଯୋଡ଼ନ୍ତୁ। ୨୪ ତାରିଖରେ ବାକି ଥିବା ହିତାଧିକାରୀଙ୍କୁ ଟଙ୍କା ମିଳିଯିବା କଥା। କେହି ବଞ୍ଚିତ ହେଲେ ୨୪ ତାରିଖ ପରେ ଗାଁ ଗାଁକୁ ଟିମ୍ ପଠାଯିବ। ଅଙ୍ଗନୱାଡି କର୍ମୀ ବ୍ୟକ୍ତିଗତ ଭାବେ ଯାଇ ଭେରିଫିକେଶନ୍ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।


ପ୍ରଭାତୀ ପରିଡ଼ା

ସୂଚନାଯୋଗ୍ୟ, 'ସୁଭଦ୍ରା'ରାଜ୍ୟ ସରକାରଙ୍କ ସବୁଠୁ ଲୋକାଭିମୁଖୀ ଯୋଜନା ଭାବେ ପ୍ରଚାରପ୍ରସାର କରାଯାଉଛି। ନିର୍ବାଚନ ସମୟରେ ଭାଜପା ଏହି ଯୋଜନାକୁ ଅସ୍ତ୍ର କରି ବିଜେଡିର ଅଭେଦ୍ୟ ଗଡ଼ରେ ପ୍ରବେଶ କରିଥିଲା। ଆଉ ନିର୍ବାଚନରେ ବିଜୟୀ ହୋଇଥିଲା। ନିର୍ବାଚନରେ ବିଜୟୀ ହେବା ପରେ ପ୍ରତିଶ୍ରୁତି ମୁତାବକ ଭାଜପା ଅନେକ ଯୋଜନା କାର୍ଯ୍ୟକାରୀ କରିଛି। ଇତିମଧ୍ୟରେ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତିରେ ୨ଟି ପର୍ଯ୍ୟାୟରେ ୫୦୦୦ ଟଙ୍କା ଲେଖାଏଁ ମହିଳାଙ୍କ ଆକାଉଣ୍ଟରେ ପ୍ରଦାନ କରାଯାଉଛି। ଏମିତି କି ୫ ବର୍ଷରେ ୫୦ ହଜାର ଟଙ୍କା ଦେବ ବୋଲି ଭାଜପା ମହିଳାଙ୍କୁ ପ୍ରତିଶ୍ରୁତି ଦେଇଛି। ଆସନ୍ତା ୨୪ରେ ପ୍ରାୟ ୨୦ ଲକ୍ଷ ମହିଳା ଏହି ଯୋଜନାରେ ଟଙ୍କା ପାଇପାରନ୍ତି।

**'ସୁଭଦ୍ରା' ଯୋଜନା**

- ଗୋଟିଏ ମୋବାଇଲ ନମ୍ବର ଗୋଟେ ଆକାଉଣ୍ଟ ସହ ଲିଙ୍କ୍ କରିବାକୁ ପରାମର୍ଶ
- ୫ ଲକ୍ଷ ହିତାଧିକାରୀଙ୍କ ଆକାଉଣ୍ଟ ସହ ଲିଙ୍କେଜ ହୋଇନି ମୋବାଇଲ ନମ୍ବର

# କୁକୁଡ଼ାଚାଷ ପାଇଁ ୧୦୩୧ କୋଟି

**ଭୁବନେଶ୍ୱର,୧୩।୧୧(ଅନିଲ ଦାସ)**

**କ୍ୟାବିନେଟ୍ ନିଷ୍ପତ୍ତି**

- ମତ୍ସ୍ୟ, ପ୍ରାଣୀ ସମ୍ପଦ ବିକାଶ ଚିନ୍ତା
- ନୂଆ ଯୋଜନା 'ଗୋମାତା' ପାଇଁ ୩୪୨ କୋଟି
- କୁକୁଡ଼ାଚାଷ ପାଇଁ ୧୦୩୧ କୋଟି
- ବାର୍ଷିକ ଉତ୍ପାଦନ ହେବ ୯୫.୫୮ ଟିଏମ୍‌ଟି କୁକୁଡ଼ା ମାଂସ, ଦୈନିକ ୫.୫ ଲକ୍ଷ ଅଣ୍ଡା

ରାଜ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ହେବ। ଚାଷୀମାନଙ୍କୁ ଆର୍ଥିକ ସୁବିଧା ଯୋଗାଇ ଦିଆଯିବ। ଏହି ଲକ୍ଷ୍ୟରେ ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧୀନରେ ୫ଟି ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ୨ଟି ନୂଆ ଯୋଜନା ସହ ମୋଟ ୫ଟି ଯୋଜନାରେ ୪୩୫୮.୭୬କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଉକ୍ତ ପ୍ରସ୍ତାବଗୁଡ଼ିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ନୂଆ ରାଜ୍ୟ ଯୋଜନା 'ଗୋମାତା'ରେ ୩ବର୍ଷରେ ୩୪୨.୬୫କୋଟି ଟଙ୍କା ଓ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଅନ୍ତର୍ଗତ 'କୁକୁଟ ଉନ୍ନୟନ' ଉପଯୋଜନାରେ ୫ବର୍ଷରେ ୧୦୩୧.୧୯କୋଟି ଟଙ୍କା ଖର୍ଚ୍ଚ କରିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି।

'ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା' ଅନ୍ତର୍ଗତ 'କୁକୁଟ ଉନ୍ନୟନ' ଉପଯୋଜନାରେ ଆସନ୍ତା ୫ ବର୍ଷ ପାଇଁ (୨୦୨୪-୨୫ରୁ ୨୦୨୮-୨୯ ) ମୋଟ ୧୦୩୧.୧୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଉପଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ପ୍ରାୟ ୩,୭୩,୯୨୮ ଚାଷୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଉପକୃତ ହେବେ। ରାଜ୍ୟରେ ଅତିରିକ୍ତ ଭାବେ ବାର୍ଷିକ ୯୫.୫୮ ଟିଏମ୍‌ଟି କୁକୁଡ଼ା ମାଂସ ଓ ଦୈନିକ ପ୍ରାୟ ୫.୫ ଲକ୍ଷ ଅଣ୍ଡା ଉତ୍ପାଦନ ହେବ।


ପ୍ରାଣୀ ସମ୍ପଦ କ୍ଷେତ୍ରର 'ଭିତ୍ତିଭୂମି ବିକାଶ' ଯୋଜନାରେ ଆସନ୍ତା ୩ ବର୍ଷ (୨୦୨୪-୨୫ ରୁ ୨୦୨୬-୨୭) ପାଇଁ ମୋଟ ୪୪୯.୭୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ ପ୍ରାଣୀ ଚିକିତ୍ସାଳୟ, ପ୍ରାଣିଧନ ସହାୟକ କେନ୍ଦ୍ର ଏବଂ ଅନ୍ୟାନ୍ୟ ପ୍ରାଣୀ ସେବା ଅନୁଷ୍ଠାନଗୁଡିକର ନୂତନ ନିର୍ମାଣ , ମରାମତି ଓ ନବୀକରଣ କାର୍ଯ୍ୟ କରାଯାଇ ପଶୁପାଳନ କ୍ଷେତ୍ରରେ ଉନ୍ନତ ସେବା ଯୋଗାଇ ଦିଆଯିବ।

ସେହିପରି ନୂତନ ରାଜ୍ୟ ଯୋଜନା 'ଗୋମାତା (ଗୋଲ୍ ଫର୍ ମ୍ୟାନେଜମେଣ୍ଟ ଆଣ୍ଡ ଟ୍ରିଟ୍‌ମେଣ୍ଟ ଅଫ୍ ଆନିମଲ୍ସ) ଯୋଜନାରେ ଆସନ୍ତା ୩ ବର୍ଷ ପାଇଁ ଯଥା ୨୦୨୪-୨୫ ଆର୍ଥିକ ବର୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମୋଟ ବଜେଟ ୩୪୨.୬୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଯୋଜନା ରାଜ୍ୟର ଚାଷୀମାନଙ୍କୁ ପ୍ରାଣୀ ଚିକିତ୍ସାଳୟ/ ପ୍ରାଣୀଧନ ସହାୟତା କେନ୍ଦ୍ର/ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା (MVUS) ମାଧ୍ୟମରେ ଚିକିତ୍ସା, ଟିକାକରଣ, ରୋଗ ନିୟନ୍ତ୍ରଣ ଆଦି ସେବା ଦ୍ୱାରା ଉପକୃତ କରିବ। ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ପର୍ଯ୍ୟାୟକ୍ରମେ ବାର୍ଷିକ ୨.୫ କୋଟି ଟିକାକରଣ ଏବଂ ବାର୍ଷିକ ୧.୩୦ କୋଟି ପ୍ରାଣିଧନର ଚିକିତ୍ସା କରାଯାଇପାରିବ।

'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' (ଏମ୍‌ଏମ୍‌କେୱାଇ) ଯୋଜନାରେ ୧୭ଟି ଉପଯୋଜନା ସମାହାରରେ ୨୨୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟରେ ଏହି ଯୋଜନା ୨୦୨୪-୨୫ରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହି ଯୋଜନା ମତ୍ସ୍ୟ ଉତ୍ପାଦନ ବୃଦ୍ଧି ତଥା ରପ୍ତାନିରେ ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ପାଇଁ ମଧୁରଜଳ, ଖାରଜଳ ଏବଂ ସାମୁଦ୍ରିକ ଜଳ ଭଳି ସମସ୍ତ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରକୁ ଲକ୍ଷ୍ୟ କରିଛି। ଏହି ଯୋଜନା ମାଧ୍ୟମରେ ଆସନ୍ତା ୫ ବର୍ଷରେ ୬,୬୭,୫୦୦ ମତ୍ସ୍ୟଜୀବୀ ଓ ୭,୩୨,୫୦୦ ମହିଳା ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସମେତ ପ୍ରାୟ ୧୪ ଲକ୍ଷ ମତ୍ସ୍ୟଜୀବୀ ଉପକୃତ ହେବେ।

ମତ୍ସ୍ୟଚାଷ ସମ୍ବନ୍ଧୀୟ ରାଜ୍ୟ ଯୋଜନା 'ଭିତ୍ତିଭୂମି ବିକାଶ'ରେ ରାଜ୍ୟରେ ଆଗାମୀ ୩ ବର୍ଷ (୨୦୨୪-୨୫ରୁ ୨୦୨୬-୨୭) ଆର୍ଥିକ ମଧ୍ୟରେ ୩ଟି ଉପଯୋଜନା ଯଥା (କ) ଭିତ୍ତିଭୂମି ବିକାଶ, (ଖ) ଅଫିସ୍ ଗୃହ ନିର୍ମାଣ, (ଗ) ରକ୍ଷଣାବେକ୍ଷଣ ଏବଂ ମରାମତି ସହ ପ୍ରାୟ ୬୯୬.୨୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଯୋଜନା ମତ୍ସ୍ୟ ବିଭାଗ ଅଧୀନରେ ୩ ବର୍ଷ ମଧ୍ୟରେ ୬୧୯ ପ୍ରକଳ୍ପ ଯଥା ୩୧ଟି ମାଛ ବଜାର, ୫୮ ଗୋଟି ମାଛ ବନ୍ଦର/ ମାଛ ଅବତରଣ କେନ୍ଦ୍ର ଓ ଜେଟି, ୧୪୨ ଗୋଟି ମାଛ ଫାର୍ମ, ୨୬୬ଟି ସରକାରୀ ଅଫିସ୍ ଗୃହ ଓ ୧୨୨ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ଏବଂ ନବୀକରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ୩ ବର୍ଷ ମଧ୍ୟରେ ୧୬ ଲକ୍ଷ ମତ୍ସ୍ୟଜୀବୀ ଉପକୃତ ହେବେ।



ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। –ଶ୍ରୀମା

–ବଡ଼ଓଷା, ଶିବୋତ୍ଥାପନ, ବୈକୁଣ୍ଠ ଚତୁର୍ଦ୍ଦଶୀ, ଶିଶୁ ଦିବସ (ନେହେରୁଙ୍କ ଜୟନ୍ତୀ)





# ପୁରାଣରେ ଯକ୍ଷ ଓ ନାଗ

ଦେବଦତ୍ତ ପଟ୍ଟନାୟକ

ଭାରତୀୟ ପୁରାଣରେ ଆଶ୍ଚର୍ଯ୍ୟଜନକ ଜୀବ ହେଉଛନ୍ତି ଯକ୍ଷ। ୟୁରୋପୀୟ ପୁରାଣରେ ବର୍ଣ୍ଣିତ ବାମନଙ୍କ ସହ ଏମାନଙ୍କର ଅଧିକ ସାମଞ୍ଜସ୍ୟ ଅଛି। ଯକ୍ଷମାନେ ରତ୍ନ ଏବଂ ସୁନା ସହ ଜଡ଼ିତ। ସେମାନଙ୍କ ମୋଟା ବିକୃତ ଶରୀର ଅଳଙ୍କାରରେ ଆଚ୍ଛାଦିତ ଏବଂ ଏହି ରୂପରେ ବୌଦ୍ଧ, ଜୈନ ଓ ହିନ୍ଦୁ ମନ୍ଦିରରେ ଦେଖାଯାଆନ୍ତି। କୁବେର ସେମାନଙ୍କର ରାଜା। କୁବେରଙ୍କ ସ୍ତ୍ରୀ ନିଧି, ଯାହାର ଅର୍ଥ ଧନ। କୁବେରଙ୍କୁ ନରବାହନ କୁହାଯାଏ। ସେ ମଣିଷ ଉପରେ ବସି ବୁଲନ୍ତି, ଯାହା ମଣିଷ ଉପରେ ଧନଶକ୍ତିର ପ୍ରଭାବକୁ ସୂଚିତକରେ। ତାଙ୍କର ଏକ ସୁବର୍ଣ୍ଣ ନେଉଳ ଅଛି, ଯିଏ ପାଟିରୁ ରତ୍ନ ବାହାରକରେ। ଏହି ରତ୍ନକୁ ନେଉଳ ପୃଥିବୀ ତଳେ ବାସ କରୁଥିବା ନାଗମାନଙ୍କଠାରୁ ପାଇଥାଏ। କୁବେର ଲଙ୍କାନଗରୀ ନିର୍ମାଣ କରିଥିଲେ। କିନ୍ତୁ ରାକ୍ଷସରାଜା ତଥା ରାବଣ ତାଙ୍କୁ ସେଠାରୁ ତଡ଼ିଦେଇଥିଲେ ବୋଲି ରାମାୟଣରେ ବର୍ଣ୍ଣନା ରହିଛି। ସେମାନଙ୍କ ପିତା ବିସର୍ବା ଥିଲେ ଜଣେ ବ୍ରାହ୍ମଣ, ଯାହାଙ୍କ ପିତା ଋଷି ପୁଲସ୍ତ୍ୟ (ସପ୍ତର୍ଷିଙ୍କ ମଧ୍ୟରେ ଜଣେ)। ଯକ୍ଷ ଏବଂ ରାକ୍ଷସର ବୌଦ୍ଧଧର୍ମରେ ବର୍ଣ୍ଣିତ ଯକ୍ଷା ଏବଂ ରକ୍ଷାଙ୍କ ସହ ସମ୍ପର୍କ ଅଛି।

ନାଗମାନେ ପୃଥିବୀକୁ ଉର୍ବର ବା ସମୃଦ୍ଧ କରନ୍ତି। ଯକ୍ଷମାନେ ଧନ ସଂଗ୍ରହ କରି ଗଚ୍ଛିତ ରଖନ୍ତି। ରାକ୍ଷସ ଧନ ଚୋରି କରନ୍ତି। ନାଗଙ୍କ ରତ୍ନ ଚୋରି ହେବାରୁ ଭୟରେ ସେମାନେ ପାତାଳକୁ ଚାଲିଯାଇଥିଲେ। ଯକ୍ଷମାନଙ୍କୁ ରାବଣ ଉତ୍ତରକୁ ତଡ଼ିଦେଇ ନିଜେ ଦକ୍ଷିଣରେ ଶାସନ କରୁଥିଲେ। ଯେତେବେଳେ କୁବେର ଉତ୍ତର ଦିଗକୁ ଗଲେ, ସେତେବେଳେ ସେ ହିମାଳୟ ନିକଟରେ ଲଙ୍କା ଭଳି ନଗର ଅଳଙ୍କା କିମ୍ବା ଅଳକା ପ୍ରତିଷ୍ଠାକଲେ। ଅଳକା ରତ୍ନରେ ପରିପୂର୍ଣ୍ଣ ଥିଲା। ଲଙ୍କା ସୁନାରେ ନିର୍ମିତ। ରାବଣ ପରି କୁବେର ମଧ୍ୟ ଶିବଙ୍କୁ ପୂଜା କରନ୍ତି। ଯକ୍ଷ ଏବଂ ରାକ୍ଷସଙ୍କୁ ଶିବଙ୍କ ଆଜ୍ଞାଧାରୀ ବା ଗଣ ବୋଲି ମନେକରାଯାଏ। ଯେଉଁମାନେ ପୁରାଣକୁ ଇତିହାସ ଭାବରେ ଦେଖନ୍ତି ସେମାନେ ବିଶ୍ୱାସ କରନ୍ତି ଯେ, ଯକ୍ଷ ଏବଂ ରାକ୍ଷସ ଜଙ୍ଗଲନିବାସୀ ଜନଜାତି ଥିଲେ ଓ ଆର୍ଯ୍ୟମାନଙ୍କ ପୂର୍ବରୁ ଏମାନେ ରହିଥିଲେ। ନାଗମାନେ ଯକ୍ଷରାଜାଙ୍କ ନେଉଳକୁ ଭୟ କରନ୍ତି। ଯକ୍ଷରାଜା ରାକ୍ଷସରାଜାଙ୍କୁ ଭୟ କରନ୍ତି।

ବୌଦ୍ଧ ପୁରାଣ ବିଶେଷକରି 'ଦିବ୍ୟବନ୍ଦନ'ରେ ଅଶୋକଙ୍କ କାହାଣୀ ଉଲ୍ଲେଖ କରାଯାଇଛି। ସେ କିଭଳି ଅଦ୍ଭୁତ ଜୀବ ଯକ୍ଷ ଓ ନାଗଙ୍କୁ ନିୟନ୍ତ୍ରଣରେ ରଖିଥିଲେ ଏବଂ ତାଙ୍କ ବାର୍ତ୍ତା ଯକ୍ଷ ଏବଂ ନାଗ ରାଜ୍ୟକୁ ପଠାଉଥିଲେ, ତାହା ଆମେ ସେଥିରେ ଦେଖୁ। ବୌଦ୍ଧ ପୁରାଣ ଯକ୍ଷ, ରାକ୍ଷସ, ଅପ୍‌ସରା, ଭୂତ ଏବଂ ପ୍ରେତ ପରି ଅନେକ ଜୀବକୁ ଯାଦୁକରି ବୋଲି ସୂଚିତ କରିଛି। ଏମାନଙ୍କ ସହ ବୁଦ୍ଧ ଏବଂ ବୌଦ୍ଧ ଭିକ୍ଷୁମାନଙ୍କର ବାରମ୍ବାର ମୁହାଁମୁହିଁ ହୋଇଥିଲା। କୁହାଯାଇଛି, ଜଙ୍ଗଲ ପ୍ରେତାତ୍ମାମାନେ ପ୍ରଥମେ ହିଂସ୍ରକ ଥିଲେ। କିନ୍ତୁ ଧୀରେ ଧୀରେ ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ ହୋଇ ନିୟନ୍ତ୍ରଣକୁ ଆସିଲେ। ବେଳେବେଳେ ସେମାନଙ୍କୁ ଘଉଡ଼ାଇ ଦିଆଯାଇଥିଲା, ବେଳେବେଳେ ସେମାନଙ୍କୁ ଶାନ୍ତ କରାଯାଇଥିଲା ଏବଂ ବେଳେବେଳେ ସେମାନଙ୍କୁ ସମ୍ମାନିତ କରାଯାଇଥିଲା । ଏପରିକି ସେମାନେ ବୌଦ୍ଧ ଆଶ୍ରମ, ବିଶ୍ୱବିଦ୍ୟାଳୟ ଏବଂ ସ୍ତୂପର ସଂରକ୍ଷକ ହୋଇଥିଲେ। ଉଦାହରଣ ସ୍ୱରୂପ, 'ଜଟକମାଳା'ରେ ଆମେ ଜଣେ ଯକ୍ଷଙ୍କ ବିଷୟରେ ଶୁଣିଥାଉ। ଲୋକମାନେ ତାଙ୍କୁ କାହିଁକି ଭୟ କରୁନାହାନ୍ତି ତାହାକୁ ନେଇ ସେ ଆଶ୍ଚର୍ଯ୍ୟପ୍ରକଟ କରିଥିଲେ। ତାଙ୍କୁ କୁହାଯାଇଥିଲା, ମହାରାଜା ମୈତ୍ରୀ ବଳ ଜଣେ ବୋଧିସତ୍ତ୍ୱ ଏବଂ ତାଙ୍କ ଶାସନରେ କେହି ଅସନ୍ତୁଷ୍ଟ ନୁହନ୍ତି। ଫଳରେ ଯକ୍ଷ ଜଣକ ମୈତ୍ରୀ ବଳଙ୍କ ନିକଟକୁ ଯାଇ ଖାଦ୍ୟ ବିଶେଷକରି ମଣିଷ ମାଂସ ପାଇଁ ଦାବି କରନ୍ତେ ରାଜା ତାଙ୍କୁ ଖାଇବାକୁ ଦେବା ପାଇଁ ନିଜ ଶରୀର ପ୍ରଦାନ କଲେ। ଏହି କାର୍ଯ୍ୟ ଯକ୍ଷଙ୍କୁ ପ୍ରଭାବିତ କରିବା ପରେ ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ।

ତାମିଲ ବୌଦ୍ଧ ଗ୍ରନ୍ଥ 'ସିଲାପ୍ପାଟିକରାମ' ଏବଂ 'ମଣିମେକାଲାଇ'ରେ ଆମେ ଜଣେ ବୌଦ୍ଧ ସନ୍ନ୍ୟାସିନୀ ବିଷୟରେ ଶୁଣୁ, ଯିଏ ବିଦ୍ୟାଧରଙ୍କୁ ମୁଠାଏ ଚାଉଳ ଦେଇଥିଲେ। ଫଳରେ ଚିରଭୋକିଲା ରହିବାର ଅଭିଶାପ ପାଇଥିବା ବିଦ୍ୟାଧର ତୁରନ୍ତ ମୁକ୍ତିଲାଭ କଲେ। ତା'ପରେ ସେ ଜଣେ ସଂଗଠକ ବା ଧର୍ମ ସଂରକ୍ଷକ ହୋଇଗଲେ। ବହୁ ସମୟରେ ଯକ୍ଷମାନେ ବୌଦ୍ଧ ରାଜା ଓ ସନ୍ନ୍ୟାସୀମାନଙ୍କ ଶତ୍ରୁଙ୍କୁ ପରାସ୍ତକରି ସେମାନଙ୍କୁ ସୁରକ୍ଷା ଦେଇଥିବା ବିଷୟ ଶୁଣିବାକୁ ପାଉ। ଉଦାହରଣ ସ୍ୱରୂପ, 'ମହାବଂଶ'ରେ ବୌଦ୍ଧଧର୍ମକୁ ସମର୍ଥନ କରୁଥିବା ଯକ୍ଷଙ୍କ ଦ୍ୱାରା କିପରି ପୁଷ୍ୟାମିତ୍ର ପରାଜିତ



ହୋଇଛନ୍ତି, ସେ ସମ୍ପର୍କରେ ଏକ କାହାଣୀ ଅଛି। ବୁଦ୍ଧ ଶ୍ରୀଲଙ୍କା କିମ୍ବା ଚମ୍ପା ପରି ଦେଶକୁ ଯାତ୍ରାକରି ସେଠାରେ ସେ ଯକ୍ଷ ଏବଂ ନାଗଙ୍କୁ କିପରି ବୌଦ୍ଧଧର୍ମରେ ସାମିଲ କରିଛନ୍ତି, ତାହା ଉଲ୍ଲେଖ ରହିଛି। ଏହି କାହାଣୀଗୁଡ଼ିକ ଯାହା ସୂଚିତ କରେ ତାହା ଜଣଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ। ସେମାନେ କ'ଣ ପ୍ରକୃତରେ ଆରମ୍ଭରୁ ବୌଦ୍ଧମାନଙ୍କର ଶତ୍ରୁ ଥିବା ଆଦିବାସୀମାନଙ୍କୁ ଧର୍ମାନ୍ତରଣ କରୁଥିଲେ କି? ସେମାନେ ଧୀରେ ଧୀରେ ସନ୍ନ୍ୟାସୀ ବ୍ୟକ୍ତିତ୍ୱର ଶକ୍ତି ଦ୍ୱାରା ଏବଂ ବୌଦ୍ଧଧର୍ମାବଲମ୍ବୀମାନେ ନେଇଥିବା କୃଷି ଏବଂ ବାଣିଜ୍ୟର ନୂତନ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲେ କି? ଏହି ପ୍ରଭାବ ହୁଏତ ସେମାନଙ୍କୁ ଧୀରେ ଧୀରେ ଅଧିକ ସହଯୋଗୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ କରିଥାଇପାରେ। ପରେ ସେମାନେ ବୌଦ୍ଧ ଭିକ୍ଷୁ ଏବଂ ମଠମାନଙ୍କର ସଂରକ୍ଷକ ହେବା ସହ ଯକ୍ଷ ଏବଂ ଯକ୍ଷିନୀ ରୂପରେ ନୃତ୍ୟଶିଳ୍ପୀ, ସଂଗୀତଜ୍ଞ ହୋଇଥିଲେ। ଶେଷରେ ତନ୍ତ୍ରର ବିଭିନ୍ନ ଦେବୀ ଏବଂ ଯୋଗିନୀ ପାଲଟିଥିଲେ। ଜୈନଧର୍ମରେ ମଧ୍ୟ ଯକ୍ଷ ଏବଂ ଯକ୍ଷିନୀଙ୍କ ସହିତ ପ୍ରତ୍ୟକ୍ଷ ତୀର୍ଥଙ୍କରଙ୍କ ସମ୍ପର୍କ ଥିବା ଆମେ ଦେଖିବାକୁ ପାଉ। ସେମାନେ ଲୋକ ଦେବତା, ପ୍ରକୃତିରେ ବାସ କରୁଥିବା ଦେବତାଙ୍କ ସହ ସମାନ। ସେମାନଙ୍କ ମଧ୍ୟରୁ କିଛି ଜୈନଧର୍ମ ଗ୍ରହଣ କରିଥିଲେ। ନାଗ ସମ୍ପର୍କରେ ବୌଦ୍ଧ ଏବଂ ଜୈନ ପରମ୍ପରାରେ ମଧ୍ୟ ଦେଖିବାକୁ ମିଳେ।

–devduttofficial@gmail.com

# ଜାତୀୟ ସମବାୟ ନୀତିରେ ଓଡ଼ିଶା



ପ୍ରଦୀପ ବଳ ସାମନ୍ତ

ଭାରତର ଅର୍ଥନୈତିକ ବ୍ୟବସ୍ଥାରେ ସମବାୟ ଅନୁଷ୍ଠାନଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ସ୍ୱାଧୀନତା ପରେ ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଯେଉଁ ଅର୍ଥନୈତିକ ବିକାଶଧାରା ଉନ୍ମୋଚିତ ହୋଇଥିଲା, ସେଥିରେ ସମବାୟକୁ ପ୍ରାଧାନ୍ୟ ଦିଆଯାଇଥିଲା। ଏପରିକି ସମବାୟକୁ ପ୍ରଗତିର ପ୍ରକୃତ ମାଧ୍ୟମ ରୂପେ ବିବେଚନା କରାଯାଇଥିଲା। ସମବାୟ ହିଁ ଏକତାର ଶ୍ରେଷ୍ଠ ମାଧ୍ୟମ। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହଙ୍କ ନେତୃତ୍ୱରେ ସମବାୟ ମନ୍ତ୍ରଣାଳୟ ଏକ ନୂତନ ଜାତୀୟ ସମବାୟ ନୀତି ଶୁଭାରମ୍ଭ କରିଛି, ଯାହା 'ସହକାର ସେ ସମୃଦ୍ଧି'(ସମବାୟ ମାଧ୍ୟମରେ ବିକାଶ) ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଶ୍ରୁତି ପୂରଣ କରିବ। ସମବାୟ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଗ୍ରାମାଞ୍ଚଳ ଭିତ୍ତିଭୂମିର ବ୍ୟାପକ ବିକାଶକୁ ପ୍ରୋତ୍ସାହନ ଦେବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଚଳିତ ଆର୍ଥିକ ବର୍ଷ ୨୦୨୪–୨୫ ପାଇଁ ସଂସଦରେ ତାଙ୍କ ବଜେଟ ଅଭିଭାଷଣରେ ଏକ ନୂତନ ଜାତୀୟ ସମବାୟ ନୀତି ପ୍ରଣୟନ ଉପରେ ଆଲୋକପାତ କରିଥିଲେ। ଏହାବ୍ୟତୀତ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୧ ଲକ୍ଷ ୫୦ ହଜାର କୋଟିରୁ ଅଧିକ ଟଙ୍କାର ବ୍ୟୟବରାଦ ହୋଇଥିବାରୁ ସମବାୟ ସମିତିଗୁଡ଼ିକ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ ବଜେଟ ବ୍ୟବସ୍ଥା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବ। ଏହାବ୍ୟତୀତ ଅର୍ଥନୀତିକୁ ଅଭିବୃଦ୍ଧି ସମ୍ଭାବନା ସହିତ ଯଥେଷ୍ଟ ନିଯୁକ୍ତି ସୃଷ୍ଟି କରିବ, ଯାହା ସମବାୟ କ୍ଷେତ୍ରକୁ ସକାରାତ୍ମକ ଭାବେ ପ୍ରଭାବିତ କରିବ। ଦେଶବ୍ୟାପୀ ସମବାୟ କ୍ଷେତ୍ରରେ ଶୃଙ୍ଖଳିତ ଏବଂ ବ୍ୟାପକ ବିକାଶକୁ ପ୍ରୋତ୍ସାହିତ କରିବା ନୂଆ ସମବାୟ ନୀତିରେ ସ୍ଥାନ ପାଇଛି।

ସମବାୟ ଋଣ ଢାଞ୍ଚା ବୃଦ୍ଧିକୁ ପ୍ରାଥମିକତା ଦେଇ ସାଧାରଣ ବଜେଟରେ ସମବାୟ କ୍ଷେତ୍ର ସହ ଜଡ଼ିତ ଶିଳ୍ପଗୁଡ଼ିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ସମବାୟ କ୍ଷେତ୍ରରେ ପ୍ରଦାନ କରାଯାଉଥିବା ଋଣ ସୁବିଧାକୁ ବୃଦ୍ଧି କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଏହା ବ୍ୟତୀତ ବଜେଟରେ ସମବାୟଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉପରେ ଆଲୋକପାତ କରାଯାଇଛି। କାରଣ ସମବାୟ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବା ତୃଣମୂଳସ୍ତରରେ ସମସ୍ତ ସମବାୟ ସମିତି ପାଇଁ ଯଥେଷ୍ଟ ଲାଭ ଆଣିପାରିବ ବୋଲି ସରକାର ସ୍ୱୀକାର କରିଛନ୍ତି। ମତ୍ସ୍ୟଚାଷୀଙ୍କୁ ବିଶେଷଭାବେ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସାଧାରଣ ବଜେଟରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି, ଯାହା ପ୍ରାଥମିକ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ସିଧାସଳଖ ଉପକୃତ କରିବ। ଏକ ସମବାୟ ନୀତି ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି ଏବଂ ଏହାକୁ ଅନୁମୋଦନ ପାଇଁ ସରକାର ତତ୍ପର। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହଙ୍କ ନିର୍ଦ୍ଦେଶକ୍ରମେ ଏକ ଜାତୀୟସ୍ତରର ବିଶେଷଜ୍ଞ କମିଟି ଗଠନ କରାଯାଇ ୧୭ଟି ବୈଠକ ଓ ୪ଟି କର୍ମଶାଳା ମାଧ୍ୟମରେ ନୂତନ ଡ୍ରାଫ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କୁ ପ୍ରଦାନ କରାଯାଇଛି। ଏହି କମିଟିରେ ସମବାୟ କ୍ଷେତ୍ରରେ ବିଶେଷ ଜ୍ଞାନ ଥିବା ଯଥା ଜାତୀୟ, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ସମିତିର ରାଜ୍ୟ ସମବାୟ ସଚିବ, ସମବାୟ ନିବନ୍ଧକ, କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗର ଅଧିକାରୀଙ୍କୁ ସ୍ଥାନ ଦିଆଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା– ଶୀର୍ଷ ସମବାୟ ଅନୁଷ୍ଠାନଗୁଡ଼ିକୁ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ସହ ବିଚାରବିମର୍ଶ କରି ଲୋକମାନଙ୍କୁ ସେବା ଯୋଗାଇବା। ରାଜ୍ୟସ୍ତରୀୟ ସମବାୟ ସମିତିଗୁଡ଼ିକୁ ରାଜ୍ୟ ସରକାରଙ୍କ ଅଧୀନରେ ସାମିଲ କରିବାର ରଣନୀତି ଅନୁଯାୟୀ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ସଂଘୀୟ ଭାବନାରେ ରାଜ୍ୟଗୁଡ଼ିକ ସହ ସହଯୋଗ କରୁଛି।

ସମବାୟ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ସମବାୟ ସମିତିଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ବ୍ୟବସାୟିକ ଆବଶ୍ୟକତା ଅନୁଯାୟୀ, ସହାୟତା ଯୋଗାଇଦେବାକୁ ପ୍ରୟାସ ଜାରି ରହିଛି। ଜାତୀୟ ସମବାୟ ନୀତି ପ୍ରତିଷ୍ଠା ହେବା ପରେ ସମବାୟ କ୍ଷେତ୍ର ପାଇଁ ଏକ ନୂତନ ଦିଗର ଆଶା ସଞ୍ଚାର ହୋଇଅଛି। ସମବାୟ ମନ୍ତ୍ରଣାଳୟ ଏହି ଆର୍ଥିକ ଅନୁଷ୍ଠାନଗୁଡ଼ିକ ସହିତ ସମବାୟ ବ୍ୟାଙ୍କଗୁଡ଼ିକର ସୁବିଧା ନ ଥିବା ଜିଲାଗୁଡ଼ିକୁ ଏକତ୍ରୀକରଣ କରିବାକୁ ମଧ୍ୟ ଯୋଜନା କରିଛି।

ଏହିସବୁ କ୍ଷେତ୍ରରେ ନାବାର୍ଡ ସମର୍ଥିତ ସମବାୟ ବ୍ୟାଙ୍କଗୁଡ଼ିକର ବ୍ୟାପକ କଭରେଜ୍ ପାଇଁ ନୂତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପ୍ରତିଷ୍ଠା ଲାଗି ରଣନୀତି ପ୍ରସ୍ତୁତ କରାଯାଇଛି।

ବର୍ତ୍ତମାନର ନୂତନ ଜାତୀୟ ସମବାୟ ନୀତି–୨୦୦୨ ସମବାୟ ନୀତିର ସ୍ଥାନ ନେବ। ତୃଣମୂଳସ୍ତରରେ ସମବାୟ ଆନ୍ଦୋଳନକୁ ବ୍ୟାପକ କରିବା ସଙ୍ଗେସଙ୍ଗେ ଦେଶର ପ୍ରାୟ ୮ ଲକ୍ଷ ୫୦ ହଜାର ସମବାୟ ସମିତିରେ ୨୯ କୋଟି ସଦସ୍ୟଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତିକୁ ସୁଦୃଢ଼ କରିବ। ଯାହାର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହେଉଛି ଏକ ବିସ୍ତୃତ ଜାତୀୟ ସମବାୟ ଡାଟା ବେସ୍ ସୃଷ୍ଟି କରିବା, ଯାହା ବର୍ତ୍ତମାନ ଦେଶର ସମସ୍ତ ସମବାୟ ସମିତି ବିଷୟରେ ସୂଚନାକୁ ଏକତ୍ରିତ କରିବା ଦ୍ୱାରା ଗୋଟିଏ କ୍ଲିକ୍‌ରେ ସମସ୍ତ ତଥ୍ୟ ଉପଲବ୍ଧ ହେବ।

ଭାରତରେ ସମବାୟ ସମିତି ବିସ୍ତାରିତ ଭୂମିକା ଉପରେ ଆଲୋକପାତ କରି ୨୦୨୯ ସୁଦ୍ଧା ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ପ୍ରାଥମିକ ବହୁମୁଖୀ କୃଷି ଋଣ ସମବାୟ ସମିତି ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ନୂତନ ସମବାୟ ନୀତି ଜାତୀୟ ଜିଡିପିରେ ସମବାୟ ସମିତିଗୁଡିକର ଅବଦାନକୁ ଯଥେଷ୍ଟ ବୃଦ୍ଧିକରି ଭାରତର ସାମାଜିକ, ଅର୍ଥନୈତିକ ଦୃଶ୍ୟପଟରେ ପରିବର୍ତ୍ତନ ଆଣିବାକୁ ପଡ଼ିବ।

ଅର୍ଥନୈତିକ କାର୍ଯ୍ୟକଳାପ ସାଧାରଣତଃ ସମ୍ପତ୍ତି ସଞ୍ଚୟ ଉପରେ ଧ୍ୟାନ ଦେଇଥାଏ। କିନ୍ତୁ ସମବାୟ ସମିତି ସୃଷ୍ଟି ଏବଂ ସମାନ ଲାଭାଂଶ ବଣ୍ଟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ସମବାୟ ସମିତିର ଭୂମିକାକୁ ସୁଦୃଢ଼ କରିବାକୁ କେନ୍ଦ୍ର ସରକାରଙ୍କ ସହ ଆମ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ନୂଆ ସମବାୟ ନୀତିର ଉଦ୍ଦେଶ୍ୟ ହେଉଛି ସହକାରିତା ମାଧ୍ୟମରେ ସମୃଦ୍ଧିର ସ୍ୱପ୍ନକୁ ପୂରଣ କରିବା, ସମବାୟଭିତ୍ତିକ ଅର୍ଥନୈତିକ ବିକାଶ ମଡେଲକୁ ପ୍ରୋତ୍ସାହିତ କରିବା, ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ଏବଂ ଏହାର ପ୍ରଭାବକୁ ତୃଣମୂଳସ୍ତରରେ ବିସ୍ତାର କରିବା। ସାଧାରଣ ବଜେଟରେ ଦର୍ଶାଯାଇଥିବା ବ୍ୟବସ୍ଥା ଅନୁଯାୟୀ ସମବାୟ ଚିନିକଳଗୁଡିକର ପୁନରୁଦ୍ଧାର କରାଯିବା ସଙ୍ଗେସଙ୍ଗେ ଆଧୁନିକୀକରଣ ଓ ସୁଦୃଢ଼ୀକରଣ ପାଇଁ କେନ୍ଦ୍ର ସରକାର ସମସ୍ତ ଚିନିକଳକୁ ୧୦ ହଜାର କୋଟି ପର୍ଯ୍ୟନ୍ତ ରିହାତି ହାରରେ ଋଣ ପ୍ରଦାନ କରିବେ।

ଓଡ଼ିଶାରେ ଥିବା ସମସ୍ତ ପ୍ରାଥମିକ କୃଷି ଋଣ ସମବାୟ ସମିତିଗୁଡିକର ସ୍ୱଚ୍ଛତା ଆଣିବା ପାଇଁ କମ୍ପ୍ୟୁଟରୀକରଣ କାର୍ଯ୍ୟର ତ୍ୱରାନ୍ୱିତ କରାଯାଉଛି । ସେଥିପାଇଁ କେନ୍ଦ୍ର ସରକାର ବଜେଟରେ ସବୁ ରାଜ୍ୟ ପାଇଁ ୫୦୦ କୋଟିଟଙ୍କାର ବ୍ୟୟବରାଦ କରିଛନ୍ତି। ଡିଜିଟାଲ୍ ମାଧ୍ୟମରେ ପରିବର୍ତ୍ତନ ପ୍ରାଥମିକ କୃଷି ଋଣ ସମବାୟ ସମିତିଗୁଡ଼ିକର କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା, ଲାଭଦାୟକତା ଏବଂ ଉତ୍ତରଦାୟିତ୍ୱକୁ ବୃଦ୍ଧି କରାଯିବ। ସମବାୟ ସମିତିଗୁଡ଼ିକରେ ସମସ୍ତ ସଭ୍ୟ ଯେପରି ଭୋଟ ଦେଇ ଉପଯୁକ୍ତ ଓ ଯୋଗ୍ୟ ବ୍ୟକ୍ତିମାନଙ୍କୁ ପରିଚାଳନା ପରିଷଦକୁ ନିର୍ବାଚିତ କରିପାରିବେ, ସେଥିପାଇଁ ରାଜ୍ୟ ସମବାୟ ଆଇନରେ ପରିବର୍ତ୍ତନ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି । ସମସ୍ତ ଶୀର୍ଷ ସମବାୟ ସମିତିକୁ ପୁନରୁଦ୍ଧାର କରିବା ସଙ୍ଗେସଙ୍ଗେ ବାର୍ଷିକ ବ୍ୟବସାୟରେ କିପରି ଅଭିବୃଦ୍ଧି ହୋଇପାରିବ, ଯାହାଦ୍ୱାରା ସମିତିଗୁଡ଼ିକ ଲାଭଦାୟକ ହୋଇପାରିବ। ସେଥିପାଇଁ ଖୁବ୍‌ଶୀଘ୍ର ଏକ ଯୋଜନା ପ୍ରଣୟନ କରାଯିବ। ପରିଚାଳନା ପରିଷଦର ସଭ୍ୟମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ସମବାୟରେ ସଫଳ ରାଜ୍ୟଗୁଡ଼ିକୁ ପରିଚାଳନା ବିଷୟରେ ଶିକ୍ଷା ନେବା ପାଇଁ ପଠାଯିବ । ସମବାୟରେ ପର୍ଯ୍ୟଟନ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସେଥିପାଇଁ ଏକ ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଟୁରିଜମ୍ ସମବାୟ ସମିତି ସହ ଯୋଡ଼ାଯିବ। ହସ୍ତତନ୍ତ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାରଙ୍କର ନୂତନ ସମବାୟ ନୀତିକୁ ତୁରନ୍ତ ଲାଗୁ କରାଯିବ । ଏହାଦ୍ୱାରା ଉଭୟ ବୟନ ଓ ହସ୍ତଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଆସିବା ସଙ୍ଗେସଙ୍ଗେ ତନ୍ତୁବାୟ ସମବାୟ ସମିତି ଓ ଏହାର କାରିଗରମାନଙ୍କର ଅର୍ଥନୈତିକ ବିକାଶରେ ସରକାର ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି । ହସ୍ତଶିଳ୍ପ ମଧ୍ୟ ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ ଓଡ଼ିଶାର ହସ୍ତକଳାକୁ ଅନ୍ୟ ରାଜ୍ୟ ସହ ବିଦେଶ ମାଟିରେ ବ୍ୟବସାୟକୁ ବୃଦ୍ଧି କରିବା ପାଇଁ ସମବାୟ ବିଭାଗ ତରଫରୁ ବିହିତ ପଦକ୍ଷେପ ନିଆଯାଉଛି । କେନ୍ଦ୍ର ସରକାର ପ୍ରଣୟନ କରିଥିବା ଜାତୀୟ ସମବାୟ ନୀତିରେ ଓଡ଼ିଶାର ବିକାଶ ଅପରିହାର୍ଯ୍ୟ।

**ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନ ବିଭାଗ, ଓଡ଼ିଶା ସରକାର**

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୪ ନଭେମ୍ବର ୧୯୭୫

- ରାଷ୍ଟ୍ରାୟତ୍ତ ଶିଳ୍ପ ଅର୍ଥ ଯୋଗାଣ ଓ ଉନ୍ନୟନ କର୍ପୋରେଶନ ୨୪ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର ନିକଟରେ ଏକ ଅଟୋମୋବାଇଲ ଟାୟାର ଓ ଟ୍ୟୁବ କାରଖାନା ପ୍ରତିଷ୍ଠା ନିମନ୍ତେ ଏକ ବୈଷୟିକ ସହଯୋଗ ରାଜିନାମା ସମ୍ପାଦନା କରିଛନ୍ତି।
- ଇହୁଦୀମାନଙ୍କର ପୁନର୍ବସତି ସମ୍ପର୍କୀୟ ଆନ୍ଦୋଳନ ବର୍ଣ୍ଣବୈଷମ୍ୟ ନୀତିର ଏକ ଅଂଶ ବୋଲି ଜାତିସଂଘରେ ଗୃହୀତ ପ୍ରସ୍ତାବକୁ ଭାରତର ସମର୍ଥନ।

# ଗଣମାଧ୍ୟମ ଓ ଅସହାୟ ମଣିଷ



ମୀରା ବେଉରା

ଥରେ ବିଖ୍ୟାତ ଗ୍ରୀକ୍ ଦାର୍ଶନିକ ସକ୍ରେଟିସଙ୍କୁ ତାଙ୍କର ଜଣେ ବନ୍ଧୁ ଦେଖାକରି କହିଲେ, ବନ୍ଧୁ ସକ୍ରେଟିସ ସହରରେ ଯେଉଁ ଗୁଜବ ବ୍ୟାପିଛି ତାହା ତୁମେ ଜାଣିଲଣି। ସେହି ଖବରଟା ବନାଗ୍ନି ପରି ବ୍ୟାପିବାରେ ଲାଗିଛି। ସକ୍ରେଟିସ ଉତ୍ତର ଦେଲେ ପ୍ରଥମେ କୁହ ସେହି ଖବରଟି ସତ୍ୟ ନା ମିଥ୍ୟା? ତୁମେ ନିଜେ ଅନୁସନ୍ଧାନ କରିଛକି? ବନ୍ଧୁ ଜଣକ କହିଲେ, ନା ନା ସେହି କଥା ଲୋକେ ସବୁଠାରେ କୁହାକୁହି ହେଉଛନ୍ତି। ଏହାପରେ ସକ୍ରେଟିସ କହିଲେ ଏହା ଭଲ ଖବର କି? ଏହା ଭଲ ଖବର ନୁହେଁ ବୋଲି ବନ୍ଧୁ ଉତ୍ତର ଦେଲେ। ଏହାପରେ ସକ୍ରେଟିସ କହିଲେ ଯେଉଁ ଖବର ଭଲ ନୁହେଁ କି ସତ୍ୟ ନୁହେଁ ତାହା ତୁମେ ଶୁଣୁଛ କାହିଁକି। ଜୀବନରେ ଅନେକ ଭଲ ଖବର ଥାଉ ଥାଉ ତୁମେ ମିଥ୍ୟା ଓ ଖରାପ ଖବର ଶୁଣୁଛ କାହିଁକି?

ଏ ତ ଗଲା ସକ୍ରେଟିସଙ୍କର ତାଙ୍କ ବନ୍ଧୁଙ୍କ ପାଇଁ ମିଥ୍ୟା ଖବର ପ୍ରତି ସତର୍କ ଓ ସଜାଗ ରହିବାର କଥା । ହଁ, ପାଠକ ବନ୍ଧୁ ଏହି ଉକ୍ତି ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ଆମ ସମାଜକୁ, ଆମ ରାଷ୍ଟ୍ରକୁ ଏବଂ ଆମ ଗଣତନ୍ତ୍ରକୁ ସଚେତନ ଓ ସତର୍କ କରି ଉଚିତ ମାର୍ଗରେ ପରିଚାଳିତ କରିବା ହେଉଛି ଗଣମାଧ୍ୟମର ପ୍ରମୁଖ ଓ ପ୍ରଧାନ ଦାୟିତ୍ୱ। ଗଣମାଧ୍ୟମର ଗୁରୁଦାୟିତ୍ୱ ହେଉଛି ଲୋକଙ୍କ ପାଖରେ ଠିକ୍ ତଥ୍ୟ ପହଞ୍ଚାଇବା। କିନ୍ତୁ ଦେଖାଯାଉଛି ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି କିଛି ବୈଦ୍ୟୁତିକ ଗଣମାଧ୍ୟମ ଅଧିକ ସତର୍କ ସଚେତନ କରିବା ଆଳରେ ଏଭଳି ବିଭ୍ରାନ୍ତିକର ଓ କଳ୍ପିତ କାହାଣୀର ତଥ୍ୟ ଦେଇ ଖବର ପରିବେଷଣ କରୁଛନ୍ତି, ଯାହା ଲୋକଙ୍କ ଭିତରେ ଭୟ ଏବଂ ଏକ ନକାରାତ୍ମକ ମନୋଭାବ ସୃଷ୍ଟିକରୁଛିକହିଲେ ଆଦୌ ଭୁଲ୍ ହେବନାହିଁ। ଏହା ଗଣତନ୍ତ୍ର ପ୍ରତି ନିଶ୍ଚିତ ଭାବେ ପୀଡ଼ାଦାୟକ, ଯାହା ପ୍ରତି ମୁହୂର୍ତ୍ତରେ ସମସ୍ତେ ଅନୁଭବ କରୁଛନ୍ତି।

ଧୀରେ ଧୀରେ ଯୁଗ ପରିବର୍ତ୍ତିତ ହୋଇଛି। ଖବରକାଗଜ ଓ ରେଡିଓର ସ୍ଥାନ ନେଇଛି ଦୂରଦର୍ଶନ ଓ ସାମାଜିକ ଗଣମାଧ୍ୟମ। ଏହା ବର୍ତ୍ତମାନ ସବୁଠାରୁ ଏକ ଶକ୍ତିଶାଳୀ, ପ୍ରଭାବଶାଳୀ ଗଣମାଧ୍ୟମ ଭାବେ ବିଗତ କିଛି ବର୍ଷ ହେବ କାର୍ଯ୍ୟ କରୁଛି। ଖୁବ୍ ଭଲ କଥା। ବିପର୍ଯ୍ୟୟ ସମୟରେ ମୁଖ୍ୟଧାରା ଓ ସାମାଜିକ ଗଣମାଧ୍ୟମ ଦେଶର ତଥା ସମାଜର କ୍ଷୟକ୍ଷତିଠାରୁ ଆରମ୍ଭକରି ସରକାରଙ୍କର ରୀତିନୀତି, ଯୋଜନା ଏବଂ ଅବ୍ୟବସ୍ଥାକୁ ଏଭଳି ଢଙ୍ଗରେ ପରିବେଷଣ କରୁଛି ଯାହାକୁ ସମସ୍ତେ ଉଦ୍‌ବିଗ୍ନତାର ସହ ଜାଣିବାକୁ ଚାହିଁ



ବସିଛନ୍ତି । ପ୍ରତ୍ୟେକ ବିଷୟରେ ସୂଚନା ଲାଭ କରିବା ଫଳରେ ମଣିଷ ଅତୀତରେ ଯେଉଁ ବ୍ୟବଧାନ ଅନୁଭବ କରୁଥିଲା ତାହା ଆଜି ଅକ୍ଳେଶରେ ଦୂର ହୋଇଯାଇଛି।

କିନ୍ତୁ ପ୍ରାୟତଃ ଦେଖାଯାଉଛି, ସେ ବାତ୍ୟା ହେଉ, ବନ୍ୟା, ଭୂମିକମ୍ପ , ବସ୍, ବିମାନ ଅବା ଟ୍ରେନ୍ ଦୁର୍ଘଟଣା,ଅଗ୍ନିକାଣ୍ଡ ହେଉ ଅବା ସମାଜରେ ମହିଳା ତଥା କନ୍ୟାମାନଙ୍କ ପ୍ରତି ହେଉଥିବା ବଳାତ୍କାର, ଚୋରି ଡକାୟତି, ହତ୍ୟା ଭଳି ଘଟଣାକୁ ବୈଦ୍ୟୁତିକ ଗଣମାଧ୍ୟମ ଭାବେ ଟି ଆର୍ ପି ବଢ଼ାଇବା ପାଇଁ ପ୍ରତିଯୋଗିତା କରୁଛନ୍ତି। ସେହିସବୁ ଘଟଣାକୁ ଅତିରଞ୍ଜିତ କରି ପ୍ରଚାର ପ୍ରସାର କରିବା ଯୋଗୁ ସମାଜରେ ଏକ ନକାରାତ୍ମକ ପରିବେଶ ସୃଷ୍ଟି ହେବା ସହ ଜନସାଧାରଣ ଅଯଥା ଭୟର ଶିକାର ହେଉଛନ୍ତି। ଯେମିତିକି କିଛିଦିନ ତଳେ ଆମେ ଭୟଙ୍କର କରୋନା ବ୍ୟାଧିକୁ ଭେଟିଥିଲୁ କିନ୍ତୁ କିଛି ଗଣମାଧ୍ୟମ ଏହି ମହାମାରୀର କରାଳ ରୂପକୁ ଓ ତା'ର ପ୍ରଭାବରେ ଘଟୁଥିବା ବିପତ୍ତିକୁ ତଥା ତଜ୍ଜନିତ ମୃତ୍ୟୁସଂଖ୍ୟାକୁ ବୃଦ୍ଧି କରାଇ ଏଭଳି ଭୟଭିତ କରାଇଥିଲେ ଯାହାକୁ ଦେଖି ଦେଖି ଅନେକ ଜନସାଧାରଣ ଘରେ ରହି ମଧ୍ୟ ଭୟଙ୍କର ବ୍ୟାଧିର ଶିକାର ହୋଇ ଶେଷରେ ମୃତ୍ୟୁବରଣ କରିଥିଲେ। ଜୀବନ ଥାଉ ଥାଉ କେବଳ ଭୟର ଶିକାର ହୋଇ ସେମାନେ ହାର୍ଟଆଟାକ, ବ୍ଲଡ଼ପ୍ରେସର ଆଦି ବ୍ୟାଧିର ଶିକାର ହୋଇ ପ୍ରାଣ ହରାଇଲେ। ଆମେ ସମସ୍ତେ ଜାଣୁ ସକଳ ବ୍ୟାଧିର କାରଣ ହେଉଛି ଭୟ।

ସେହିପରି କୌଣସି ଦୁର୍ଘଟଣା ହେଉ,ବଳାତ୍କାର ଜନିତ ହତ୍ୟାକାଣ୍ଡ ହେଉ, ଅବା ବଳାତ୍କାର ହେଉ, ଏହାକୁ ଏତେ ମାତ୍ରାରେ ଗଣମାଧ୍ୟଗୁଡ଼ିକରେ ପ୍ରଚାର, ପ୍ରସାର କରାଯାଉଛି ଯେ ଆମ ଘରେ ରହୁଥିବା ଝିଅଟିର ମନର ଅବସ୍ଥା କ'ଣ ହେଉଥିବ ଆମେ କେବେ ଚିନ୍ତା କରିଛୁକି?

ଆମେ ଆଜି ବିଜ୍ଞାନ ଯୁଗରେ ପଦାର୍ପଣ କରୁଛୁ ଆଉ ସବୁ ସମସ୍ୟାର ସମାଧାନ ଏବେ ଆମ ହାତ ପାଆନ୍ତାରେ। କିନ୍ତୁ ଦେଖାଯାଉଛି ସମସ୍ୟାର ସମାଧାନ ଆମେ ଯେତିକି ପ୍ରଚାର ପ୍ରସାର କରୁନେ ତା'ଠାରୁ ଅଧିକ ଆମେ ବିପଦ ସମ୍ପର୍କରେ ଆଲୋଚନା କରୁଛେ। ପ୍ରତ୍ୟେକ ସମସ୍ୟାକୁ ସମ୍ମୁଖୀନ ହୋଇ ତାକୁ ମୁକାବିଲା କରିବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଆବଶ୍ୟକ। କିନ୍ତୁ ବଡ଼ ଦୁଃଖର କଥା ଆମେ ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ଅହରହ ଆତଙ୍କ ସୃଷ୍ଟି କରି ଲୋକଙ୍କୁ ଭୟଭୀତ କରାଇଥାଉ। ଆବଶ୍ୟକତାଠାରୁ ଅଧିକ ବ୍ୟସ୍ତ ରହିବା ଆଦୌ ସଭ୍ୟ ମାନବ ସମାଜ ପାଇଁ ଶୋଭା ପାଏନାହିଁ। ବେଳେବେଳେ ଧର୍ମ ଧର୍ମ ଭିତରେ ଗୁଜବ ସୃଷ୍ଟିକରି ସାଧାରଣ କଥାକୁ ଅତିରଞ୍ଜିତ କରି ଏଭଳି ପରିବେଷଣ କରାଯାଉଛି ଯେ, ମାନବ ସଭ୍ୟତା ଅସହାୟ ହୋଇ ଆତଙ୍କିତ ହୋଇ ପଡୁଛି।

ମୋ: ୭୮୪୬୯୨୧୪୦୦

## ଏଇ ଭାରତରେ

ରୋଷେଇ ଘର ବର୍ଜ୍ୟ ବା କିଚେନ ୱେଷ୍ଟ ସମସ୍ୟାର ସମାଧାନ କରିପାରିଛନ୍ତି ହାଇଦ୍ରାବାଦର ପାବନି ଲୋଲ୍ଲା। ସେ ଏକ ହୋମ୍ କମ୍ପୋଷ୍ଟର ନିର୍ମାଣ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଦୁର୍ଗନ୍ଧ ମୁକ୍ତ । ସାଧାରଣ କମ୍ପୋଷ୍ଟର ୪୫ରୁ ୬୦ ଦିନ ମଧ୍ୟରେ ଖତ ପ୍ରସ୍ତୁତ କରିପାରୁଥିବାବେଳେ ହୋମ୍ କମ୍ପୋଷ୍ଟରରେ ଏହା ମାତ୍ର ୭ ଦିନ ମଧ୍ୟରେ ହୋଇପାରୁଛି। ପରିବା ଚୋପା, ବଳକା ଖାଦ୍ୟ ଆଦି ଜୈବିକ ବର୍ଜ୍ୟରୁ ଏହି ଖତ ହୋଇପାରୁଛି। ହୋମ୍ କମ୍ପୋଷ୍ଟରକୁ ଡଷ୍ଟବିନ୍ ଭଳି ଘରର ଯେକୌଣସି ସ୍ଥାନରେ ରଖାଯାଇପାରିବ। ଏହା ମାସକୁ ୩୦ କେଜି କିଚେନ ୱେଷ୍ଟକୁ ଖତ କରିପାରିବ। 'ଫ୍ୟୁଚର ଷ୍ଟେପ୍ସ' ଷ୍ଟାର୍ଟଅପ ମାଧ୍ୟମରେ ଏହି କମ୍ପୋଷ୍ଟର ନିର୍ମାଣ କରୁଛନ୍ତି ପାବନି, ଯେଉଁଥିରେ ସହପ୍ରତିଷ୍ଠାତା ଭାବେ ରହିଛନ୍ତି ମହେଶ ୟୁ ଓ ସିଦ୍ଧେଶ ସାକୋରେ। ଗୋଟିଏ ହୋମ୍ କମ୍ପୋଷ୍ଟରକୁ ୩,୫୦୦ ଟଙ୍କାରେ ବିକ୍ରି କରାଯାଉଛି। କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ ଓ ତେଲଙ୍ଗାନାରେ ଅଧିକ କମ୍ପୋଷ୍ଟର ବିକ୍ରି କରିସାରିଲେଣି। ପାବନି ମଧ୍ୟ ଜଣେ ଅର୍ବାନ ଗାର୍ଡନର। ନିଜ ଅଗଣାରେ ସେ ୧୦୦୦ ଗଛ ଲଗାଇ ଏକ ବଗିଚା କରିଛନ୍ତି।

## ଚିରନ୍ତନୀ

କପୋତ କରଇ ଶୋକ,
କୁଆ କରେ କାଆ,
ସହକାର ଛାୟାତଳେ
ବହିଯାଏ ବାଆ ॥
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 8 | | | | 1 | 6 |
| | | 4 | | | | | | |
| | | 3 | | 1 | | | | |
| 2 | | | 7 | 9 | | | 4 | |
| 3 | | | | | | 9 | 7 | |
| | 4 | | | | 1 | | 5 | 3 |
| | 7 | | | | 9 | | | |
| 4 | | 8 | | 6 | | | | |
| | | | | | | 2 | 3 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 1 | 5 | 9 | 2 | 4 | 7 | 3 |
| 4 | 3 | 2 | 1 | 6 | 7 | 5 | 8 | 9 |
| 5 | 9 | 7 | 4 | 3 | 8 | 6 | 1 | 2 |
| 9 | 1 | 4 | 3 | 7 | 5 | 2 | 6 | 8 |
| 3 | 2 | 5 | 8 | 1 | 6 | 9 | 4 | 7 |
| 7 | 8 | 6 | 9 | 2 | 4 | 1 | 3 | 5 |
| 2 | 4 | 3 | 6 | 8 | 9 | 7 | 5 | 1 |
| 1 | 5 | 9 | 7 | 4 | 3 | 8 | 2 | 6 |
| 6 | 7 | 8 | 2 | 5 | 1 | 3 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓୟୁଏଟିକୁ ସୂଚୀଭୁକ୍ତ କରାଯାଉ

ମହାଶୟ,

ଖବରରୁ ଜଣାପଡ଼ିଛି ଯେ, ରାଜ୍ୟ ସରକାର ପ୍ରଦୂଷଣ ରୋକିବା ନିମନ୍ତେ ଆଇନର ନବୀକରଣ କରିବାକୁ ଯାଉଛନ୍ତି। ଏଥିପାଇଁ ସରକାର ବିଶେଷଜ୍ଞ ତଥା କେତେକ ବିଶ୍ୱବିଦ୍ୟାଳୟର ତଥ୍ୟଭିତ୍ତିକ ପରାମର୍ଶ ନେବାକୁ ସ୍ଥିର କରୁଛନ୍ତି, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏ ମର୍ମରେ ଏହା ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ଥିବା ଏକମାତ୍ର କୃଷି ବିଶ୍ୱବିଦ୍ୟାଳୟ(ଓୟୁଏଟି) ଦେଶରେ ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବେ ସୁନାମ ଅର୍ଜନ କରିଛି। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଉଦ୍ୟାନ କୃଷି, ଫରେଷ୍ଟ୍ରି/ଆଗ୍ରୋ ଫରେଷ୍ଟ୍ରି, ମୃତ୍ତିକା ରସାୟନ ଇତ୍ୟାଦି ବିଷୟରେ ବ୍ୟାପକ ଅନୁସନ୍ଧାନ ତଥା ଶିକ୍ଷାଦାନର ବ୍ୟବସ୍ଥା ଅଛି । ତେଣୁ ପ୍ରଦୂଷଣ ରୋକିବାର ମାର୍ଗଦର୍ଶନ ପାଇଁ ଅନ୍ୟ ସଂସ୍ଥାମାନଙ୍କ ସହ ଓୟୁଏଟିର ନାମ ସୂଚୀଭୁକ୍ତ କଲେ ତାହା ରାଜ୍ୟ ତଥା ସମାଜ ପାଇଁ ଲାଭଦାୟକ ହୋଇପାରିବ।

**–ଗୋକୁଳାନନ୍ଦ ପଣ୍ଡା, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାର ସବୁଜ ସ୍ୱର



ଶୋଭନା ମିଶ୍ର, ଉପସ୍ଥାପିକା



ରୋମି ସାହୁ, ଅଭିନେତ୍ରୀ



ଜି. ଶିବ ଶଙ୍କର ସୁବୁଦ୍ଧି, ବ୍ୟବସାୟୀ



ଟୁବୁନ୍ ସେନ୍, ଫିଲ୍ମ ନିର୍ଦ୍ଦେଶକ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ଼



ନବରଙ୍ଗପୁର ମହାବିଦ୍ୟାଳୟ, ନବରଙ୍ଗପୁର



ନ୍ୟାଶନାଲ ମହାବିଦ୍ୟାଳୟ, ନୂଆପଡ଼ା



ନାଇଡୁ ହାୟର ସେକେଣ୍ଡାରି ସ୍କୁଲ, ଖୋର୍ଦ୍ଧା

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...

ଭୁବନେଶ୍ୱର, ଗୁରୁବାର, ୧୪ ନଭେମ୍ବର, ୨୦୨୪

## ଅନ୍ୟାନ୍ୟ ଖବର

## ୧୦% ପଦବୀରେ ନିଯୁକ୍ତି ପାଇବେ ହୋମ୍‌ଗାର୍ଡ

**କଟକ,୧୩।୧୧(କାର୍ତ୍ତିକ ସାହୁ)**

### ହାଇକୋର୍ଟରେ ଫାୟାରମ୍ୟାନ୍ ନିଯୁକ୍ତି ମାମଲାର ଅନ୍ତ

ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ଫାୟାରମ୍ୟାନ୍ ପଦର ୧୦% ପଦବୀରେ ହୋମ୍‌ଗାର୍ଡଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ଏକାଧିକ ମାମଲାର ଏକତ୍ର ଶୁଣାଣି କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ନୂତନ ଚୟନ ତାଲିକା ଅନୁସାରେ ଫାୟାରମ୍ୟାନ୍‌ଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରି ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ୮୨୬ ଫାୟାରମ୍ୟାନ୍ ପଦରେ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ୧୦% ପଦବୀରେ ହୋମ୍‌ଗାର୍ଡ ନିଯୁକ୍ତି ପାଇବା ନିୟମ ରହିଥିବାବେଳେ ମାତ୍ର ୨୯ ଜଣ ସ୍ଥାନ ପାଇଥିଲେ। ମୋଟ୍ ପଦବୀର ୧୦% ପଦ ୮୩ ହୋଇଥିବାବେଳେ ଅବଶିଷ୍ଟ ୫୪ ପଦରେ ହୋମ୍‌ଗାର୍ଡ ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ବିଜୟ କୁମାର ଷଣ୍ଢଙ୍କ ସମେତ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହୋମ୍‌ଗାର୍ଡଙ୍କ ପାଇଁ ସଂରକ୍ଷିତ ପଦରେ ଅନ୍ୟ ବର୍ଗର ପ୍ରାର୍ଥୀଙ୍କୁ ନିଯୁକ୍ତି କରିବା ଓଡ଼ିଶା ଫାୟାର ସର୍ଭିସ୍ ରୁଲ୍ସ ୨୦୨୧ର ଉଲ୍ଲଂଘନ କରୁଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ତେବେ ଲିଖିତ ପରୀକ୍ଷାରେ ଯୋଗ୍ୟ ହୋଇଥିବା ପ୍ରାର୍ଥୀମାନଙ୍କୁ ସଂରକ୍ଷିତ ପଦରେ ନିଯୁକ୍ତି ଦେବାକୁ ହାଇକୋର୍ଟ ଆଦେଶ ଦେବା ନିମନ୍ତେ ଆବେଦନକାରୀ ପ୍ରାର୍ଥନା କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

## ୨ ଦିନ ପରେ ବଢ଼ିବ ଶୀତ

**ଭୁବନେଶ୍ୱର,୧୩।୧୧ (ଅନୁରାଧା ମହାରଣା)**

ରାଜ୍ୟରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହିଛି। ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା କିଛି ପରିମାଣରେ ହ୍ରାସ ପାଇଥିଲେ ମଧ୍ୟ ଅନ୍ୟାନ୍ୟ ସ୍ଥାନରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭବିକଠାରୁ ଅଧିକ ରେକର୍ଡ କରାଯାଇଥିବାବେଳେ ଗୋଟିଏ ଦୁଇଟି ସ୍ଥାନରେ ସ୍ୱାଭାବିକଠାରୁ କମ୍ ରହୁଛି। ତେବେ ଆସନ୍ତା ୨ଦିନ ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିବ ଓ ୧୬ ତାରିଖ ପରଠାରୁ ୩ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ କମିପାରେ। ଫଳରେ ଶୀତ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବୁଧବାର ରାଜ୍ୟର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୩.୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୫.୫ ଡିଗ୍ରୀ ଓ ଝାରସୁଗୁଡ଼ାରେ ୧୬.୮ ଡିଗ୍ରୀ ରହିଥିଲା। ଗୁରୁବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାର କିଛି ସ୍ଥାନକୁ ବାଦ୍ ଦେଲେ ଅନ୍ୟାନ୍ୟ ସ୍ଥାନରେ ପାଗ ପ୍ରାୟ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ଯୁକ୍ତ ୨ରେ ଲକ୍ଷେରୁ ଅଧିକ ସିଟ୍ ଖାଲିପଡ଼ିଲା

**ଭୁବନେଶ୍ୱର,୧୩।୧୧ (ଅନୁରାଧା ମହାରଣା)**

### ସରିଲା ସ୍ପଟ୍ ନାମଲେଖା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବାରମ୍ବାର ସୁଯୋଗ ଦେଲେ ବି ଯୁକ୍ତ୨ ସିଟ୍ ପୂରଣ ହେଉନାହିଁ। ୨୦୨୪-୨୫ ଶିକ୍ଷାବର୍ଷରେ ବହୁ ସିଟ୍ ଖାଲି ପଡିଥିବାରୁ ପରିଷଦ ପକ୍ଷରୁ ସ୍ପଟ୍ ଆଡ୍‌ମିଶନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଶେଷ ପର୍ଯ୍ୟାୟ ବା ସ୍ପଟ୍ ଆଡ୍‌ମିଶନ ଶେଷ ହୋଇଛି। ଚଳିତବର୍ଷ ରାଜ୍ୟର ମୋଟ୍ ୨୩୮୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା, ବିଜ୍ଞାନ, ବାଣିଜ୍ୟ, ସଂସ୍କୃତ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ନାମଲେଖା ଅନୁଷ୍ଠିତ ହୋଇଥିଲା। ସାମ୍ସ ତଥ୍ୟ ଅନୁସାରେ ରାଜ୍ୟରେ ମୋଟ୍ ୫,୬୦,୦୨୯ ସିଟ୍ ରହିଥିବାବେଳେ ୪,୨୯,୭୧୪ ପିଲା ନାମ ଲେଖାଇଛନ୍ତି। ବର୍ତ୍ତମାନ ୧,୩୦, ୩୧୫ ଆସନ ଖାଲି ରହିଛି।

କଳା ବିଭାଗରେ ସର୍ବାଧିକ ୩,୧୬,୮୭୬ଟି ଆସନ ରହିଥିବାବେଳେ ଚଳିତ ବର୍ଷ ୨,୭୪,୯୪୧ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି ଓ ୪୧,୯୩୫ଟି ସିଟ୍ ଖାଲି ରହିଛି। ବିଜ୍ଞାନ ବିଭାଗରେ ୧,୭୭,୪୬୯ଟି ଆସନରୁ ୧,୧୧,୯୦୭ ପିଲା ନାମ ଲେଖାଇଥିବାବେଳେ ୬୫, ୫୬୨ ଆସନ ଖାଲିପଡିଛି। ବାଣିଜ୍ୟ ବିଭାଗରେ ସାରା ରାଜ୍ୟରେ ୪୧,୬୫୬ଟି ଆସନ ରହିଥିବାବେଳେ ୨୬,୨୫୮ ସିଟ୍‌ରେ ନାମଲେଖା ଓ ୧୫,୩୯୮ ସିଟ୍ ଖାଲି ରହିଛି। ସଂସ୍କୃତ ବିଭାଗରେ ୧୩, ୪୪୦ଟି ଆସନ ରହିଥିବାବେଳେ ୧୦,୪୪୨ଟି ପୂରଣ ହୋଇଛି ଓ ୨,୯୯୮ଟି ଆସନ ଖାଲିପଡିଛି। ଧନ୍ଦାମୂଳକ ବିଷୟବସ୍ତୁରେ ଥିବା ୧୦,୫୮୮ ସିଟ୍ ମଧ୍ୟରୁ ୬,୧୬୬ଟି ଆସନ ପୂରଣ ହୋଇଥିବାବେଳେ ୪,୪୨ ଆସନ ଖାଲି ରହିଥିବା ସୂଚନା ଦିଆଯାଇଛି।

ଓଡ଼ିଶା ସରକାର

**ଶିଶୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**



ଶିଶୁ ଦିବସ ଅବସରରେ ରାଜ୍ୟର ପିଲାମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ଆଜିର ଶିଶୁ ଭବିଷ୍ୟତ ନିର୍ମାଣର କର୍ଣ୍ଣଧାର। ସମାଜର ବିକାଶ ପାଇଁ ଶିଶୁମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ଅପରିହାର୍ଯ୍ୟ । ଏହି ଦିଗରେ ଆମ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ଆମ ରାଜ୍ୟର ପିଲାମାନେ ଯେପରି ଗୁଣାତ୍ମକ ଶିକ୍ଷା ପାଇ ପାରିବେ ସେଥିପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ।

ଆସନ୍ତୁ, ଶିଶୁମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଏବଂ ଅସୁମାରୀ ସୁଯୋଗ ସୃଷ୍ଟି କରିବା ଦିଗରେ ମିଳିମିଶି କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-193

ଓଡ଼ିଶା ସରକାର

**ଶିଶୁ ଦିବସ ଅବସରରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା**



ପବିତ୍ର ଶିଶୁ ଦିବସ-୨୦୨୪ ଅବସରରେ ରାଜ୍ୟର ସମସ୍ତ ପିଲାମାନଙ୍କୁ ମୋର ସ୍ନେହ ଏବଂ ଶୁଭେଚ୍ଛା । ଶିକ୍ଷା କେବଳ ଏକ ଅଧିକାର ନୁହେଁ, ଏହା ଜୀବନର ସବୁଠୁ ବଡ଼ ସମ୍ପତ୍ତି । ଆମ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମହୋଦୟଙ୍କ ତତ୍ତ୍ୱାବଧାନରେ ଆମ ସରକାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସର୍ବଦା କାର୍ଯ୍ୟ କରୁଛନ୍ତି । ଆମ ସରକାର ଏକବିଂଶ ଶତାବ୍ଦୀର ସମୟ ଉପଯୋଗୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିଲାମାନଙ୍କ ଭବିଷ୍ୟତ ଗଠନ ଦିଗରେ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି । ମୋର ଆଶା ଓ ବିଶ୍ୱାସ, ଆମ ରାଜ୍ୟର ପିଲାମାନେ ନିଜର ପ୍ରତିଭାକୁ ଚିହ୍ନି ଆଗକୁ ଯାଇ ଶ୍ରେଷ୍ଠ ପ୍ରଦର୍ଶନ କରିବେ ଏବଂ ଆମ ରାଜ୍ୟକୁ ବିକଶିତ କରିବା ଦିଗରେ ସହଯୋଗ କରିବେ ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ,
ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR-27068/13/0020/2425

# ୧୩ ଜଣିଆ ଲୁଟେରା ଗ୍ୟାଙ୍ଗ ଗିରଫ


ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।


ଜବତ କେନ୍ଦୁପତ୍ର।

**ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ଲୁଟ ଘଟଣା**

- ୪୫ ବଣ୍ଡଲ କେନ୍ଦୁପତ୍ର ଜବତ
- ଲାପ୍‌ଟପ, ଟାଟା ଏସି, ୨ଟି ପିକ୍‌ଅପ୍ ଭ୍ୟାନ୍, ଭୁଜାଲି ଜବତ

ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କୁଣ୍ଢେଇଗୋଳା ରେଞ୍ଜ ଖଇରପାଲି କେନ୍ଦୁଲିପ ଗୋଦାମରୁ ଗତ ୩ ତାରିଖ ରାତିରେ ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କାର କେନ୍ଦୁପତ୍ର ଲୁଟ୍ ଘଟଣାରେ ୧୩ ଜଣିଆ ଲୁଟେରା ଗ୍ୟାଙ୍ଗଙ୍କୁ ଗିରଫ କରିଛି ପୋଲିସ। ଲୁଟ ହୋଇଥିବା ୪୫ ବଣ୍ଡଲ କେନ୍ଦୁପତ୍ର, ଲାପ୍‌ଟପ, ୩ଟି ଏମ.ଟେକ ବ୍ୟାଟେରି ସମେତ ଲୁଟ୍ ଘଟଣାରେ ବ୍ୟବହାର ହୋଇଥିବା ଏକ ଟାଟା ଏସି, ୨ଟି ପିକ୍‌ଅପ୍ ଭ୍ୟାନ ଏବଂ ଭୁଜାଲି ଜବତ ହୋଇଛି। ଏହି ଘଟଣାରେ କେବଳ ଅନୁଗୋଳ ଜିଲାର ୧୩ଜଣ ଲୁଟେରା ଗିରଫ ହୋଇଛନ୍ତି। ସେମାନେ ହେଲେ ବନ୍ତଲା ଥାନା ପୁରୁଣାଗଡ ମଠସାହି ପ୍ରଶାନ୍ତ ମହାକୁଡ (୩୯), ରମେଶ ନାଏକ (୪୧), ପ୍ରଦ୍ୟୁମ୍ନ ସୁବୁଦ୍ଧି (୫୦) ଓ ରୁଚିର ବେହେରା (୩୩), ପୁରୁଣାଗଡ ବ୍ରାହ୍ମଣସାହି ପ୍ରତୀକ ତ୍ରିପାଠୀ (୩୪), ପୁରୁଣାଗଡ ପ୍ରଶାନ୍ତ ନାୟକ (୩୧) ଓ ତ୍ରିପୁରା ନାୟକ (୨୬), ଜରପଡା ଥାନା ସାନହିଂସାର ଗାଁର ରାଜୁ ବେହେରା (୪୩) ଓ କେଦାର ପ୍ରଧାନ (୫୪), ଅନୁଗୋଳ ସଦର ଥାନା ମୁଷାପାପୁଲି ଗାଁର କାଳିଆ ନାଏକ (୨୭) ଓ ରାଜେଶ ନାଏକ (୨୭), ଅନୁଗୋଳ ସଦର ଥାନା ରଣତଳେଇ ଗାଁର ସର୍ଦାର ସୁବ୍ରତ କୁମାର ନାଏକ (୨୬) ଏବଂ କେନ୍ଦୁପତ୍ର କିଣିଥିବା ବନ୍ତଲା ଥାନା ବଡକେରା ଗ୍ରାମର ଚନ୍ଦନ ସାହୁ (୨୪)। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରଶାନ ଏବଂ ପ୍ରତିକଙ୍କୁ ଗତ ୧୧ ତାରିଖରେ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟ ୧୧ଜଣଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଅପରାହ୍ନ ପ୍ରାୟ ୧ଟାରେ କୁଣ୍ଢେଇଗୋଳା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାରେ ଏବେ ବି କୋଲକାତାର ଜଣେ ଅଭିଯୁକ୍ତଙ୍କ ସହିତ ଅନେକ ଲୁଟେରା ଫେରାର ଅଛନ୍ତି। ଗିରଫ ସମସ୍ତ ଲୁଟେରା ପୂର୍ବରୁ ମଧ୍ୟ ବିଭିନ୍ନ ଡକାୟତି ଘଟଣାରେ ସାମିଲ ଥିବା ଏସ୍‌ପି ସୂଚନା ଇେଛନ୍ତି। ଗତ ୩ ତାରିଖ ବିଳମ୍ବିତ ରାତିରେ ୧୬ଜଣ ଲୁଟେରା ଗ୍ୟାଙ୍ଗ ଏକ ଟ୍ରକ୍, ଟାଟା ଏସି ଭ୍ୟାନ୍ ଏବଂ ଏକ କାର ଯୋଗେ ଖଇରପାଲି କେନ୍ଦୁଲିପ ଗୋଦାମକୁ ଆସିଥିଲେ। ସେଠାରେ କେନ୍ଦୁପତ୍ର ଶ୍ରମିକଙ୍କୁ ବନ୍ଧୁକ ଓ ଭୁଜାଲି ମୁନରେ ଭୟଭୀତ କରାଇବା ସହିତ ସେମାନଙ୍କ ହାତଗୋଡ ବାନ୍ଧି ଦେଇଥିଲେ। ଏଥିସହ ଲକ୍ଷାଧିକ ଟଙ୍କା ମୂଲ୍ୟର ୪୫ ବଣ୍ଡଲ କେନ୍ଦୁପତ୍ର, ଲାପ୍‌ଟପ, ୪ଟି ଏମ.ଟେକ ବ୍ୟାଟେରି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଗତ ୪ ତାରିଖ ସକାଳୁ କୁଣ୍ଢେଇଗୋଳା ରେଞ୍ଜର ଛବିଳ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ୩୧୦ (୨) ବିଏନ୍‌ଏସ ଏବଂ ୨୫, ୨୭ ଆର୍ମସ ଆକ୍ଟରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ନାବାଳିକାଙ୍କୁ ବଳାତ୍କାର ମାମଲା**

## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଭୁବନେଶ୍ୱର,୧୩।୧୧(ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଭୁବନେଶ୍ୱରସ୍ଥିତ ୪ର୍ଥ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍‌ଙ୍କ କୋର୍ଟରେ ବୁଧବାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଅଭିଯୁକ୍ତ ଦିଲୀପ ସ୍ୱାଇଁ ଓରଫ ମୁଷାଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ଏଥିସହ ତାଙ୍କୁ ୨୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଏହି ଜରିମାନା ଅନାଦାୟରେ ଦିଲୀପଙ୍କୁ ଅଧିକ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ବିଚାରପତି ପ୍ରଦୀପ କୁମାର ବେହେରା ତାଙ୍କ ରାୟରେ ଶୁଣାଇଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେବାକୁ ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ)କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ନଭେମ୍ବର ୧୦ରେ ଏହି ଅପରାଧ ଘଟିଥିଲା। ସେତେବେଳେ ପୀଡ଼ିତା ନାବାଳିକାଙ୍କୁ ମାତ୍ର ୧୨ବର୍ଷ ହୋଇଥିଲା। ନାବାଳିକା ଜଣଙ୍କ ନଭେମ୍ବର ୯ରେ ତାଙ୍କ ଆଈ ମା'ଙ୍କ ସାଙ୍ଗରେ ନିକଟସ୍ଥ ମାମୁଘରକୁ ଆସିଥିଲେ। ଏହାର ପରଦିନ ସକାଳ ପ୍ରାୟ ୧୦ଟା ବେଳେ ନାବାଳିକା ମାମୁଘର ପାଖରେ ଥିବା ଗାଡ଼ିଆକୁ ଶୌଚ କରିବାକୁ ଯାଇଥିଲେ। ଏହି ସମୟରେ ମୁଷା ସୁଯୋଗ ଦେଖି ପୀଡ଼ିତାଙ୍କୁ ବଳପୂର୍ବକ ଉଠାଇ ନେଇ ଏକ ବୁଦାମୂଳରେ ବଳାତ୍କାର କରିଥିଲେ। ଏହି ସମୟରେ ନାବାଳିକାଙ୍କ ଚିତ୍କାର ଶୁଣି ତାଙ୍କ ଆଈ ସେଠାକୁ ଯିବାପରେ ମୁଷା ଦୌଡ଼ି ପଳାଇଯାଇଥିଲେ। ଏନେଇ ଏତଲାକ୍ରମେ ବେଗୁନିଆ ଥାନା ପୋଲିସ ପୋକ୍ସୋ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୧୮୮/୨୦୧୯) ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ମୁଷାଙ୍କୁ ଗିରଫ କରିଥିଲା। ମାମଲାର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ୧୨ଜଣଙ୍କ ସାକ୍ଷ୍ୟ ଓ ୫୦ଟି ଦସ୍ତାବିଜ୍ କୋର୍ଟରେ ଉପସ୍ଥାପନା କରାଯାଇଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ।

## ୭୫ କେଜି ଗଞ୍ଜେଇ ଜବତ, ୨ ଗିରଫ


ଜବତ ଗଞ୍ଜେଇ ସହ ଗିରଫ ୨ ଅଭିଯୁକ୍ତ।


ଅନୁଗୋଳ, ୧୩।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଅବକାରୀ ବିଭାଗ ଓ ସଦର ରେଞ୍ଜ କର୍ମଚାରୀଙ୍କ ମିଳିତ ସହଯୋଗରେ ବଡ଼କେରା ଛକ ନିକଟରେ ଏକ କାର୍ ଅଟକାଇ ଯାଞ୍ଚ କରିବା ବେଳେ ୭୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଗାଡ଼ିରେ ଥିବା ୨ ଜଣ ବ୍ୟବସାୟୀ ବୌଦ୍ଧ ଅଞ୍ଚଳର ଦଶରଥ ଭଏନା ଓ ସମ୍ବଲପୁର ଅଞ୍ଚଳର ରୁକ୍ମଣ ବାଦୀଙ୍କୁ ଗିରଫ କରାଯାଇଥିବା ଜିଲା ଅବକାରୀ ସୁପରିଟେଣ୍ଡେଣ୍ଟ ମଧୁମିତା ନାୟକ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ, ପୂର୍ବାହ୍ନ ସମୟରେ ବୌଦ୍ଧ ଅଞ୍ଚଳରୁ ଏକ କାର୍ (ନଂ. ଓଡି ୦୨ ସିକେ ୭୨୩୪)ରେ ୨ ଯୁବକ ଗଞ୍ଜେଇ ନେଇ ଆସୁଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ଅନୁଗୋଳ ଅବକାରୀ ଅଧୀକ୍ଷକ ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶରେ ମୋବାଇଲ ଇନ୍ସପେକ୍ଟର ଭକ୍ତବତ୍ସଳ ବର୍ମା, ରଞ୍ଜିତା ହରିଚନ୍ଦନ ଓ ଗାୟତ୍ରୀ ମାଝୀ ଅନୁଗୋଳ ଅବକାରୀ ନିରୀକ୍ଷକ ସଦର ରେଞ୍ଜ ଏବଂ ଜିଲା ଭ୍ରାମ୍ୟମାଣ ବିଭାଗ ବଡକେରା ଛକ ନିକଟରେ କାର୍‌କୁ ଅଟକାଇ ଯାଞ୍ଚ କରିଥିଲେ। ସଦର ରେଞ୍ଜ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରାଯାଇ ଗାଡ଼ିକୁ ଜବତ କରାଯିବା ସହତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ଖଣି ଭିତରେ ପଶି ଗାଡ଼ି ଭଙ୍ଗାରୁଜା

ତାଳଚେର, ୧୩।୧୧ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ଲିଙ୍ଗରାଜ କୋଇଲା ଖଣି ଭିତରେ ମଙ୍ଗଳବାର ରାତିରେ ହୋଇଛି ଭଙ୍ଗାରୁଜା। ଲିଙ୍ଗରାଜ ଖଣିର ପ୍ରକଳ୍ପ ଅଧିକାରୀ ଦୁଷ୍ମନ୍ତ ପ୍ରଧାନ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ପ୍ରକଳ୍ପ ଅଧିକାରୀ ଉଲ୍ଲେଖ କରିଛନ୍ତି, ସବୁଦିନ ଭଳି ଖଣି କାର୍ଯ୍ୟ ଚାଲିଥିବା ବେଳେ ରାତି ୭ଟାରେ ତାଳବେଡ଼ା ଗ୍ରାମର ତାପସ ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବକ ହାତରେ ହକିଷ୍ଟିକ, ଠେଙ୍ଗା, ମାରଣାସ୍ତ୍ର ଧରି ଭିତରକୁ ପଶିବା ସହ ଆତଙ୍କ ଖେଳାଇ ଦେଇଥିଲେ। ଖଣିରେ ନିୟୋଜିତ ଥିବା ୧୬ଟି ଟ୍ରକ୍ ଏବଂ ୪ଟି ବୋଲେରୋ କାଚ ଭାଙ୍ଗିବା ସହ ଲିଙ୍ଗରାଜ ଟାଇମ୍ ଅଫିସ ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। ଓଆଇଏସ୍‌ଏଫ୍ କର୍ମଚାରୀଙ୍କୁ ମାଡ଼ ମଧ ମାରିଥିଲେ। ଏହାପରେ ୧୧ ଓ ୧୨ ନମ୍ବର ୱେବ୍ରିଜ୍‌ରେ ଭଙ୍ଗାରୁଜା କରିଥିଲେ। ଘଟଣା ପରଠାରୁ ଖଣି କାର୍ଯ୍ୟ ବନ୍ଦ ରହିଛି। ଖବରପାଇ ତାଳଚେର ପୋଲିସ ଏକ ପ୍ଲାଟୁନ ଫୋର୍ସ ଧରି ପହଞ୍ଚିଥିଲା। କିନ୍ତୁ ଏହା ପୂର୍ବରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହି ଭଙ୍ଗାରୁଜାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଖଣି ସୁରକ୍ଷାକର୍ମୀ, ଠିକା କମ୍ପାନୀ ପକ୍ଷରୁ ଭିନ୍ନ ଭିନ୍ନ ଅଭିଯୋଗ କରାଯାଇଛି। ପୋଲିସ ନମ୍ବର ୧୦୨୭/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ଭଙ୍ଗାରୁଜା ହୋଇଥିବା ଟ୍ରକ୍ ଓ ବୋଲେରୋ।

## ରେଳ ଷ୍ଟେଶନରୁ ଯାତ୍ରୀଙ୍କ ମୋବାଇଲ ଲୁଟ୍, ୩ ଗିରଫ

ସମ୍ବଲପୁର,୧୩।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ଷ୍ଟେଶନରେ ଗତ ମଙ୍ଗଳବାର ରାତିରେ ତପସ୍ୱିନୀ ଏକ୍ସପ୍ରେସକୁ ଅପେକ୍ଷା କରିଥିବା ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ ଲୁଟ୍ କରିଥିବା ୩ ଅଭିଯୁକ୍ତଙ୍କୁ ରେଳବାଇ ପୋଲିସ ଗରଫ କରିଛି। ଏମାନଙ୍କଠାରୁ ଲୁଟ୍ ମୋବାଇଲ୍ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରସୁଗୁଡ଼ା ଟାଉନଥାନା ଅନ୍ତର୍ଗତ ମଙ୍ଗଳବଜାର ବଙ୍ଗାଳିପଡ଼ାର ସୈଫଅଲ୍ଲୀ ଖାନ(୩୦), ଦୀପକ ଦେ(୩୫) ଓ ସମ୍ବଲପୁର ଟାଉନଥାନା ଅନ୍ତର୍ଗତ କୁମ୍ଭାରପଡ଼ାର ଜଳେଶ୍ୱର ସାହୁ(୧୯)। ରେଳବାଇ ଥାନାରେ ଏକ ମାମଲା ରୁଜୁ ରକି ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ରେଳବାଇ ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତିରେ ପୁରୀ ଯିବାକୁ ତପସ୍ୱିନୀ ଏକ୍ସପ୍ରେସ ଟ୍ରେନରେ ଚଢ଼ିବା ସମୟରେ ହୀରାକୁଦର ପ୍ରଫୁଲ କୁମାର ନାୟକଙ୍କ ମୋବାଇଲକୁ ଅଭିଯୁକ୍ତମାନେ ଲୁଟି ନେଇଥିଲେ। ଏନେଇ ସେ ରେଳ ସୁରକ୍ଷା ପୋଲିସ କର୍ମଚାରୀଙ୍କୁ ଜଣାଇଥିଲେ। ସିସି ଟିଭିରୁ ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରି କାବୁ କରି ବୁଧବାର ରେଳବାଇ ପୋଲିସକୁ ହସ୍ତାନ୍ତର କରିଥିଲା।

## ଜିଲା ପରିଷଦ ସଭ୍ୟଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର ଅଭିଯୋଗ

ରେଢ଼ାଖୋଲ ୧୩।୧୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ତହସିଲଦାର ଦେବାଶିଷ ପାତ୍ର ଜଣେ ଜିଲା ପରିଷଦ ସଭ୍ୟଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଣିଛନ୍ତି ରେଢ଼ାଖୋଲ ଜୋନ୍ ୨ ଜିଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ। ତାଙ୍କର ଏକ ଜମିର ମ୍ୟୁଟେଶନ କେସ୍ ଖାରଜର କାରଣ ଜାଣିବାକୁ ବୁଧବାର ସେ ତହସିଲଦାରଙ୍କ ପ୍ରକୋଷ୍ଠକୁ ଯାଇଥିବାବେଳେ ଏପରି ଘଟଣା ଘଟିଛି। ତହସିଲଦାର ପାତ୍ର ତାଙ୍କୁ ଉତ୍ତ୍ୟକ୍ତ ହୋଇ ମୁଁ କିଛି ଜାଣି ନାହିଁ, ଏଠାରୁ ବାହାରି ଯାଅ ବୋଲି କହିଥିଲେ। ଏଭଳି ବ୍ୟବହାର ଘୃଣୀୟ ବୋଲି କହିବା ପରେ ତହସିଲଦାର ପାତ୍ର ଅଧିକ କ୍ରୋଧିତ ହୋଇ ତାଙ୍କୁ ଚୌକିରୁ ଉଠି ଚପଲରେ ପିଟିବାକୁ କହିଥିଲେ। ଅଫିସ୍‌ର ଜଣେ କର୍ମଚାରୀଙ୍କୁ ଡାକି ତାଙ୍କୁ ଧକ୍କାମାରି ବାହାରକୁ ବାହାର କରିଦେଇଥିଲେ ବୋଲି ପ୍ରଧାନ ଅଭିଯୋଗ କରିଛନ୍ତି। ଏହି ଘଟଣା ବାହାରେ ପ୍ରଚାରିତ ହେବା ପରେ ଜିଲା ପରିଷଦ ସଭ୍ୟ ପ୍ରଧାନଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଘଟଣାକୁ ନେଇ ପ୍ରଧାନ ରେଢ଼ାଖୋଲ ଥାନାରେ ତହସିଲଦାରଙ୍କ ନାମରେ ଅଭିଯୋଗ କରିଛନ୍ତି। ଖବର ପାଇ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ ତାଙ୍କ ଅଫିସ୍ ପ୍ରକୋଷ୍ଠକୁ ତହସିଲଦାର ପାତ୍ରଙ୍କୁ ଡକାଇ ଘଟଣାର ସମାଧାନ ଉଦ୍ୟମ କରିଥିଲେ। ସେଠାରେ ଅନୁଷ୍ଠିତ ବୈଠକରେ ପୋଲିସ ଏସ୍‌ଡିପିଓ ପ୍ରଶାନ୍ତ ମେହେର, ରେଢାଖୋଲ ଥାନା ଅଧିକାରୀ ସବିତାଲତା ସେଠୀ, ଅଭିଯୋଗକାରୀ ଜିଲା ପରିଷଦ ସଭ୍ୟ ପ୍ରଧାନ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭ୍ୟ ପ୍ରଧାନ ତାଙ୍କ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ତହସିଲଦାରଙ୍କ ପ୍ରକୋଷ୍ଠ ସିସି ଟିଭି ଯାଞ୍ଚ କରିବାକୁ କହିଥିଲେ। ତେବେ ରାତି ୯ଟା ପର୍ଯ୍ୟନ୍ତ ସମାଧାନ ସୂତ୍ର ବାହାରି ପାରିନାହିଁ। ଅପରପକ୍ଷରେ ତହସିଲଦାର ପାତ୍ରଙ୍କୁ ପଚାରିବାରୁ ସେ ଜିଲା ପରିଷଦ ସଭ୍ୟଙ୍କୁ ଦୁର୍ବ୍ୟବହାର କରି ନ ଥିବା କହିଛନ୍ତି। ଜିଲା ପରିଷଦ ସଭ୍ୟ ପ୍ରଧାନ ତାଙ୍କ ଅଫିସ୍ ଆସି ମ୍ୟୁଟେଶନ କେସ୍ ଖାରଜ ହେବାର କାରଣ ପଚାରିଥିଲେ। ରେଜେଷ୍ଟ୍ରି ହୋଇଥିବା ଦଲିଲରେ ସଂଲଗ୍ନ ହୋଇଥିବା ନକ୍ସା ଓଭରଲାପିଙ୍ଗ୍ ହୋଇଥିବା ଯୋଗୁ ଖାରଜ ହୋଇଥିବା କହିଥିଲେ। ଏ ନେଇ ଉପର କୋର୍ଟରେ ଅପିଲ କରିବାକୁ ତାଙ୍କୁ କହିଥିବା ତହସିଲଦାର ସଫେଇରେ କହିଛନ୍ତି।

## ୩ ମିଲିସିଆ ଗିରଫ

ମାଲକାନଗିରି,୧୩।୧୧(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର ବିଜାପୁର ନେମେଡ ଅଞ୍ଚଳରୁ ୩ ମିଲିସିଆଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ସୋନୁ ଓୟମ, ସନୁ ଲେକାମ ଓ ମାଣ୍ଡୋ ଓରଫ ମାଣ୍ଡୁ ହପିଆ। ସୂଚନା ଅନୁଯାୟୀ, ବିଜାପୁର ଜିଲାରେ ମାଓବାଦୀ ବିରୋଧୀ ଅପରେଶନ୍ ଚଳାଇଥିବା ବେଳେ ସୁରକ୍ଷାବାହିନୀ ନେମେଡ ଥାନା ଅନ୍ତର୍ଗତ ରାଣାପାରା ଜଙ୍ଗଲରୁ ଏମାନଙ୍କୁ ଗିରଫ କରିଥଲେ। ସେମାନଙ୍କ ନିକଟରୁ ବିସ୍ଫୋରକ, ପୋଷ୍ଟର ଓ ନିତ୍ୟ ବ୍ୟବହୃତ ସାମଗ୍ରୀ ଆଦି ଜବତ କରାଯାଇଛି।

## ବରିଷ୍ଠ ନାଗରିକଙ୍କଠାରୁ ସୁନା ଗହଣା ଲୁଟ୍

ସମ୍ବଲପୁର,୧୩।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଆଇଁଠାପାଲି ଥାନା ଲାଠ ବଗିଚା ନିକଟ ସର୍ଭିସ ରୋଡ଼ରେ ଜଣେ ବରିଷ୍ଠ ନାଗରିକ ଦୁର୍ବୃତ୍ତଙ୍କ ଲୁଟ୍‌ର ଶିକାର ହୋଇଛନ୍ତି। ଏକ ନମ୍ବର ବିହୀନ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ତାଙ୍କୁ ପିଛାକରି ସେ ପିନ୍ଧିଥିବା ଏକ ସୁନା ମାଳି ଓ ଦୁଇଟି ସୁନା ମୁଦିକୁ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ଅଇଁଠାପାଲି ଥାନାରେ ଲୁଟ୍‌ର ଶିକାର ଅଇଁଠାପାଲି ବଂଶୀଧର ନଗର ବାସିନ୍ଦା ଶ୍ୟାମସୁନ୍ଦର ଗୁରୁ(୭୦) ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ପୋଲିସ ତନାଘନା ଚଳାଇଛି। ଲୁଟ୍‌ର ଶିକାର ଗୁରୁଙ୍କ କହିବା ଅନୁସାରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ଥାନୀୟ ଜୀବନବୀମା କାର୍ଯ୍ୟାଳୟକୁ ଯାଇ ନିଜ ସ୍କୁଟରେ ସର୍ଭିସ ରୋଡ଼ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ହେଣ୍ଡା ଶୋରୁମ ନିକଟରୁ ଦୁଇଜଣ ଯୁବକ ଏକ ନମ୍ବର ବିହୀନ କଳା ରଙ୍ଗର ବାଇକରେ ତାଙ୍କ ପିଛା କରିଥିଲେ। ପରେ ପେଟ୍ରୋଲ ଟାଙ୍କି(ବିକାଶ ଫୁଏଲ୍) ସମ୍ମୁଖରେ ଉକ୍ତ ବାଇକ୍ ଆରୋହୀଦ୍ୱୟ ତାଙ୍କ ସମ୍ମୁଖକୁ ଆସି ବାଟ ଓଗାଳି ଥିଲେ। ସେମାନେ ନିଜକୁ ପୋଲିସ ପରିଚୟ ଦେଇ ଯାଞ୍ଚ କରିବା ବାହାନାରେ ସେ ପିନ୍ଧିଥିବା ସୁନା ଚେନ ଦେବାକୁ କହିଥିଲେ। ଏଥିରେ ସେ ରାଜି ନ ହେବାରୁ ଦୁର୍ବୃତ୍ତମାନେ ତାଙ୍କୁ ଉକ୍ତ ରାସ୍ତା କଡ଼ରେ ପାର୍କିଂ ହୋଇଥିବା ଭାରିଯାନର ଆଢୁଆଳକୁ ଟାଣି ନେଇ ସେ ପିନ୍ଧିଥିବା ୨୦ ଗ୍ରାମ ଓଜନର ସୁନା ମାଳି ଓ ପ୍ରାୟ ୧୫ ଗ୍ରାମ ଓଜନର ଦୁଇଟି ସୁନା ମୁଦିକୁ ଲୁଟିନେଇ ଚମ୍ପଟ ମାରିଥିଲେ। ଅଇଁଠାପାଲି ଥାନା ପୋଲିସ ଏହି ରାସ୍ତାରେ ଥିବା ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନର ସିସି ଟିଭିରେ ବରିଷ୍ଠ ନାଗରିକଙ୍କୁ ଦୁର୍ବୃତ୍ତମାନେ ପିଛା କରୁଥିବା ଦୃଶ୍ୟରୁ ସେମାନଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରୁଛି। ଲୁଟ୍‌ର ଶିକାର ଗୁରୁ ସମ୍ବଲପୁର ସରକାରୀ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ସୁନୀଲ କୁମାର ଗୁରୁଙ୍କ ପିତା।

## ଚାକିରି ଦେବାକୁ କହି ଦେଢ଼ଲକ୍ଷ ଠକେଇ

ବାଲକାଟୀ,୧୩।୧୧(ମନୋଜ ମଣ୍ଡଳ)

**ଚଢ଼ାଉ ପୂର୍ବରୁ ଅଭିଯୁକ୍ତ ଚମ୍ପଟ**

**ଖାଲି ହାତରେ ଫେରିଲା ହରିୟାଣା ପୋଲିସ**

ଚାକିରି କରାଇଦେବାକୁ କହି ହରିୟାଣାର ଜଣେ ଯୁବକଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ବାଲିଅନ୍ତା ଥାନା ଅଧୀନ ନାଗପୁର ଗ୍ରାମର ଜଣେ ଯୁବକଙ୍କ ଘରେ ମଙ୍ଗଳବାର ହରିୟାଣା ପୋଲିସ ଚଢ଼ାଉ କରିଥିଲା। ତେବେ ଅଭିଯୁକ୍ତ ଜଣଙ୍କ ଚଢ଼ାଉ ବାବଦରେ ପ୍ରାକ୍ ସୂଚନା ପାଇ ସେଠାରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ଫଳରେ ଅଭିଯୁକ୍ତଙ୍କୁ ନ ପାଇ ତାଙ୍କ ଘର ଲୋକଙ୍କୁ ନୋଟିସ ଧରାଇ ପୋଲିସ ଖାଲି ହାତରେ ଫେରିଛି। ଅଭିଯୁକ୍ତ ହେଲେ ନାଗପୁରର ରଣଜିତ୍ ମହାରଣା (୪୮)। ସୂଚନା ମୁତାବକ, ରଣଜିତ୍ ୨୦୧୬ରେ ହରିୟାଣାର ରୋରୀ ଜିଲା ମଡେଲ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଚାକିରି କରାଇଦେବେ କହି ଦେଢ଼ ଲକ୍ଷ ଟଙ୍କା ଆଣି ନିଜ ଗ୍ରାମକୁ ପଳାଇ ଆସିଥିଲେ। ଠକେଇ ଶିକାର ହୋଇଥିବା ଜାଣି ଉକ୍ତ ଯୁବକ ରୋରୀ ମଡେଲ ଥାନାରେ ଗତବର୍ଷ ଡିସେମ୍ବର ୨୩ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ କେସ୍ ନଂ. ୭୧୧/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ଫୋନ ଟ୍ରାକ୍ କରି ମଙ୍ଗଳବାର ବାଲକାଟୀ ଫାଣ୍ଡିରେ ପହଞ୍ଚିଥିଲା। ବାଲକାଟୀ ଫାଣ୍ଡି ପୋଲିସ ସହାୟତାରେ ମଡେଲ ଥାନା ପୋଲିସ ରଣଜିତ୍‌ଙ୍କ ଘରେ ଚଢ଼ାଉ କରିଥିଲା। ସୂଚନାଯୋଗ୍ୟ, ରଣଜିତ୍ ପୂର୍ବରୁ ବିଭିନ୍ନ ଲୋକଙ୍କୁ ଠକିଥିବା ନେଇ ଅଭିଯୋଗ ରହିଥିବା ପୋଲିସ କହିଛି।


**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)



**ଗୋଦରୀ ଲୋ,**
**ଗୋଡ଼ ତଳକୁ ଅନା।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଉଥିବାର ଦେଖିବାକୁ ମିଳିଥାଏ। ଏଭଳି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ ସେମାନେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏଭଳି ଦୋଷଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ଏଠାରେ ଉପଦେଶ ଦିଆଯାଇଛି।

**ଗଛ ଥାଉ;**
**ଫଳ ପଛକେ ଯାଉ।**

ଗଛ ରହିଲେ ପୁଣି ଫଳିବ। ତେଣୁ ଫଳ ପାଇଁ ଚିନ୍ତା ବା ବ୍ୟସ୍ତତା କରିବା ଅମୂଳକ। ପରୋକ୍ଷରେ ପ୍ରସୂତି ଓ ସନ୍ତାନ ଉଭୟେ ସଙ୍କଟାପନ୍ନ ଅବସ୍ଥାରେ ଥିଲାବେଳେ ମା' ରକ୍ଷା ପାଇଯାଉ ବୋଲି କୁହାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## କୋର୍ଟରେ ହାଜର ହେଲେ ଏମ୍‌ପି ପ୍ରଦୀପ, ପାଠକ ବାପପୁଅ

ବ୍ରହ୍ମପୁର, ୧୩।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା**

ଟାଟା ମୋଟର୍ସରେ ଚାକିରି ଦେବାକୁ କହିଏକାଧିକ ଯୁବକଙ୍କଠାରୁ ଟଙ୍କା ଠକେଇ ମାମଲାରେ ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ଓ ବହିଷ୍କୃତ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକ ଏବଂ ତାଙ୍କ ପୁଅ ଆକାଶ ପାଠକ ବୁଧବାର କୋର୍ଟରେ ହାଜର ହୋଇଛନ୍ତି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମୀଣ) ଜୁଏଲ ପଟ୍ଟନାୟକଙ୍କ କୋର୍ଟରେ ହାଜର ହେବା ପରେ ସେମାନଙ୍କ ନାଁରେ ଗତ ୨୦୨୦-୨୧ରେ ରୁଜୁ ହୋଇଥିବା ୪ ମାମଲାରେ ଚାର୍ଜଫ୍ରେମ କରାଯାଇଥିଲା। ପରେ ମାମଲାର ବିଚାର ଆରମ୍ଭ ହେବ ବୋଲି ସରକାରୀ ଓକିଲ ମାଗୁଣି ଚରଣ ପୋଲାଇ କହିଛନ୍ତି।

ଟାଟା କମ୍ପାନୀରେ ନିଯୁକ୍ତି ନାଁରେ ଟଙ୍କା ଠକେଇ କରିଥିବା ନେଇ ଗୋପାଳପୁରର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଏମ୍‌ପି ପ୍ରଦୀପଙ୍କ ନାମରେ ପ୍ରଥମେ କ୍ରାଇମବ୍ରାଞ୍ଚ ଓ ପରେ କଟକ ସାଇବର୍ ଥାନାରେ ମାମଲା ରୁଜୁ ହୋଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ୨୦୨୦ ନଭେମ୍ବରରେ ବ୍ରହ୍ମପୁର ଆସିଥିଲା। ତଦନ୍ତ ପରେ ପର୍ଯ୍ୟାୟକ୍ରମେ ପ୍ରଦୀପଙ୍କ ନାମରେ ୫ଟି ଠକେଇ ମାମଲା ରୁଜୁ ହୋଇଥିଲା। ୪ଟି ମାମଲା ଗୋଳନ୍ଥରା ଥାନା ଓ ଗୋଟିଏ ବୈଦ୍ୟନାଥପୁର ଥାନାରେ ରୁଜୁ ହୋଇଥିଲା। ପୂର୍ବରୁ ଗୋଟିଏ ମାମଲାରେ ଚାର୍ଜଫ୍ରେମ ହୋଇସାରିଥିଲା। ବୁଧବାର ଗୋଳନ୍ଥରା ଥାନାର ୩ଟି ମାମଲା ଓ ବୈଦ୍ୟନାଥପୁର ଥାନାରେ ରୁଜୁ ହୋଇଥିବା ଗୋଟିଏ ମାମଲାର ଚାର୍ଜଫ୍ରେମ ହୋଇଛି। ସୂଚନାଯୋଗ୍ୟ, ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ୪ ମାମଲାର ଅଭିଯୋଗକାରୀ ଗତ ମେ ମାସରେ ମକଦ୍ଦମା ପ୍ରତ୍ୟାହାର କରିବା ସହିତ ପରବର୍ତ୍ତୀ ବିଚାର ଆଗକୁ ନ ନେବା ପାଇଁ ତାଙ୍କ ଓକିଲଙ୍କ ଜରିଆରେ କୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ଠକେଇ ହୋଇଥିବା ଟଙ୍କା ପାଇସାରିଥିବାରୁ ମାମଲା ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। କିନ୍ତୁ ବୁଧବାର କୋର୍ଟରେ ୪ଟି ମାମଲାରେ ଚାର୍ଜଫ୍ରେମ ହୋଇଥିଲା। ଏମ୍‌ପି ପ୍ରଦୀପ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ପୂର୍ବର ବିଜେଡି ସରକାର ଅମଳରେ ମିଥ୍ୟା କେସ୍ ଦିଆଯାଇଥିଲା, ଯାହାର ଚାର୍ଜଫ୍ରେମ ହେଲା। କୋର୍ଟଙ୍କ ବିଧିବ୍ୟବସ୍ଥା ଯାହା ରହିଛି, ତାହା ପର୍ଯ୍ୟାୟକ୍ରମେ ହେବ। କୋର୍ଟଙ୍କ ରାୟକୁ ସ୍ୱାଗତ କରାଯିବ ବୋଲି ସେ କହିଛନ୍ତି। ପ୍ରଦୀପଙ୍କ ତରଫରୁ ଅସିତ ଶତପଥୀ ଓ ପାଠକ ବାପପୁଅଙ୍କ ତରଫରୁ ଦୀପକ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।


ଏମ୍‌ପି ପ୍ରଦୀପ ପାଣିଗ୍ରାହୀ କୋର୍ଟରେ ହାଜର ହେବାକୁ ଯାଉଛନ୍ତି।



କେରଳର ୱାୟନାଡ୍ ଲୋକ ସଭା ଆସନରେ ବୁଧବାର ଉପନିର୍ବାଚନବେଳେ ସମର୍ଥକଙ୍କ ସହ କଂଗ୍ରେସ ପ୍ରାର୍ଥୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

# ୨୭ ଜିଲାରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିବ ଭାଜପା




ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୩।୧୧ (ସୁନିତ୍ ମିଶ୍ର)**

ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀକୁ ଜନଜାତି ଗୌରବ ଦିବସ ଭାବେ ବହୁ ଆଡମ୍ବରରେ ଆସନ୍ତା ୧୫ ତାରିଖରେ ଦେଶବ୍ୟାପୀ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାରର ଜାମୁଇଠାରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଦେଶବାସୀଙ୍କୁ ସମ୍ବୋଧିତ କରିବେ। ସେଦିନ ଦେଶର ୫୦୦ ଜିଲାରେ ଏହା ପାଳିତ ହେବ। ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସମସ୍ତେ ଯୋଡିହେବେ। ଓଡ଼ିଶାର ୨୭ ଜିଲାର ୨୮ଟି ସ୍ଥାନରେ ଏକକାଳୀନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଭାଜପା ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନିତ୍ୟାନନ୍ଦ କହିଛନ୍ତି, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ପାଳନ କରାଯିବ। ରାଜ୍ୟର ଦେବଗଡ, ସମ୍ବଲପୁର, ସୁନ୍ଦରଗଡ଼, କଳାହାଣ୍ଡି, ମାଲକାନଗିରି, ରାୟଗଡା, ମୟୂରଭଞ୍ଜ, କେନ୍ଦୁଝର ଓ ଗଜପତିରେ ଆଭାସି ମାଧ୍ୟମରେ ଲୋକମାନେ ୨-ୱେ କମ୍ୟୁନିକେଶନରେ ଯୋଡ଼ି ହେବେ। ଭୁବନେଶ୍ୱରର ଜନତା ମଇଦାନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଆସନ୍ତା ପିଢ଼ିକୁ ଉତ୍ସାହିତ କରିବା ନିମନ୍ତେ ଜନଜାତି ଗୌରବ ଦିବସ ପାଳନ କରାଯିବ। ଜନଜାତି ସମାଜ ସହ ଜଡ଼ିତ ବିଭିନ୍ନ ସମସ୍ୟା ତଥା ଅନ୍ୟାନ୍ୟ ବିଷୟରେ ରାଜ୍ୟର ୭୬୬୭ ରାଜସ୍ୱ ଗ୍ରାମରେ ଗ୍ରାମସଭା, ପ୍ରଶିକ୍ଷଣ କରାଯାଇ ଆଲୋଚନା କରାଯିବ। ଏହି ଅବସରରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦିଆଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ଏଥିସହ ତାଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରାଯିବ। ପ୍ରତି ମଣ୍ଡଳ, ଜିଲା ଓ ପ୍ରଦେଶ ସ୍ତରରେ ଜନଜାତି ସମାଜର ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ୍ୟ ସମ୍ମାନିତ କରାଯିବ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସଂଗୋଷ୍ଠୀ ଓ ଭାଷଣ ପ୍ରତିଯୋଗିତା କରାଯିବ ବୋଲି ମନ୍ତ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

# ଝାଡ଼ଖଣ୍ଡ: ୪୩ ଆସନରେ ୬୬.୧୮% ମତଦାନ

## ପଶ୍ଚିମବଙ୍ଗରେ ଟିଏମ୍‌ସି ନେତାଙ୍କୁ ଗୁଳିକରି ହତ୍ୟା

**ନୂଆଦିଲ୍ଲୀ/ରାଞ୍ଚି/ୱାୟନାଡ଼, ୧୩।୧୧**

ଝାଡ଼ଖଣ୍ଡ ବିଧାନସଭାର ୮୧ ଆସନ ମଧ୍ୟରୁ ୪୩ ଆସନରେ ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ପର୍ଯ୍ୟାୟରେ ୧.୩୭ କୋଟି ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ୬୬.୧୮% ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ। ୧୫,୩୩୪ ବୁଥ୍‌କୁ ଅତି ସମ୍ବେଦନଶୀଳ ଚିହ୍ନଟ କରାଯାଇଥିଲେ ମଧ୍ୟ ଗୋଟିଏ କିମ୍ବା ଦୁଇଟି ସ୍ଥାନକୁ ଛାଡ଼ିଦେଲେ ଅନ୍ୟତ୍ର ମାଓବାଦୀଙ୍କ ହିଂସା ଦେଖିବାକୁ ମିଳିନାହିଁ। ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହେବା ସହ କଂଗ୍ରେସର ପୂର୍ବତନ ଏମ୍‌ପି ଗୀତା କୋରା ଏବଂ ରାଜ୍ୟ ସଭା ସଦସ୍ୟ ମହୁଆ ମାଜିଙ୍କ ସମେତ ୬୮୩ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ ହୋଇଯାଇଛି। ଅବଶିଷ୍ଟ ଆସନ ପାଇଁ ଆସନ୍ତା ୨୦ରେ ଭୋଟ ଗ୍ରହଣ କରାଯିବ।

ସେହିପରି ୧୦ ରାଜ୍ୟର ୩୧ ବିଧାନସଭା ଆସନ ଏବଂ କେରଳର ୱାୟନାଡ୍ ସଂସଦୀୟ ଆସନରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହୋଇଛି। ୱାୟନାଡ୍ ଆସନରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଅବତୀର୍ଣ୍ଣ ହୋଇ ନିର୍ବାଚନୀ କ୍ୟାରିୟର ଆରମ୍ଭ କରିଛନ୍ତି। ଏହି ହାଇପ୍ରୋଫାଇଲ ଆସନରେ ୬୪.୨୭% ମତଦାନ ହୋଇଥିବା ଜଣାପଡ଼ିଛି। ପୂର୍ବ ନିର୍ବାଚନ ବେଳେ ଏଠାରେ ୭୨.୯୨% ଭୋଟ ଗ୍ରହଣ କରାଯାଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୂର୍ବରୁ ୱାୟନାଡ୍‌ରୁ ପ୍ରତିନିଧିତ୍ୱ କରୁଥିବାବେଳେ ୨୦୨୪ ଲୋକ ସଭା ନିର୍ବାଚନରେ ଏହି ଆସନ ସହ ଉତ୍ତର ପ୍ରଦେଶର ରାଏବରେଲିରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେ ଉଭୟ ଆସନରୁ ବିଜୟୀ ହେବା ପରେ ୱାୟନାଡ୍ ଆସନକୁ ଛାଡ଼ିଦେଇଥିଲେ। ତାଙ୍କ ଭଉଣୀ ପ୍ରିୟଙ୍କା ଏହି ଆସନରୁ ବିଜୟୀ ହେବେ ବୋଲି ରାହୁଲ ଆଶାବାଦୀ। ବିଧାନସଭା ନିର୍ବାଚନ ହୋଇଥିବା ଅନ୍ୟ ଆସନଗୁଡ଼ିକ ମଧ୍ୟରେ ରହିଛି ରାଜସ୍ଥାନର ୭, ପଶ୍ଚିମବଙ୍ଗ ୬, ଆସାମ ୫, ବିହାର ୪, କର୍ଣାଟକ ୪, ମଧ୍ୟପ୍ରଦେଶ ୨ ଏବଂ ଛତିଶଗଡ଼, ଗୁଜରାଟ, କେରଳ, ମେଘାଳୟର ଗୋଟିଏ ଲେଖାଏ। ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାର ଭାଟପାରାରେ ନିର୍ବାଚନୀ ହିଂସାରେ ଜଣେ ଟିଏମ୍‌ସି ନେତାଙ୍କ ମୃତ୍ୟୁ ଘଟିଛି। ଅଶୋକ ଶ'ଙ୍କୁ ଏକ ଚା' ଦୋକାନରେ ଆତତାୟୀମାନେ ଗୁଳିକରି ହତ୍ୟା କରିଛନ୍ତି।

# ଅନାସ୍ଥାରେ ପଦ ହରାଇଲେ ସରପଞ୍ଚ

**ଛେଣ୍ଡିପଦା, ୧୩।୧୧ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୁଶକିଲା ସରପଞ୍ଚ ସୁଶାନ୍ତ ସାହୁ ବୁଧବାର ଅନାସ୍ଥା ଭୋଟରେ ପଦବୀ ହରାଇଛନ୍ତି। ପଞ୍ଚାୟତର ୧୩ ଜଣ ୱାର୍ଡ ସଭ୍ୟାସଭ୍ୟ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଏହି ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ୱାର୍ଡସଭ୍ୟମାନଙ୍କ କହିବା ଅନୁଯାୟୀ, ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଅନାସ୍ଥା ଭୋଟ ପାଇଁ ବୁଧବାରକୁ ଦିନ ସ୍ଥିର କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଛେଣ୍ଡିପଦା ତହସିଲଦାର ମାନସ ରାଏଙ୍କ ତତ୍ତ୍ୱାବଧାନରେ ଅନାସ୍ଥା ଭୋଟ କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ନାଏବ ସରପଞ୍ଚ ରିଲି ବିଶ୍ୱାଳଙ୍କ ନେତୃତ୍ୱରେ ସିପୁନ ବିଶ୍ୱାଳ, ସରସ୍ୱତୀ ପଲେଇ, ଅରକ୍ଷିତ ବିଶ୍ୱାଳ, କବିତା ସାହୁ, ବିନୋଦିନୀ ସାହୁ, ରଞ୍ଜିତ ସ୍ୱାଇଁ, ଦୂର ନାଏକ, ମିତା ସାହୁ, ଭଗବାନ ସାହୁ, ନମିତା ବେହେରା, ସୁରେଶ ବେହେରା, ବାସନ୍ତୀ ସାହୁ ପ୍ରମୁଖ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଭୋଟ ଦେଇଥିଲେ। ସମସ୍ତ ୧୩ ୱାର୍ଡ ସଭ୍ୟାସଭ୍ୟ ସରପଞ୍ଚଙ୍କ ବିରୋଧରେ ଭୋଟ ଦେଇଥିଲେ। ନିର୍ବାଚନ ଅଧିକାରୀ ଭାବେ ତହସିଲଦାର ରାୟ ଉପସ୍ଥିତ ଥିଲେ। ବ୍ଲକର ଅନ୍ୟ କର୍ମଚାରୀ ଓ ଜରପଡା ପୋଲିସ ସୁରକ୍ଷା ଦାୟିତ୍ୱ ତୁଲାଇଥିଲେ। ଅନାସ୍ଥା ସପକ୍ଷରେ ଯାଇଥିବା ଭୋଟ ସମ୍ପର୍କିତ ସମସ୍ତ ବିବରଣୀ ତହସିଲଦାର ଉପଜିଲାପାଳଙ୍କ ପାଖକୁ ପଠାଇ ଦେଇଥିବା ସୂଚନା ମିଳିଛି।



ଅନାସ୍ଥା ଭୋଟ ଦେଇଥିବା ୱାର୍ଡ ସଭ୍ୟାସଭ୍ୟମାନେ।

# ଖୁରିଗାଁ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା

## ଜନହିତକର ଯୋଜନାର ଅର୍ଥ ଆତ୍ମସାତ୍ ଅଭିଯୋଗ



ଉପଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ୱାର୍ଡମେମ୍ବର।

**ରାୟଗଡ଼ା, ୧୩।୧୧ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଖୁରିଗାଁ ପଞ୍ଚାୟତ ସରପଞ୍ଚ ଶ୍ୟାମସୁନ୍ଦର ମାଝିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ସରପଞ୍ଚ ମାଝି ଜନହିତକର ଯୋଜନା ଅର୍ଥ ଆତ୍ମସାତ୍ କରିଥିବା ଖୁରିଗାଁ ପଞ୍ଚାୟତ ନାଏବ ସରପଞ୍ଚ ବନିତା ନାଏକ ଓ ୧୦ ଜଣଙ୍କ ମଧ୍ୟରୁ ୬ ୱାର୍ଡମେମ୍ବର ଏହି ଅଭିଯୋଗ କରିଛନ୍ତି। ଏନେଇ ବୁଧବାର ଉପଜିଲପାଳ କଲ୍ୟାଣୀ ସଂଘମିତ୍ରାଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସରପଞ୍ଚ ମାଝିଙ୍କ ବିରୋଧରେ ବିଭିନ୍ନ ଜନ ହିତକର ଯୋଜନାର ଅର୍ଥ ଆତ୍ମସାତ୍ କରିଥିବା ଭଳି ସଙ୍ଗିନ ଅଭିଯୋଗ ଆଣିବା ସହ ପଞ୍ଚାୟତରେ ମାସିକ ବୈଠକ ନ କରିବା, ୱାର୍ଡ ମେମ୍ବରଙ୍କୁ ପଞ୍ଚାୟତ କାର୍ଯ୍ୟରେ ସହଯୋଗ ନ କରିବା, ବାର୍ଷିକ କାର୍ଯ୍ୟ ଖସଡ଼ା ନିଜ ମନମୁଖି ଭାବେ ପ୍ରସ୍ତୁତ କରିବା, ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର ଓ ଅନ୍ୟ ପ୍ରମାଣପତ୍ରରେ ପାଇଁ ଦସ୍ତଖତ କରିବାକୁ ଲାଞ୍ଚ ମାଗିବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବିନା କାର୍ଯ୍ୟରେ ବିଲ୍ କରି ୫ ଲକ୍ଷ ଟଙ୍କା ଆତ୍ମସାତ୍ କରିବା ଭଳି ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ଏହା ସହ ମାଝିଙ୍କୁ ସରପଞ୍ଚ ପଦବୀରୁ ବହିଷ୍କାର କରିବା ପାଇଁ ନିବେଦନ କରିଛନ୍ତି। ଏହି ଅଭିଯୋଗ ସମୟରେ ଅମରସିଂଗୁଡା ୱାର୍ଡମେମ୍ବର ଚନ୍ଦ୍ରାବତି ଝୋଡିଆ, ଉପରମଣ୍ଡିଝୋଲା ୱାର୍ଡମେମ୍ବର ଦିନବନ୍ଧୁ ମାଝି, ତଳମାଳିଗାଁ ୱାର୍ଡମେମ୍ବର ବସନ୍ତ ଗୌଡ଼, ପଣସପଦର ୱାର୍ଡମେମ୍ବର ଯାମି ମାଝୀ ଏବଂ ଅଡ଼ାରମାଝି ୱାର୍ଡମେମ୍ବର ଚନ୍ଦ୍ରମା ନାଏକ ଉପସ୍ଥିତ ଥିଲେ।

## ରାଜ୍ୟ ଖବର

# ମା' ତାରିଣୀଙ୍କ ହୁଣ୍ଡିରୁ ମିଳିଲା ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୬୭.୬୩୫ ଗ୍ରାମ୍ ସୁନା



**ଘଟଗାଁ (ରାଜେନ୍ଦ୍ର କୁମାର ପଟ୍ଟନାୟକ), ୧୩।୧୧:** କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା'ତାରିଣୀଙ୍କ ହୁଣ୍ଡି ଖୋଲାଯାଇ ବୁଧବାର ଗଣତି କରାଯାଇଛି। ଏଥିରୁ ୨୫ଲକ୍ଷ୮୧ ହଜାର ୬୯୦ଟଙ୍କା, ୬୭ଗ୍ରାମ୬୩୫ ମିଲିଗ୍ରାମ ସୁନା, ଏକ କେଜି ୮୧୦ଗ୍ରାମ ୭୩୦ ମିଲିଗ୍ରାମ ରୁପା ମିଳିଥିବା ଜଣାଯାଇଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜିନାଲ ଇନିସ୍‌ପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୋଲିସ କର୍ମଚାରୀ ମଦନ ମୋହନ ପୂର୍ତ୍ତି, ନଳିନୀ ମହାନ୍ତ, ଶ୍ରୀନିବାସ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ମନ୍ଦିର ବେଢା ଭିତର ଓ ବାହାରର ମୋଟ ୧୩ଟି ହୁଣ୍ଡୀ ଖୋଲାଯାଇ ଗଣତି କରାଯାଇଥିଲା। ମନ୍ଦିରର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ କୁମାର ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତରଣୀସେନ ରାଉତ ପ୍ରମୁଖଙ୍କ ସମେତ ଷ୍ଟେଟ ବ୍ୟାଙ୍କ ଶାଖା କର୍ମଚାରୀ ଉପସ୍ଥିତ ରହି ଗଣତିରେ ସହଯୋଗ କରିଥିଲେ।

**GANGADHAR MEHER UNIVERSITY, SAMBALPUR**

**TENDER NOTICE**

**1) Tender Call Notice No. 4973/GMU, Date - 13/11/2024 (For Man Power & Security Personnel)**
**2) Tender Call Notice No. 4976/GMU, Date - 13/11/2024 (for Cleaning & Sweeping Personnel)**

Bids in sealed covers are invited under two bid system from reputed agencies/service providers to provide the services for the Gangadhar Meher University, Sambalpur for Manpower / Security Personnel / Cleaning & Sweeping personnel on outsourcing basis.

Bid Documents should reach the office of the undersigned latest by **28/11/2024** upto 05.00 P.M. Other details and Quotations form are available on university website www.gmuniversity.ac.in. Any corrigendum / addendum will be published in the University website only.

The undersigned reserves the right to reject any/all quotations without assigning any reason thereof. Corrigendum if any arises will be published in University Website only.

**Sd./- Registrar**

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୨୫ ତାରିଖ: ୧୨।୧୧।୨୦୨୪**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/**websiteରେ ଅଧିସୂଚିତ ହୋଇଛି । ବିବରଣୀ ନିମ୍ନ ଅନୁଯାୟୀ ଅଟେ: **ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୪-୨୫। ଇ-ନିଲାମ ତାରିଖ: ୨୬।୧୧।୨୦୨୪। ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୪.୧୦ ଘଟିକା।** ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-780) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2024-28, ତା.08.11.2024ରିଖ

**କାର୍ଯ୍ୟର ନାମ:** 1 ବର୍ଷ ସମୟ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର/ସିଗ୍ନାଲ/ ସମ୍ବଲପୁର ଅଧିନସ୍ଥ ଝାରସୁଗୁଡ଼ା ରୋଡ଼ (JSGR)-ଗୋଦ୍ଭଗା (GBQ) ସେକ୍ସନରେ ସିଗ୍ନାଲ୍ ଜୋନାଲ କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 46,37,210.74, ବିଡ୍ ସିକ୍ୟୁରିଟି (₹): 92,800/- ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.02.12.2024 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ:** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର)/ ସମ୍ବଲପୁର
PR-721/P/24-25

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଇଇ/ଓପି/ଖଡ଼ଗପୁର, ଡିଆର୍‌ଏମ୍ ବିଲ୍ଡିଂ, ୧ମ ମହଲା, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ କାର୍ଯ୍ୟ ନିମନ୍ତେ ଦର୍ଶିତ ତାରିଖର **୧୫.୦୦ ଘଟିକା** ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା **୧୫.୩୦ ଘଟିକାରେ** ଖୋଲାଯିବ **(୧) ଇ-ଟେଣ୍ଡର ନୋଟିସ ନଂ.: ଆର୍‌ଏସ୍‌ଓ-କେଜିପି-ଏସ୍‌ଆରସି-ଆରଆରଓଓଏମ୍-୨୦୨୪, ତାରିଖ: ୧୨।୧୧।୨୦୨୪।** କାର୍ଯ୍ୟର ବିବରଣୀ: ସାନ୍ତ୍ରାଗାଛି (ଏସ୍‌ଆରସି) ରନିଂ ରୁମ୍‌ର ରକ୍ଷଣାବେକ୍ଷଣ ଯାହା ମଧ୍ୟରେ ୨ ବର୍ଷ, ଅର୍ଥାତ୍ ୭୩୦ ଦିନ ଅବଧି ପାଇଁ ବାହ୍ୟ ଏଜେନ୍ସି ଦ୍ୱାରା ଅଧିଭୋଗୀଙ୍କ ପାଇଁ ସବ୍‌ସିଡିଯୁକ୍ତ ଓ ବ୍ୟକ୍ତିଗତ ରାସନ ମିଲ୍ ପ୍ରସ୍ତୁତି ଓ ଯୋଗାଣ, ଦେଖାରଖା ସହିତ ଲିନେନ୍ ସାମଗ୍ରୀର ବିତରଣ, ରନିଂ ରୁମ୍‌ର ସଫେଇ, ଲିନେନ୍ ସାମଗ୍ରୀ ଧୋଇବା, ଉଦ୍ୟାନ କାର୍ଯ୍ୟ ଇତ୍ୟାଦି ଅନ୍ତର୍ଭୁକ୍ତ । **ଟେଣ୍ଡର ମୂଲ୍ୟ:** ₹ ୨,୪୧,୪୮,୬୧୧.୧୨ (ଜିଏସ୍‌ଟି ଅନ୍ତର୍ଭୁକ୍ତ) । **ଇ.ଏମ୍.ଡି.:** ₹୨,୭୦,୮୦୦। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦। **ଖୋଲାଯିବା ତାରିଖ:** ତା୦୯।୧୨।୨୦୨୪ରିଖ। **ସମାପ୍ତି ଅବଧି:** ୦୨ ବର୍ଷ (୭୩୦ ଦିନ) । **ଦାଖଲ ତାରିଖ:** ତା୦୯।୧୨।୨୦୨୪ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। **(୨) ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-କେଜିପି-ଏସ୍‌ଏଏନ୍‌ଡି-କେଜିପି-୩-୨୦୨୪, ତାରିଖ: ୧୨।୧୧।୨୦୨୪ ।** କାର୍ଯ୍ୟର ବର୍ଣ୍ଣନା: ଦୁଇ (୦୨) ବର୍ଷ ଅବଧି ପାଇଁ ଚବିଶ ଘଣ୍ଟା ଧରି ଆଇଏସ୍‌ଜି/ଖଡ଼ଗପୁର, ଖଡ଼ଗପୁର ୟାର୍ଡ, ନିମପୁରା ରିସେପ୍. ୟାର୍ଡ, ନିମପୁରା ଥ୍ରୁ ୟାର୍ଡ ଏବଂ ହିଜିଳିଠାରେ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ରେ ନଦୀ ବାଲିର ଯୋଗାଣ, ସଂରକ୍ଷଣ, ସ୍କ୍ରିନିଂ, ପ୍ୟାକିଂ ଓ ପୂରଣ । [ବାଲିକୁ କଣ୍ଟ୍ରାକ୍ଟରଙ୍କ ଦ୍ୱାରା ସ୍କ୍ରିନ୍ ଓ ଡ୍ରାଏ କରାଯିବ ଏବଂ ଉପଚାରିତ ବାଲିର ବିନିର୍ଦ୍ଦିଷ୍ଟତା ଏମ୍-୯୧୬-୫୧ ହେବ (କାର୍ ଓ ଲୋକୋମୋଟିଭ୍ ବାଲି)] । **ଟେଣ୍ଡର ମୂଲ୍ୟ:** ₹୧,୧୯,୭୩,୬୮୧.୬୦ (ଜିଏସ୍‌ଟି ଅନ୍ତର୍ଭୁକ୍ତ) । **ଇ.ଏମ୍.ଡି.:** ₹୨,୦୯,୯୦୦। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ। **ଖୋଲାଯିବା ତାରିଖ:** ତା୦୯।୧୨।୨୦୨୪ରିଖ। **ସମାପ୍ତି ଅବଧି:** ୦୨ ବର୍ଷ (୭୩୦ ଦିନ) । **ଦାଖଲ ତାରିଖ:** ତା୦୯।୧୨।୨୦୨୪ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍ ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-782)**

See Career Appointment on every Wednesday & Saturday

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ମାନବ ସମ୍ବଳ ପରିଚାଳନା ବିଭାଗ, ଭୁବନେଶ୍ୱର**

**ଭୁବନେଶ୍ୱର ସହରର ପୌରାଞ୍ଚଳ ମଧ୍ୟରେ ବ୍ୟାଙ୍କ୍‌ର ଅବସରପ୍ରାପ୍ତ କର୍ମଚାରୀ/ଯୋଗ୍ୟ ଆଶ୍ରିତମାନଙ୍କୁ ଡୋର ଷ୍ଟେପ୍‌ରେ ଔଷଧ ପହଞ୍ଚାଇବା ପାଇଁ କେମିଷ୍ଟ/ଷ୍ଟକିଷ୍ଟ ଚୟନ ପାଇଁ ଇ-ଟେଣ୍ଡର**

ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଏହା ପରେ "ବ୍ୟାଙ୍କ୍" ରୂପେ ଉଲ୍ଲେଖିତ), ଭୁବନେଶ୍ୱର ବ୍ୟାଙ୍କ୍‌ର ଅବସରପ୍ରାପ୍ତ ହିତାଧିକାରୀମାନଙ୍କୁ ଡୋରଷ୍ଟେପ୍ ଔଷଧ ପହଞ୍ଚାଇବା ପାଇଁ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରତିଷ୍ଠିତ ଏବଂ ଅଭିଜ୍ଞ କେମିଷ୍ଟ/ଷ୍ଟକିଷ୍ଟମାନଙ୍କଠାରୁ ଦୁଇ ଭାଗରେ (ବୈଷୟିକ ଏବଂ ଆର୍ଥିକ ବିଡ୍) ଇ-ଟେଣ୍ଡର ପାଇଁ ଆବେଦନ ଆହ୍ୱାନ କରୁଅଛି। ଟେଣ୍ଡରର ବିବରଣୀ ପାଇଁ ଦୟାକରି ଆରବିଆଇ ୱେବ୍‌ସାଇଟ୍ **(https://www.rbi.org.in)**ର "ଟେଣ୍ଡର" ବିଭାଗକୁ ଯାଆନ୍ତୁ ଏବଂ ଟେଣ୍ଡର ଅପଲୋଡ୍ କରିବା ପାଇଁ ଦୟାକରି ଏମ୍‌ଏସ୍‌ଟିସି ଇ-ପୋର୍ଟାଲ **(https://www.mstcecommerce.com/eprocn)**ରେ ପଞ୍ଜୀକରଣ କରନ୍ତୁ। ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଏହି କାର୍ଯ୍ୟର ଆନୁମାନିକ ମୂଲ୍ୟ ₹୨,୦୦,୦୦,୦୦୦/- (କେବଳ ୨ କୋଟି ଟଙ୍କା) ଅଟେ, କିନ୍ତୁ ପ୍ରକୃତ ପରିମାଣ ଭିନ୍ନ ହୋଇପାରେ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ ପରବର୍ତ୍ତୀ ପରିଶିଷ୍ଟ/ଶୁଦ୍ଧିପତ୍ର କେବଳ ଆର୍.ବି.ଆଇ. (RBI) ୱେବ୍‌ସାଇଟ୍/MSTC ଇ-ପୋର୍ଟାଲରେ ପ୍ରକାଶିତ ହେବ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭାରତୀୟ ରିଜର୍ଭ ବ୍ୟାଙ୍କ୍, ଭୁବନେଶ୍ୱର**

**OFFICE OF THE REGULATED MARKET COMMITTEE, KENDRAPARA**

At/P.o. - Jamadhar, Dist. - Kendrapara - 754211
(Ph. No. 220398(06727) / email - rmckendrapara@gmail.com / website - rmckendrapara.com)

**RFP No. : 692/RMC/2024** **Dated : 12.11.2024**

**NOTICE INVITING REQUEST FOR PROPOSAL (RFP)**

**Request for Proposal (RFP) for Selection of Agency for Supply, Installation & Commissioning of CCTV Surveillance System for Different PACS & PPC of Kendrapara District Under RMC, Kendrapara** under administrative control of Collector, Kendrapara, Dept. of Cooperation, Government of Odisha invites sealed proposals from eligible bidders for **Supply, Installation & Commissioning of 118 Nos. of CCTV Surveillance System for Different PACS & PPC of Kendrapara District under RMC, Kendrapara**. The bidders fulfilling the prescribed eligibility criteria of the RFP can access and download the complete RFP Document and other details from the website **www.kendrapara.com** & www.kendrapara.odisha.gov.in
The major events under the bid process are :

| Sl. No. | List of Key Events | Critical Dates |
|---|---|---|
| 1 | Date of availabilty of RFP document in Kendrapara District Website - www.kendrapara.com & www.kendrapara.odisha.gov.in. | By 13/11/2024 |
| 2 | Last Date for Submission of Bid | By 03/12/2024 - 5.00 P.M. |
| 3 | Date of Opening of Technical Bid | On 04/12/2024 - 11.00 A.M. |
| 4 | Date of Opening of Financial Bid | On the same day or to be intimated later |

The proposal complete in all respects must reach the undersigned by Speed Post / Registered Post / Courier only latest by 03/12/2024 before 5.00 P.M. in a sealed envelope superscribed as "REQUEST FOR PROPOSAL - Supply, Installation & Commissioning of 118 Nos. of CCTV Surveillance System for Different PACS & PPC of Kendrapara District under RMC KENDRAPARA". The proposals received beyond the last date and time will be rejected. The Tender Inviting Authority (TIA) i.e RMC, Kendrapara reserves the right to accept / reject any / all BIDS / cancel the entire selection process at any stage without assigning any reason thereof.

Address for Submission of Proposal :
**RMC (Regulated Market Committee), Kendrapara**
**At/Po - Jamadhar, Kendrapara - 754211**
**PHONE NO> - 06729-2290398**
**E MAIL : rmckendrapara@gmail.com**

**Sd./- Collector & District Magistrate, Cum-Chairman, RMC, Kendrapara**

## ସଂକ୍ଷେପରେ

### ଶୌଚ ଯାଇଥିବା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଅଭିଯୁକ୍ତ ଗିରଫ

ଲୋଇସିଂହା,୧୩।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଅଞ୍ଚଳରେ ପୁଣି ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ଜଣେ ନାବାଳିକା ଶୌଚ ଯାଇଥିବା ବେଳେ ତାଙ୍କୁ ବଳାତ୍କାର ଉଦ୍ୟମ କରାଯିବା ନେଇ ଆଗଲପୁର ଥାନାରେ ଅଭିଯୋଗ ହୋଇଛି। ପୀଡିତାଙ୍କ ଅଭିଯୋଗ ଆଧାରରେ ଆଗଲପୁର ଥାନା ବାଞ୍ଜିପାଲି ଗ୍ରାମର ବୀର କୁମ୍ଭାର(୫୫)ଙ୍କୁ ପୋଲିସ ବୁଧବାର ଗିରଫ କରିଛି । ପୀଡିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯିବା ପରେ ଅଭିଯୁକ୍ତଙ୍କୁ ବଲାଙ୍ଗୀର ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନ ସମୟରେ ନବମ ଶ୍ରେଣୀରେ ପଢୁଥିବା ଉକ୍ତ ନାବାଳିକା ଜଣକ ପୋଖରୀ ପଟକୁ ଶୌଚ ପାଇଁ ଯାଇଥିଲେ । ସେହି ସମୟରେ ଅଭିଯୁକ୍ତ ବୀର ନାବାଳିକାଙ୍କୁ ଏକାକୀ ପାଇ ଏବଂ ଟଙ୍କା ଲୋଭ ଦେଖାଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ତେବେ ନାବାଳିକା ଜଣକ କୌଶଳ କରି ଘଟଣାସ୍ଥଳରୁ ଖସି ଆସି କାନ୍ଦି କାନ୍ଦି ପରିବାର ଲୋକଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ଏହାପରେ ପୀଡିତା ପରିବାର ଲୋକଙ୍କ ସହ ଥାନାକୁ ଯାଇ ଏନେଇ ଅଭିଯୋଗ କରିଥିଲେ । ଏନେଇ ଏକ ମାମଲା (ନଂ୧୮୯।୨୪)ରୁଜୁ ହୋଇଛି । ପୀଡିତାଙ୍କ ମା' ବାପା କେହି ନ ଥିବା ବେଳେ ସେ ସମ୍ପର୍କୀୟଙ୍କ ଆଶ୍ରିତରେ ରହୁଛନ୍ତି। ଅସହାୟ ନାବାଳିକାଙ୍କ ପ୍ରତି ଏପରି ଆଚରଣ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା।

### ଶିଶୁ ସୁରକ୍ଷା ୟୁନିଟ୍‌ର ତଦନ୍ତ ଆରମ୍ଭ

**ନବଜାତ ଶିଶୁକନ୍ୟା ବିକ୍ରି ଚର୍ଚ୍ଚା ଘଟଣା**

ଲାଠୋର,୧୩।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଏକ ନବଜାତ ଶିଶୁକନ୍ୟାକୁ ତାଙ୍କ ପରିବାରବର୍ଗ ବିକି ଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା । ଏନେଇ ଖବର ପ୍ରକାଶ ପାଇବା ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଲକ୍ଷ୍ମୀ ସିଂଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ସକାଳେ ଜିଲା କୋର୍ଡିନେଟର ବିକ୍ରମ ପଣ୍ଡା ଏବଂ ବସନ୍ତ ହରପାଲ ତଦନ୍ତ ପାଇଁ ସଂପୃକ୍ତ ମହିଳାଙ୍କ ଘରକୁ ଯାଇଥିଲେ । ତାଙ୍କ ସହ ଖପ୍ରାଖୋଲ ମହିଳା ଓ ଶିଶୁ ବିକାଶ ବିଭାଗ ଲାଠୋର ସୁପରଭାଇଜର ବାସନ୍ତୀ ରଥ ମଧ ଉପସ୍ଥିତ ଥିଲେ। ପରେ ଲାଠୋର ଥାନା ଅଧିକାରୀ ରାକେଶ ବେହେରାଙ୍କ ନିର୍ଦ୍ଦେଶରେ ଏଏସଆଇ ପ୍ରଫୁଲ୍ଲ କିଶନ ସଦଳବଳେ ସେଠାରେ ପହଞ୍ଚି ଥିଲେ। ତଦନ୍ତକାରୀ ଦଳ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ତଦନ୍ତ କରିଥିଲେ। କିନ୍ତୁ ଖବର ଲେଖା ହେବା ଯାଏ ପ୍ରକୃତରେ ଶିଶୁ ବିକ୍ରି ହୋଇଛି ନା ତାକୁ ସମ୍ପର୍କୀୟଙ୍କ ହାତରେ ଟେକି ଦିଆଯାଇଛି ତାହା ତଦନ୍ତକାରୀ ଦଳ ସୁନିଶ୍ଚିତ ହୋଇପାରିନାହିଁ । ତଦନ୍ତକାରୀ ଦଳ ସମ୍ପୃକ୍ତ ମହିଳାଙ୍କୁ ପଚାରିବା ବେଳେ ସେ କହିଥିଲେ, ଆମ ପରିବାର ଆର୍ଥିକ ଅନାଟନରେ ରହିଥିବା ହେତୁ ବରଗଡ ଅଞ୍ଚଳରେ ରହୁଥିବା ସମ୍ପର୍କୀୟଙ୍କୁ ଶିଶୁକୁ ଲାଳନ ପାଳନ ପାଇଁ ଦେଇଛୁ । ତେବେ ଯେଉଁ ସମ୍ପର୍କୀୟଙ୍କୁ ଦେଇଛନ୍ତି ତାଙ୍କ ନାଁ ଓ ଠିକଣା କହି ପାରୁ ନ ଥିବାରୁ ସନ୍ଦେହ ଘନୀଭୂତ ହେବାରେ ଲାଗିଛି । ସମ୍ପୃକ୍ତ ମହିଳା ଜଣକ ୩ ଦିନ ସମୟ ଦେଲେ ଆମେ ଶିଶୁକୁ ଆଣି ଜିମା ଦେବୁ ବୋଲି ଲିଖିତ ଭାବେ ଜଣାଇଥିବା ବଲାଙ୍ଗୀର ଡିସିପିଓ ସିଂ କହିଛନ୍ତି । ୩ ଦିନ ଭିତରେ ପ୍ରକୃତରେ ଶିଶୁକୁ ଆଣି ଜିମା ଦେବେ ନା ନାହିଁ ସେନେଇ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି ।

# ଶିକାରରେ ବ୍ୟବହୃତ ବିଦ୍ୟୁତ୍ ତାର ସୃଷ୍ଟି କରୁଛି ବିପଦ

ଲାଠୋର,୧୩।୧୧(ଭୁବନେଶ୍ୱର ବାରିକ)


କନ୍ଦେଇଛାପର ଗ୍ରାମ ମୁଣ୍ଡରୁ ଜବତ ବିଦ୍ୟୁତ ତାର ଏବଂ ମଦ ବୋତଲ।

**ଶିକାରୀଙ୍କୁ କାବୁ କରିବାରେ ବନ ବିଭାଗ ବିଫଳ**

ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ(ରେଞ୍ଜ)ଅଧୀନ ବିଭିନ୍ନ ସ୍ଥାନରେ ଶିକାରୀମାନେ ବେଆଇନ ଭାବେ ବିଭିନ୍ନ ଉପାୟରେ ବନ୍ୟଜନ୍ତୁ ଶିକାର କରୁଛନ୍ତି। ସେଥିମଧ୍ୟରୁ ବିଦ୍ୟୁତ ବ୍ୟବହାର ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ମଧ ବନ ବିଭାଗ ଏହାକୁ ରୋକ ଲାଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଲାଠୋର ରେଞ୍ଜରେ ବେନ୍ଦେର-୧, ବେନ୍ଦେର-୨, ଚାନ୍ଦଲି ଏବଂ ପାଟପାଣି ଆଦି ୪ ଗୋଟି ସଂରକ୍ଷିତ ଜଙ୍ଗଲ ରହିଛି। ସେଥିମଧ୍ୟରୁ ବେନ୍ଦେର ସଂରକ୍ଷିତ ଜଙ୍ଗଲରେ ଅଧିକ ସଂଖ୍ୟାରେ ବାର୍ହା ରହିଛନ୍ତି। ବିଶେଷ କରି ସେମାନେ ଧାନ ଅମଳ ସମୟରେ ଜଙ୍ଗଲରୁ ଗାଁ ମୁହାଁ ହୋଇଥାନ୍ତି। ଏହାର ସୁଯୋଗ ନେଇ ଶିକାରୀମାନେ ବାର୍ହା ଶିକାର କରିବା ସୁଯୋଗ ହାତ ଛଡ଼ା କରୁନାହାନ୍ତି। ରେଞ୍ଜର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର କରାଯାଉଥିବା ବେଳେ ବେନ୍ଦେର ଜଙ୍ଗଲରୁ କ୍ରମାଗତ ଭାବେ ଶିକାର କରାଯାଉଛି। ଗତ ଅକ୍ଟୋବର ୨୫ ତାରିଖ ଦିନ କେତେଜଣ ଶିକାରୀ ବେଆଇନ ଭାବେ ବେନ୍ଦେର ସଂରକ୍ଷିତ ଜଙ୍ଗଲରୁ ଏକ କୁଟୁରା ଶିକାର କରି ମାଂସ ଭାଗ ବଣ୍ଟା କରି ନେଇ ଯାଉଥିବା ବେଳେ ଲୋକଙ୍କ ଠାରୁ ଖବର ପାଇ ବନ ବିଭାଗ କର୍ମଚାରୀମାନେ ଚଢାଉ କରି ୧ କେଜି ୩ ଶହ ଗ୍ରାମ କୁଟୁରା ମାଂସ ଜବତ କରିଥିଲେ । ଏହି ଘଟଣାରେ ସେବକ ବରିହା(୩୫)କୁ ଗିରଫ କରି ପାଟଣାଗଡ଼ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଗିରଫ କରାଯାଇ ପାରିନାହିଁ। ସେହିପରି ନଭେମ୍ବର ୬ ତାରିଖରେ ବେନ୍ଦେର ଜଙ୍ଗଲ ଅଞ୍ଚଳରେ ରହିଥିବା କନ୍ଦେଇଛାପର ଗ୍ରାମ ମୁଣ୍ଡରେ ଶିକାରୀମାନେ ବାର୍ହା ଶିକାର ପାଇଁ ପ୍ରାୟ ୩ କିମି ପର୍ଯ୍ୟନ୍ତ ୧୧ କେଭି ବିଦ୍ୟୁତ ତାର ବିଛେଇ ଥିଲେ । ଏ ନେଇ ଖବର ପାଇ ବନ ବିଭାଗ କର୍ମଚାରୀ ବିଦ୍ୟୁତ୍ କର୍ମଚାରୀଙ୍କ ସହଯୋଗ ଲୋଡ଼ି ସେଠାରୁ ବିଦ୍ୟୁତ୍ ତାର , ମଦ ବୋତଲ ଆଦି ଜବତ କରିଥିଲେ । ତେବେ ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ତ ଦୂରର କଥା ଅଭିଯୁକ୍ତ କିଏ ବନ ବିଭାଗ ଏପର୍ଯ୍ୟନ୍ତ ଜାଣି ପାରୁନାହିଁ। ସନ୍ଧ୍ୟା ହେଲା ମାତ୍ରେ ଶିକାରୀମାନେ ବାର୍ହା ଶିକାର ପାଇଁ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ମୁଣ୍ଡକୁ ଯାଇ ବିଦ୍ୟୁତ୍ ତାର ସଂଯୋଗ କରୁଛନ୍ତି। ଫଳରେ ଏହି ତାରରେ ସାଧାରଣ ଲୋକଙ୍କ ଜୀବନ ହାନି ହେବାର ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ଫଲଝର ଏବଂ ସୁଲିଆବାହାଲ ଗ୍ରାମ ନିକଟରେ ବାର୍ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ଜଣ ଯୁବକଙ୍କ ଅକାଳ ମୃତ୍ୟୁ ଘଟିଥିବା ନଜିର ରହିଛି। ଏନେଇ ଲାଠୋର ରେଞ୍ଜର ଶୈଳେଶ କୁମାର ବିଶିଙ୍କୁ ପଚାରିବାରେ ଏଥିପ୍ରତି କଡ଼ା ନଜର ରଖାଯାଇଛି। ଏବେ ଡ଼ାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରାଯାଉଥିବା କହିଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ଚିନ୍ମୟ


@ ରାଜା


@ ଶଙ୍କର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବୁର୍ଢ଼ାର ପ୍ରସିଦ୍ଧ କଳାସୀ ଯାତ୍ରା ସମ୍ପନ୍ନ

ଲୋଇସିଂହା,୧୩।୧୧(ସୁଶାନ୍ତ ବାରିକ)


କଳାସୀ ପୀଠରେ ପୂଜାର୍ଚ୍ଚନା କରାଯାଉଛି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଗ୍ରାମର ପ୍ରସିଦ୍ଧ କଳାସୀ ଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଯାଇଛି। ବୁର୍ଡାରେ କେଉଁ ଆବାହମାନ କାଳରୁ କାର୍ତ୍ତିକ ଏକାଦଶୀ ତିଥିରେ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଅପରାହ୍ନରେ ବସ୍ତିରେ ଥିବା କଳାସୀ କୋଠିରୁ ମୁଖ୍ୟ ଦେହୁରୀ, ବରୁଆ ଛତର, ବଇରଗ ଧରି ପୂଜା ସ୍ଥଳରେ ପହଞ୍ଚିଥିଲେ। ଛତର, ବଇରଗକୁ ସ୍ଥାପନା କରି ବହିମୁଣ୍ଡା ଯାତ୍ରା ପଡିଆକୁ ଯାଇ ବାଳିପୂଜା କରି ପୂର୍ଣ୍ଣ କଳସ ଆଣିଥିଲେ। ଏହାପରେ ପୂଜାପୀଠକୁ ଆସି ମଙ୍ଗଳାଙ୍କ ସମେତ ବୁଢାରଜା, ସାତବହନୀ, ମାଉଳୀ, ଠାକୁରାଣୀ, ହନୁମାନ, ଦୁର୍ଗା ପ୍ରଭୃତି ଦେବାଦେବୀଙ୍କୁ ଆବାହନ କରିଥିଲେ ମୁଖ୍ୟଦେହୁରୀ। ପୂଜା ସମୟରେ ପଞ୍ଚବାଦ୍ୟର ତାଳେ ତାଳେ ବରୁଆମାନଙ୍କ ଶରୀରରେ କାଳିସୀ ସବାର ହୋଇଥାନ୍ତି। ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁ ପୀଠକୁ ଯାଇ ଶ୍ରୀଫଳ, ଧୂପ , ଦୀପ , ଅର୍ଘ୍ୟ ଅର୍ପଣ କରି ମାନସିକ ରଖିଥାନ୍ତି। ଯାତ୍ରା ସମୟରେ ବରୁଆମାନେ ଛୋଟ ଛୋଟ ଶିଶୁମାନଙ୍କୁ ଧରି ଆଶୀର୍ବାଦ କରିଥାନ୍ତି । ପୀଠରେ ପୂଜା ସରିବା ପରେ ଗାଁମୁଣ୍ଡରେ ଥିବା ପଥେଇଗୁଡିଠାରେ ପୂଜାର୍ଚ୍ଚନା ହୋଇଥାଏ। ପରେ ମଧ୍ୟରାତ୍ରି ପର୍ଯ୍ୟନ୍ତ ଘର ଘର ବୁଲି କାଳିସୀ ଦୀପକୁ ବୁଲାଇବା ସହ ଘର ମୁରବୀମାନେ ତାଙ୍କ ପଦଧୌତ କରି ଆଶୀର୍ବାଦ ନେଇଥାନ୍ତି । ଘରର ଦୁଃଖକଷ୍ଟ ଦୂର କରିବାକୁ ପ୍ରାର୍ଥନା କରିଥାନ୍ତି। ଯାତ୍ରା ପୂର୍ବଦିନ ପୀଠରେ ବିଭିନ୍ନ ଅଞ୍ଚଳରୁ ବରୁଆମାନେ ସମବେତ ହୋଇ ସ୍ଥାନୀୟ ଶିବାଳୟକୁ ଯାଇ ବରପ୍ରାପ୍ତି ନେଇଥାନ୍ତି। ଉଲ୍ଲେଖଯୋଗ୍ୟ, ବୁର୍ଡା-ବାଞ୍ଜିପାଳି ରାସ୍ତାକୁ ଯାତ୍ରା ସ୍ଥାନାନ୍ତର ପରେ ଶ୍ରଦ୍ଧାଳୁଙ୍କ ଭିଡ ଜମିବାରେ ଲାଗିଛି। ଚଳିତବର୍ଷ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ । ମହିଳା ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଆଲୋକର ବ୍ୟବସ୍ଥା କରାଯାଇଥାଏ। ଏଥିପାଇଁ ଗ୍ରାମର ପ୍ରତ୍ୟେକଙ୍କ ଘରୁ ଚାନ୍ଦା ଅସୁଲ ହେଉଥିବା ବେଳେ ଆଉ କେହି କେହି ବ୍ୟକ୍ତିଗତ ଭାବେ ମୋଟାଅଙ୍କର ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ଚଳିତବର୍ଷ ଯାତ୍ରା ପଡିଆରେ ଆଲୋକର ବ୍ୟବସ୍ଥା କରା ନ ଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଡୁରେକେଲାରେ ହାତୀ ଉପଦ୍ରବ

କଣ୍ଟାବାଞ୍ଜି,୧୩।୧୧(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଧୀନ ଡୁରେକେଲା ରାଲୁ ରିଜର୍ଭ ଫରେଷ୍ଟ ଗଡଗଡବାହାଲ ଠୋଙ୍ଗୋଯୁରୀ ଅଞ୍ଚଳରେ ଗତ କିଛି ଦିନ ହେଲା ଦନ୍ତାହାତୀ ଉପଦ୍ରବ ଦେଖାଦେଇଛି। ଦନ୍ତାହାତୀଟି ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟରୁ ଚାଲି ଆସିଥିବା ବନବିଭାଗ ତରଫରୁ ସୂଚନା ମିଳିଛି। ହାତୀ ଗଡଗଡବାହାଲ ଠୋଙ୍ଗୋଯୁରୀ ଅଞ୍ଚଳରେ ଧାନ ଫସଲ ନଷ୍ଟ କରିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ମହନୀଲହ ଅଞ୍ଚଳରେ ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ହାତୀ ଆସିବାରୁ ଆଖପାଖ ଅଞ୍ଚଳର ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ପ୍ରତ୍ୟେକ ବର୍ଷ ହାତୀ ପଲ ଶୀତଦିନେ ଧାନ ଫସଲ ଖାଇବା ପାଇଁ ଡୁରେକେଲା ଅଞ୍ଚଳକୁ ଚାଲି ଆସନ୍ତି । ଦନ୍ତାହାତୀ ଆସିଥିବାରୁ କଣ୍ଟାବାଞ୍ଜି ରେଞ୍ଜ ଅଫିସର ଏସ. ସାହୁ ଏବଂ ବିଭାଗୀୟ କର୍ମଚାରୀମାନେ ସତର୍କ ଦୃଷ୍ଟି ରଖିଛନ୍ତି।

## ଟଙ୍ଗିଆ ଜାମ୍ ସନ୍ଦେଶ ଯାତ୍ରାର ପରିବେଶ ସଚେତନତା

ବଲାଙ୍ଗୀର,୧୩।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଲୋକମିତ୍ର ସଙ୍ଗଠନ ପକ୍ଷରୁ ପରିବେଶ ସଚେତନତା ପାଇଁ ଟଙ୍ଗିଆ ଜାମ୍ ସନ୍ଦେଶ ଯାତ୍ରା କରାଯାଇଥିଲା। ପରିବେଶ କର୍ମୀ ଗୋପାଳ ଚନ୍ଦ୍ର ହୋତାଙ୍କ ନେତୃତ୍ୱରେ ପରିଚାଳିତ ଟଙ୍ଗିଆ ଜାମ୍ ସନ୍ଦେଶ ଯାତ୍ରା ରଥ ବଲାଙ୍ଗୀର ସହର ତେଲିଗୋଠପଡା ରାଧାକୃଷ୍ଣ ମନ୍ଦିରରୁ ବାହାରି ସହର ପରିକ୍ରମା କରିବା ପରେ ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଧଣ୍ଡାମାଲ ଓ ବ୍ରାହ୍ମଣୀଯୋର ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ପରିବେଶ ସଚେତନତା ଓ ଜଙ୍ଗଲ ସୁରକ୍ଷା ବାର୍ତ୍ତା ଦେଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ବହୁ ସ୍ୱେଚ୍ଛାସେବୀ ଓ ପରିବେଶ କର୍ମୀ ଯୋଡି ହୋଇଥିଲେ। ଦୀର୍ଘ ୧୮ ବର୍ଷ ହେଲା ଚାଲୁ ରହିଛି। ପରିବେଶ କର୍ମୀ ହୋତା ଗାଁ ଗାଁରେ ପରିବେଶ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ବିଭିନ୍ନ ଗାଁରେ ମହିଳା ଓ ପୁରୁଷମାନେ ରଥକୁ ସ୍ୱାଗତ କରିଥିବା ଜଣାପଡିଛି।

## ଫସଲ ଜଳ ଆକଳନ ଓ ଜଳ ଖେଳ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ,୧୩।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ସଚେତନତା କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ ଗ୍ରାମର ମହିଳାମାନେ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ମୁରସିଂ ଗାଁରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡିଶା ଜୀବିକା ମିଶନ ଓ ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି(ଏଫଇଏସ) ସଂସ୍ଥା ଆନୁକୂଲ୍ୟରେ ଫସଲ ଜଳ ଆକଳନ ଓ ଜଳ ଖେଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରପିସିଏମ କୁନି ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ସହକାରୀ କୃଷି ଅଧିକାରୀ ରୋହନ ଭୋଇ ଯୋଗଦେଇ କହିଥିଲେ, ଜଳ ହେଉଛି ସର୍ବସାଧାରଣ ଓ ମୂଲ୍ୟବାନ ସମ୍ବଳ। ଏଣୁ ଜଳର ସଦ୍ ବିନିଯୋଗ କରିବା ସହ ଗାଁଗୁଡିକରେ ରବି ଋତୁରେ ଭୂପୃଷ୍ଠ ଗଚ୍ଛିତ ଜଳର ସଠିକ ଆକଳନ କରି ଫସଲ ଚୟନ କରିବା ନିତାନ୍ତ ଜରୁରୀ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ଜୀବିକା ମିଶନର ବିଏଲସି ସବ୍ୟାରାଣୀ ମହାଲିଙ୍ଗ ଓ କସ୍ତୁରୀ ତରାଇ, ଗ୍ରାମ୍ୟ କୃଷି କର୍ମୀ ମାମିନା ଦେହୁରୀ, ରଞ୍ଜିତ କରୁଆଁ ଯୋଗ ଦେଇଥିଲେ । ପ୍ରଶିକ୍ଷକ ଭାବେ ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଓ ସ୍ଥାନୀୟ କୃଷକସାଥୀ ଧନଞ୍ଜୟ ପଧାନ ଯୋଗଦେଇ ଜଳଖେଳ ମାଧ୍ୟମରେ ଜଳର ଉପଯୋଗିତା ଉପରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ସିଆରପିସିଏମ ପଦ୍ମାବତୀ ସାହୁ, ପୁଷ୍ପାଞ୍ଜଳୀ ନନ୍ଦ, କ୍ରିଷ୍ଣାମୟୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ତଥା ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ।

## ପ୍ରଭାବତୀ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଟିଟିଲାଗଡ଼,୧୩।୧୧(ଶରତ ମିଶ୍ର)

ଟିଟିଲାଗଡ ପ୍ରଭାବତୀ ପବ୍ଲିକ ସ୍କୁଲର ୩ ଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସାମାଜିକ କର୍ମୀ ଅଞ୍ଜଳି ବେହେରା, ସନ୍ତୋଷ ମହାନ୍ତି, ଶ୍ୟାମାଲତା ଅଗ୍ରୱାଲ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାକୁ ଆୟୋଜନ କରିବାରେ ସ୍କୁଲ ଅଧକ୍ଷା ଡ. ସୁନନ୍ଦା ଜଟି, ଉପାଧକ୍ଷ ପୀତାମ୍ବର ଶର୍ମା, ଡାଇରେକ୍ଟର ଏଡମିନ ଧରିତ୍ରୀ ମହାନ୍ତି, ମୁଖ୍ୟ କୋର୍ଡିନେଟର ଅନୁପମା ଚୌଧୁରୀ ଦାୟିତ୍ୱ ତୁଲାଇଥିଲେ। ଖେଳ ଶିକ୍ଷକ ଧବଳେଶ୍ୱର ଦଳ ବେହେରା, ଶତ୍ରୁଘ୍ନ ନାଏକ, ଲବ ସୁନାନି, ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଭିଭାବକମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବାଲ୍ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀରେ ୧୫୧ ପ୍ରକଳ୍ପ

ଲୋଇସିଂହା,୧୩।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁରୋମୁଣ୍ଡା ହାଇସ୍କୁଲରେ ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଦର୍ଶନୀରେ ବ୍ଲକର ବିଭିନ୍ନ ସ୍କୁଲରୁ ୧୫୧ ପ୍ରକଳ୍ପ ସ୍ଥାନିତ ହୋଇଥିଲା । ସେଥିରୁ ୭ ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ କରାଯାଇଛି । ଏଥିରେ ସଦେଇପାଲି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଧାନିଧି ମିଶ୍ର, ନୁନିଆପାଲି ଉଚ୍ଚ ବଦ୍ୟାଳୟର ଶିକ୍ଷକ ଜଗଦାନନ୍ଦ ବିଶ୍ୱାଳ, ବହଳପଦର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଯୁଧିଷ୍ଠିର ସାହୁ, କୁଡୁମଡୋଲା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅମ୍ବୁଜ କୁମାର ପଟେଲ ବିଚାରକ ଭାବେ ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ବିଇଓ ରୀନା କୁମାର ବେହେରା ଅଧକ୍ଷତା କରିଥିଲେ। ଏଥିରେ ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ ମୁଖ୍ୟଅତିଥି, ଶିକ୍ଷକ ନାରାୟଣ ମିଶ୍ର ମୁଖ୍ୟବକ୍ତା, ଓଷ୍ଟା ସଭାପତି ଅବନୀ କୁମାର ତ୍ରିପାଠୀଙ୍କ ସମେତ ସରଗାଡ, କୁଶମେଲ, କୁଶଙ୍ଗ ସରପଞ୍ଚ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଜ୍ଞାନ ପ୍ରଦର୍ଶନୀକୁ ବିଇଓ ବେହେରା ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିନୋବା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳମଣି ପଟେଲ ମୁଖ୍ୟବକ୍ତା, ଅବସରପ୍ରାପ୍ତ ଶିକ୍ଷକ ଭାଗବତିଆ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟଙ୍କଧର ଭୋଇ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।


ମେଳାରେ କୃତୀ ପ୍ରତିଯୋଗୀ।

## ରେଳ ଷ୍ଟେଶନରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ବଲାଙ୍ଗୀର,୧୩।୧୧(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ରେଳଷ୍ଟେଶନଠାରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯାଉଛି।

**ରେଳ ବିଭାଗର ମକ୍ ଡ୍ରିଲ୍‌ରେ ଅନ୍ୟ ବିଭାଗ ସାମିଲ**

ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ବୁଧବାର ବଲାଙ୍ଗୀର ରେଳ ଷ୍ଟେଶନଠାରେ ପୂର୍ଣ୍ଣାଙ୍ଗ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ (ଏନ୍‌ଡିଆରଏଫ୍), ଓଡିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା ବିଭାଗ, ରାଜ୍ୟ ସ୍ୱାସ୍ଥ୍ୟସେବା ବିଭାଗ, ରେଳ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ସ୍ଥାନୀୟ ଏନଜିଓ ଏବଂ ରେଳ ବିଭାଗର ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ରେଳ ଦୁର୍ଘଟଣା ବେଳେ ବା ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତିରେ ରେଳ ବିଭାଗ ସମେତ ଅନ୍ୟ ବିଭାଗ ଗୁଡିକ କିଭଳି ପରିସ୍ଥିତର ସଫଳ ମୁକାବିଲା କରି ଧନ ଜୀବନ ରକ୍ଷା କରିବେ ଏବଂ ସ୍ଥିତି ସାମାନ୍ୟ କରିବେ ସେନେଇ ମିଳିତ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମକ୍ ଡ୍ରିଲ ହୋଇଥିଲେ ମଧ ଦୁର୍ଘଟଣା ସମୟର ସମସ୍ତ ଜରୁରୀକାଳୀନ ପରିସ୍ଥିତିକୁ କିଭଳି ମୁକାବିଲା କରାଯିବ ସେନେଇ ସମସ୍ତ ବିଭାଗ ସମନ୍ୱିତ ଭାବେ ନିଜର ଦାୟିତ୍ୱ ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସମୟରେ ଅତ୍ୟାଧୁନିକ ଯନ୍ତ୍ରପାତି ଯଥା ରେଳ କୋଚ୍ କାଟିବା ମେଶିନ, ଅଗ୍ନି ନିର୍ବାପକ ଇତ୍ୟାଦି ବ୍ୟବହାର କରାଯାଇଥିଲା। ଯେକୌଣସି ଜରୁରୀ ପରିସ୍ଥିତିର ସଫଳ ମୁକାବିଲା କରିବା ପାଇଁ କିଭଳି ସମୟୋଚିତ ପଦକ୍ଷେପ ନିଆଯାଇ ରେଳଯାତ୍ରୀଙ୍କ ଧନ ଓ ଜୀବନ ବଞ୍ଚାଇ ହେବ ଏହା ଅଭ୍ୟାସ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ପରିଦର୍ଶନ ଓ ସମୀକ୍ଷା କରିଥିଲେ। ଏହି ଅଭ୍ୟାସରେ ରେଳବାଇ ଏବଂ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥାକୁ ଯେ କୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ମୁକାବିଲା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ସମ୍ବଲପୁର ରେଳ ମଣ୍ଡଳ ବରିଷ୍ଠ ନିରାପତ୍ତା ଅଧିକାରୀ ଏସଏସ ନାୟକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ବିଭାଗୀୟ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବଲାଙ୍ଗୀର ଅଗ୍ନିଶମ ବାହିନୀର କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ତମାଖୁ ଉତ୍ପାଦ, ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ଉପରେ ଚଢ଼ାଉ

**ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭନା ବ୍ଲକ ଅଞ୍ଚଳରେ ଜିଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ କାର୍ଯ୍ୟକାରୀ ସ୍କ୍ୱାଡ୍ ଗଠିତ ହୋଇ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୧୬ଜଣ ନିୟମ ଖିଲାପକାରୀଙ୍କଠାରୁ ସମୁଦାୟ ୪୧୦୦ ଟଙ୍କା ଜରିମାନା ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି କରୁଥିବା ୩ଜଣ ଖାଦ୍ୟ ବ୍ୟବସାୟୀଙ୍କଠାରୁ ୨୪୦୦ ଟଙ୍କା ଜରିମାନା ସଂଗ୍ରହ କରାଯାଇଛି। ଏହା ସହିତ ଜନସାଧାରଣଙ୍କୁ ଖାଦ୍ୟରେ ରଙ୍ଗ ବ୍ୟବହାର ନ କରିବା, ଖବରକାଗଜରେ ଖାଦ୍ୟ ସାମଗ୍ରୀ ନ ଦେବା ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଯାଇଛି। ମିଳିତ କାର୍ଯ୍ୟକାରୀ ସ୍କ୍ୱାଡ୍‌ରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲା ପରାମର୍ଶଦାତା ସୀତେଶ ତ୍ରିପାଠୀ, ଅବକାରୀ ବିଭାଗରୁ କନିଷ୍ଠ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଚାରାରୋପଣରେ ଅନିୟମିତତା ଅଭିଯୋଗ

**ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ଅଡ଼ଗାଁରୁ କୁରୁଆ ପଟକୁ ଯାଇଥିବା ରାସ୍ତାପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଡ଼ଗାଁ ଅଞ୍ଚଳର କିଛି ସଚେତନ ନାଗରିକ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଏହାର ତଦନ୍ତ ଦାବି କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଅଡ଼ଗାଁ-କୁରୁଆଁ ରାସ୍ତାରେ ଚାରାରୋପଣ କରାଯାଇ ଟଙ୍କା ଉଠାଯାଇଛି। କିନ୍ତୁ ରାସ୍ତାପାର୍ଶ୍ୱରେ କୌଣସି ଚାରା ରୋପଣ କରାଯାଇ ନାହିଁ। ଦାବିପତ୍ରରେ ବିକ୍ରମ ଭୋଇ, ଧନପତି ସେଟ୍, ଥବୀର ଡନସନା, ପ୍ରଶାନ୍ତ ସାହୁ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

### ଚିତ୍ରଗୁପ୍ତ ଦେବଙ୍କ ମନ୍ଦିର ଓ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜା



**ପଦ୍ମପୁର, ୧୩।୧୧ (ପ୍ରଦୀପ୍ତ ଦାଶ):** କରଣ ସମାଜର ଇଷ୍ଟ ପୂଜ୍ୟ ଦେବତା ଆର୍ଯ୍ୟଦେବ ଶ୍ରୀଶ୍ରୀଶ୍ରୀ ଚିତ୍ରଗୁପ୍ତ ଦେବଙ୍କର ମନ୍ଦିର ନିର୍ମାଣ ଓ କରଣ ସମାଜର ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବୁଧବାର ପଦ୍ମପୁର କରଣ ସମାଜ ତରଫରୁ ଭୂମିପୂଜନ ଶାସ୍ତ୍ରୀୟ ରୀତି ନୀତିରେ ଅନୁସାରେ ସମାପନ ହୋଇଯାଇଛି। ସମାଜ ପକ୍ଷରୁ ଗଡଭାଟିସ୍ଥିତ ଜମିରେ ଆର୍ଯ୍ୟଦେବଙ୍କର ମନ୍ଦିର ଓ ସମାଜର ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଏକ ପ୍ରସ୍ତାବ ଚଳିତବର୍ଷ ଆର୍ଯ୍ୟଦେବଙ୍କ ପୂଜା ଉତ୍ସବ ସମୟରେ ସର୍ବସମ୍ମତି କ୍ରମେ ଅନୁମୋଦିତ ହୋଇଥିଲା। ଶୁଭ ଲଗ୍ନାନୁଯାୟୀ ସମାଜର ସଦସ୍ୟ ଓ ଜମିଦାତା ଆଶିଷ କୁମାର ବହିଦାର ଏବଂ ସୀତାରାମ ପଟ୍ଟନାୟକଙ୍କ ଉପସ୍ଥିତିରେ ଭୂମିପୂଜନ କାର୍ଯ୍ୟ ସମାପନ ହୋଇଛି। କରଣ ସମାଜର ସଭାପତି ଶିରିଶ କୁମାର ବହିଦାର ତାଙ୍କ ସ୍ତ୍ରୀ ପଦ୍ମାଳୟା ବହିଦାର ସମାଜ ତରଫରୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଅତ୍ରାହି ଭଞ୍ଜନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ସମସ୍ତ ରୀତିନୀତି ସମ୍ପୂର୍ଣ୍ଣ ହୋଇଥିଲା।

### ଜୀବନାଶକର ପରିଚାଳନା ପାଇଁ ସଚେତନତା ରଥ




**ପଦ୍ମପୁର, ୧୩।୧୧ (ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁର ବ୍ଲକ କୃଷି ବିଭାଗ ତରଫରୁ ଜୀବନାଶକର ଠିକ ଓ ସୁପରିଚାଳନା ପାଇଁ ବୃହତ୍ତ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ଚାଷୀଙ୍କୁ ସଚେତନ କରିବା ପାଇଁ ଏକ ସଚେତନତା ରଥକୁ ବ୍ଲକ କୃଷି ଅଧିକାରୀ ଝୁମି ମେହେର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗ୍ରାମ୍ୟ କୃଷି କର୍ମୀ ପୁଷ୍ପରାଜ ସାହୁ, ଅଯୋଧ୍ୟା ଭୋଇ, ଫକୀର ଭୋଇ ବୈଷୟିକ ସହାୟକ ସୁଧିର ସାହୁ ଓ ଅନ୍ୟାନ୍ୟ ସହକର୍ମୀ ଉପସ୍ଥିତ ଥିଲେ।

# ବୀମା କ୍ଷତିପୂରଣ ନ ମିଳିଲେ ରେଲରୋକୋ

**ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)**



ଜିଲାପାଳଙ୍କୁ ଫେରାଦ ହୋଇଥିବା ସଂଯୁକ୍ତ କୃଷକ ସଙ୍ଗଠନର ପ୍ରତିନିଧିବୃନ୍ଦ।

ଚଳିତବର୍ଷର ଖରିଫ ଧାନ ଅମଳ କାର୍ଯ୍ୟ ଚାଲିଛି। ଆଉ ସପ୍ତାହକ ପରେ ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ଏହି ଜିଲାର ଅନେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏପର୍ଯ୍ୟନ୍ତ ୨୦୨୩ ମସିହା ଖରିଫ୍ ଫସଲ କ୍ଷତିର କ୍ଷତିପୂରଣ ମିଳିପାରିନାହିଁ। ଏହାକୁ ନେଇ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ତେବେ ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ସହାୟତା ନ ମିଳିଲେ ଆଗାମୀ ୧୮ ତାରିଖ ପୂର୍ବାହ୍ନ ୧୦ଟାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରେଲରୋକୋ କରାଯିବ ବୋଲି ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ଚେତାବନୀ ଦେଇଛି। ଏ ନେଇ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ସଙ୍ଗଠନ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗତବର୍ଷ ଡିସେମ୍ବରରେ ମିଗ୍‌ଜୋମ୍‌ଜନିତ ବର୍ଷା କାରଣରୁ ଜିଲାରେ ବ୍ୟାପକ ଭାବେ ଧାନଫସଲ ନଷ୍ଟ ହୋଇଥିଲା। ପ୍ରଶାସନିକ ଅଧିକାରୀମାନେ ସେତେବେଳେ କ୍ଷେତ୍ର ପରିଦର୍ଶନ କରି ଜିଲାରେ ୪୧ହଜାର ହେକ୍ଟର ଜମିର ଧାନ ଫସଲ ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ କ୍ଷତି ହୋଇଥିବା ନେଇ ଜିଲାପାଳଙ୍କୁ ରିପୋର୍ଟ ଦେଇଥିଲେ। ଜିଲାପାଳ ମଧ୍ୟ ପ୍ରଭାବିତ ଧାନଫସଲ ବାବଦକୁ ୫୮କୋଟି ଟଙ୍କାର କ୍ଷତିପୂରଣ ସହାୟତା ଯୋଗାଇଦେବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କେବଳ ୪୦୦ ହେକ୍ଟର କ୍ଷତିଗ୍ରସ୍ତ ଫସଲ ବାବଦକୁ ମାତ୍ର ୪୫ ଲକ୍ଷ ଟଙ୍କା କ୍ଷତିପୂରଣ ସହାୟତା ମିଳିଥିଲା। ଫସଲ ବୀମା ପ୍ରିମିୟମ ରାଶି ଜମାହେବା ସତ୍ତ୍ୱେ ବାକି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହାୟତାରୁ ବଞ୍ଚିତ କରାଯାଇଥିବା ଯୋଗୁ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସଂଯୁକ୍ତ କୃଷକ ସଙ୍ଗଠନ ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଆସିଥିଲା।

କ୍ଷତିପୂରଣ ସହାୟତା ଦାବିରେ ମୁଖ୍ୟ

**ସଂଯୁକ୍ତ କୃଷକ ସଙ୍ଗଠନର ଚେତାବନୀ**

ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ୧୫ ଦିନ ଧରି ତାଲାବନ୍ଦ ଆନ୍ଦୋଳନ ଚାଲିଥିବାବେଳେ ଅତାବିରା ଏବଂ ଭେଡ଼େନ ତହସିଲ କାର୍ଯ୍ୟାଳୟରେ ୧୦ ଦିନ ତାଲା ପଡ଼ିଥିଲା। ସେହିପରି ବରପାଲି ତହସିଲରେ ମଧ୍ୟ ସେତେବେଳେ ଦାବିପତ୍ର ପ୍ରଦାନ କରାଯାଇଥିବାବେଳେ ବୀମା କମ୍ପାନୀ ବିରୋଧରେ ଅନେକ ଚାଷୀ ଅତାବିରା, ବରଗଡ଼ ଏବଂ ଭେଡ଼େନ ଥାନାରେ ଏତଲା ଦେଇଥିଲେ। ସେହିପରି ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ଚାଷୀ ପ୍ରତିନିଧି ଓ ବୀମା କମ୍ପାନୀ ପ୍ରତିନିଧିଙ୍କୁ ନେଇ ଅନେକଥର ତ୍ରିପାକ୍ଷିକ ବୈଠକ ହୋଇଥିଲା। କ୍ଷତିପୂରଣ ସହାୟତା ପ୍ରଦାନ ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ଜିଲାପାଳ ମଧ୍ୟ ବୀମା କମ୍ପାନୀକୁ ତାଗିଦ୍ କରିଥିଲେ। ଏହାସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା।

ଅନ୍ୟପଟେ ରବି ଫସଲର କ୍ରପ୍‌କଟିଂ ମଧ୍ୟ କରାଯାଇ ନ ଥିଲା। ଫଳରେ ଚାଷୀମାନେ ସେତେବେଳେ ରେଲରୋକୋ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇସାରିଥିଲେ। ମାତ୍ର ପୋଲିସର ଅନୁରୋଧ ଏବଂ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବା ଯୋଗୁ ସେତେବେଳେ ରେଲରୋକୋ କରାଯାଇ ନ ଥିଲା। ରାଜ୍ୟରେ ନୂଆ ସରକାର ଆସିବା ପରେ କ୍ଷତିପୂରଣ ସହାୟତା ମିଳିବ ବୋଲି ଚାଷୀଙ୍କ ଆଶା ରହିଥିଲା। କିନ୍ତୁ ନୂଆ ସରକାର ଆସିବା ପରେ ମଧ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ମିଳିପାରି ନ ଥିବା ଯୋଗୁ ପୁଣି ଚାଷୀ ଅସନ୍ତୋଷ ତେଜି ଉଠିଛି ଏବଂ ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ କ୍ଷତିଗ୍ରସ୍ତ ଚାଷୀମାନେ ରେଲରୋକୋ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଯୁକ୍ତ କୃଷକ ସଙ୍ଗଠନର ଉତ୍ପନ୍ନ କୁମାର ଭୋଇ, ସୁଦାମ ପାତ୍ର, ସୁରେଶ ନେକାଣ୍ଡି, ବୁଦ୍ଧଦେବ ନନ୍ଦ, ଟିକେଲାଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରାବାସର ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ପଦ୍ମପୁର, ୧୩।୧୧ (ପ୍ରଦୀପ୍ତ ଦାଶ)**

ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରାବାସର ଚାରିଦିନ ଧରି ଚାଲିଥିବା ହଷ୍ଟେଲ ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ କ୍ରୀଡା ସମ୍ବନ୍ଧୀୟ ଉଦ୍‌ବୋଧନ ଦେଇଥିଲେ। ଛାତ୍ରାବାସର ଅଧୀକ୍ଷକ ପ୍ରାଧ୍ୟାପକ ଡ. ବିରଞ୍ଚି ସାହୁ ଯୋଗଦେଇ ଚାମ୍ପିୟନସ ଟ୍ରଫି ଫ୍ୟୁରିୟସ ଫାଲକନ ଗ୍ରୁପ୍‌କୁ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଅଧ୍ୟକ୍ଷ ପଣ୍ଡା ରନର୍ ଅପ୍ ଟିମ୍ ଫୋନେକ୍ସ ପ୍ରଷ୍ଟମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଓରେଞ୍ଜ କେପ ପରେଶ୍ ବିଭାର, ପର୍ପଲ୍ କେପ ସ୍ୱାଗତ ପାତ୍ର, ମ୍ୟାନ୍ ଅଫ୍ ଦି ସିରିଜ୍ ପରେଶ୍ ବିଭାର, ଇଂନିଙ୍ଗ ପ୍ଲେୟର ଅମନ୍ ଦେବତା, ହାଇଏଷ୍ଟ ରନ୍ ବିମଳ କୁମାର ପାଣ୍ଡେ, ଦୃତ ଲମ୍ବା ସିକ୍ସର ବିମଳ କୁମାର ପାଣ୍ଡେ ପାରଦର୍ଶିତା କରିଥିଲେ। ଅଧ୍ୟାପକ ସଦାନନ୍ଦ ଭୋଇ, ଜୟ କୁମାର ଭୁଏ, ପ୍ରଦୀପ ପଣ୍ଡା, ଦେବାଶିଷ ସାହୁ, ସୁବୋଧ ତ୍ରିପାଠୀ, ପୂର୍ଣ୍ଣ ମିରିଗ, ସମୀର ନାଗ, ବାଦଲ ପାଢ଼ୀ, ମିଥୁନ ମେହେର ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ




ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ସରଣ୍ଡା, ୧୩।୧୧ (ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଲହଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ବାର ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମୁଖ୍ୟ ଅତିଥି ଭାବେ ଭିସୁଟ ବୁର୍ଲାର ରସାୟନ ବିଜ୍ଞାନ ପ୍ରଫେସର ଶରତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ଧିରଜ୍ ପଟ୍ଟନାୟକ, ଏବିଇଓ କାର୍ତ୍ତିକ ବାଗ ଏବଂ ତପନ କୁମାର ଦାସ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ.ସ୍ନିଗ୍ଧାରାଣୀ ପଣ୍ଡା, ବିଦ୍ୟାଳୟ ଚେୟାରମ୍ୟାନ ଗୋପାଳ ସାହୁ, ଲହଣ୍ଡା ଗ୍ରାମପଞ୍ଚାୟତର ସରପଞ୍ଚ ଅର୍ଜୁନ ନାଏକ, ସମିତିସଭ୍ୟ ଦୁର୍ଲଭ ଭୋସାଗର ମଞ୍ଚାସୀନ ଥିଲେ। ସମୁଦାୟ ୧୪୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ହୋଇଥିବା ଆଲୋଚନାଚକ୍ରରେ ମୁଖ୍ୟବକ୍ତା ପ୍ରଫେସର ଶରତ କୁମାର ସ୍ୱାଇଁ ଆଲୋଚ୍ୟ ପ୍ରସଙ୍ଗର କୃତ୍ରିମ ବୁଦ୍ଧିମତ୍ତା-ଶିକ୍ଷା କ୍ଷେତ୍ରରେ ଏହାର ପ୍ରାସଙ୍ଗିକତା ଓ ପ୍ରୟୋଜନୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦର ଚେୟାରମ୍ୟାନ ବନମାଳି ବରିହା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ଶିକ୍ଷାପ୍ରେମୀ ଦୟାସାଗର ମେଣ୍ଡଲି, ଅତାବିରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁରେନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ବିଚାରକ ଭାବେ ସଞ୍ଜୟ କୁମାର ଖମାରୀ, ଅନିଲ ସ୍ୱବନ୍ତ, ନନ୍ଦିନୀ ପ୍ରଧାନ, ପ୍ରଦୀପ କୁମାର ମିଶ୍ର, ବନ୍ଦିତା ପ୍ରଧାନ, ଟଙ୍କଧର ପ୍ରଧାନ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସିଆରସିସି ରାଜୀବ ବିଶ୍ୱାଳ, ନନ୍ଦିଘୋଷ ଭୁଏ, ନୃପ ଭୋଇ, କିଚକ ସୁନା, ଧରମ ନାଏକ, ରଞ୍ଜନ ବାଗ, କୃତାର୍ଥ ଚନ୍ଦ୍ର ଭୁଏ, ଜୟଦେବ ନାଏକ, ସିତାପତି ପ୍ରଧାନ, କେଶବ ଛନ୍ଦ, ରଷ୍ଣୁଭ ପଣ୍ଡା, ବିଜ୍ଞାନ ଶିକ୍ଷକ ଧରମରାଜ ପ୍ରଧାନ, ସତ୍ୟବାନ୍ ସାହୁ, ପ୍ରଧାନ ଶିକ୍ଷକ ଯାଦବ ପ୍ରଧାନ ସହଯୋଗ କରିଥିଲେ। ବାଲମୁକୁନ୍ଦ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପନ୍ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗାଇସିଲେଟ୍ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା: ୧୪୨ ପ୍ରକଳ୍ପ ପ୍ରଦର୍ଶିତ

**ଗାଇସିଲେଟ, ୧୩।୧୧ (ଦୁର୍ଗାପ୍ରସାଦ ତ୍ରିବେଦୀ):** ବରଗଡ଼ ଜିଲା ଗାଇସିଲେଟ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି। ଗାଇସିଲଟେ ଏବିଇଓ/ବିଆରସିସି ନେହେରୁ ଦାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏବିଓ ଧବଳେଶ୍ୱର ବରିହା ଓ ଜୟ କୁମାର ସାହୁ ସହଯୋଗ କରିଥିଲେ। ବ୍ଲକର ସମୂହ ବିଦ୍ୟାଳୟରୁ ୧୪୨ଟି ପ୍ରକଳ୍ପ ଆସିଥିଲା। ପରୀକ୍ଷକ ଭାବେ ଡ଼ଭା ହାଇସ୍କୁଲ ପ୍ରଧାନ ଶିକ୍ଷକ ଟିକେଶ୍ୱର ପୁଟେଲ, ବଡଅନକି ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ, ଝିଟିକିର ବିଜ୍ଞାନ ଶିକ୍ଷକ ଭବାନୀଶଙ୍କର ଭୋଇ, ଜ୍ୟୋତିର୍ମୟୀ ପଟ୍ଟନାୟକ, ସୋହେଲାର ପ୍ରିୟଦର୍ଶନୀ ସେନାପତି ଓ ଜୟଶ୍ରୀ ସାହୁ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ତହସିଲଦାର ଟିକସ ମହାନନ୍ଦ, ବି.ଡି.ଓ ଲକ୍ଷ୍ମଣ ମାଝୀ, ସରୋଜଶ୍ରୀଭୁଷଣ ସାହୁ, ବିଇଓ ରାମଲାଲ ବରିହା, ଏବିଇଓ ନେହେରୁ ଦାଶ, ଡିଇଓ ରାଧାକାନ୍ତ କ୍ଷତ୍ରୀ, ଜିଲା ବିଜ୍ଞାନ ନିରୀକ୍ଷକ ଧିରେନ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଶିକ୍ଷକ ନବୀନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



@ ଚିନ୍ମୟ



@ ରାଜ୍



@ ଶଙ୍କର

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବଡ଼ ଏକାଦଶୀ ଉଦ୍‌ଯାପନୀ ପୂଜା ସମାରୋହ



ବଡ଼ ଏକାଦଶୀ ପୂଜାରେ ଉପସ୍ଥିତ ପଣ୍ଡିତ ଓ ଉପବାସଧାରୀ।

**ପଦ୍ମପୁର, ୧୩।୧୧ (ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ଶାନ୍ତିନଗର ଅନନ୍ୟା ଏକାଦଶୀ ଗ୍ରୁପ୍ ସଦସ୍ୟଙ୍କ ଦ୍ୱାରା ବଡ଼ ଏକାଦଶୀ ଉଦ୍‌ଯାପନୀ ପୂଜା ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ୧୧ ତାରିଖ ସୋମବାର ସନ୍ଧ୍ୟାରେ ଶାନ୍ତିନଗର ମହିଳା ଓ ଏକାଦଶୀ ଉପବାସ କରିଥିବା ସମସ୍ତ ସଦସ୍ୟ ଶୋଭାଯାତ୍ରାରେ ଶଙ୍ଖ ଘଣ୍ଟ ଧ୍ୱନି, ବାଜା ସହ କଳସଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ବଡ଼ବନ୍ଧରୁ କଳସରେ ପାଣି ନେଇ ପୂଜାସ୍ଥଳରେ ସ୍ଥାପନ କରିଥିଲେ। ମଙ୍ଗଳବାର ପୂଜକ ପଣ୍ଡିତ ନରେନ୍ଦ୍ର ହୋତା, ପଣ୍ଡିତ ଭକ୍ତବନ୍ଧୁ ପୁରୋହିତ ଓ ପଣ୍ଡିତ ଅଖିଳେନ୍ଦ୍ର ପୁରୋହିତଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବୁଧବାର ମଧ୍ୟାହ୍ନରେ ସମସ୍ତ ଭକ୍ତ ପ୍ରସାଦ(ଅନ୍ନଭୋଗ) ସେବନ କରିଥିଲେ। ଜଗବନ୍ଧୁ ବାବୁ, ଅନିତା ବାବୁ, ସୁରେଶ ସାହୁ, ବାସନ୍ତୀ ସାହୁ, ଚିନ୍ମୟ ପଣ୍ଡା, ଗୀତିକା ପଣ୍ଡା, କପିଳଦେବ ମାଝୀ, କଳ୍ପନା ମାଝୀ, ପ୍ରଭଞ୍ଜନ ମାଝି, ପୁଷ୍ପାଞ୍ଜଳି ମାଝୀ, ଚୂଡ଼ାମଣି ମେହେର, ଅନିତା ମେହେର, ସୁନୀଲ ସାହୁ, ମୀନାକ୍ଷୀ ସାହୁ, ଅମିୟ ପୁରୋହିତ, ଅନିତା ପୁରୋହିତ, ଝସକେତନ ବେହେରା, ତନୁଜା ବେହେରା, ସଂଯୁକ୍ତା ସାହୁ, ଚାରୁଚରଣ ମହାନ୍ତି, ଅନିତା ମହାନ୍ତି ଓ ସନ୍ତୋଷ କୁମାର ସାହା, ବବିତା ସାହା ପ୍ରମୁଖ ଏକାଦଶୀ ଉପବାସ କରିଥିଲେ। ଶାନ୍ତିନଗର ପଡ଼ାବାସୀ ପୂଜାରେ ସହଯୋଗ କରିଥିଲେ।

# ସୁଦାମ ଭୋଇ, ସୁନିତା ନାଗ ଚାମ୍ପିୟନ

**ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ**

**ପାଇକମାଳ, ୧୩।୧୧ (ବଡ଼ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ବାଳକ ବିଭାଗରେ +୨ ଛାତ୍ର ସୁଦାମ ଭୋଇ ଓ ବାଳିକା ବିଭାଗରେ +୨ ଛାତ୍ରୀ ସୁନିତା ନାଗ ଚାମ୍ପିୟନ ହୋଇଥିଲେ। ମଙ୍ଗଳବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଇକମାଳ ବ୍ଲକ ଏବିଇଓ ରାଧେଶ୍ୟାମ ମେହେର ଯୋଗଦେଇ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ବୁଧବାର ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ସଭାପତିତ୍ୱ କରିଥିଲେ। ଓଡ଼ିଆ ଅଧ୍ୟାପିକା ରଞ୍ଜିତା ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜାତୀୟ କ୍ରୀଡ଼ାବିତ୍ ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରବୀଣ କୁମାର ସାହୁ, ଧଳେନ୍ଦ୍ର ବାରିକ ଯୋଗଦେଇଥିଲେ। ଇତିହାସ ଅଧ୍ୟାପକ ମୀନକେତନ ବେହେରା ବାର୍ଷିକ କ୍ରୀଡ଼ାର ବିବରଣୀ ପଠନ କରିଥିଲେ। ନିରୁପମା ପ୍ରଧାନ ଓ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିବାବେଳେ ଶିବାନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

# ଜମି କେଳେଙ୍କାରୀର ଉଚ୍ଚସ୍ତରୀୟ ତଦନ୍ତ ହେଉ

**ଓବିସି ସୁରକ୍ଷା ମଞ୍ଚର ଦାବି**

**ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)**



ଜିଲାପାଳଙ୍କୁ ଫେରାଦ ହୋଇଥିବା ଓବିସି ସୁରକ୍ଷା ମଞ୍ଚର ପ୍ରତିନିଧିବୃନ୍ଦ।

ବରଗଡ଼ ଜିଲାରେ ଜମି କେଳେଙ୍କାରି ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ପରେ ଗୋଟିଏ ଏଭଳି ଘଟଣା ପଦାକୁ ଆସିବାରେ ଲାଗିଛି। ଜମି କେଳେଙ୍କାରି ଏବଂ ଜମି ବିବାଦ ଯୋଗୁ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ତେବେ ସାମ୍ନାକୁ ଆସିଥିବା ଜମି ବିବାଦଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ ସହ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଓବିସି ସୁରକ୍ଷା ମଞ୍ଚ ଦାବି କରିଛି। ଏହି ଦାବି ନେଇ ମଞ୍ଚର ପ୍ରତିନିଧିମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ ରହିଛି, ଡାଙ୍ଗ ଅଞ୍ଚଳରେ ଜଙ୍ଗଲ ଜମିର କିସମ ବଦଳକରି ନକଲି କାଗଜାତ୍‌ରେ ବିକ୍ରି କରାଯାଉଛି। ସେହିପରି ଖେଦାପାଲିରେ ଜଣେ ଚାଷୀଙ୍କ ଧାନ ଫସଲ ଉପରେ ମାଟି ପକାଇ ତାକୁ ସମତୁଲ କରିଦିଆଯାଇଛି। ବରଗଡ଼ ସହର ଉପକଣ୍ଠ ସାହାଜବାହାଲ(ବାରଗାଡ଼)ରେ ୨ଗୋଷ୍ଠୀ ମଧ୍ୟରେ ଚାଲିଥିବା ଜମିବିବାଦ ଥାନାରେ ପହଞ୍ଚିଛି। ଏଭଳି ଜମିବିବାଦ ଯୋଗୁ ଉପୁଜି ଆସୁଥିବା ଆଇନଶୃଙ୍ଖଳା ପରିସ୍ଥିତି ଲାଗି ଜିଲାରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଛି। ତେବେ ଉଭୟ ଖେଦାପାଲି ଏବଂ ବାରଗାଡ଼ ଗ୍ରାମରେ ପଛୁଆବର୍ଗ ଚାଷୀମାନଙ୍କ ଉପରେ ବଳପ୍ରୟୋଗ ସହିତ ଅନ୍ୟାୟ ଅତ୍ୟାଚାର କରାଯାଉଛି ବୋଲି ଓବିସି ସୁରକ୍ଷା ମଞ୍ଚ ଅଭିଯୋଗ କରିଛି।

ଏଭଳି ସ୍ଥିତିରେ ଉକ୍ତ ଜମି ବିବାଦଗୁଡ଼ିକର ବିଧିବଦ୍ଧ ତଦନ୍ତ କରାଯିବାକୁ ମଞ୍ଚ ଦାବି କରିଛି। ଏହି ଜମି ବିବାଦର ସମାଧାନ ପାଇଁ ପୋଲିସ ଏବଂ ପ୍ରଶାସନ ତ୍ୱରିତ୍ ପଦକ୍ଷେପ ନେବାକୁ ମଞ୍ଚର ଯୁବ ସଭାପତି ସରୋଜ ନାଏକ ଦାବି କରିଛନ୍ତି। ସେହିପରି ଜମିବିବାଦକୁ ନେଇ ନିର୍ଦ୍ଦୋଷଙ୍କ ବିରୋଧରେ ହୋଇଥିବା ମାମଲାଗୁଡ଼ିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ମଞ୍ଚର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁବାସ ପ୍ରଧାନ କହିଛନ୍ତି। ଉପରୋକ୍ତ ଜମି ବିବାଦଗୁଡ଼ିକର ସ୍ଥାୟୀ ସମାଧାନ କରା ନ ଗଲେ ଆଗକୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ମଞ୍ଚର କାର୍ଯ୍ୟକର୍ତ୍ତା ପାଣ୍ଡବ କର୍ଣ୍ଣ ଏବଂ ଭବାନୀ ସାହୁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀପତି ଭୋଇ, କିଶୋର ସାହୁ, ସ୍ୱରୂପ ଭୋଇ, ଆନନ୍ଦ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, ସୁଖଦେବ ପ୍ରଧାନ, ଅଜିତ୍ ପ୍ରଧାନ, ଚକ୍ର ପ୍ରଧାନ, ସୁଜାତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀ।

# ବ୍ଲକ୍‌ସ୍ତରୀୟ ସର୍ଗିଫୁଲ ମହୋତ୍ସବ

ବଡ଼ଗାଁ, ୧୩।୧୧ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଜରଙ୍ଗଲୋଇ ନିକଟ ଦେଓକରଣପୁର ହାଇସ୍କୁଲ ପରିସରରେ ବୁଧବାର ସର୍ଗିଫୁଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ ବ୍ଲକ୍‌ର ୪ଟି ଅନୁସୁଚିତ ଜାତି ଓ ଜନଜାତି ବିଭାଗୀୟ ବିଦ୍ୟାଳୟର ୧୨୦ ଜଣ ଛାତ୍ରୀଛାତ୍ର ମହୋତ୍ସବରେ ଅଂଶଗ୍ରହଣ କରିଥିଲେ। ୧୨ଟି କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସରେଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ବଡ଼ଗାଁ ବିଡିଓ ସୁମତି ପଣ୍ଡା ଓ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତୀ ଗରଡିଆ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲୀପ କୁମାର ମାଝୀ ସଭାପତିତ୍ୱ କରିଥିଲେ। ହାଇସ୍କୁଲର ଛାତ୍ରୀ ସ୍ନେହା କାଙ୍ଗାଡି ଓ ଛାତ୍ର ପୀତାମ୍ବର ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ଆୟୋଜକ ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଆହତ ମହିଳା ମୃତ

ବଡ଼ଗାଁ, ୧୩।୧୧ (ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଥାନା ଅନ୍ତର୍ଗତ ଶଙ୍କରାପୋଷ ଗାଁ ନିକଟରେ ଗତ ୧୦ ତାରିଖରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ଆହତ ମହିଳାଙ୍କ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲା ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କାଦୋପଡା ଗ୍ରାମର ଜାନକୀ କିରୋ (୩୫) ଗତ ୧୦ ତାରିଖରେ ନିଜର ଭାଇ ସ୍ୱପ୍ନେ ପ୍ରଧାନଙ୍କ ସହିତ ବାଇକରେ ବରଙ୍ଗାକଛାର ଯାଉଥିବା ବେଳେ ଖସିପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ବଡ଼ଗାଁ ଓ ପରେ ସୁନ୍ଦରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାଉରକେଲା ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

## ଗିରଫ ଶିକ୍ଷକ ଚାକିରିରୁ ନିଲମ୍ବିତ

କୁଆଁରମୁଣ୍ଡା, ୧୩।୧୧ (ମହେନ୍ଦ୍ର କୁମାର ସାହୁ)

ଜମି କିଣାବିକାରେ ମଧ୍ୟସ୍ଥି ଓ ଠକେଇ ଅଭିଯୋଗରେ ଝିରପାଣି ଥାନାରେ ଗିରଫ ହୋଇଥିବା ଶିକ୍ଷକ ରୋହିତ କୁମାର ତ୍ରିପାଠୀ(୪୭)ଙ୍କୁ ମଙ୍ଗଳବାର କୁଆଁରମୁଣ୍ଡା ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପଧାନ ଚାକିରୀରୁ ନିଲମ୍ବିତ କରିଛନ୍ତି। ଚାକିରୀ କାଳରେ ଠକେଇ ଓ ମଧ୍ୟସ୍ଥି ଭଳି ବେଆଇନ କାର୍ଯ୍ୟ ଯୋଗୁ ସେ ଗିରଫ ହୋଇଥିଲେ। ଚାକିରୀ ନିୟମାବଳୀକୁ ଉଲ୍ଲଘଂନ କରିବା ଅଭିଯୋଗରେ ସମ୍ପୃକ୍ତ ଶିକ୍ଷକ ତ୍ରିପାଠୀଙ୍କୁ ଚାକିରୀରୁ ନିଲମ୍ବିତ କରାଯାଇଥିବା କୁଆଁରମୁଣ୍ଡା ବିଇଓ ପଧାନ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ବିନ୍ଦ୍ୟ



@ ରାଜ୍



@ ଶଙ୍କର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ତମାଖୁ ଉତ୍ପାଦ, ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି ଉପରେ ଚଢ଼ାଉ

ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭନା ବ୍ଲକ ଅଞ୍ଚଳରେ ଜିଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ କାର୍ଯ୍ୟକାରୀ ସ୍କ୍ୱାଡ୍ ଗଠିତ ହୋଇ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୧୬ଜଣ ନିୟମ ଖିଲାପକାରୀଙ୍କଠାରୁ ସମୁଦାୟ ୪୧୦୦ ଟଙ୍କା ଜରିମାନା ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି କରୁଥିବା ୩ଜଣ ଖାଦ୍ୟ ବ୍ୟବସାୟୀଙ୍କଠାରୁ ୨୪୦୦ ଟଙ୍କା ଜରିମାନା ସଂଗ୍ରହ କରାଯାଇଛି। ଏହା ସହିତ ଜନସାଧାରଣଙ୍କୁ ଖାଦ୍ୟରେ ରଙ୍ଗ ବ୍ୟବହାର ନ କରିବା, ଖବରକାଗଜରେ ଖାଦ୍ୟ ସାମଗ୍ରୀ ନ ଦେବା ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଯାଇଛି। ମିଳିତ କାର୍ଯ୍ୟକାରୀ ସ୍କ୍ୱାଡ୍‌ରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପରମେଶ୍ୱର ନାଏକ, ଜିଲା ପରମର୍ଶଦାତା ସୀତେଶ ତ୍ରିପାଠୀ, ଅବକାରୀ ବିଭାଗରୁ କନିଷ୍ଠ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନମେଳାରେ ୩୨୦ ପ୍ରକଳ୍ପ ପ୍ରଦର୍ଶିତ





ମଞ୍ଚାସୀନ ଅତିଥିମାନେ।

ହେମଗିର, ୧୩।୧୧ (ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ୍ କନକତୁରା ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ବ୍ଲକ୍ ସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ହେମଗିର ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ସା ଯୋଗଦେଇ ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମେଳାରେ ୭ଟି ବିଭାଗର ୩୨୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ଡିଇଓ ଅମୂଲ୍ୟ କୁମାର ପ୍ରଧାନ, ଏବିଇଓ କିଶୋର କୁମାର ଅକ, ଏବିଇଓ କପିଳ ଚନ୍ଦ୍ର ଦାସ, ହେମଗିର ବିଟିଏ ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲ, ହେମଗିର ବିଏସ୍‌ଏସ୍ ଶିକ୍ଷକ ସଂଘର ସଭାପତି ପୁହ୍ଲାନନ୍ଦ ପଧାନ, ଜିଲା ପରିଷଦ ସଭ୍ୟା ମହିମା ସେଠ, ସରପଞ୍ଚ ମଙ୍ଗଳାବତି ଓରାମ, ସମିତି ସଭ୍ୟ କିଶୋର ଭୋଇ, କନକତୁରା ସ୍କୁଲର ପ୍ରଧାନ ଶିକ୍ଷକ ମିତ୍ରଭାନୁ ନାଏକ, ଏସଏମସି ସଭାପତି ରାଜେଶ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୁଶ୍ରୀ ସଙ୍ଗୀତା ପାଢ଼ୀ, ସ୍ୱର୍ଣ୍ଣମୟୀ ବୈଶାଳ ଓ ସୁଶୀଲ ପୋଢ଼ ମଞ୍ଚ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ହେମଗିର ବ୍ଲକ୍‌ର ସମସ୍ତ ସିଆର୍‌ସିସିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗନେବେ। ଏହି ମେଳାକୁ ପରିଚାଳନା କରିବା ପାଇ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଗ୍ରାମବାସୀ ଉପସ୍ଥିତ ରହି ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଚାରାରୋପଣରେ ଅନିୟମିତତା ଅଭିଯୋଗ

ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଅଡ଼ଗାଁରୁ କୁରୁଆ ପଟକୁ ଯାଇଥିବା ରାସ୍ତାପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଡ଼ଗାଁ ଅଞ୍ଚଳର କିଛି ସଚେତନ ନାଗରିକ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଏହାର ତଦନ୍ତ ଦାବି କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଅଡ଼ଗାଁ-କୁରୁଆଁ ରାସ୍ତାରେ ଚାରାରୋପଣ କରାଯାଇ ଟଙ୍କା ଉଠାଯାଇଛି। କିନ୍ତୁ ରାସ୍ତାପାର୍ଶ୍ୱରେ କୌଣସି ଚାରା ରୋପଣ କରାଯାଇ ନାହିଁ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସୁନ୍ଦରଗଡ଼ ସରକାରୀ ମହିଳା କଲେଜ ପରିଦର୍ଶନ





ସୁନ୍ଦରଗଡ, ୧୩।୧୧ (ଜୟ ନାରାୟଣ ମେଣ୍ଡୁଲି)

ଉଚ୍ଚ ଶିକ୍ଷା, ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂରଜ ଛାତ୍ରୀମାନଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ନୂତନ ଶିକ୍ଷକ ନୀତି -୨୦୨୦ ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଯଥା- ଖେଳ ପଡିଆ, ନୂତନ ହଷ୍ଟେଲ ନିର୍ମାଣ, କ୍ୟାଣ୍ଟିନ,ଅଧିକ ଶ୍ରେଣୀ ଗୃହ,ସ୍ମାର୍ଟ ବୋର୍ଡ, କମ୍ପ୍ୟୁଟର ଏବଂ ମହାବିଦ୍ୟାଳୟରେ ଖାଲି ପଡିଥିବା ବିଭାଗ ପଦବୀ ପୂରଣ ଦିଗରେ ଛାତ୍ରୀମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ଏଦିଗରେ ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା କୁସୁମ ଟେଟେ, ମହାବିଦ୍ୟାଳୟର ସମସ୍ତେ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲିରେ ବିଜ୍ଞାନ ମେଳା



ଅତିଥିମାନେ ପ୍ରକଳ୍ପ ବିଷୟରେ ପଚାରି ବୁଝୁଛନ୍ତି।

ସୁନ୍ଦରଗଡ, ୧୩।୧୧ (ଜୟ ନାରାୟଣ ମେଣ୍ଡୁଲ)

ଲେଫ୍ରିପଡା ବ୍ଲକ ଦର୍ଲିପାଲି ସ୍ଥିତ ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏନଟିପିସି ଦର୍ଲିପାଲି ପ୍ରୋଜେକ୍ଟ ମୁଖ୍ୟ ରାମ ଭଜନ ମଲିକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଏନଟିପିସି ଦର୍ଲିପାଲି ପ୍ରୋଜେକ୍ଟର ସହକାରୀ ସାଧାରଣ ପରିଚାଳିକା ପ୍ରତିଭା ସିଂ (ମାନବ ସମ୍ବଳ), ଏଚଆର ସମୀର ଭଞ୍ଜ, ଲେଫ୍ରିପଡ଼ା ବ୍ଲକ ଶିକ୍ଷା ଅଧିକାରୀ ସୁଶ୍ରୀ ନୈନା କୁଜୁର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚମ୍ପେଶ୍ୱର ବାଗ ଓ ଦର୍ଲିପାଲି ସରପଞ୍ଚ ନଳିନୀ କୁମୁରା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୭ ଟି ବିଭାଗର ୨୪୦ଟି ପ୍ରୋଜେକ୍ଟ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ନାଏକ, ଆଲୁମନି ମେମ୍ବର ସୁନ୍ଦରମଣି ପଟେଲ ଓ କୁମୁଦ ଚନ୍ଦ୍ର ପଟେଲଙ୍କୁ ଉତ୍ତରୀୟ ଓ ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଚାରକ ମଣ୍ଡଳୀ ପ୍ରତ୍ୟେକ ଷ୍ଟଲକୁ ଯାଇ ବିଭିନ୍ନ ବିଭାଗରେ ଭଲ ପ୍ରଦର୍ଶିତ କରିଥିବା ଅଳକା ନାଏକ, ସୋନିଆ ବାଘେଲ, ସାଇ ଶୃତିକା, ଆଞ୍ଚଳ ଅଗ୍ରୱାଲ, ଗୁଡି ପାଣ୍ଡେ ଓ ଆଦ୍ୟାସା ବେହେରାଙ୍କୁ ଚୟନ କରିଥିଲେ। ଆଗାମୀ ଦିନରେ ଏହି ଛାତ୍ରୀମାନେ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗନେବେ। ଉଦ୍‌ଯାପନୀ ଉତ୍ସବରେ ଲେଫ୍ରିପଡ଼ା ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନିଲ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ବିଜୟାଲକ୍ଷ୍ମୀ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ, ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ତଥା ବିଶେଷ କରି ଦର୍ଲିପାଲି ଗ୍ରାମବାସୀ ସହଯୋଗ କରିଥିଲେ।

## ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ: ୩ ଆହତ

ବଡ଼ଗାଁ, ୧୩।୧୧ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପାମରା ଗ୍ରାମରେ ବୁଧବାର ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ପକ୍ଷର ୩ ଜଣ ଆହତ ହୋଇଛନ୍ତି। ବଡ଼ଗାଁ ଥାନା ପୋଲିସ ଉଭୟ ଗୋଷ୍ଠୀଙ୍କ ଅଭିଯୋଗକୁ ଆଧାର କରି ୨ଟି ପୃଥକ ମାମଲା ରୁଜୁ କରିଛି। ଘର ନିକଟରେ ଥିବା ଜମିକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହିଥିବା ବେଳେ ବୁଧବାର ମାରପିଟ ହୋଇଥିଲା। ଘଟଣାରେ ରେବତୀ ବେହେରାଙ୍କ ଅଭିଯୋଗକୁ ଆଧାର କରି ବଡ଼ଗାଁ ପୋଲିସ ଦିପ୍ତିମୟୀ ବେହେରା, ଜନ୍ମଜୟ ବେହେରା ଦେବାନନ୍ଦ ଦାସ, ଇଶର ଚନ୍ଦ୍ର ସାହୁ ଓ ସଚିନ ଦାସଙ୍କ ନାମରେ ମାମଲା ରୁଜୁ କରିଛି। ସେହିଭଳି ଦିପ୍ତିମୟୀ ବେହେରାଙ୍କ ଅଭିଯୋଗ ଆଧାରରେ ପୋଲିସ ରେବତୀ ବେହେରା, ହେମନ୍ତ ବେହେରା, ଦୁଷ୍ମନ୍ତ ବେହେରା ଓ ନବୀନ କିଶୋର ସ୍ୱାଇଁଙ୍କ ନାମରେ ମାମଲା ରୁଜୁ କରିଛି। ତେବେ ଏହି ମାରପିଟ ଘଟଣାରେ ରେବତୀ ହେମନ୍ତ ଓ ନବିନ ଆହତ ହୋଇଥିବା ସୂଚନା ମିଳିଛି।

# କଳ୍ପନାକୁ ବିଜ୍ଞାନ ବାସ୍ତବ ରୂପ ଦେଇଥାଏ

ବଡ଼ଗାଁ, ୧୩।୧୧ (ଅଶୋକ ଷଡ଼ଙ୍ଗୀ)





ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଯୋଗଦେଇଥିବା ଅତିଥି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ବରଙ୍ଗାକଛାର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ବଡ଼ଗାଁ ବ୍ଲକ ଅଧ୍ୟକ୍ଷ ପରମାନନ୍ଦ ବାଗ ମୁଖ୍ୟ ଅତିଥି ଓ ବରଙ୍ଗାକଛାର ଯୁକ୍ତ ଦୁଇ କଲେଜର ଅଧ୍ୟକ୍ଷ ନବୀନ ଚନ୍ଦ୍ର ନାଏକ, ଶିକ୍ଷାବିତ ଅଶୋକ କୁମାର ଦାସ, ବିଇଓ ଶାନ୍ତି ମୁନି ସୁରେଖା ହରୋ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ନବୀନ ଚନ୍ଦ୍ର ନାଏକ କହିଥିଲେ, ଯେଉଁଠାରେ ଆମେ ପହଞ୍ଚି ପାରିନଥାଉ ସେଠି ପହଞ୍ଚିଥାଏ ବିଜ୍ଞାନ। ବିଜ୍ଞାନ ଦ୍ୱାରା ସବୁ ସମ୍ଭବ। ଯେଉଁ ଦେଶ ବିଜ୍ଞାନରେ ଯେତେ ବିକଶିତ ସେହି ଦେଶ ସେତେ ସମୃଦ୍ଧ। ଏହିଭଳି ବିଜ୍ଞାନ ମେଳା ଦେଶର ବିକାଶରେ ସହାୟକ ହୋଇଥାଏ। ଶିକ୍ଷାବିତ ଅଶୋକ କୁମାର ଦାସ ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା ଉପରେ ଆଲୋଚନା କରିଥିଲେ। କଳ୍ପନାକୁ ବିଜ୍ଞାନ ବାସ୍ତବରୂପ ଦେଇଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ପରମାନନ୍ଦ ବାଗ ସମୃଦ୍ଧ ଦେଶ ଗଠନରେ ଶିକ୍ଷକଙ୍କ ଗୁରୁଦାୟିତ୍ୱ ଓ ଭୂମିକା ଉପରେ ବୁଝାଇ କୁନି ବୈଜ୍ଞାନିକମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଛାତ୍ରୀମାନେ ଦେଶାତ୍ମବୋଧକ ନୃତ୍ୟ ନାଟିକା ପରିବେଷଣ କରିଥିଲେ। ଏହାପରେ ଅତିଥିମାନେ ଫିତା କାଟି ବାଲ ବୈଜ୍ଞାନିକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହିତ କୁନି ବୈଜ୍ଞାନିକଙ୍କୁ ଭେଟି ପ୍ରକଳ୍ପ ଉପରେ ପଚାରିବୁଝିଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁନ୍ଦରଗଡ ମେଡିକାଲ କଲେଜର ଏଚଓଡି ଧାନେଶ୍ୱରି ଜେନା, ବିଡିଓ ସୁମତି ପଣ୍ଡା, ଭୋଇପାଲି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ସୁନୀଲ ମୁର୍ମୁ , ବ୍ଲକ ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର୍ ମାଝୀ, ଡାକ୍ତର ଶୁଭାଙ୍କାକ୍ଷି ଗୋଖରା, ଡାକ୍ତର ଅଞ୍ଜଳୀ କେରକେଟା ଯୋଗଦେଇ ବିଜ୍ଞାନ ଓ ଗବେଷଣା ସମ୍ବନ୍ଧୀୟ ଆଲୋଚନା କରିଥିଲେ। ଅତିଥିମାନେ ବିଭିନ୍ନ ଦୃଷ୍ଟାନ୍ତ, ଉଦାହରଣ ମାଧ୍ୟମରେ ପିଲାଙ୍କୁ ମାର୍ଗ ଦର୍ଶକ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ। ବରଙ୍ଗାକଛାର ଯୁକ୍ତ ୨ କଲେଜର ଅଧ୍ୟାପକ ପ୍ରଦୀପ କୁମାର ପୃଷେଟ, ସୁଧାଂଶୁ ଭୂଷଣ ବେହେରା, ହିରନ୍ୟ କୁମାର୍ ମହନ୍ତ, ଚନ୍ଦନ କୁମାର ଜେନା, ମୁକ୍ତା ଟିଗା, ତୁଡାଲଗା ଯୁକ୍ତ ୨ କଲେଜର ଅଧ୍ୟାପିକା ବବିତା ନାଏକ, ବଡ଼ଗାଁ ଯୁକ୍ତ ୨ କଲେଜର ଅଧ୍ୟାପକ ନିରଜ କୁମାର୍ ପଟେଲ, ରାଜଗାଙ୍ଗପୁର ଗୋପବନ୍ଧୁ ହାଇସ୍କୁଲର ଶିକ୍ଷକ ଉଜ୍ଜଳ ହରୋ, ରାଜଗାଙ୍ଗପୁର ରାଷ୍ଟ୍ରୀୟ ବିଦ୍ୟାଳୟର ଶିକ୍ଷକ ଗିରିଶ ଚନ୍ଦ୍ର ରାଉତ, ରାଜଗାଙ୍ଗପୁର ମ୍ୟୁନିସିପାଲଟି ଗାନ୍ଧୀ ବାଳିକା ବିଦ୍ୟାଳୟର ଶିକ୍ଷକ ମିଥୁନ ସ୍ୱାଇଁ, ଲାଞ୍ଜିବେର୍ଣ୍ଣା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅମିତ ରାଜ ନାଏକ, କାଂଶବହାଲ ପଞ୍ଚାୟତ ହାଇସ୍କୁଲର ଶିକ୍ଷୟିତ୍ରୀ ନମ୍ରତା ଦେ, ପାନପୋଷ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଷମା ଟେଟେ, ବଡ ଗୁଡ଼ିଆଲି ହାଇସ୍କୁଲର ଶିକ୍ଷୟିତ୍ରୀ ସୁପ୍ରଭା ନାୟକ ଚୟନକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବରଙ୍ଗାକଛାର ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବରଙ୍ଗାକଛାର ଯୁକ୍ତ ୨ କଲେଜର ଅଧ୍ୟାପକ ସୁବ୍ରତ କୁମାର୍ ମିଶ୍ର ଓ ତୁଡାଲଗା ଯୁକ୍ତ ୨କଲେଜର ଅଧ୍ୟାପକ ସରୋଜ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସୁବାଷ ଚନ୍ଦ୍ର ମହନ୍ତ, ମଞ୍ଜୁଲତା ସାମନ୍ତରାୟ, ରାଜ କୁମାର୍ ଓରାମ, ରାହୁଲ ରାଜ ବେହେରା ଓ ବରଙ୍ଗାକଛାର ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସିଆରସିସି ଉପସ୍ଥିତ ଥିଲେ।

# ଦୁଃସାହସିକ ଅଘୋରୀ ନୃତ୍ୟ ମୁଖ୍ୟ ଆକର୍ଷଣ




ଶୋଭାଯାତ୍ରାରେ ପ୍ରଦର୍ଶିତ ଅଘୋରୀ ନୃତ୍ୟ।

- ରାଧାକୃଷ୍ଣଙ୍କ ପ୍ରତିମା ନଗର ପରିକ୍ରମା
- ରାହାସ ପୂଜା ନିମନ୍ତେ ଶୋଭାଯାତ୍ରା
- ସାମିଲ ହେଲେ ହଜାର ହଜାର ଲୋକ

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର)**

ପୂର୍ଣ୍ଣିମା ଅବସରରେ ଶୁଭାରମ୍ଭ ହେବାକୁ ଥିବା ଦେବଗଡର ପ୍ରସିଦ୍ଧ ପବିତ୍ର ରାହାସ ପୂଜା ପାଇଁ ଦେବଗଡ ପୌରାଞ୍ଚଳ ଭିତିରିଆସାହିସ୍ଥିତ ଗୋପୀ କିଶୋର ଆସୋସିଏଶନ୍ ରାହାସ ପୂଜା କମିଟି ପକ୍ଷରୁ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ରାହାସ ପୂଜା ମଣ୍ଡପ ନିକଟରୁ କମିଟି ସଭାପତି ବିବେକାନନ୍ଦ ଦାସ, ଉପ ସଭାପତି ସୁଶାନ୍ତ ନାୟକ, ସମ୍ପାଦକ ବିକାଶ ନାୟକ, ସହ ସମ୍ପାଦକ ବାଦଲ ଦାସ ଓ କୋଷାଧ୍ୟକ୍ଷ ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଘଣ୍ଟବାଦ୍ୟ, ସଂକୀର୍ତ୍ତନ, ରନିଂ ମେଲୋଡି, ରେକର୍ଡ ଡ୍ୟାନ୍ସ ଓ ଡିଜେ ସାଉଣ୍ଡ ସମେତ ବିଭିନ୍ନ ଆକର୍ଷଣ ମେଢ, କଳାକୁଞ୍ଜ ଓ ଅଭିନବ ଅଘୋରୀ ନୃତ୍ୟର ତାଳେ ତାଳେ ହଜାର ହଜାର ଲୋକଙ୍କ ଗହଣରେ ଏକ ପୁଷ୍ପ ସୁସଜ୍ଜିତ ଯାନରେ ମହାପ୍ରଭୁ ଶ୍ରୀକୃଷ୍ଣ ଓ ରାଧାଙ୍କ ଯୁଗଳ ମୂର୍ତ୍ତୀଙ୍କୁ ନଗର ପରିକ୍ରମା କରାଇଥିଲେ। ଶୋଭାଯାତ୍ରା ସମୟରେ ବିଭିନ୍ନ ସାହି ଗଳିରେ ମହାପ୍ରଭୁ ଶ୍ରୀକୃଷ୍ଣ ଓ ରାଧାଙ୍କ ଯୁଗଳ ମୂର୍ତ୍ତିଙ୍କୁ ଜନସାଧାରଣଙ୍କ ଦ୍ୱାରା ସ୍ୱାଗତ କରାଯାଇଥିବା ବେଳେ ଅଘୋରୀ ନୃତ୍ୟ ଦଳ ପକ୍ଷରୁ ଦୁଃସାହସିକ ଅଗ୍ନି କ୍ରୀଡା ପ୍ରଦର୍ଶୀତ ହୋଇଥିଲା। ଯାହାକି ଆକର୍ଷଣର ମୁଖ୍ୟ କେନ୍ଦ୍ରବିନ୍ଦୁ ସାଜିବା ସହ ଏହି ଦୃଶ୍ୟକୁ ଉପଭୋଗ କରିବା ନିମନ୍ତେ ହଜାର ହଜାର ଲୋକଙ୍କ ଭିଡ ଜମିଥିଲା। ଶୋଭାଯାତ୍ରା ପରେ ରାତିରେ ରାଧାଙ୍କ ଯୁଗଳ ମୂର୍ତ୍ତୀଙ୍କୁ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାରେ ପୂଜା କମିଟି ସହ କୋଷାଧ୍ୟକ୍ଷ ପ୍ରତୀକ ନାୟକ, ସାଂସ୍କୃତିକ ସମ୍ପାଦକ ପ୍ରଭାତ କୁମାର ସାହୁ ଓ ସହ ସାଂସ୍କୃତିକ ସମ୍ପାଦକ ମୋହନ ଦେହୁରୀଙ୍କ ସମେତ ସମସ୍ତ ସଦସ୍ୟ, ଉପଦେଷ୍ଟା ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଅନ୍ୟବର୍ଷ ତୁଳନାରେ ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣ କରିବା ନିମନ୍ତେ କମିଟି ପକ୍ଷରୁ ସାଜସଜ୍ଜା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ସହରର ବିସ୍ତୃତ ଅଞ୍ଚଳକୁ ବିଦ୍ୟୁତ୍ ଆଲୋକରେ ସଜ୍ଜିତ କରାଯାଇଛି। ସେହିପରି ପୂଜା ଅବସରରେ ଜନସାଧାରଣଙ୍କ ମନୋରଞ୍ଜନ ନିମନ୍ତେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କାର୍ଯ୍ୟକ୍ରମ ରହିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ଚିନ୍ମୟ



@ ରାଜା



@ ଶଙ୍କର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ରସି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର,୧୩।୧୧(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅନ୍ତର୍ଗତ ଅଇଁଠାପାଲି ଗ୍ରାମରେ ସୋମବାର ବିଳମ୍ବିତ ରାତ୍ରିରେ ଯୁବକ ଘରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଲୋକନାଥ କଲୋ(୪୨)। ପାରିବାରିକ ଅଶାନ୍ତି ଲାଗି ରହିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିପାରିଛି। ଖବର ପାଇ ରାମପୁର ଫାଣ୍ଡି ଅଧିକାରୀ ସୁଦର୍ଶନ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ପ୍ରଜାପତି ବ୍ରହ୍ମାକୁମାରୀ ପକ୍ଷରୁ ଜନଜାଗରଣ ସଭା



**ଝାରସୁଗୁଡ଼ା,୧୩।୧୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ପ୍ରଜାପତି ବ୍ରହ୍ମାକୁମାରୀ ପକ୍ଷରୁ ମନମୋହନ ସ୍କୁଲ ପଡିଆରେ ଏକ ବିଶାଳ ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜାତୀୟସ୍ତରର ବକ୍ତା ଶିବାନି ଦିଦି ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଫୋନର ଖରାପ ବ୍ୟବହାର ସମ୍ବନ୍ଧରେ କହି କୋମଳମତି ପିଲାଙ୍କୁ ଓ ଘର ବୟସ୍କ ଲୋକମାନେ ତଥା ସମାଜରେ ମୋବାଇଲ ଫୋନର ବ୍ୟବହାର ଦ୍ୱାରା ଆମ ଭିତରେ ଥିବା ଆଧ୍ୟାତ୍ମିକ ଭାବନାକୁ ଲୋପ ପାଇଯାଉଛି ବୋଲି କହିଥିଲେ। ନିଜର ସଂସ୍କାର ପ୍ରଭାବ ପରିବାର ଉପରେ ପଡିଥାଏ। ତେଣୁ ନିଜେ ସୁ-ସଂସ୍କାର ମଧ୍ୟରେ ଚଳିବା ଆବଶ୍ୟକ। ରାଗ, ହିଂସା, ଦ୍ୱେଷ ମଣିଷକୁ ଦୁର୍ବଳ କରିଥାଏ। ଏପରିକି ମଣିଷ ଏହାର ପ୍ରଭାବରେ ଅନେକ ଖରାପ କାର୍ଯ୍ୟ କରିବସେ ବୋଲି କହିବା ସହିତ ସମାଜକୁ ଅତି ସୁନ୍ଦର ବାର୍ତ୍ତା ପ୍ରଦାନ କରିଥିଲେ ଭିଲାଇର ଆଶା ଦିଦି। ଏହି ସଭାରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ଅଳକା ମହାନ୍ତି, ଅଜୟ ପାଣ୍ଡେ, ଅନୀଲ ସିଂ, ଶଶି ଦିଦି ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ପ୍ରଜାପିତା ବ୍ରହ୍ମକୁମାରୀର ଦିଦି ଓ ଭାଇମାନେ ଏବଂ ଝାରସୁଗୁଡାର ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

# ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ବିଜୟୀ



ତୃତୀୟ ଦିବସ ମ୍ୟାଚ୍‌ରେ ଉପସ୍ଥିତ ଖେଳାଳିମାନେ।

**ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟ**

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶା କ୍ରିକେଟ୍ ଆସୋସିଏଶନ ନିଷ୍ପତ୍ତିକ୍ରମେ ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ତୃତୀୟ ଦିବସ ମ୍ୟାଚ୍‌ରେ ଦେବଗଡ଼ କ୍ରିକେଟ୍ କ୍ଲବ୍‌କୁ ପରାସ୍ତ କରି ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ବିଜୟୀ ହୋଇଛି। ଦେବଗଡ଼ କ୍ରିକେଟ୍ କ୍ଲବ୍ ବନାମ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ୧ ଉଇକେଟରେ ବିଜୟୀ ହୋଇଛି। ଦେବଗଡ଼ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଭଞ୍ଜ ୫୬ ଓ ପ୍ରିୟବ୍ରତ ପ୍ରିୟରଞ୍ଜନ ସାହୁ ୩୧ ରନ କରିଥିବା ବେଳେ ବୁଢ଼ାପାଳ ଦଳର ଓମ୍ ରାଜ୍ ପ୍ରଧାନ ଓ ପପୁ ଘଟୁଆଳ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଏହାର ଜବାବରେ ବୁଢ଼ାପାଳ ଦଳ ୨୯.୨ ଓଭରରେ ୯ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଓମ୍‌ରାଜ୍ ପ୍ରଧାନ ୮୫ ଓ ରାଜେନ୍ଦ୍ର ପ୍ରଧାନ ୩୭ ରନ କରିଥିବା ବେଳେ ଦେବଗଡ଼ ଦଳର ଲିପୁ ନାୟକ, ଜିତେନ୍ଦ୍ର ବିଶ୍ୱାଳ, ସୌମ୍ୟ ରଞ୍ଜନ ଭଞ୍ଜ ଓ ଆଲୋକ ପାତ୍ର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ମ୍ୟାଚ ଅମ୍ପାୟାର ଅଜିତ୍ ମୋଦି ଓ ରାଜା ରାଣା ପରିଚାଳନା କରିଥିଲେ। ସେହିପରି ରୋମି ନାୟକ ଓ ରିତିକ ଦେହୁରୀ ସ୍କୋରର ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ବାମଣ୍ଡା କ୍ରିକେଟ୍ କ୍ଲବ୍ ବନାମ ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ବେଆଇନ କୁକୁଡ଼ା ଲଢ଼େଇ ଆଡ୍ଡା ଉପରେ ଚଢ଼ାଉ

**ଜଣେ ଗିରଫ, ୫ ଜୀବିତ କୁକୁଡ଼ା ଜବତ**

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ଥାନା ପୋଲିସ ପକ୍ଷରୁ ବୁଧବାର ଉକ୍ତ ଥାନା ଅଞ୍ଚଳର ପ୍ରଧାନମୁଣ୍ଡା ମାଳିକୁଦର ଜଙ୍ଗଲ ମଧ୍ୟରେ ଚାଲିଥିବା ବେଆଇନ କୁକୁଡା ଲଢ଼େଇ ଜୁଆ ଆଡ୍ଡା ଉପରେ ଚଢାଉ କରାଯାଇ ଜଣଙ୍କୁ ଗିରଫ କରାଯିବା ସହ ୫ଟି ଜୀବିତ କୁକୁଡା ଜବତ କରାଯାଇଥିବା ଜଣାପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅପରାହ୍ନରେ ବାରକୋଟ ଥାନା ପିଏସଆଇ ଇନ୍ସପେକ୍ଟର ବିଜୟ କୁମାର ନାଥ ଗୋପପୁର ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ପ୍ରଧାନମୁଣ୍ଡା ମାଳିକୁଦର ଜଙ୍ଗଲ ମଧ୍ୟରେ ବେଆଇନ କୁକୁଡା ଲଢେଇ ଜୁଆ ଆଡ୍ଡା ଚାଲିଥିବା। ଏଥିରେ ଶିବ ଶବର ଓ ଅନ୍ୟ ୨୦ଜଣ ସମ୍ପୃକ୍ତ ଥିବା ଅପରାହ୍ନ ପ୍ରାୟ ୪ଟା ୪୫ ମିନିଟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସେ ଏକଥା ବାରକୋଟ ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନଙ୍କୁ ଜଣାଇବା ସହ ତାଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ବେଆଇନ କୁକୁଡା ଲଢ଼େଇ ଜୁଆ ଆଡ୍ଡା ଉପରେ ସଦଳବଳେ ଚଢାଉ କରିଥିଲା। ଚଢଉ ସମୟରେ ପୋଲିସକୁ ଦେଖି ବହୁ ଜୁଆଡି ନିକଟସ୍ଥ ଜଙ୍ଗଲକୁ ଦୌଡି ପଳାଇଥିବା ବେଳେ କଳା ଗ୍ରାମର ଶିବ ଶବରଙ୍କୁ ଧରିବା ସହ ୫ଟି ଜୀବିତ କୁକୁଡା ଜବତ କରି ଥାନାକୁ ଅଣିଥିଲେ। ପରେ ଶିବଙ୍କୁ ନୋଟିସ ଦେଇ ଛାଡି ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ଜନଜାତୀୟ ଗୌରବ ଦିବସ ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଇଟିଡିଏ ସନ୍ଧ୍ୟା ମାଝିଙ୍କ ଆବାହନକ୍ରମେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜନଜାତୀୟ ଗୌରବ ଦିବସ ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାହୁ ନଭେମ୍ବର ୧୫ ତାରିଖ ଜନଜାତୀୟ ଗୌରବ ଦିବସ ଇନ୍ଡୋର ଷ୍ଟାଡିୟମଠାରେ ସରସ ସୁନ୍ଦରରେ ପାଳନ କରାଯିବା ପାଇଁ ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ପରକ୍ଷିତ ସାହୁ, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଜିଲା ଦକ୍ଷତା ବିକାଶ ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଡେପୁଟି ସିଓ ଓରମାସ ରବୀନ୍ଦ୍ର ପ୍ରଧାନ, ଇ ପ୍ରଶାସକ ବିକାଶ କୁମାର ସାହୁ, ତିନି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକା ଝିଅକୁ ଖୋଜିବା ପାଇଁ ଘର ବନ୍ଧା ପକାଇଲା ମା’

**ବ୍ରଜରାଜନଗର,୧୩।୧୧(ବିଜୟ ବରାଡ଼)**

ଝିଅ ନିଖୋଜ ହେବାର ଏକ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ନିରବଦ୍ରଷ୍ଟା ସାଜି ହାତବାନ୍ଧି ବସିଛି। ଝିଅର ଜୀବନ ପ୍ରତି ବିପଦ ଥିବାରୁ ଝିଅକୁ ଖୋଜିବା ପାଇଁ ପୋଲିସକୁ ଯେତେ ଗୁହାରି କଲେ ମଧ୍ୟ କେବଳ ସାନ୍ତ୍ୱନା ବ୍ୟତୀତ କିଛି ମିଳୁନାହିଁ। ଏପରି କି ଜିଲାପାଳଙ୍କୁ ଲିଖିତ ଆକାରରେ ଅବଗତ କରାଇବା ପରେ ମଧ୍ୟ ଫଳ ଶୁନ। ଏକ ମାସ ହେବ ଘରେ ଚୁଲିଜଳୁ ନାହିଁ। ପାଖରେ ପଇସା ନାହିଁ। ଶେଷ ଆଶା ଘର, ଯାହାକୁ ବନ୍ଧା ପକାଇ ଝିଅକୁ ଖୋଜିବେ ବୋଲି କହିଛନ୍ତି ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ନୂଆପଡ଼ାର ସଞ୍ଜୁ ସୁନା।

ପରିବାର ସଦସ୍ୟଙ୍କ ଅଭିଯୋଗ ଅନୁସାରେ ଅଭିଯୋଗକାରିଣୀ ସଞ୍ଜୁଙ୍କ ନାବାଳିକା ଝିଅ ଯିଏ ବ୍ରଜରାଜନଗର ସହରରେ ଥିବା ଏନ୍‌ଏସ୍‌ସି ବାଳିକା ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ। ଗତ ମାସ ୧୪ ତାରିଖରେ ସ୍କୁଲକୁ ଯାଇ ଅଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ଇଟାଭଟାର ପଙ୍କଜ ପୋଢ଼ ନାମକ ଜଣେ ଯୁବକ ସହିତ ପଳାୟନ କରିଥିବା ଜଣାପଡିଥିଲା। ପଙ୍କଜ ଜଣେ

**ଶୁଣୁନାହିଁ ପୋଲିସ ପ୍ରଶାସନ**

ଅସାମାଜିକ ବ୍ୟକ୍ତି ଓ ତାଙ୍କ ନାମରେ ବ୍ରଜରାଜନଗର ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି। ଝିଅର ଜୀବନ ପ୍ରତିବିପଦ ଥିବା ଜାଣି ଝିଅକୁ ଖୋଜିଆଣିବାକୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତକାରୀ ଥାନା ଅଧିକାରୀ ସୁରଜ ପନ୍ନା ଆଜି ପର୍ଯ୍ୟନ୍ତ କେବଳ ତଦନ୍ତ କରୁଛନ୍ତି, ହେଲେ ଫଳ ଶୁନ। ଥାନା ଅଧିକାରୀ ନିଜେ ନ ଖୋଜି ପରିବାର ଲୋକଙ୍କୁ ଖୋଜିବାକୁ ପରାମର୍ଶ ଦେଇଛନ୍ତି। ଅଭିଯୋଗକାରିଣୀ ସଞ୍ଜୁଙ୍କ କହିବା କଥା ଥାନା ଅଧିକାରୀ କଥାରେ ଭରସା କରି ରାଉରକେଲା, ଦେବଗଡ଼, କୁଚିଣ୍ଡା, ସମ୍ବଲପୁର, ବରଗଡ଼, ବେଲପାହାଡ଼ ଓ ଝାରସୁଗୁଡ଼ାରେ ଖୋଜିଖୋଜି ସର୍ବସ୍ୱାନ୍ତ ହେଲେଣି। ତଦନ୍ତକାରୀ ଅଧିକାରୀ ପନ୍ନାଙ୍କୁ ପଚାରିବାରେ ତାଙ୍କ ଚେଷ୍ଟା ଜାରି ରହିଛି, ଯେହେତୁ ଝିଅ ପାଖରେ ମୋବାଇଲ ନାହିଁ, ଖୋଜିବାରେ ବିଳମ୍ବ ହେଉଥିବା ପ୍ରକାଶ କରିଥିଲେ। ଦେଖାଯାଉ ଗରିବ ପରିବାର ନ୍ୟାୟ କେବେ ପାଇବ ତାହା ଦେଖିବାକୁ ବାକି ରହିଲା।

# ସମ୍ବିଧାନ ସଚେତନତା ଅଭିଯାନ ରଥକୁ ସ୍ୱାଗତ

**ଝାରସୁଗୁଡ଼ା,୧୩।୧୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଅନୁସୂଚିତ ଜାତି ଏବଂ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ସକାଳ ୮ଟା ୩୦ ମିନିଟ୍‌ରେ ସମ୍ବିଧାନ ସଚେତନତା ଅଭିଯାନ ରଥକୁ ସ୍ୱାଗତ କରାଯାଇଥିଲା। ସମ୍ବିଧାନ ରଥ ଆରମ୍ଭ କରିବା ଆଗରୁ ରାଜ୍ୟ ସଂଯୋଜକ ହିଂମାଶୁ ବିଭାର ସମ୍ବିଧାନ ମୁଖବନ୍ଧ ପାଠ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏଥିସହିତ ସେ ସାର୍ବଭୌମ ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୁପେ ଦେଶ ଗଠନ କରିବା ପାଇଁ ଦୃଢ ସଂକଳ୍ପ ନେବା ଏବଂ ଏହାର ଲୋକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ଏବଂ ଚିନ୍ତା ଅଭିବ୍ୟକ୍ତିର ସ୍ୱାଧୀନ ଅଧିକାର ଦେବା କଥା କହିଥିଲେ। ଏହି ରଥର ମୁଖ୍ୟ ଉଦ୍ଦେଶ୍ୟ ଯେ, ସମ୍ବିଧାନର ଧାରାଗୁଡିକ ବିଷୟରେ ସମସ୍ତେ ସଚେତନ ନୁହନ୍ତି। ତେଣୁ ଏହି ବିଷୟରେ ସଚେତନ କରାଇ



ଭାରତୀୟ ନାଗରିକମାନେ ବିଭିନ୍ନ କ୍ଷେତ୍ରରେ ନିଜର ଅଧିକାର ସାବ୍ୟସ୍ତ କରିପାରିବେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜକ ହିମାଂଶୁ ବିଭାର, ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ ସଭାପତି ଲକ୍ଷ୍ମୀଚରଣ ପାଳ, ସଙ୍ଗଠନ ସମ୍ପାଦକ ଲିଙ୍ଗରାଜ ପ୍ରଧାନ, ସରୋଜ ମୁଣ୍ଡା, ସୀତାରାମ ରୋହିଦାଶ, ଜିତେନ୍ଦ୍ରୀୟ ଧରୁଆ, ସନାତନ ମହାନନ୍ଦ, ରବିନ୍ଦ୍ର ସୋହେଲା, ରାଜେଶ ସଦନାମୀ, ଦୁର୍ଲଭ କିଷାନ ପ୍ରମୁଖ ସହିତ କ୍ରିୟାନୁଷ୍ଠାନ କମିଟି ବହୁ ସଭ୍ୟାସଭ୍ୟ ଅଂଶ ଗ୍ରହଣ କରିଥିଲେ।

# ସିଙ୍ଘୁରି ଫୁଟ୍‌ବଲ କ୍ଲବ୍ ଚାମ୍ପିୟନ

**ଦେବଗଡ଼,୧୩।୧୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଝରାକଣ୍ଠେଲ ଗ୍ରାମପଞ୍ଚାୟତ ପୁରୁଣାପାଣି ଗ୍ରାମରେ ଶିବଶଙ୍କର କ୍ଲବ ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଆୟୋଜକ ଶିବଶଙ୍କର ଫୁଟବଲ ଟିମ୍‌କୁ ପରାସ୍ତ କରି ସିଙ୍ଘୁରି ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ଗଜାନନ ପାତ୍ର, ଶଙ୍କର ମୁଣ୍ଡା, ସୁଶାନ୍ତ କିଷାନ ଓ ଯୁଗଳ କିଷାନ ପ୍ରମୁଖ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ କୃଷ୍ଣ ଚନ୍ଦ୍ର ପ୍ରଧାନ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ ଶିବଶଙ୍କର କ୍ଲବ ସଭାପତି ପଙ୍କଜ କୁମାର ସାହୁଙ୍କ



ଫାଇନାଲ ମ୍ୟାଚରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୌରୀ କିଷାନ, ପୂର୍ବତନ ସରପଞ୍ଚ ଦୁଃଶାସନ ପ୍ରଧାନ, ନରେନ୍ଦ୍ର ଜେନା ପ୍ରମୁଖ ମଞ୍ଚାସୀନ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଆୟୋଜକ ଶିବଶଙ୍କର କ୍ଲବ ସମ୍ପାଦକ ହୃଦାନନ୍ଦ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମା' ଚଣ୍ଡିଦେବୀଙ୍କ ମନ୍ଦିର ପ୍ରତିଷ୍ଠା



**ପଲମ, ୧୩।୧୧ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ରୁପ୍ରା ପଞ୍ଚାୟତର ଖମ୍ବପଡ଼ା ବିଶ୍ୱେଶ୍ୱର ଶୈବପୀଠରେ ମା' ଚଣ୍ଡିଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ଚଣ୍ଡି ପ୍ରତିଷ୍ଠାରେ କର୍ତ୍ତା ଭାବରେ ପ୍ରାଣବନ୍ଧୁ ସାହୁ ତାଙ୍କ ଧର୍ମପତ୍ନୀ ପୂଜା କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବ୍ରହ୍ମପୁର ପଣ୍ଡିତ ହରିପ୍ରସାଦ ଶତପଥୀ, ପ୍ରଚାରକ ପଣ୍ଡିତ ମହେଶ୍ୱର ଶତପଥୀ ପୂଜା ଆରମ୍ଭ କରିଥିଲେ। ସହଯୋଗୀ ପୂଜକ ସୁଦର୍ଶନ ପତି, ସିଦ୍ଧାନ ଦାଶ ପୂଜାକାର୍ଯ୍ୟ ନିର୍ବାହ କରିଥିଲେ। ନାମଯଜ୍ଞ କର୍ତ୍ତା ଭାବରେ ଅଜିତ କରୁଆ ଓ ତାଙ୍କ ଧର୍ମପତ୍ନୀ ଅନିତା କରୁଆ ରହି ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଶିବଶକ୍ତି ସାଂସ୍କୃତିକ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଗ୍ରାମର ଶତାଧିକ ବ୍ୟକ୍ତି ଯୋଗଦାନ କରି ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିଥିଲେ।

### ମା' ସନ୍ତୋଷୀ ମନ୍ଦିରରୁ ଚୋରି

**ଖଡ଼ିଆଳ, ୧୩।୧୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଜୁନାନି ଗ୍ରାମସ୍ଥିତ ମା' ସନ୍ତୋଷୀ ମନ୍ଦିରରୁ ଚୋରି ଅଭିଯୋଗ ହୋଇଛି। ରାତିରେ ଦୁର୍ବୃତ୍ତମାନେ ମନ୍ଦିରରେ ପଶି ମା' ପିନ୍ଧିଥିବା ବିଭିନ୍ନ ଅଳଙ୍କାର ସହ ୭ବର୍ଷ ଧରି ଖୋଲାଯାଇ ନ ଥିବା ଦାନବାକ୍ସ ଭାଙ୍ଗି ଟଙ୍କା ନେଇଯାଇଛନ୍ତି। ସକାଳେ ଏ ନେଇ ପୂଜକ ମନମୋହନ ଶୁକ୍ଳା ଜାଣିବା ପରେ ମନ୍ଦିର ପ୍ରତିଷ୍ଠାତା ଖଡ଼ିଆଳ ନିବାସୀ ମୂଳଚନ୍ଦ ସିଙ୍ଘଲଙ୍କୁ ଜଣାଇଥିଲେ। ପରେ ତାଙ୍କ ପୁଅ ଟିନୁ ସିଙ୍ଘଲ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବ ବୋଲି ଖଡ଼ିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା କହିଛନ୍ତି।

### ଲୁହାଛଡ଼ ଚୋରି କରି ୮ ଯୁବକ ଗିରଫ

**କେସିଙ୍ଗା, ୧୩।୧୧ (ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁମେରମୁଣ୍ଡା ଗ୍ରାମସ୍ଥିତ କେସିଙ୍ଗା ଏନ୍‌ଏସିର ଆବର୍ଜନା ଗୃହରୁ ଲୁହାଛଡ଼ ଚୋରି ଘଟଣାରେ ୮ଜଣ ଯୁବକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛବି ତାଣ୍ଡି (୨୯), କାମଦେବ ସୁନା (୨୦), ଲିଙ୍ଗ ସୁନା (୩୨), ସୁନ୍ଦର ସିଂ ହରିଜନ (୨୩), ଧର୍ମେନ୍ଦ୍ର ହରିଜନ (୩୦), ସୀତାକାନ୍ତ କରୁଆଁ (୨୦), ଜିତେନ୍ଦ୍ର ହରିଜନ (୨୭) ଓ ପ୍ରଫୁଲ୍ଲ ପାୟା ସିଂ (୩୬)। ଏମାନଙ୍କ ମଧ୍ୟରୁ ୭ଜଣ ତୁମେରମୁଣ୍ଡା ଗ୍ରାମର ବାସିନ୍ଦା ହୋଇଥିବା ବେଳେ ଜଣେ ସିରୋଲ ଗାଁର ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ ଚୋରି ହୋଇଥିବା ୭ ବଣ୍ଡଲ ଲୁହାଛଡ଼ ଓ ଗୋଟିଏ କଟର ମେଶିନ ଜବତ କରାଯାଇଛି। ଲୁହାଛଡ଼ ଚୋରି ନେଇ ଗତ ୧୧ ତାରିଖରେ କେସିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନା ଏଏସ୍‌ଆଇ ଡି ମୋହନ ଘଟଣାର ତଦନ୍ତ ଆରମ୍ଭ କରିଥିଲେ।

# ଶିକ୍ଷାବର୍ଷର ୮ମାସ ପରେ ପିଲାଙ୍କୁ ମିଳିଲା ପୋଷାକ

**ଭବାନୀପାଟଣା, ୧୩।୧୧ (ଉତ୍ତମ କୁମାର ଦାଶ)**



ଜୁନାଗଡ଼ ସହର ବରଗଛପଡ଼ା ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଉଛି।

କଳାହାଣ୍ଡି ଜିଲାରେ ଚଳିତବର୍ଷ ଛାତ୍ରୀଛାତ୍ରଙ୍କୁ ପୋଷାକ ମିଳିବାରେ ବିଳମ୍ବ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି ସ୍ଥଳେ ଶିକ୍ଷାବର୍ଷର ୮ମାସ ପରେ ଜିଲାର ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ତାହା ପୁଣି କିଛି ସ୍କୁଲରେ ବଣ୍ଟନ ହୋଇଥିବାବେଳେ ଆଉ କେତେକ ସ୍କୁଲରେ ବଣ୍ଟନ ହୋଇନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ଜିଲାର ୧୩ ବ୍ଲକ୍‌ର ୨୧୧୦ ସ୍କୁଲରେ ୧ ଲକ୍ଷ ୭୬ ହଜାର ୨୯୩ (ପ୍ରଥମରୁ ଅଷ୍ଟମ) ଛାତ୍ରୀଛାତ୍ର ରହିଛନ୍ତି। ଚଳିତବର୍ଷ ଉକ୍ତ ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା, ଟୋପି ଓ ପରିଚୟପତ୍ର ପାଇଁ ଜଣକୁ ୫ ଶହ ଟଙ୍କା ହିସାବରେ ପ୍ରତି ସ୍କୁଲକୁ ଟଙ୍କା ଆସିଛି। ଏଥିରେ ଗୋଟିଏ ଟି-ଶାର୍ଟ ପାଇଁ ୧୨୫, ଗୋଟିଏ ଟ୍ରାକ୍ ପ୍ୟାଣ୍ଟ ପାଇଁ ୧୨୫ ଟଙ୍କା, ୧ ହଳ ଜୋତା ଓ ୨ ହଳ ମୋଜା ପାଇଁ ୨ ଶହ ଟଙ୍କା, ଟୋପି ଓ ପରିଚୟ ପତ୍ର ପାଇଁ ୫୦ ଟଙ୍କା ରହିଛି। ଏ ବାବଦକୁ ଜିଲାକୁ ପ୍ରାୟ ୧୦ କୋଟି ୭୧ ଲକ୍ଷ ୯୫ ହଜାର ଟଙ୍କା ଆସିଥିବା ଜଣାପଡିଛି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ଶିକ୍ଷା, ଗଙ୍ଗାଧର ମେହେର, ଶିକ୍ଷାମାନଙ୍କ ବୃଦ୍ଧି ଯୋଜନା ଓ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନା ମାଧ୍ୟମରେ ୧ମରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ୨ହଳ ପୋଷାକ, ୧ ହଳ ଜୋତା, ୨ ହଳ ମୋଜା, ଗୋଟିଏ ଟି-ଶାର୍ଟ ଓ ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ଗୋଟିଏ ଟୋପି ଓ ଗୋଟିଏ

## କଳାହାଣ୍ଡି ଜିଲା

ପରିଚୟପତ୍ର ବାବଦରେ ପିଲା ପ୍ରତି ୧ ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିଲା। ଏହି ଯୋଜନା ମାଧ୍ୟମରେ ସ୍କୁଲ ପରିଚାଳନା ସମିତି ଜରିଆରେ ସମସ୍ତ ସାମଗ୍ରୀ କିଣାଯାଇ ଛାତ୍ରୀଛାତ୍ରଙ୍କୁ ଯୋଗାଇବା ବ୍ୟବସ୍ଥା କରାଯାଇଥିଲା। ମାତ୍ର ଚଳିତବର୍ଷ ନୂଆ ଗାଇଡଲାଇନ ଅନୁଯାୟୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ସାମଗ୍ରୀ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଥିମଧ୍ୟରେ ଯେଉଁ ଗ୍ରୁପ୍‌ର ସିଲେଇ ୟୁନିଟ୍ ରହିଥିବ କିମ୍ବା ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ଥିବା ସଂସ୍ଥା ମାଧ୍ୟମରେ ପ୍ରଦାନ କରାଯିବା ନେଇ ଗାଇଡଲାଇନ ପ୍ରସ୍ତୁତ କରାଯାଇଛି। ସେହିପରି ବ୍ଲକ୍ ସ୍ତରରେ ବିଡିଓ, ବିଇଓ, ସିଡିପିଓ, ଆଇସିଓ, ମିଶନ ଶକ୍ତି ସଦସ୍ୟ, ବ୍ଲକ ଲେଭଲ ଫେଡେରେସନ ଲିଡରମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସେଥିରେ ବିଡିଓ ଅଧ୍ୟକ୍ଷ ରହି ଗ୍ରୁପ୍ ଚୟନକରି ବଣ୍ଟନ ଦାୟିତ୍ୱ ତୁଲାଇବା ବ୍ୟବସ୍ଥା କରାଯାଇଥିଲା। ତେବେ ଜିଲାରେ ହାତଗଣତି କେତେକ ଗ୍ରୁପ୍ ଏଭଳି କାର୍ଯ୍ୟ କରୁଥିବା ବେଳେ ଗ୍ରୁପ୍ ଜରିଆରେ ସାମଗ୍ରୀ ଯୋଗାଇବା ଅସୁବିଧା ହେବାରୁ ପୋଷାକ ବଣ୍ଟନ କାର୍ଯ୍ୟ ବିଳମ୍ବିତ ହୋଇଥିଲା। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ପଚାରିବାରୁ ନୂଆ ନିୟମ ଯୋଗୁ ବିଳମ୍ବିତ ହୋଇଥିଲା। ଏବେ ପୋଷାକ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଥିଲେ।

# ଆଜିଠାରୁ ଖରିଫ ଜଳସେଚନ ବନ୍ଦ ନିଷ୍ପତ୍ତି

**ଭବାନୀପାଟଣା, ୧୩।୧୧ (ଉତ୍ତମ କୁମାର ଦାଶ)**

**ଇନ୍ଦ୍ରାବତୀ: ୪୭, ୫୭୪ହେକ୍ଟର ଜମିରେ ରବି ଜଳସେଚନ ଲକ୍ଷ୍ୟ**

କଳାହାଣ୍ଡି ଜିଲା ପାଇଁ କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଥିବା ଇନ୍ଦ୍ରାବତୀ ଜଳଭଣ୍ଡାର ଚଳିତ ବର୍ଷ ଆବଶ୍ୟକ ପରିମାଣରେ ଜଳ ସଂଗ୍ରହ ହୋଇପାରି ନ ଥିବାରୁ ରବି ଜଳସେଚନକୁ ସଙ୍କୁଚିତ କରିଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଇନ୍ଦ୍ରାବତୀ ଉପର ମୁଣ୍ଡରେ ୨୦୦ମିମି କମ ବର୍ଷା ହୋଇଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ଆଲୋଚନା ହେଉଛି। ଗତ କ୍ୟାଲେଣ୍ଡର ବର୍ଷରେ ୧୨୧୬ ମିଲିମିଟର ଓ ଚଳିତବର୍ଷ ୧୦୭୮ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି, ଯାହା କଳାହାଣ୍ଡି ଜିଲାର ହାରାହାରି ବର୍ଷା ପରିମାଣରୁ କମ। ୧୪ତାରିଖ ଗୁରୁବାରଠାରୁ ଇନ୍ଦ୍ରାବତୀ ଖରିଫ ଜଳସେଚନ ବନ୍ଦ କରିବା ନିଷ୍ପତ୍ତି ନିଆଯାଇଥିବା ବେଳେ ଆଗାମୀ ରବି ଜଳସେଚନ ପାଇଁ ପରିବର୍ତ୍ତିତ ଚିଠା ତୁରନ୍ତ ହୋଇଥିବା ସୂଚନା ମିଳିଛି। ଚଳିତ ବର୍ଷ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରେ ରବି ଜଳସେଚନକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ଇନ୍ଦ୍ରାବତୀ ବାମ ଓ ଦକ୍ଷିଣ କେନାଲର ୩୩୫ଗ୍ରାମର ୪୭,୫୭୪ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ରଖାଯାଇଥିବା ବିଭାଗ ସୂତ୍ରରୁ ପ୍ରକାଶ। ଏ ସମ୍ପର୍କରେ ମେଗା ଲିଫ୍ଟ ପରିସରରେ ଡ୍ରାବଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ମଧ୍ୟ କରାଯାଉଛି।

# ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଭତ୍ତା ୩୫୦୦ଟଙ୍କା କରାଯାଉ

**ଭବାନୀପାଟଣା, ୧୩।୧୧ (ଉତ୍ତମ କୁମାର ଦାଶ)**



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବିଧବା, ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ ଭତ୍ତା ୩ ହଜାରରୁ ୩୫ଶହ ଟଙ୍କାକୁ ବୃଦ୍ଧି କରିବା ପାଇଁ ଭବାନୀପାଟଣାରେ 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଂଗଠନ ପକ୍ଷରୁ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ନିର୍ବାଚନକୁ ଆଖିଆଗରେ ପୂର୍ବର ବିଜେଡି ସରକାର ୫୦୦ରୁ ୧୦୦୦ଟଙ୍କା ଭତ୍ତା ବୃଦ୍ଧି କରିଥିଲେ। ଭାଜପା ନିର୍ବାଚନ ଇସ୍ତାହାରରେ ଭତ୍ତା ଟଙ୍କା ୩୦୦୦ରୁ ୩୫୦୦ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏପରି କି ଗତ ଜୁଲାଇ ୨୫ରେ ହୋଇଥିବା ବଜେଟରେ ମୁଖ୍ୟମନ୍ତ୍ରୀ କେବଳ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ୮୦% ଭିନ୍ନକ୍ଷମଙ୍କୁ ୩୫୦୦ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି ଉପସ୍ଥାପନା କରିଥିଲେ, ଯାହାକି ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଆସନ୍ତା ୨୬ରେ ହେବାକୁ ଥିବା ଚଳିତ ଆର୍ଥିକବର୍ଷ ପାଇଁ

## 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଅତିରିକ୍ତ ବଜେଟରେ ଭତ୍ତା (୩୦୦୦-୩୫୦୦) ଟଙ୍କା ସାମିଲ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ସରକାର ନିର୍ବାଚନ ପ୍ରତିଶ୍ରୁତି ପାଳନ ନ କଲେ ସଂଗଠନ ପକ୍ଷରୁ ଜିଲାବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସଙ୍ଗଠନର ସଭାପତି ସୁରେଶ ସଂଗ୍ରାମ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ନାରୀନେତ୍ରୀ କବିତା ରାଉତ, ନିରୋଦ କୁମାର ରାଉତ, ଅବଦୁଲ ଅଜିଜ ଖାନ, କୃଷକ ନେତା ଲିଙ୍ଗରାଜ ପ୍ରଧାନ, ଆଇନଜୀବୀ କ୍ଷିରୋଦ ନାଗ, ବିଶ୍ୱନାଥ ବାଗ, ସଞ୍ଜୟ ମେହେର, ବିକାଶ ରଞ୍ଜନ ପ୍ରଧାନ, ସସ୍ମିତା ସିଂ ସାମିଲ ଥିଲେ।

## ମଦଭାଟିରୁ ସାମଗ୍ରୀ ଚୋରି ଅଭିଯୋଗ

**କଳମପୁର, ୧୩।୧୧ (ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଳମପୁର ଥାନା ବଡ଼କୁଟ୍ଟୁ ଫାଣ୍ଡି ଅନ୍ତର୍ଗତ ବଡ଼କୁଟ୍ଟୁ ଦେଶୀ ମଦଭାଟିରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ବଡକୁଟ୍ଟୁ ବର୍ଚ୍ଛି ଦେଶୀ ମଦଭାଟି ସରକାରଙ୍କ ଲାଇସେନ୍ସପ୍ରାପ୍ତ ଦୋକାନ। ଏଥିରେ ମଦ ରନ୍ଧାରେ ବ୍ୟବହୃତ ତମ୍ବା ସାମଗ୍ରୀ ମଦଭାଟି ପରିସରରେ ଥିବା ରାଇସ ମିଲରେ ରଖାଯାଇଥିଲ। ଦୁଇ ଗୋଟି ଗେଟ୍ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ମଦରନ୍ଧା ହାଣ୍ଡି ଓ ଅନ୍ୟ ସାମଗ୍ରୀ ଚୋରିକରି ନେଇଛନ୍ତି। ଚୋରି ସାମଗ୍ରୀ ମୂଲ୍ୟ ୧୦ହଜାର ଟଙ୍କା ହେବ ବୋଲି ଭାଟି କର୍ମଚାରୀ ଦର୍ଶାଇଛନ୍ତି। ପୂର୍ବରୁ ୭ମାସ ତଳେ ଏହି ଭାଟିରୁ ଚୋରି ହୋଇଥିଲା। ଏ ବିଷୟରେ ଫାଣ୍ଡି ଅଧିକାରୀ ଶିବଶଙ୍କର ମହାନ୍ତି ଓ କଳମପୁର ଥାନା ସବ୍‌ଇନ୍ସପେକ୍ଟର ଡୋଲାମଣି ବିଶିଙ୍କ ମତାମତ ନେବାରୁ ଚୋରି ଅଭିଯୋଗ ପରେ ତଦନ୍ତ ଜାରି ରହିଛି ବୋଲି କହିଥିଲେ।

# କୁମ୍ଭାରୀ ବାଲିଘାଟରୁ ଅବାଧ ବାଲି ଚାଲାଣ



କୁମ୍ଭାରୀ ଘାଟରୁ ହାଇୱା ଯୋଗେ ବାଲି ଚାଲାଣ ହେଉଛି।

**ଗୋଲାମୁଣ୍ଡା, ୧୩।୧୧ (ବଟକୃଷ୍ଣ ପଣ୍ଡା)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲ ଅଧୀନ କୁମ୍ଭାରୀ ତେଲ ନଦୀ ବାଲି ଘାଟରୁ ଚାଲିଛି ବେଧଡକ ବାଲି ଉଠାଣ। ଏଥିଯୋଗୁ ଲିଜ୍‌ଧାରୀ ମାଲାମାଲ ହେଉଥିବାବେଳେ ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି ହେଉଛି। ସୂଚନାମତେ ସରକାରୀ ନିୟମକୁ ବେଖାତିର କରି ଏହି ବାଲିଘାଟରୁ ପୋକ୍‌ଲିନ, ଜେସିବି ଓ ହାଇୱା ସାହାଯ୍ୟରେ ବାଲି ଚାଲାଣ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ବାଲି ଉଠାଣ ପାଇଁ ଜଣେ ବ୍ୟକ୍ତି ଲିଜ୍ ନେଇଥିବା ବେଳେ ପାର୍ଟନରଶିପରେ ଆହୁରି ୩ଜଣ ମନଇଚ୍ଛା ବାଲି ଉଠାଇ ଚୋରା ଚାଲାଣ କରୁଛନ୍ତି। ହାଇୱା ଓ ଟ୍ରାକ୍ଟରରେ ବାଲି ବୋଝେଇ ହୋଇ ଭବାନୀପାଟଣା, ଜୟପାଟଣା, ନବରଙ୍ଗପୁର ଏପରି କି ରାଜ୍ୟ ବାହାରକୁ ବାଲି ଚାଲାଣ ହେଉଛି। ଅନ୍ୟପଟେ ଗୋଲାମୁଣ୍ଡା ବ୍ଲକ୍‌ରେ ୧୫ରୁ ଉର୍ଦ୍ଧ୍ୱ ବାଲିଘାଟ ରହିଛି। କେତେକ ବାଲି ଘାଟର ଲିଜ୍ ଅବଧି ସରିଯାଇଥିବା ବେଳେ ବେଆଇନ ଭାବେ ଚାଲୁଥିବା ଅଭିଯୋଗ ହୋଇଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ଏ ନେଇ କଳାହାଣ୍ଡି ଜିଲା ଖଣି ବିଭାଗ ଡେପୁଟି ଡାଇରେକ୍ଟର ବି. ସୋରେନଙ୍କୁ ପଚାରିବାରୁ ବାଲିଘାଟରେ ଲିଜ୍‌ଧାରୀଙ୍କୁ ମେଶିନ ସାହାଯ୍ୟରେ ବାଲି ଉଠାଇବା ପାଇଁ ନିର୍ଦ୍ଦେଶ ରହିଛି। ଯଦି ଚୋରାଚାଲାଣ ହେଉଥିବ ତା'ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ମହାବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ: ତୁକଲା ଚାମ୍ପିୟନ



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିଗଣ।

**ଧର୍ମଗଡ଼, ୧୩।୧୧ (ଆକାଶ କୁମାର ଜଗତ)**

କଳାହାଣ୍ଡି ଜିଲା ଧର୍ମଗଡ ଖେଳ ପଡିଆଠାରେ ଗତ ତିନିଦିନ ଧରି ଚାଲିଥିବା ତୃତୀୟ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। କଳାହାଣ୍ଡି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଳାହାଣ୍ଡି ଓ ନୂଆପଡ଼ା ଜିଲାର ୧୯ ମହାବିଦ୍ୟାଳୟର ଫୁଟବଲ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନ କରିଥିଲା। ଉଦ ଘାଟନୀ ଦିବସ ରେ ଧର୍ମଗଡ ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟଅତିଥି, ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ର. ଜଗନ୍ନାଥ ରାଓ ସମ୍ମାନିତ ଅତିଥି ଥିଲେ। ଫାଇନାଲ ମ୍ୟାଚ କର୍ଲାପଡା ଓ ତୁକଲା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତୁକଲା ଦଳ ୧-୦ ଗୋଲରେ କର୍ଲାପଡାକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତ, ଅଧ୍ୟାପକ ଲିଙ୍ଗରାଜ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଖେଳାଳୀ ଙ୍କୁ ଉତ୍ସାହିତ କରି ଥିଲେ। କ୍ରୀଡ଼ା ଶିକ୍ଷକ ଅଭୟ ବାଗ, ସନ୍ତୋଷ ପାଣିଗ୍ରାହୀ, ନିର୍ମଳ ଦଣ୍ଡସେନା, ଶଙ୍କର ପୋଢ଼, ନବୀନ ବଗର୍ତ୍ତି ଖେଳ ପରିଚାଳନା କରିଥିଲେ।

## ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ଭବ୍ୟ ସ୍ୱାଗତ

**ବୋଡ଼େନ, ୧୩।୧୧ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡେନ ବ୍ଲକ୍ ଲର୍କାଠାରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେଇ ଗ୍ରାମବାସୀ ପାଣ୍ଠି ସଂଗ୍ରହ କରିଥିଲେ। ତଦନୁଯାୟୀ ଗାଁର ଶିବନାରାୟଣ ହୋତା, ପୀତାମ୍ବର ବାଗ, ହରେକୃଷ୍ଣ ବେହେରା ଓ ଦେବାନନ୍ଦ କ୍ଷେତି ଶ୍ରୀକ୍ଷେତ୍ର ପୁରୀରୁ ପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ବିଗ୍ରହ ଧରି ବୁଧବାର ଗାଁରେ ପହଞ୍ଚିଥିଲେ। ଏହି ସମୟରେ ପ୍ରଭୁଙ୍କୁ ଭବ୍ୟ ସ୍ୱାଗତ କରାଯାଇ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା ପାଇଁ ଏକ ହୋମ ଯଜ୍ଞର ଆୟୋଜନ କରାଯାଇଥିଲା। ଏହି ପୂଜାରେ ପୂଜକ ଭାବରେ ଧ୍ରୁବଶଚରଣ ଜୋଷୀ ଏବଂ ରାଜମୋହନ ପାଢ଼ୀ ରହିଥିବା ବେଳେ କର୍ତ୍ତା ଭାବେ ଅଜିତ କୁମାର ବାବୁ ଓ ତାଙ୍କ ଧର୍ମପତ୍ନୀ ଧରିତ୍ରୀ ବାବୁ ଦାୟିତ୍ୱ ତୁଲାଇଥିଲେ। ଚଳିତବର୍ଷ ଲର୍କାଠାରେ ରଥଯାତ୍ରା ହେବା ଶୁଣି ଅଞ୍ଚଳର ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ଏନ୍‌ଓସି ପାଇଁ ଏନ୍‌ଏସିରେ ହଙ୍ଗଗୋଳ

**ନୂଆପଡ଼ା, ୧୩।୧୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଖରିଆରରୋଡ୍ ଏନ୍‌ଏସିରେ ବୁଧବାର ଏନ୍‌ଓସି ପାଇଁ ହଙ୍ଗଗୋଳ ହେବା ଭଳି ଏକ ଘଟଣାର ସିସିଟିଭି ଫୁଟେଜ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିଗତ ଦିନରେ ଆଇଡିଏଫ୍ ପାଣ୍ଠିରୁ ଖରିଆରରୋଡ୍ ସହରର ସତନାମୀ, ମୁସଲିମ, ଅହୀର, କେଶରୱାନୀ ସମାଜ ଭବନ ନିର୍ମାଣ ପାଇଁ ଅନୁଦାନ ମିଳିଥିଲା। ଏବେ କେତେକ ଭବନ ନର୍ମାଣାଧୀନ ଥିବାବେଳେ କିଛି ସମ୍ପୂର୍ଣ୍ଣ ହୋଇସାରିଛି। କିନ୍ତୁ ବର୍ତ୍ତମାନ ଏନ୍‌ଏସି ତରଫରୁ ପାଣ୍ଠିରେ ଆପତ୍ତି ଅଭିଯୋଗ କରାଯାଇଥିବାରୁ ଭବନ ନିର୍ମାଣ ଅର୍ଥ ସମ୍ପୃକ୍ତ ସମାଜକୁ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏଥିପାଇଁ ସମାଜର କର୍ମକର୍ତ୍ତା ବାରମ୍ବାର ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ବୁଧବାର ମଧ୍ୟାହ୍ନରେ ଉପରୋକ୍ତ ସମାଜର କର୍ମକର୍ତ୍ତା ଏନ୍‌ଓସି ପାଇଁ ଯାଇଥିଲେ। ଏହାକୁ ନେଇ ଏନ୍‌ଏସି ଇଓଙ୍କ କାର୍ଯ୍ୟାଳୟ ଭିତରେ ସମାଜର କାର୍ଯ୍ୟକର୍ତ୍ତା ଓ ଇଓ କମଲସନ ରଥଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ସମାଜର କର୍ମକର୍ତ୍ତା, ନୂଆପଡ଼ା ବିଧାୟକଙ୍କ ପୁଅ ଓ ଏନ୍‌ଏସି ଉପାଧ୍ୟକ୍ଷ ନିଶାନ୍ତ ଡାଗାଙ୍କୁ ଆଲୋଚନା ପାଇଁ ଡାକିଥିଲେ। ଆଲୋଚନା ଚାଲିଥିବାବେଳେ ଜଣେ କାଉନସିଲର ହଠାତ୍ ଉତ୍ତ୍ୟକ୍ତ ହୋଇ ଇଓଙ୍କ ଟେବୁଲ ବାଡେଇବା ସହ ଚୌକି ଉଠାଇ ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଉପାଧ୍ୟକ୍ଷ ଡାଗା ଉକ୍ତ କାଉନସିଲରଙ୍କୁ ବାହାରକୁ ଠେଲି ବାହାର କରି ଦେଇଥିଲେ। ଏହି ଖବର ପାଇ ବିଜେଡି ରାଜ୍ୟ ସମ୍ପାଦକ ରାଜେଶ ନିଗମ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ବାହାର କରିଥିଲେ। ସିସିଟିଭିରେ କଏଦ ହୋଇଥିବା ଏହାର ଭିଡିଓ ଭାଇରାଲ ହେବାରେ ଲାଗିଥିଲା। ସନ୍ଧ୍ୟାରେ ଏନ୍‌ଏସି ଇଓ ରଥ ଜୋଙ୍କ ଥାନାରେ ଜଣେ କାଉନସିଲରଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ରାତି ସାଢ଼େ ୧୦ଟା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ଉପାଧ୍ୟକ୍ଷ ଡାଗା କହିଛନ୍ତି, କୌଣସି ଦଳ ତରଫରୁ ଏନ୍‌ଏସି ଇଓଙ୍କ ସହ ଝଗଡା ହୋଇନି। ଏହାକୁ ଅଯଥା ରାଜନୀତିକରଣ ନ କରାଯାଉ ବୋଲି ସେ କହିଛନ୍ତି।

# ମା' ଡୋକରୀ ଦେବୀ, ବାବା ଭୈରବ ଦେବଙ୍କ ଝାମୁଯାତ୍ରା

**ଥୁଆମୂଳ ରାମପୁର, ୧୩।୧୧ (ଦୁର୍ଗା କୀର୍ତ୍ତି)**



ଝାମୁଯାତ୍ରା ଅବସରରେ ଅନୁଷ୍ଠିତ ସଭାରେ ଅତିଥିମାନେ।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କୋଷାବରା ଗ୍ରାମର ହେଲୋପ୍ୟାଣ୍ଡ ପଡ଼ାଠାରେ ମା' ଡୋକରୀଦେବୀ ଓ ବାବା ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଛି। ଦଶହରା ପର୍ବର ଏହି ଅନ୍ତିମ ଉତ୍ସବକୁ ଗ୍ରାମବାସୀ ବେଶ୍ ଧୁମ୍‌ଧାମରେ ପାଳନ କରିଥିଲେ। ପରମ୍ପରା ଅନୁଯାୟୀ ଭୈରବ କାଳିଶି ଜଗିନ୍ଦ୍ର ଧଙ୍ଗଡା ମାଝି ଅଗ୍ନିପରୀକ୍ଷା ଦେଇଥିବା ବେଳେ ମା' ଡୋକରୀ ଦେବୀ କାଳିଶି ସୁଦର୍ଶନ ନାଏକ ପାଣି ଗାଦିଆ ବସିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବରେ ଆଇନଜୀବୀ ନିମାଞ୍ଚଳ ନାଏକ ଓ ମନୋରଞ୍ଜନ ନାଏକ, ଗୁଞ୍ଜେନ ମାଝି, ପରମେଶ୍ୱର ନାଏକ, ହେମନ୍ତ ନାଏକ, ମକୁନ୍ଦ ଧଙ୍ଗଡାମାଝି, ଧର୍ମେନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପୂଜା କମିଟି ସଭାପତି ଡମ୍ବରୁଧର ନାଏକ, ଉପସଭାପତି ଆନନ୍ଦ ନାଏକ, ସମ୍ପାଦକ ଜଗାକାଳିଆ ନାଏକ, ସହସମ୍ପାଦକ ଚନ୍ଦ୍ରକାନ୍ତ ନାଏକ, କୋଷାଧ୍ୟକ୍ଷ ମଳୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଭୈରବ ଦେବଙ୍କ ମନ୍ଦିର ନିର୍ମାଣ ନେଇ ସଙ୍କଳ୍ପ ନେଲେ ଅତିଥି ଓ ଗ୍ରାମବାସୀ

ଆଗାମୀ ବର୍ଷ କେମିତି ବାବା ଭୈରବ ଦେବଙ୍କ ଏହି ମନ୍ଦିର ନିର୍ମାଣ କରାଯିବ ସେ ଦିଗରେ ସମସ୍ତ ଅତିଥିଙ୍କ ସମେତ ଗ୍ରାମବାସୀ ସଙ୍କଳ୍ପ ନେଇଥିଲେ। ଶେଷରେ ପୂଜାକମିଟି ସଭାପତି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ପକ୍ଷରୁ ଦର୍ଶକଙ୍କ ମନୋରଞ୍ଜନ ସକାଶେ ଏକ ଗୀତିନାଟ୍ୟ ମଞ୍ଚସ୍ଥ ହୋଇଥିଲା।

# ଗ୍ରାମରକ୍ଷୀ ସଂଘ ସମାବେଶ

**କୋକସରା, ୧୩।୧୧ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**



ସମାବେଶରେ ଯୋଗଦେଇଥିବା ଗ୍ରାମରକ୍ଷୀମାନେ।

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେରସ୍ଥିତ ଧାନମଣ୍ଡିଠାରେ କଳାହାଣ୍ଡି ନିଖିଳ ଗ୍ରାମରକ୍ଷୀ ସଂଘର ଏକ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦୁର୍ଗା ପାନଙ୍କ ସଭାପତିତ୍ୱରେ ଜିଲା ସଭାପତି ସୁରେଶ ନାଗ, ଜିଲା ସମ୍ପାଦକ ଭୋଲାନାଥ ଭରତିଆ, ସହ ସମ୍ପାଦକ ତୁଲାରାମ ଦୁର୍ଗା, କୋଷାଧ୍ୟକ୍ଷ ଭୁବନେ ନାଏକ, ସମ୍ମାନିତ ଅତିଥି ଭାବେ କୋରାପୁଟରୁ ବେଦାନ୍ତ ଭକ୍ତ, କୋକସରା ବ୍ଲକ୍ ସଭାପତି କ୍ଷୀରଲାଲ ବାଗ, ବିକ୍ରମ ସୁନାନୀ, ମହେନ୍ଦ୍ର ପାନ, ହିମାଞ୍ଚଳ ନାଏକ, ତ୍ରିଲୋଚନ ବାଗ, ଯୁଗେଶ୍ୱର ଦୁର୍ଗା, ଅମର ନିଆଳ, ରବି ବେମାଲ ପ୍ରମୁଖ ଉପସ୍ଥିତ ରହି ଗ୍ରାମରକ୍ଷୀଙ୍କୁ ସରକାରଙ୍କ ଅଣଦେଖା ନେଇ ପ୍ରତିବାଦ କରିଥିଲେ। ଗ୍ରାମରକ୍ଷୀ ଦଶନ୍ଧି ଦଶନ୍ଧି ଧରି ଥାନାଗୁଡିକରେ ନିୟୋଜିତ ରହି ପୋଲିସକୁ ଗ୍ରାମାଞ୍ଚଳରେ ଘଟୁଥିବା ଆପରାଧିକ କାର୍ଯ୍ୟକଳାପର

## ରାଜ୍ୟ ସରକାରଙ୍କ ଅଣଦେଖାର ପ୍ରତିବାଦ

ସୂଚନା ପ୍ରଦାନ କରିଆସୁଥିବା ବେଳେ ରାଜ୍ୟ ସରକାର ସେମାନଙ୍କୁ ଅଣଦେଖା କରିଆସୁଛନ୍ତି। ବିଭିନ୍ନ ସମୟରେ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦରମା ବୃଦ୍ଧି ସହ ଅନ୍ୟାନ୍ୟ ଦାବି କରିଆସୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମରକ୍ଷୀଙ୍କ ଦରମା ଅନ୍ୟ ରାଜ୍ୟରେ ସର୍ବନିମ୍ନ ୧୫ ହଜାର ରହିଥିଲେ ମଧ୍ୟ ଆମ ରାଜ୍ୟ ସରକାର ମାତ୍ର ୧୮୦୦ ଟଙ୍କା ଦେଉଛନ୍ତି, ଯାହାକି ଜଣେ ଶ୍ରମିକଙ୍କ ଦୈନିକ ମଜୁରିଠାରୁ ମଧ୍ୟ କମ। ଏହି ସ୍ୱଳ୍ପ ବେତନରେ କେମିତି ପରିବାର ପ୍ରତିପୋଷଣ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଏହାକୁ ଅତି କମ୍‌ରେ ୧୩,୫୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଗଣମାଧ୍ୟମ ଜରିଆରେ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ନଚେତ୍ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ସମାବେଶରେ ଜିଲାର ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼, ଗୋଲାମୁଣ୍ଡା, କଳମପୁର, ଜୟପାଟଣା, ଥୁଆମୂଳ ରାମପୁର ପୋଲିସ ଥାନାରେ କାର୍ଯ୍ୟରତ ଗ୍ରାମରକ୍ଷୀମାନେ ଯୋଗଦେଇଥିଲେ।

**ଶ୍ରୀମଦ୍ ଭାଗବତ ମହାପୁରାଣ ପାରାୟଣ**

ଅମରପାଲି,(ପୀତାମ୍ବର ସାହୁ): ବୀରମହାରାଜପୁର ସଦର ମହକୁମା ଜଗନ୍ନାଥ ମନ୍ଦିରରେ ଶ୍ରୀମଦ୍ ଭାଗବତ ମହାପୁରାଣ ପାରାୟଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏକାଦଶୀ ବ୍ରତ ପାଳନ କରୁଥିବା ବ୍ରତୀମାନଙ୍କ ଦ୍ୱାରା ଆୟୋଜିତ ଦ୍ୱାଦଶୀ ତିଥିରେ ବ୍ରତ ଉଦ୍‌ଯାପନ ଉପଲକ୍ଷେ ଏହି ପାରାୟଣ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାଗବତ ପ୍ରଥମରୁ ଦ୍ୱାଦଶ ସ୍କନ୍ଧ ଏବଂ ଗୀତା ଆବୃତ୍ତି ପାଇଁ ପୁସ୍ତକ ଅର୍ପଣ କରି ପାଠ କରି ପାଇଁ ଅନୁରୋଧ କରାଯାଇଥିଲା। ଭଗବାନ ମିଶ୍ର, ପାଠବାଦ ପଣ୍ଡା, ଗଣେଶ ହୋତା, ତ୍ରିତାକୃଷ୍ଣ ପଣ୍ଡା, ଯୁଗଳ କିଶୋର ମିଶ୍ର, ବିଜୟ ହୋତା, ଅକ୍ଷୟ ଦାଶ, ସନ୍ନ୍ୟାସୀ ଶତପଥୀ, ସତ୍ୟ ଚାନ୍ଦ, ଦିଲ୍ଲୀପ ମିଶ୍ର, ବିପିନ ନନ୍ଦ ଅଂଶଗ୍ରହଣ କରିଥିଲେ।

# ଗ୍ରାମପଞ୍ଚାୟତ ସ୍ତରୀୟ ସଂଘର ପ୍ରତିଷ୍ଠା ଦିବସ

**ଅମରପାଲି,୧୩।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତସ୍ତରୀୟ ସଂଘର ୭ମ ପ୍ରତିଷ୍ଠା ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଜୀବିକା ମିଶନର ବିଏଲ୍‌ସି ରମାକାନ୍ତ ହରିପାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସଂଘର ସଭାନେତ୍ରୀ ମୀରା ବାରିକ, ସମ୍ପାଦିକା ମାଧୁରୀ ମେହେର ଏବଂ ସମସ୍ତ ଇସି ସଭ୍ୟା ଓ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଘର ଦକ୍ଷ ନ ଥିପଡ଼ ପରିଚାଳିକା ବବିତା ରାଣୀ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଦୀର୍ଘ ୭ ବର୍ଷର ସମସ୍ତ ଆର୍ଥିକ ଓ ଅଣ ଆର୍ଥିକ କାର୍ଯ୍ୟର ବିବରଣୀକୁ ଉପସ୍ଥାପନା କରିଥିଲେ। ବ୍ୟାଙ୍କ ମିତ୍ର ଭାଗ୍ୟମତି ତାଣ୍ଡି ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟ ବିବରଣୀକୁ ଉପସ୍ଥାପନା କରିଥିଲେ। ଆଗାମୀ ଦିନରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇ ବ୍ୟାପକ ଆଲୋଚନା କରାଯାଇଥିଲା। ଶେଷରେ ସଭାନେତ୍ରୀ ମୀରା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ସିଆର୍‌ପିଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ସଙ୍ଗୀତା-ନିରଞ୍ଜନ କଥା କଟାକଟି

**ସୋନପୁର,୧୩।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି(ଦିଶା) ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଏମ୍‌ପି ତଥା କମିଟି ଅଧ୍ୟକ୍ଷା ସଙ୍ଗୀତା କୁମାରୀ ସିଂଦେଓ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ତଥା ଦିଶାର ମେମ୍ବର ସେକ୍ରେଟାରି ଅନ୍ୟା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏମ୍‌ପି ସିଂଦେଓ ନିଜର ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିବା ପରେ ସମୀକ୍ଷା ବୈଠକ ଆରମ୍ଭ ହୋଇଥିଲା। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଦିଶା ବୈଠକର ଗାଇଡ୍‌ଲାଇନ ଉପରେ ବିଶଦ ଆଲୋଚନା କରିଥିଲେ। ପ୍ରତି ୩ ମାସରେ ଥରେ ବୈଠକ ହେବା ନିୟମ ଥିବା ବେଳେ ପ୍ରାୟ ୧ ବର୍ଷ ପରେ ବୈଠକ ହେବା, କମିଟି ସଭ୍ୟମାନଙ୍କୁ ଅଳ୍ପଦିନ ପୂର୍ବରୁ ସୂଚନା ମିଳୁଥିବା ବିଧାୟକ କହିଥିଲେ। ଏଥିରେ ଏମ୍‌ପି ସିଂଦେଓ ବିରକ୍ତ ହେବା ସହ ଅଯଥା ସମୟ ନଷ୍ଟ ନ କରି ବିକାଶ ପ୍ରସଙ୍ଗକୁ ନେଇ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଫଳରେ ଏମ୍‌ପି ଓ ବିଧାୟକଙ୍କ ମଧ୍ୟରେ କଥା



ଦିଶା ବୈଠକରେ ଏମ୍‌ପି, ବିଧାୟକ ଓ ଜିଲାପାଳ ପ୍ରମୁଖ ଉପସ୍ଥିତ ଅଛନ୍ତି।

**ଦିଶା ବୈଠକରେ ସରଗରମ ଆଲୋଚନା**

କଟାକଟି ହୋଇଥିଲା। ଏପରିକି ଏମ୍‌ପି ଓ ବିଧାୟକଙ୍କ ସମର୍ଥକ ଛିଡ଼ାହୋଇ ନିଜ ନିଜର ନେତାଙ୍କୁ ସମର୍ଥନ ଜଣାଇଥିଲେ। ପ୍ରାୟ ଅଧା ଘଣ୍ଟା ଏଭଳି ଚାଲିବା ପରେ ବୈଠକ ସ୍ୱାଭାବିକ ହୋଇଥିଲା।

ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଓ ଧାନକିଣା ସମୟରେ ଚାଷୀଙ୍କୁ ହଇରାଣ ନ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଜିଲାରେ କେତେଜଣ ଅସାଧୁ ବ୍ୟବସାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଛତୁଆ ବ୍ୟବସାୟକୁ ନିୟନ୍ତ୍ରଣ କରୁଛନ୍ତି। ସେମାନେ କୋମଳମତି ଶିଶୁ ଓ ଗର୍ଭବତୀଙ୍କୁ ନିମ୍ନମାନର ଛତୁଆ ବଣ୍ଟନ କରିଥିବା ଅଭିଯୋଗ ରହିଛି। ଜିଲା ପ୍ରଶାସନ ସମ୍ପୃକ୍ତ ଗୋଷ୍ଠୀଙ୍କୁ କାର୍ଯ୍ୟରୁ ଅନ୍ତର ନ କରି ଅନୁକମ୍ପା ପ୍ରଦର୍ଶନ କରୁଥିବା ଏମ୍‌ପି ଅଭିଯୋଗ କରିଥିଲେ। ଏହି ବୈଠକରେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଜିଲାପାଳ ଅନ୍ୟା ଦାସ, ଏସ୍‌ପି ରାମପ୍ରସାଦ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି ଓ ଲୋକ ପ୍ରତିନିଧିମାନେ ଯୋଗ ଦେଇଥିଲେ।

ଏହି ବୈଠକରେ କୃଷି, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ଯୋଗାଣ, ରାଜସ୍ୱ, ଆଡ଼ି ବନ୍ଧ ନିର୍ମାଣ, ବୃହତ୍ ଉଠା ଜଳସେଚନ, ଉଠା ଜଳସେଚନ, ପାନୀୟ ଜଳ, ବିଦ୍ୟୁତ୍, ସମବାୟ ଓ ଗମନାଗମନ ବ୍ୟବସ୍ଥା ଉପରେ ସମୀକ୍ଷା ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକ ପ୍ରତିନିଧି ଓ ଜିଲାର ଅଧିକାରୀମାନେ ସମୀକ୍ଷା କରିବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସରଗରମ ଆଲୋଚନା କରିଥିଲେ।

# ସୁମନ୍ତିଙ୍କୁ ରୌପ୍ୟ, ଅର୍ଚ୍ଚିତାଙ୍କୁ ବ୍ରୋଞ୍ଜ

**ଅମରପାଲି,୧୩।୧୧(ପୀତାମ୍ବର ସାହୁ)**

**ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା**

**■ଜାତୀୟସ୍ତରକୁ ସୁମନ୍ତି ମନୋନୀତ**

ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲାର ପ୍ରତିଯୋଗୀଙ୍କୁ ମିଳିଛି ପୁଣି ସଫଳତା। ବୁଧବାର ଜିଲାର ୨ଜଣ ବାଳିକା ପ୍ରତିଯୋଗୀଙ୍କୁ କୃତିତ୍ୱ ହାସଲ କରିଛନ୍ତି। କେନ୍ଦୁଝର ସ୍ପୋର୍ଟସ କମ୍ପ୍ଲେକ୍ସରେ ଚାଲିଥିବା ୬୮ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତାରେ ଜିଲାର ପ୍ରତିଯୋଗୀ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ବର୍ଗର ୪୦୦ ମିଟର ଦୌଡ଼ରେ ଅର୍ଚ୍ଚିତା ପ୍ରଧାନଙ୍କୁ କାଂସ୍ୟ ପଦକ ମିଳିଥିବା ବେଳେ ୧୪ ବର୍ଷରୁ କମ୍ ବାଳିକା ବର୍ଗର ୪୦୦ ମିଟର ଦୌଡ଼ରେ ସୁମନ୍ତି ରାଜହଂସଙ୍କୁ ମିଳିଛି ରୌପ୍ୟ ପଦକ। ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ସୁମନ୍ତି ୧୪ ବର୍ଷରୁ କମ୍ ବାଳିକା ବର୍ଗର ୬୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସୁମନ୍ତିଙ୍କ ଏହା ବ୍ୟକ୍ତିଗତ ଦ୍ୱିତୀୟ ପଦକ। ସେ ୬୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତର ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମାତ୍ର ଅର୍ଚ୍ଚିତା ପ୍ରଧାନଙ୍କ ଏହି ପ୍ରତିଯୋଗିତାରେ ଏହା ପ୍ରଥମ ପଦକ। ସୁମନ୍ତି ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ପଞ୍ଚାୟତ ସେରେଗେଡ଼ା ଗ୍ରାମର ମାନଭଞ୍ଜନ ରାଜହଂସ ଓ କେତେକୀ ରାଜହଂସଙ୍କ ଝିଅ। ସେ ସେରେଗେଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସେହିପରି ସୁବଳୟା ସଂଗ୍ରାମପୁର ଗ୍ରାମର କ୍ଷେତ୍ର ପଧାନ ଓ କମଳା ପଧାନଙ୍କ ଝିଅ ଅର୍ଚ୍ଚିତା ସୁବଳୟା କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି।



ସୁମନ୍ତି ରାଜହଂସ।



ଅର୍ଚ୍ଚିତା ପ୍ରଧାନ।

# ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଅମରପାଲି,୧୩।୧୧(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାଦୋଦର ସ୍ଥିତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଯୁବ କାର୍ଯ୍ୟକ୍ରମ ପରିଚାଳକ କ୍ଷୀରେନ୍ଦ୍ର ରଣା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ କାଦୋଦର ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢୀ, ସମ୍ମାନିତ ଅତିଥିଭାବେ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ବଲ୍ଲଭ ପୁରୋହିତ, ସ୍ୱେଚ୍ଛାସେବୀ ସ୍ୱର୍ଣ୍ଣରୂପା ମିଶ୍ର, ରଶ୍ମିତା ପଧାନ ଓ ଲଛିପୁର ପଞ୍ଚାୟତ କଲେଜ ଇତିହାସ ଅଧାପକ ଆର୍ତ୍ତତ୍ରାଣ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ସହିତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପିକା ଓ ଛାତ୍ରୀଛାତ୍ରମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଏକାଗ୍ରତା, ସମନ୍ୱୟ ଖୋଜିବା, ଗତିଶୀଳ ପରିଚୟ ଆଦାନ ପ୍ରଦାନ (ସ୍ପିଡ ଡେଟିଂ), ଧ୍ରୁବିକରଣ ସହ ଏକ ରୋଚକ ମୋଡ, ପ୍ରଶଂସାତ୍ମକ ଅନୁସନ୍ଧାନ, ବ୍ୟକ୍ତିଗତ ଏବଂ ସମ୍ପ୍ରଦାୟ କାର୍ଯ୍ୟସହିତ ବାସ୍ତବ ଦୁନିଆଁ ସଂଯୋଗ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ପୂଜା ବଡମାଳୀ ଧନ୍ୟବାଦ ଅର୍ପଣ କରିଥିଲେ।





ବାର୍ଷିକ ବୈଠକରେ ରେଡକ୍ରସର କର୍ମକର୍ତ୍ତା ଓ ସାଧନ କର୍ମୀ।

# ଟିକିରାପଡ଼ା ଗ୍ରାମରେ କଳାସି ଯାତ୍ରା

**ବାଉଁଶୁଣୀ,୧୩।୧୧(ଦେବାଶିଷ ନେପାକ)**

ମଙ୍ଗଳବାର ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟିକିରାପଡା ଗ୍ରାମରେ କଳାସି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ ମଞ୍ଚକୁ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଉଦ୍‌ଘାଟନ କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଦସ୍ୟ ଇଂ ରାକେଶ କୁମାର ତ୍ରିପାଠୀ, ସରପଞ୍ଚ ଅଇଁଠୁ ମହାଲିକ, ସମିତିସଭ୍ୟ ପ୍ରମୋଦ କୁମାର ଦେହୁରୀ , ସାମାଜିକ କର୍ମୀ ଘମୁଡୁ ଦନ୍ତା ମଞ୍ଚାସୀନ ଥିଲେ। ଏହି ଅବସରରେ ଗ୍ରାମର ପୂର୍ଣ୍ଣମାସୀ ନାଟ୍ୟ କଳା ସଂସଦ ପକ୍ଷରୁ ସାମାଜିକ ନାଟକ 'ଜନମ ନେଇଛି କାନ୍ଦିବା ପାଇଁ' ମଞ୍ଚସ୍ଥ ହୋଇଥିଲା ।

# ଜୁନିୟର ରେଡକ୍ରସ ପରିଚାଳନା କମିଟି ବୈଠକ

**ସୋନପୁର,୧୩।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଜୁନିୟର ରେଡକ୍ରସ ପରିଚାଳନା କମିଟିର ବାର୍ଷିକ ବୈଠକ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ତଥା ଏଡିଇଓ ମଞ୍ଜୁଲତା ଭୋଇ ୨୦୨୩-୨୪ ର ବାର୍ଷିକ ବିବରଣୀ ଓ ୨୦୨୪-୨୫ ଶିକ୍ଷା ବର୍ଷ ଜିଲା ଜୁନିୟର ରେଡକ୍ରସର ବ୍ୟୟ ଅଟକଳ ପ୍ରଦାନ କରିଥିଲେ। ଜିଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ସୁବର୍ଣ୍ଣପୁର ଜୁନିୟର ରେଡ଼କ୍ରସର ସ୍ଥିତି, ପ୍ରଗତି ଓ ଯୋଜନା ବିଷୟରେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଭାଇସ ଚେୟାରପର୍ସନ ଗତିକୃଷ୍ଣ ମିଶ୍ର ଓ ବରିଷ୍ଠ ସାଧନକର୍ମୀ ଝସକେତନ ମେହେର ଜୁନିୟର ରେଡକ୍ରସ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ସମାଜ ସେବା ଯୋଗାଇବାରେ ବେଶ ପ୍ରଭାବ ପକାଇଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସାଧନ କର୍ମୀ ଚନ୍ଦ୍ରମଣି ବାଘ ସଂଯୋଜନା କରିଥିବା ବେଳେ ହୃଷୀକେଶ ଡାଙ୍ଗ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଚଳିତଶିକ୍ଷା ବର୍ଷର ଜିଲାସ୍ତରୀୟ ଶିକ୍ଷା ଓ ତାଲିମ ଶିବିର ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ମାୟାବର୍ହାରେ ଡିସେମ୍ବର ପ୍ରଥମ ସପ୍ତାହରେ ଆୟୋଜନ କରିବାକୁ ବୈଠକରେ ସ୍ଥିରୀକୃତ ହୋଇଥିଲା। ଜିଲାର ସମସ୍ତ ସାଧନ କର୍ମୀ, ବିସିସି ଓ କର୍ମକର୍ତ୍ତା ବୈଠକରେ ଯୋଗଦାନ କରିଥିଲେ। ଅନୁପ୍ରୀୟା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ନେଇ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ବୌଦ୍ଧ,୧୩।୧୧(ଅଜିତ କୁମାର ବାରିକ)**

ଆଦିବାସୀ ନେତା ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଦିନ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୫ ତାରିଖରେ ବୌଦ୍ଧ କଚେରୀ ପଡିଆଠାରେ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ଜିଲାର ଚିହ୍ନିତ ୭ ଟି ଆଦିବାସୀ ବହୁଳ ଗ୍ରାମ ଯଥା କନ୍ଧମାଳ ବ୍ଲକର ନୂଆପାଲି,ସିଲେଇମାଲ,ଦେଢେନମାଲ,ଗୋଛାଗୋରା, ହରଭଙ୍ଗା ବ୍ଲକର ଲାଣ୍ଡିବନ୍ଧ,ମାଧପୁର ଓ ବୌଦ୍ଧ ବ୍ଲକର ଟିକରପଡା ଗ୍ରାମରେ ଗ୍ରାମସଭାର ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଗ୍ରାମରେ ଗ୍ରାମସଭା କରିବା ପାଇଁ ଜଣେ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।ଏହିବୈଠକରେ ଅତିରିକ୍ତ ଜିଲାପାଳ ଏ. ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଜୟ ଭୈରବୀ କ୍ଲବ ବିଜୟୀ



**ବୌଦ୍ଧ,୧୩।୧୧(ଅଜିତ କୁମାର ବାରିକ)**

**ବୌଦ୍ଧ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟ**

ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଜିଲା ଷ୍ଟାଡିୟମ ପଡିଆରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଦିନ ପ୍ରଗତି କ୍ଲବ କନ୍ଧମାଳ ଓ ଜୟ ଭୈରବୀ କ୍ଲବ ବୌଦ୍ଧ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଇନିଂସରେ ଜୟ ଭୈରବୀ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୫ ଓଭରରେ ୮ ଉଇକେଟ ହରାଇ ୨୭୦ ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ଇନିଂସରେ ପ୍ରଗତି କ୍ଲବ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ୍ କରିଥିଲା। ଫଳରେ ଜୟ ଭୈରବୀ କ୍ଲବ ୧୨୧ ରନରେ ବିଜୟୀ ହୋଇଥିଲା। ଖେଳରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଶୁଭ୍ରଜିତ ଦାନୀ ପୁରସ୍କୃତ ହୋଇଥିଲେ। ଅମ୍ପାୟର ଭାବେ ଅମରେଶ ପ୍ରଧାନ ଓ ସ୍ୱାଧୀନ ବେହେରା ଖେଳ ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱ ସ୍ୱାଗତ ଦେହୁରୀ ତୁଲାଇଥିଲେ। ଗୁରୁବାର ଦିନ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ଓ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ବୌଦ୍ଧ ଜିଲାକୁ ତମାଖୁମୁକ୍ତ କରିବାକୁ ସଂକଳ୍ପ

**ବୌଦ୍ଧ,୧୩।୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ତମାଖୁ ମୁକ୍ତ ଯୁବ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ଏକ ବୈଠକ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଦିନ ଅନୁଷ୍ଠିତ ହୋଇଥିଲା। ତମାଖୁ ମୁକ୍ତ ଯୁବ ଅଭିଯାନର ଆୟୋଜନ ସମ୍ପର୍କରେ ତମାଖୁ ନିୟନ୍ତ୍ରଣ ପରାମର୍ଶଦାତା ଆଲୋକ କୁମାର ମିଶ୍ର ଆଲୋକପାତ କରିଥିଲେ। ଜିଲାପାଳଙ୍କ ଯୋଜନା ଓ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ଶିକ୍ଷାନୁଷ୍ଠାନରେ ତମାଖୁ ମୁକ୍ତ ଯୋଜନା ଆରମ୍ଭ କରାଯିବ। ପ୍ରତ୍ୟେକ ଗ୍ରାମକୁ ତମାଖୁ ମୁକ୍ତ ଗ୍ରାମ କରାଯିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଗ୍ରାମସଭା ସହିତ ଜନଗହଳି ସ୍ଥାନରେ ପ୍ରଚାର ମାଧ୍ୟମରେ, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ତମାଖୁ ସେବନରୁ ଯୁବ ପିଢି ଓ ସମସ୍ତ ବର୍ଗର ଲୋକ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶିକ୍ଷା ବିଭାଗ, ପୋଲିସ, ଅବକାରୀ, ଜିଲା ମଙ୍ଗଳ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ପକ୍ଷରୁ ମିଳିତ ଭାବରେ ଏହି ଅଭିଯାନରେ ସାମିଲ ହୋଇ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବେ। ଏହି ଅଭିଯାନ ୨୩ ନଭେମ୍ବର ପର୍ଯ୍ୟନ୍ତ ଚାଲିବ। ତମାଖୁ ମୁକ୍ତ ଅଭିଯାନର ସଫଳତା ପାଇଁ ଜିଲାପାଳ ପଣ୍ଡା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଜୟକୃଷ୍ଣ ମିଶ୍ର, ଡିଏସପି ସଂଯୁକ୍ତା ବାର୍ଲା, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.କିଶୋର ଚନ୍ଦ୍ର ପଟ୍ଟନାୟକ, ଡା. ସଂଘମିତ୍ରା ପଣ୍ଡା, ଜିଲା କାର୍ଯ୍ୟକ୍ରମ ପରିଚାଳକ ରୁପକ କୁମାର ମହାପାତ୍ର ଏବଂ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଲିୟାରସିଂହଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦିଗଶିରାରେ କଳାସି ଯାତ୍ରା

**ଡୁଙ୍ଗୁରିପାଲି, ୧୩।୧୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଗ୍ରାମରେ ୩ଦିନ ଧରି କଳାସି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ନବମୀ ଦିନ ପ୍ରଥମେ ସ୍ଥାନୀୟ ଶିବ ମନ୍ଦିରରୁ ବରୁଆଦେବତା ମାନଙ୍କୁ ବରଣ କରି ଅଣାଯାଇଥିଲା। ସୋମବାର ଦଶମୀ ଦିନ ପୂଜାଆରମ୍ଭ ହୋଇଥିଲା। ମଙ୍ଗଳବାର ଏକାଦଶୀ ଦିନ ଗାଁ ମଝିରେ ଥିବା କଳାସୀ ମନ୍ଦିରରୁ ବରୁଆ ଦେବତା ମାନଙ୍କୁ ଏକ ଶୋଭାଯାତ୍ରାରେ ଢୋଲ, ନିଶାନ, ମହୁରୀ, ଘଣ୍ଟା ବାଦ୍ୟ ବଜାଇ ନଗର ପରିକ୍ରମା କରି ଅଙ୍ଗ ନଦୀ କଳାସୀ ଯାତ୍ରାକୁ ପହଞ୍ଚି ଥିଲେ। ସେଠାରେ ତୁଳସୀ ଚଉରା ବେଦୀରେ ପୂଜାର୍ଚ୍ଚନା କରାଯାଇଥିଲା। ବରୁଆ ଦେବତା ମାନେ ଘଣ୍ଟ, ବାଦ୍ୟ, ବଜାରେ ନାଚି ଥିଲେ। ମଙ୍ଗଳବାର ରାତିରେ ବରୁଆ ଦେବତାମାନେ ଗ୍ରାମ ପରିକ୍ରମା କରି ଘରକୁ ଘର ଯାଇ ପୂଜା ପାଇଥିଲେ। ପୂଜକ ହେମନ୍ତ ରଣା ଓ ବାଞ୍ଛାନିଧି ରଣା ଦାୟିତ୍ୱ ତୁଲାଉଥିଲେ। ଏହି କଳାସୀ ଯାତ୍ରାକୁ କମିଟି ଓ ଗ୍ରାମବସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

# ଗଞ୍ଜେଇ ଚାଲାଣ ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ


**ବୌଦ୍ଧ,୧୩।୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ବୁଧବାର ଦିନ ଏକ ଗଞ୍ଜେଇ ଚାଲାଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୮।୯।୨୦୧୫ ରେ ବାଉଁଶୁଣୀ ଥାନା ପୋଲିସ ଏକ ମୋଟର ସାଇକେଲରେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇଥିଲା । ଥାନା ଅଧିକାରୀ ରଶ୍ମିତା ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଥାନା ଅଞ୍ଚଳର ଗୁଡପଡା ଖେଳପଡିଆ ରାସ୍ତାରେ ଜଗି ରହିଥିଲା। ଏହି ସମୟରେ ଗୁଡପଡା ରାସ୍ତାର ବାଉଁଶୁଣୀ ଆଡକୁ ଏକ ମୋଟରସାଇକେଲ ଆସୁଥିବା ବେଳେ ପୋଲିସକୁ ଦେଖି ମୋଟର ସାଇକେଲ ଆରୋହୀ ମୋଟର ସାଇକେଲ ଛାଡି ଫେରାର ହୋଇଯାଇଥିଲେ । ପୋଲିସ ଉକ୍ତ ମୋଟର ସାଇକେଲରେ ଥିବା ଏକ ବସ୍ତାରୁ ୧୦ କେଜି ଗଞ୍ଜେଇ ଜବତ କରିଥିଲା । ଏନେଇ ପୋଲିସ ବାଉଁଶୁଣୀ ଥାନା ପୋଲିସ ନଂ ୮୧/୧୫ରେ ଏକ ମାମଲା ରୁଜ କରି ତଦନ୍ତ ଆରମ୍ଭ କରିଥିଲା । ପରେ ପୋଲିସ ଗାଡି ନମ୍ବରକୁ ତନଖି କରି ଗଞ୍ଜେଇ ଚାଲାଣ ମାମଲାରେ ଗାଡି ମାଲିକ ବାଉଁଶୁଣୀ ଥାନା ହିଲୁଙ୍ଗ ଗ୍ରାମର ଅଜିତ ସାହୁଙ୍କ ନାମରେ ମାମଲା ରୁଜୁ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲା । ପରବର୍ତ୍ତୀ ସମୟରେ ଏହି ମାମଲା ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ ନମ୍ବର ୩୯/୧୬ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଅଜିତ ସାହୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଅଶୋକ କୁମାର ସାହୁ ପରିଚାଳନା କରିଥିଲେ।

# ବିଜ୍ଞାନମନସ୍କ ହୁଅନ୍ତୁ ଛାତ୍ରୀଛାତ୍ର

**ତରଭା, ୧୩।୧୧(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସରଗଜ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ତରଭା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଙ୍ଗାରାମ ବୁଡ଼େକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନ ମେଳା ଓ ବାଳ ବୈଜ୍ଞାନିକ ପ୍ରଦର୍ଶନୀର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ସଂଯୋଜକ ତଥା ଏବିଇଓ ସତ୍ୟନାରାୟଣ ମହାପାତ୍ର, ସରଗଜ ସରପଞ୍ଚ ନର୍ମଦା ମିଶ୍ର, ତରଭା ବାଳକ ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଜ ସେଠୀ, ଏବିଇଓ କୃଷ୍ଣଚନ୍ଦ୍ର ପଣ୍ଡା, କାର୍ଯ୍ୟକ୍ରମ ସଂଯୋଜକ ସରଗଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମେହେର, ସଭାପତି ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଆଶିଷ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଗଙ୍ଗାରାମ





ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୫୧ ପ୍ରକଳ୍ପ**

ବୁଡ଼େକ କୁନି ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ମନସ୍କ ହେବା ପାଇଁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ନର୍ମଦା ମିଶ୍ର ବିଦ୍ୟାଳୟ ଉନ୍ନତିରେ ସବୁ ପ୍ରକାର ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ। ବିଇଓ ମିଶ୍ର ଛାତ୍ରଛାତ୍ରୀଙ୍କ ଉତ୍ସାହ ବୃଦ୍ଧି ପାଇଁ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କହିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ରେଣୁକା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କଟାପାଲି ସିଆରସିସି ସଞ୍ଜୀବ ସେଠୀ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବିଇଓ ନାରାୟଣ ମିଶ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗବତିଆ ସାହୁ, ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ମେହେର, ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଚକାମନ ମେହେର, ବିଜୟ ପଣ୍ଡା, ଉମାକାନ୍ତ ତ୍ରିପାଠୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ମେଳାରେ ୧୫୧ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲାସ୍ତରକୁ ୭ଟି ପ୍ରକଳ୍ପ ମନୋନୀତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବକୁ ଶିକ୍ଷକ ପ୍ରଶାନ୍ତ ମିଶ୍ର ଓ ଶିକ୍ଷୟିତ୍ରୀ ସୀମା ଦେଓ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଧନ୍ୟବାଦ ଆଶିଷ ନାଏକ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ତଥା ବ୍ଲକର ସମସ୍ତ ସିଆରସିସି କାର୍ଯ୍ୟକ୍ରମ ସଫଳ କରିବା ପାଇଁ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପୋଲିସକୁ ସହଯୋଗ କଲେ ଅପରାଧ ହ୍ରାସ ପାଇବ

ରାଉରକେଲା,୧୩।୧୧(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ସେକ୍ଟର-୧୯ ପୋଲିସ ପକ୍ଷରୁ ଥାନା ସମ୍ମିଳନୀ ପ୍ରକୋଷ୍ଠରେ ବୁଧବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅପରାଧିକ ଗତିବିଧି ନେଇ ଜନସଚେତନତା ବୃଦ୍ଧି ଏବଂ ପୋଲିସକୁ ସହଯୋଗ କରିବା ନିମନ୍ତେ ବରିଷ୍ଠ ନାଗରିକ ଏବଂ ସାଧାରଣ ଜନତାଙ୍କୁ ସଚେତନ କରାଯାଇଛି। ଆମ ପୋଲିସ କାର୍ଯ୍ୟକ୍ରମ ସେକ୍ଟର--୧୯ ଥାନା ଅଧିକାରୀଣୀ ସାଇପ୍ରଭା ରାଉତଙ୍କ ଆବାହକତ୍ୱ ଏବଂ ସଂଯୋଜନା କ୍ରମରେ ହୋଇଥିଲା। ଏଥିରେ ଥାନାର ଏଏସଆଇ ସୁଶମା ସାହୁ,ଏସଆଇ ଅମ୍ବିକା ଓ ପ୍ରାକ୍ତନ ପୋଲିସ ଅଧିକାରୀ ଡକ୍ଟର ସୁମନ ଦତ୍ତ ସମ୍ମିଳିତ ହୋଇଥିଲେ। ସାଇପ୍ରଭା ରାଉତ ତାଙ୍କ ବକ୍ତବ୍ୟରେ ସମ୍ମିଳିତ ଜନସାଧାରଣଙ୍କୁ କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ପ୍ରତି ମୋବାଇଲ ଆପ ମାଧ୍ୟମରେ ଟଙ୍କା ଲୁଟହେବା ରୋକିବା ନିମନ୍ତେ କୌଣସି ମୋବାଇଲ ମେସେଜ ଲିଙ୍କକୁ ଡାଉନଲୋଡ ନ କରିବା, ନିଜ ଅଞ୍ଚଳରେ ଅଚିହ୍ନା ଅଜଣା ବ୍ୟକ୍ତିଙ୍କୁ ଦେଖିଲେ ପୋଲିସକୁ ସୂଚନା ଦେବା, ବସ୍ତିରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ କାରବାର ଚାଲିଥିଲେ ତୁରନ୍ତ ଖବର ଦେବା, ହ୍ୱାଟ୍ସଆପ କଲକୁ ରିସିଭ ନ କରିବା, ବରିଷ୍ଠ ନାଗରିକ ଏବଂ ମହିଳାମାନେ ସତର୍କ ରହିବା ସହିତ ୧୧୨ ଏବଂ ସାଇବର ଠକେଇ ପାଇଁ ୧୯୩୦ ନମ୍ବରକୁ ଫୋନ କରିବା ପାଇଁ ମଧ୍ୟ ସେ ସମସ୍ତଙ୍କୁ ସୂଚାଇ ଥିଲେ। ଅପରାଧ ରୋକିବା ନିମନ୍ତେ ନିର୍ଭୟ ଏବଂ ସତର୍କ ସହକାରେ ପୋଲିସକୁ ସହଯୋଗ କରନ୍ତୁ, ଦେଖିବେ ଅଞ୍ଚଳରୁ ଅପରାଧ ଆପେ ହ୍ରାସ ପାଇଯିବ ବୋଲି କହିଥିଲେ। ପରେ ଡକ୍ଟର ଦତ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିବା ସହିତ ସତର୍କ ରୁହନ୍ତୁ ଓ ଅପରାଧିକ ଗତିବିଧିକୁ ରୋକନ୍ତୁ ବୋଲି ସମସ୍ତଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସଭା ଶେଷରେ ଆମ ପୋଲିସ ଦାୟିତ୍ୱରେ ରହିଥିବା ଏଏସଆଇ ସୁଷମା ସାହୁ ଧନ୍ୟବାଦ ଦେଇଥିଲେ।



ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ସମ୍ମିଳିତ ଅତିଥି।

# ନୌବାଣିଜ୍ୟ ଐତିହ୍ୟକୁ ମନେ ପକାଇଲା ବୋଇତ ବନ୍ଦାଣ ଉତ୍ସବ

ରାଉରକେଲା,୧୩।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ଦୁର୍ଗାପୂଜା ଯାତ୍ରା ପଡିଆଠାରେ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ୩୪ତମ ବୋଇତ ବନ୍ଦାଣ ଉତ୍ସବ--୨୦୨୪ ଶୁଭାରମ୍ଭ ହୋଇଯାଇଛି। ବୁଧବାର ରାତି ସମାରୋହରେ ଉଦ୍‌ଘାଟକ ଭାବେ ଆର୍‌ଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଏବଂ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ। ରାଉରକେଲା ଉତ୍କଳ ସାଂସ୍କୃତିକ ପରିଷଦ ସାଧାରଣ ସମ୍ପାଦକ ଶଙ୍କର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଉତ୍କଳ ସାଂସ୍କୃତିକ ପରିଷଦର ସମସ୍ତ କର୍ମକର୍ତ୍ତାଙ୍କ ଆପ୍ରାଣ ପ୍ରଚେଷ୍ଟାରେ ଦୁଇ ଦିନ ଧରି ବୋଇତ ବନ୍ଦାଣ ଉତ୍ସବ କାର୍ଯ୍ୟକ୍ରମରେ ଅତିଥିମାନେ ଓଡ଼ିଶାର ଐତିହ୍ୟ ପରମ୍ପରାରେ ବୋଇତ ବନ୍ଦାଣ ଉତ୍ସବ ନୌବାଣିଜ୍ୟ ଐତିହ୍ୟକୁ ମନେ ପକାଇଲା ବୋଲି କହିଥିଲେ। ସାଧବ ଏବଂ ସାଧବାଣୀଙ୍କ ଦ୍ୱାରା ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଜଡ଼ିତ ରହିଥିବା ଇତିହାସକୁ ସ୍ମରଣ କରାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଓଡ଼ିଆର ସଭ୍ୟତା ଏବଂ ପରମ୍ପରା ଅତିବ ନିଆରା। ଏଠି ବାର ମାସରେ ତେର ଯାତ ହୁଏ। ତନ୍ମଧ୍ୟରୁ ଏହି ବୋଇତ ବନ୍ଦାଣ ପର୍ବ ଓଡ଼ିଶା ଜାତି ନିମନ୍ତେ ସର୍ବଦା ବନ୍ଦନୀୟ ଏବଂ ସ୍ମରଣୀୟ ରହିବ ବୋଲି କହିଥିଲେ। ଏହିଭଳି ଭାବେ ବିଧାୟକ ବାବୁ ସିଂ ଏବଂ ଆଶ୍ରୀତ ପଟ୍ଟନାୟକ ଓଡ଼ିଶା କଳା,ସଂସ୍କୃତି ଏବଂ ପରମ୍ପରାର ପଟାନ୍ତର ନାହିଁ ବୋଲି କହିଥିଲେ। ଏହା ପରେ ସାଂସ୍କୃତିକ ସନ୍ଧ୍ୟାରେ ସୁନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢୀଙ୍କର ଓଡ଼ିଆ ଓ ସମ୍ବଲପୁରୀ ଆଧୁନିକ ହିଟ ଗୀତ ସଙ୍ଗୀତ ଓ ନାବ୍ୟା, ତେଜସ୍ୱିନୀ, ବିକାଶ ଓ ସାଥି ରାତିସାରା ଦର୍ଶକଙ୍କୁ ବେଶ ଝୁମାଇଥିଲେ। ଉତ୍ସବ ଆରମ୍ଭରେ ରାଉରକେଲାର ପ୍ରତିଭାମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ଏଥିସହ ଶିକ୍ଷା କ୍ଷେତ୍ରରେ, ସାମାଜିକ ସେବା କ୍ଷେତ୍ରରେ ଯଶଲାଭ କରିଥିବା ବିଶେଷ ବ୍ୟକ୍ତି ବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପରିଷଦ ସାଧାରଣ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

### ରାଉରକେଲା ତହସିଲ ପକ୍ଷରୁ ପଟ୍ଟା ବିତରଣ

ରାଉରକେଲା,୧୩।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ତହସିଲ ପକ୍ଷରୁ ସିଭିଲ ଟାଉନଶିପ ଓ କୋଏଲ ନଗରର ୨୬ଜଣ ଲିଜ ପଟ୍ଟାଧାରୀଙ୍କୁ ନେଇ ଜମି ପଟ୍ଟା ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏନେଇ ଉଭୟ ଅଞ୍ଚଳର ୨୬ଜଣ ପଟ୍ଟାଧାରୀଙ୍କୁ ଫ୍ରି ହୋଲ୍ଡ ଘୋଷଣା କରି ଜମି ପଟ୍ଟା ବଣ୍ଟନ କରାଯାଇଛି। ପ୍ରକାଶ ଥାଉକି ଉପରୋକ୍ତ ୨୬ଜଣ ଲିଜ୍ ପଟ୍ଟାଧାରୀ ହିତାଧିକାରୀ ଆଗରୁ ରୟତି ପଟ୍ଟା ପାଇବା ପାଇଁ ରାଉରକେଲା ତହସିଲରେ ଆବେଦନ କରିଥିଲେ। ହିତାଧିକାରୀମାନଙ୍କ ଆବେଦନକୁ ବିଧିବଦ୍ଧ ଘୋଷଣା କରି ରୟତି ଜମି ପଟ୍ଟା ପ୍ରମାଣପତ୍ରମାନ ପ୍ରଦାନ କରାଯାଇଛି। ଏନେଇ ଅନୁଷ୍ଠିତ ହୋଇ ଯାଇଥିବା ରୟତି ପଟ୍ଟା ବିତରଣ ସମାରୋହରେ ରାଉରକେଲା ତହସିଲଦାର ନିବେଦିତା ପ୍ରଧାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଥିବା ବେଳେ ବରିଷ୍ଠ ରାଜସ୍ୱ ସହାୟକ ବିନୋଦ ଲାକ୍ରା, ରାଜସ୍ମିତା ବାରିକ ଓ ମୋନିକା ସାହୁ ପଟ୍ଟା ବିତରଣ ସମାରୋହରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



ପଟ୍ଟା ବଣ୍ଟନ କରାଯାଉଛି।

# ବିଶ୍ୱ ଯୋଗାଯୋଗ ସମ୍ମିଳନୀରେ ଆର୍‌ଏସ୍‌ପିର ସର୍ବାଧିକ ପୁରସ୍କାର ଲାଭ

ରାଉରକେଲା,୧୩।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିକୁ ପବ୍ଲିକ ରିଲେସନ କାଉନସିଲ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ୧୮ତମ ବିଶ୍ୱ ଯୋଗାଯୋଗ ସମ୍ମିଳନୀରେ ବହୁ ପୁରସ୍କାର ମିଳିଛି। ଯୋଗାଯୋଗ ତଥା ଲୋକସମ୍ପର୍କ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶିତ କରି ଉକ୍ତ ସମ୍ମିଳନୀରେ ଆରଏସପି ୩ଟି ରୌପ୍ୟ ଓ ଗୋଟିଏ ସାନ୍ତ୍ୱନାମୂଳକ ପୁରସ୍କାର ଜିଣିଛି। ଯାହା ଆର୍‌ଏସ୍‌ପିର କାର୍ଯ୍ୟରେ ସୃଜନଶୀଳତା ଏବଂ ଅଭିନବତା ପ୍ରତି ସମର୍ପିତ ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରୁଛି। କର୍ନାଟକ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ ପି.କୃଷ୍ଣ ଭଟ୍ଟ ଏହି ପୁରସ୍କାର ପ୍ରଦାନ କରିଥିଲେ। ଆର୍‌ଏସ୍‌ପି ସିଏସଆର ବିଭାଗର ଏଜିଏମ ଆଦିତ୍ୟ ନାରାୟଣ ପତି, ଲୋକ ସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ଓ ସହାୟକ ପ୍ରବନ୍ଧକ ଜୟଦେବ ମଜୁମଦାର ସମ୍ମିଳନୀରେ ଆର୍‌ଏସ୍‌ପିର ପ୍ରତିନିଧିତ୍ୱ କରି ପୁରସ୍କାରମାନ ଗ୍ରହଣ କରିଥିଲେ। ଆରଏସ୍‌ପି ଡିଜିଟାଲ ମିଡିଆ ଇନୋଭେସନ ଶ୍ରେଷ୍ଠ କମ୍ପାନୀ



ଆର୍‌ଏସ୍‌ପିକୁ ପୁରସ୍କାର ପ୍ରଦାନ କରାଯାଉଛି।

ସଂସ୍କୃତି ରୂପାନ୍ତରଣ ଏବଂ ସିଏସ୍‌ଆର ଶିଶୁ ଯତ୍ନ କ୍ଷେତ୍ରରେ ତିନୋଟି ରୌପ୍ୟ ପୁରସ୍କାର ହାସଲ କରିଛି। ସେହିଭଳି ପିଆର କେସ ଷ୍ଟଡି ବର୍ଗରେ ଆରଏସପି ସାନ୍ତ୍ୱନାମୂଳକ ପୁରସ୍କାର ଲାଭ କରିଛି। ଉଲ୍ଲେଖଯୋଗ୍ୟ ଯେ, ରିକନେକ୍ଟ ବିଷୟବସ୍ତୁ ଉପରେ ଆୟୋଜିତ ହୋଇଥିବା ୧୮ତମ ବିଶ୍ୱ ଯୋଗାଯୋଗ ସମ୍ମିଳନୀରେ ଶିଳ୍ପ ନେତୃବୃନ୍ଦ ତଥା ବିଶେଷଜ୍ଞମାନଙ୍କ ପାଇଁ ସାମ୍ପ୍ରତିକ ଡିଜିଟାଲ ଦୃଶ୍ୟପଟ୍ଟରେ ଯୋଗାଯୋଗର କ୍ରମ ବିକାଶଶୀଳତା ଉପରେ ଆଲୋଚନା ଏବଂ ବିଚାର ବିମର୍ଶ ପାଇଁ ମଞ୍ଚ ପ୍ରଦାନ କରିଥିଲା। ପବ୍ଲିକ ରିଲେସନ କାଉନସିଲ ଅଫ ଇଣ୍ଡିଆ ଲୋକସମ୍ପର୍କ ବୃତିଧାର, ଯୋଗାଯୋଗକାରୀ, ବିଜ୍ଞାପନ ଲୋକସମ୍ପର୍କ, ଲୋକସମ୍ପର୍କ ପୋଷାବିତ ଏବଂ ଅନ୍ୟାନ୍ୟ ସହଯୋଗୀ ସେବା ଗୁଡିକର ଏକ ଜାତୀୟ ବୃତିଗତ ସଂସ୍ଥା ଅଟେ। ଏହି ସମ୍ମିଳନୀରେ ଆରଏସପିର ଉଲ୍ଲେଖନୀୟ ପ୍ରଦର୍ଶନ ସ୍ୱଚ୍ଛତା ଓ ବିଶ୍ୱସନୀୟତା ବଜାୟ ରଖି ପରିବର୍ତ୍ତିତ ଯୋଗାଯୋଗ ଦୃଶ୍ୟପଟ୍ଟ ସହିତ ସମତାଳରେ ପ୍ରଗତି ପଥରେ ଅଗ୍ରସର ହେବାର ଏହାର କ୍ଷମତାକୁ ସୁଚିତ କରୁଛି।

### ବନ୍ଧମୁଣ୍ଡା ପତିତପାବନ ମନ୍ଦିରର ପ୍ରାଣପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

ରାଉରକେଲା, ୧୩।୧୧(ସଙ୍ଗୀତା ଜେନା): ବନ୍ଧମୁଣ୍ଡା ଡିଜେଲ କଲୋନୀ ଠାରେ ଜଗନ୍ନାଥ ମନ୍ଦିର ପରିସରରେ ନବନିର୍ମିତ ପତିତପାବନ ମନ୍ଦିରର ପ୍ରାଣପ୍ରତିଷ୍ଠା ଆସନ୍ତା ଗୁରୁବାର ହେବାକୁ ଯାଉଛି। ଏ ନେଇ ପ୍ରସ୍ତୁତି ବୈଠକ ବୁଧବାର ସମ୍ପନ୍ନ ହୋଇଛି। ଉକ୍ତ ପ୍ରାଣପ୍ରତିଷ୍ଠା ଅବସରରେ ତ୍ରିଦିବସୀୟ କାର୍ଯ୍ୟକ୍ରମ ହେବାକୁ ଯାଉଛି। ଗୁରୁବାର କଳସଯାତ୍ରା, ଶୁକ୍ରବାର ସୂର୍ଯ୍ୟପୂଜା, ଗୋମାତା ପୂଜା, ଗୀତାପାଠ ଓ ଶନିବାର ନଗର କୀର୍ତ୍ତନ କରାଯିବ। ଏଥିରେ ବହୁସଂଖ୍ୟାରେ ଭକ୍ତ ଯୋଗଦେବାକୁ ମନ୍ଦିର କମିଟି ନିବେଦନ କରିଛି।

### ଭୋଟ ବର୍ଜନ ପାଇଁ ସୀମାନ୍ତରେ ମାଓବାଦୀ ପୋଷ୍ଟର



ସୀମାନ୍ତରେ ମାଓବାଦୀ ପୋଷ୍ଟର ଲଗାଯାଇଛି।

ରାଉରକେଲା, ୧୩।୧୧(ସଙ୍ଗୀତା ଜେନା)

ବୁଧବାରଠାରୁ ଝାଡଖଣ୍ଡରେ ବିଧାନସଭା ନିର୍ବାଚନ ମତଦାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୪୩ ଟି ଆସନ ପାଇଁ ମତଦାନ ହୋଇଛି। ଏହାକୁ ବର୍ଜନ କରିବାକୁ ସୀମାନ୍ତରେ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଥିଲା। ଓଡ଼ିଶା ଝାଡଖଣ୍ଡ ସୀମାନ୍ତ ଚାଇଁବସା ସନ୍ନିକଟ ଜଗନ୍ନାଥପୁର ବିଧାନସଭା କ୍ଷେତ୍ରରେ ମାକପା ମାଓବାଦୀଙ୍କ ଦ୍ୱାରା ବିଶାଳ ଗଛକାଟି ପକାଯିବା ସହ ଧମକପୂର୍ଣ୍ଣ

**ଝାଡଖଣ୍ଡରେ ନିର୍ବାଚନ, ପ୍ରଥମ ପର୍ଯ୍ୟାୟରେ ମତଦାନ**

ପୋଷ୍ଟର ଲଗାଯାଇଥିଲା। ଏଥିରେ ସ୍ଥାନୀୟ ଲୋକଙ୍କୁ ଏହି ମତଦାନ ନ କରିବାକୁ ଚେତାବନୀ ଦିଆଯାଇଥିଲା। ଘଟଣା ସ୍ଥଳରେ ବମ୍ ସ୍କ୍ୱାଡ୍ ଓ ସୁରକ୍ଷାବଳ ଯାଞ୍ଚ ପରେ ଉକ୍ତ ରାସ୍ତାକୁ ସଫା କରିବା ସହ ନିର୍ବାଚନରେ ଲୋକଙ୍କୁ ଯୋଗଦେବାକୁ ଆହ୍ୱାନ କରିଥିଲେ। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି।

### ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତଙ୍କୁ ୬ବର୍ଷ ଜେଲଦଣ୍ଡ

ରାଉରକେଲା,୧୩।୧୧(ସଙ୍ଗୀତା ଜେନା): ୨୦୧୬ ମସିହାରେ ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଅଭିଯୁକ୍ତ ମଙ୍ଗ୍ରା ଓରାମଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ତାଙ୍କୁ ୬ବର୍ଷ ଜେଲ ଦଣ୍ଡ ଓ ୨ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟରେ ଅତିରିକ୍ତ ୬ମାସ ଜେଲ ଦଣ୍ଡ ପାଇଁ କୁହାଯାଇଛି। ସୂଚନା ଅନୁଯାୟୀ ମଙ୍ଗ୍ରା ଓରାମ ତାଙ୍କ ପଡୋଶୀ ବାନ୍ଦେ ଓରାମଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏ ନେଇ ବାନ୍ଦେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପ୍ରଥମ ଜିଲା ଜଜ୍ ଦଣ୍ଡାଦେଶ କରିଥିଲେ। ଉକ୍ତ ମାମଲାକୁ ଆଇନଜୀବୀ ନିରଞ୍ଜନ ମହନ୍ତ ପରିଚାଳନା କରିଥିଲେ।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା,୧୩।୧୧(ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ବୁଧବାର ରାଉରକେଲା ବିକାଶ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ରାଉରକେଲା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିବା ସହ ବିପିୟୁଟିର ସମସ୍ତ କାର୍ଯ୍ୟକ୍ରମ ରାଉରକେଲାରେ କରାଯିବା ନେଇ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ ସ୍ଥାନୀୟ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ କରିବା ନିମନ୍ତେ ଦାବି ଦୀର୍ଘଦିନ ଧରି ହୋଇ ଆସୁଥିଲେ



ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ରାଉରକେଲା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଉ**

ସୁଦ୍ଧା ପ୍ରମୁଖ ଦାବି ପୂରଣ ହେଉନାହିଁ। ଏଥିସହ ବିପିୟୁଟି କାର୍ନିଭାଲ ଫେଷ୍ଟିଭାଲ କାର୍ଯ୍ୟକ୍ରମ ରାଉରକେଲାଠାରେ କରା ନ ଯିବା ସମ୍ପର୍କରେ ଜଣାଇ ଏହା ଉପରେ ବିହିତ ପଦକ୍ଷେପ ଗ୍ରହଣ କରିବା ଦାବି ହୋଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସମୟରେ ମଞ୍ଚର ସଭାପତି ଡକ୍ଟର ସୁମନ ଦତ୍ତ, ଉପେନ୍ଦ୍ର କୁମାର ନାୟକ, ମହେନ୍ଦ୍ର ମହାନ୍ତି, ଜଗନ୍ନାଥ ରାଉତ, ଅମୂଲ୍ୟ ଚରଣ ବରାଳ ଏବଂ ସୁପ୍ରତିକ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଖୁଚୁରା ବେପାରୀଙ୍କୁ ଟାର୍ଗେଟ କରୁଛି ଦ୍ରୁତ ବାଣିଜ୍ୟିକ ପ୍ଲାଟଫର୍ମ

ରାଉରକେଲା, ୧୩।୧୧(ସଙ୍ଗୀତା ଜେନା)

କନ୍‌ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡ଼ର୍ସ(ସିଏଆଇଟି) ପକ୍ଷରୁ ବୁଧବାର ନୂଆଦିଲୀରେ ଶ୍ୱେତପତ୍ର ଜାରି କରାଯାଇଛି। ଏଥିରେ ଖୁଚୁରା ବେପାରୀମାନଙ୍କୁ ଦ୍ରୁତ ବାଣିଜ୍ୟିକ ପ୍ଲାଟଫର୍ମଗୁଡ଼ିକ ଟାର୍ଗେଟ କରୁଥିବା କୁହାଯାଇଛି। ନୂଆଦିଲୀରେ ଏହି ଅବସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ସେଥିରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସିଏଆଇଟି ସେକ୍ରେଟାରୀ ଜେନେରାଲ ତଥା ଦିଲୀ ଚାନ୍ଦନୀଚୌକର ସାଂସଦ ପ୍ରବୀଣ ଖଣ୍ଡେଲୱାଲ, ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ରାଉରକେଲାର ବିଶିଷ୍ଟ ବ୍ୟବସାୟୀ ବ୍ରିଜମୋହନ ଅଗ୍ରୱାଲ, ଅଧ୍ୟକ୍ଷ କୈଳାଶ ଲକ୍ଷାନୀ, ଅଲ୍ ଇଣ୍ଡିଆ ମୋବାଇଲ ରିଟେଲର୍ ଆସୋସିଏସନ୍ ଅରବିନ୍ଦ ସିଂହ, ବିପିନ ଆହୁଜା, ସିଏଆଇଟି ଦିଲୀ ସଭାପତି ସୁମିତ ଅଗ୍ରୱାଲ ପ୍ରମୁଖ ଏଠାରେ ଉପସ୍ଥିତ ଥିଲେ। ଏହି ଅବସରରେ ସୂଚନାଦେଇ ସାଂସଦ ଖଣ୍ଡେଲୱାଲ କହିଥିଲେ ବ୍ଲିଙ୍କଇଟ୍, ଇନଷ୍ଟାମାର୍ଟ, ଜେପ୍ଟୋ, ସୁଇଗି ଭଳି ଦ୍ରୁତ ବାଣିଜ୍ୟିକ ପ୍ଲାଟଫର୍ମଗୁଡ଼ିକ ଯୋଗୁ ଖୁଚୁରା ବେପାରୀମାନେ ପ୍ରଭାବିତ



କାର୍ଯ୍ୟକ୍ରମରେ ରାଉରକେଲା ବିଶିଷ୍ଟ ବ୍ୟବସାୟୀ ବ୍ରିଜମୋହନ ଅଗ୍ରୱାଲ ଓ ଅନ୍ୟ ଅତିଥି ବୃନ୍ଦ।

**ଶ୍ୱେତପତ୍ର ଜାରିକଲା ସିଏଆଇଟି**

ହେଉଛନ୍ତି। ଉକ୍ତ ପ୍ଲାଟଫର୍ମ ଗୁଡ଼ିକୁ ଯୋଗାଣକାରୀ ଉପରେ ପ୍ରାଧାନ୍ୟ ଦେବା, ନିୟନ୍ତ୍ରଣ ପାଇଁ ବିଭିନ୍ନ ରଣନୀତି ତିଆରି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୩୦ ନିୟୁତ ଖୁଚୁରାବେପାରୀଗୁଡ଼ିକ ଏମାନଙ୍କ ସହ ପ୍ରତିଦ୍ୱନ୍ଦିତା କରିବା ଏକ ପ୍ରକାର ଅସମ୍ଭବ ଅଟେ ବୋଲି ଏମ୍‌ପି ଖଣ୍ଡେଲୱାଲ କହିଥିଲେ। ସେହିପରି ଅନ୍ୟ ସଦସ୍ୟମାନେ କୁଇକ୍ କମର୍ସ (କ୍ୟୁସି) ବା ଦ୍ରୁତ ବାଣିଜ୍ୟକ କମ୍ପାନୀଗୁଡ଼ିକ ଏଫ୍‌ଡ଼ିଆ ନୀତି ଏବଂ ଭାରତର ପ୍ରତିଯୋଗିତରେ ଆଇନ ଉଲଂଘନ କରୁଛନ୍ତି। ସ୍ୱଚ୍ଛତାର ଅଭାବ ସହିତ ଛୋଟ ବ୍ୟବସାୟକୁ ଏହା କ୍ଷତି ପହଞ୍ଚାଇଥାଏ। ସିଏଆଇଟି ନିୟମାଙ୍କ ଉକ୍ତ ସଂସ୍ଥାମାନଙ୍କରେ ହସ୍ତକ୍ଷେପ କରି ଛୋଟବ୍ୟବସାୟୀଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସହାୟକ ହେବ ବୋଲି ଆଲୋଚନା ହୋଇଥିଲା। ପରେ ଶ୍ୱେତପତ୍ରରେ ନିୟମ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ ଉପସ୍ଥିତ ସଦସ୍ୟମାନେ।

# ହିଲ୍‌ଟପ୍ ବସ୍ତି ଉଚ୍ଛେଦ: ଆଗ ଥଇଥାନ ପରେ ଉଚ୍ଛେଦ

ରାଉରକେଲା,୧୩।୧୧(ସଙ୍ଗୀତା ଜେନା)

ସେକ୍ଟର-୧୯ ଥାନା ଅନ୍ତର୍ଗତ ସେକ୍ଟର--୨୦ ହିଲ୍‌ଟପ୍ ବସ୍ତିରେ ବୁଧବାର ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଉଚ୍ଛେଦ ପାଇଁ ଟିମ୍ ଆସିଥିଲେ। ହେଲେ ବସ୍ତି ଉଚ୍ଛେଦ ହୋଇପାରି ନ ଥିଲା। ଉଚ୍ଛେଦକୁ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ଘଟଣାସ୍ଥଳରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ 'ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ' ବୋଲି ଦାବି କରିଥିଲେ। ବିଧାୟକ ତନ୍ତୀ କାରଖାନା ପ୍ରଶାସନ ସହ ଆଲୋଚନା ପ୍ରତିଶ୍ରୁତି ପରେ ଉଚ୍ଛେଦ ଟିମ୍ ଫେରିଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ହିଲ୍‌ଟପ୍ ବସ୍ତି ନିକଟରେ ସାଇନ୍ସ ପାର୍କ ପ୍ରକଳ୍ପ ନିର୍ମାଣଧୀନ ରହିଛି। ଉକ୍ତ ପାର୍କ ପାଇଁ ଅଧିକ ଜମି ଦରକାର ପଡୁଥିବା ବେଳେ ଏହା ନିକଟରେ ଗଢ଼ିଉଠିଥିବା ବସ୍ତିକୁ କିଛି ମାସ ପୂର୍ବେ ନୋଟିସ ଓ କ୍ଷତିପୂରଣ ଦେଇ ଉଚ୍ଛେଦ କରାଯାଇଥିଲା। ବିସ୍ଥାପିତମାନଙ୍କୁ



ବସ୍ତି ଲୋକମାନେ ଅସନ୍ତୋଷ ଜାହିର କରୁଛନ୍ତି।

**ଫେରିଗଲେ ଆର୍‌ଏସ୍‌ପି ପ୍ରଶାସନ**

କୋଏଲନଦୀ କୂଳରେ ଥିବା ନେହରୁପାଲୀ ଆଜାଦବସ୍ତିରେ ଥଇଥାନ ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କୁ ରାସ୍ତାଘାଟ, ବିଜୁଳୀ ଓ ଜଳସଂଯୋଗ ଆଦି ବ୍ୟବସ୍ଥା କରି ଘର ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଅଧିକାଂଶ ବସ୍ତିଲୋକ ମଧ୍ୟ ଉକ୍ତ ଆଜାଦ୍‌ବସ୍ତିକୁ ସ୍ଥାନାନ୍ତରିତ ହୋଇଯାଇଥିଲେ। ସେଥିରୁ ପ୍ରାୟ ୭/୮ ଘର ହିଲଟପ୍ ବସ୍ତିରେ ରହିଯାଇଥିଲେ। ସେମାନଙ୍କୁ କୌଣସି ଥଇଥାନ ଏବଂ କ୍ଷତିପୂରଣ ମିଳି ନ ଥିବାରୁ ସେମାନେ ଏଠାରୁ ସ୍ଥାନାନ୍ତରିତ ହୋଇ ନ ଥିଲେ। ବୁଧବାର ସକାଳେ ଇସ୍ପାତ କାରଖାନା ଲ୍ୟାଣ୍ଡ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ବିଭାଗ ଅଧିକାରୀ, କର୍ମଚାରୀ ଜେସିବି ଓ ଅନ୍ୟ ମେଶିନ୍ ସହ ଏଠାରେ ସମ୍ପୂର୍ଣ୍ଣ ଉଚ୍ଛେଦ ତଥା ପାର୍କର ପାଚେରୀ ନିର୍ମାଣ ପାଇଁ ଆସିଥିଲେ। ହେଲେ ସ୍ଥାନୀୟ ମହିଳାମାନେ ଏହାକୁ ବିରୋଧ ଓ ବିଧାୟକଙ୍କ ହସ୍ତକ୍ଷେପ ଯୋଗୁ କାରଖାନାର କାମ ହୋଇପାରି ନ ଥିଲା। ବାଧ୍ୟହୋଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଫେରିଯାଇଥିଲେ।

**ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି**

ସମ୍ବଲପୁର,(ପ୍ରମୋଦ ବହିଦାର): ରେଙ୍ଗାଲି ବ୍ଲକ ଘିଚାମୁରା, ଗୌଡ଼ଡିହି, ବେଉଁରା, କେନ୍ଦୁମାଳ ଆଦି ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ଦାବି କରିଛନ୍ତି ଉକ୍ତ ଗ୍ରାମର ଚାଷୀ। ବୁଧବାର ଅଞ୍ଚଳର ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଚାଷୀଙ୍କ କହିବା ଅନୁସାରେ ଚଳିତ ଖରିଫ ଋତୁରେ ନିଅଣ୍ଟିଆ ବର୍ଷା ବାଧକ ସାଜିଥିଲା। ମାଳ, ବେର୍ଣ୍ଣା ସହିତ କେତେକ ବାହାଲ ଜମିରେ ମଧ ଫସଲ ପ୍ରଭାବିତ ହୋଇଛି। ତେଣୁ କ୍ଷେତ୍ର ପରିଦର୍ଶନ କରି ଉକ୍ତ ଗ୍ରାମ ଗୁଡ଼ିକୁ ସରକାର ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବା ସହ କ୍ଷୟକ୍ଷତିର ଆକଳନ କରିବାକୁ ଚାଷୀମାନେ ଦାବି ଜଣାଇଥିଲେ। ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରତିଶ୍ରୁତି ଦେଇଥିଲେ।

# ଧାର୍ଯ୍ୟ ଭଡ଼ା ମୂଲ୍ୟ ସଂଶୋଧନ ଜରୁରୀ

**ଜିଏମୟୁ ପ୍ରେକ୍ଷାଳୟ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର ଦାବି**

ସମ୍ବଲପୁର,୧୩।୧୧(ବି.ଶଙ୍କର)


ବୁଧବାର ପ୍ରୋଗ୍ରେସିଭ ସମ୍ବଲପୁର କର୍ମକର୍ତ୍ତାମାନେ କୁଳପତିଙ୍କ ସହ ଆଲୋଚନା କରୁଛନ୍ତି।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରେ ନିର୍ମିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ଅମୃତ ବିହାରସ୍ଥିତ ପ୍ରେକ୍ଷାଳୟକୁ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର ଦାବି ହୋଇଛି। ଏନେଇ ବୁଧବାର ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ.ନାଗାରାଜୁଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ୧୨ଶହ ଆସନ ବିଶିଷ୍ଟ ବୃହତ ପ୍ରେକ୍ଷାଳୟ ୧୩ କୋଟି ଟଙ୍କା ବିନିମୟରେ ନିର୍ମିତ ହୋଇଛି। ୨୦୨୩ ଜୁଲାଇ ୧୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ। ତେବେ ଏହା ବହୁଦିନ ଧରି ବ୍ୟବହୃତ ନ ହୋଇ ପଡ଼ି ରହିବା ଯୋଗୁ କ୍ରମେ ଆସବାବପତ୍ର, ବୈଦ୍ୟୁତିକ ସରଞ୍ଜାମ ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହେବାରେ ଲାଗିଛି। ଏହାର ବ୍ୟବହାର ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ସହ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ ସହାୟକ ହେବା ଜରୁରି। କିନ୍ତୁ ପ୍ରେକ୍ଷାଳୟ ପାଇଁ ଯେଉଁ ଭଳି ଭାବେ ଅତ୍ୟଧିକ ଭଡ଼ା ଧାର୍ଯ୍ୟ କରାଯାଇଛି ତାହା ସାମାଜିକ ସାଂସ୍କୃତିକ ଅନୁଷ୍ଠାନଗୁଡିକ ବହନ କରିବା ସମ୍ଭବ ନୁହେଁ। ଯାହା ଫଳରେ ବର୍ଷର ସବୁ ସମୟ ଏହି ପ୍ରେକ୍ଷାଳୟ ଖାଲି ପଡ଼ି ରହୁଛି। ସମ୍ବଲପୁରର ସାମାଜିକ ଓ ସାଂସ୍କୃତିକ ଦିଗ ପ୍ରତି ଦୃଷ୍ଟି ଦେଇ ଏହାର ଭଡ଼ା କୁ ବାସ୍ତବ ଅଭିମୁଖୀ କରାଯାଇ ବ୍ୟବହାର ଉପଯୋଗୀ କରାଯାଉ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି । ଏହାକୁ ବିଚାର କଲାବେଳେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ, ରବୀନ୍ଦ୍ର ମଣ୍ଡପ, ଇଉକଲ ଭବନ, ସମ୍ବଲପୁର ତପସ୍ୱନୀ ପ୍ରେକ୍ଷାଳୟ ସେପରି ଘଣ୍ଟା ଆକାରରେ ଭଡ଼ା ଧାର୍ଯ୍ୟ କରାଯାଇଛି, ତାକୁ ଅନୁଧ୍ୟାନ କରି ସେହି ପ୍ରଣାଳୀରେ ଭଡ଼ା ଧାର୍ଯ୍ୟ ହେଲେ ଜିଏମୟୁ ପ୍ରେକ୍ଷାଳୟ ବ୍ୟବହାର ଉପଯୋଗୀ ହୋଇପାରିବ। ତେଣୁ ସର୍ବନିମ୍ନ ତିନି ଘଣ୍ଟା କିମ୍ବା ଦିନକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରି ଭଡା ମୂଲ୍ୟ ଧାର୍ଯ୍ୟ ସହିତ କେଉଁ ପ୍ରକାର ଅନୁଷ୍ଠାନ, କାହାର କେଉଁ ପ୍ରକାର ପୃଷ୍ଠ ଭୂମି ଅଛି, କେଉଁ କାର୍ଯ୍ୟକ୍ରମ କରିପାରିବେ ସେ ଦିଗରେ ମଧ ଧ୍ୟାନ ଦେବା ଆବଶ୍ୟକ ଅଛି ବୋଲି ପ୍ରୋଗ୍ରେସିଭ ସମ୍ବଲପୁର କର୍ମକର୍ତ୍ତାମାନେ ଆଲୋଚନା ସମୟରେ କୁଳପତିଙ୍କୁ ସୂଚିତ କରିଛନ୍ତି । ଅପରପକ୍ଷେ ପର୍ପସ ଫଣ୍ଡ ବ୍ୟବସ୍ଥା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆରଡିସିଙ୍କୁ ପ୍ରସ୍ତାବ ଦିଆ ଯାଇଥିବା କୁଳପତି ନାଗାରାଜୁ ପ୍ରକାଶ କରିଥିଲେ। ଆଜି ଦିଆ ଯାଇଥିବା ପ୍ରସ୍ତାବକୁ ସିଣ୍ଡିକେଟରେ ନିର୍ମିତ କମିଟିରେ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଭାଗିନି ନାୟକ, ଶ୍ରମିକ ନେତା ଗୋକୁଳ ମେହେର, ବରିଷ୍ଠ ଖବରଦାତା ଶିବ ନନ୍ଦ, ଶ୍ରମିକ ନେତା ଗଦାଧର କୁଅଁର, ଏନ ଗୋପାଳ, ପୂର୍ବତନ ଜିଏମ୍‌ୟୁ ଛାତ୍ର ସଂସଦ ସଭାପତି ମିଳନ ହୋତା, ମହମ୍ମଦ ସନ୍ନାୱାଲା, ମହେଶ ସଇତା, ଏମ.ଏ. ସୁଭାନ, ସୁମିତ ପଟେଲ, ଆକାଶ ଦେବତା, ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ, ଶୁଭମ୍ ମହାନ୍ତି, ଫିରୋଜ ସାହୁ, ସପନ ହୋତା, ହରିଶ୍ ସାହୁ, ଅନୀଲ ଯାଦବ, ମହମ୍ମଦ ଫାରୁକି, ଶୁଭେନ୍ଦୁ ନାୟକ, ବାଲ୍ମୀକି ନାୟକ ଉପସ୍ଥିତ ଥିଲେ ।

## କୋଲ୍ ଇଣ୍ଡିଆର ୫୦ତମ ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ବ୍ୟକ୍ତିବିଶେଷ ।

**ଏମ୍‌ସିଏଲ୍ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ**

ସମ୍ବଲପୁର,୧୩।୧୧(ବି.ଶଙ୍କର)

କୋଲ ଇଣ୍ଡିଆ ଲିମିଟେଡ୍‌ର ୫୦ତମ ପ୍ରତିଷ୍ଠା ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଆନନ୍ଦ ବିହାର ପ୍ରାଙ୍ଗଣରେ ମଙ୍ଗଳବାର ରାତିରେ ପାଳିତ ହୋଇଯାଇଛି। ଦୁଇ ଦିନ ଧରି ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ନଭେମ୍ବର ୧୧ ରେ କୋଲ ଇଣ୍ଡିଆ ଅଧ୍ୟକ୍ଷ ପିଏମ ପ୍ରସାଦ ପତାକା ଉତ୍ତୋଳନ ପୂର୍ବକ ରନ୍ ଫର ଏକ୍ସଲେନ୍ସ ସହିତ ଉତ୍ସବର ଶୁଭାରମ୍ଭ କରିଥିଲେ। ଯୁଗ୍ମ ସଚିବ (କୋଇଲା) ସଞ୍ଜୀବ କୁମାର କାସୀ, ମହାନଦୀ କୋଇଲା କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ, ନିର୍ଦ୍ଦେଶକ (ପର୍ସନାଲ) କେଶବ ରାଓ, ସିଭିଓ ପିକେ ପଟେଲ, ଡିଟିଓ ଜେ କେ ବୋରା, ଅର୍ଥ ନିର୍ଦ୍ଦେଶକ ଏକେ ବେହୁରା, ପି ଆଣ୍ଡ ପି ନିର୍ଦ୍ଦେଶକ ଏକେ.ବାପଟ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଇଥିବା କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଷ୍ଠା ଦିବସ ଉତ୍ସବରେ ବିବେକ ଆତ୍ରେ ଜେ.ଜି କୁମାରାମଙ୍ଗଲମ ବକ୍ତୃତାମାଳା- ୨୪ ରେ ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ବକ୍ତୃତାମାଳାରେ ଟ୍ରେଡ ୟୁନିଅନର ପ୍ରତିନିଧିଙ୍କ ସହ ଏମସିଏଲର ମୁଖ୍ୟାଳୟ ଏବଂ କାର୍ଯ୍ୟକ୍ଷମ ଅଞ୍ଚଳର କର୍ମଚାରୀମାନେ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଓପନ୍‌କାଷ୍ଟ, ଅଣ୍ଡରଗ୍ରାଉଣ୍ଡ ଏବଂ ଅଣ-ଉତ୍ପାଦକତା ୟୁନିଟ୍ ସମେତ ବିଭିନ୍ନ ବୈଷୟିକ ଏବଂ ଅଣବୈଷୟିକ ବର୍ଗରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୮କର୍ମଚାରୀଙ୍କୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ପୁରସ୍କାର -୨୪ ସହିତ ସମ୍ମାନିତ ଏବଂ ଦୁଇଜଣ କର୍ମଚାରୀଙ୍କୁ ସ୍ୱତନ୍ତ୍ର ସଫଳତା ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହ ଆନ୍ତଃ ବିଦ୍ୟାଳୟ ନୃତ୍ୟ ପ୍ରତିଯୋଗିତାରେ ଛାତ୍ରୀଛାତ୍ରୀମାନେଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗୀତାରେ ସେଣ୍ଟ ଜନ୍ସ ସ୍କୁଲ, ବିକାଶ କନସେପ୍ଟ ସ୍କୁଲ ଏବଂ ବୁର୍ଲା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରମ୍ପରାକୁ ଜାରି ରଖି ୫୦ତମ ପ୍ରତିଷ୍ଠା ଦିବସରେ କୋଇଲା ଇଣ୍ଡିଆ ଗଲ୍ଫ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଫଙ୍ଗସନାଲ ଡାଇରେକ୍ଟର, ସିଭିଓ ଏବଂ କମ୍ପାନୀର ପୂର୍ବତନ ନିର୍ଦ୍ଦେଶକମାନେ ଏଥିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ସେବାୟତ ଏବଂ ଅବସରପ୍ରାପ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସମାରୋହରେ ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ରାଜତୋହୟୀ ସିଂ ବିଜେତା ଏବଂ ଏସକେ ଲାଲଙ୍କୁ ରନର ଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା।

## ସମ୍ବଲପୁରୀ ଚଉତିଶା ମାଳା ପୁସ୍ତକ ଉନ୍ମୋଚିତ



ସମ୍ବଲପୁରୀ ଚଉତିଶା ମାଳା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସମ୍ବଲପୁର,୧୩।୧୧(ବି.ଶଙ୍କର)

ସମ୍ବଲପୁରୀ ଚଉତିଶା ମାଳା ପୁସ୍ତକ ବୁଧବାର ରାତି ୮ଟାରେ ସ୍ଥାନୀୟ ସାମ୍ବାଦିକ ଭବନରେ ଉନ୍ମୋଚିତ ହୋଇଯାଇଛି । ସଂସ୍କୃତି ଗବେଷକ ଡ.ଶ୍ୟାମସୁନ୍ଦର ଧର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଚଉତିଶା ମାଳା ଦ୍ୱାରା ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି ମୁଖ୍ୟ ଅତିଥି ଧର କହିଥିଲେ। ସମ୍ମାନୀତ ଅତିଥି ମୁକ୍ତକଣ୍ଠ ପ୍ରଧାନ ଏହି ପୁସ୍ତକ ଏକ ଗୀତିକବିତା ଢ଼ଙ୍ଗରେ ଲେଖା ଯାଇଥିବାରୁ ସହରରୁ ଗ୍ରାମୀଣ ଲୋକ ପର୍ଯ୍ୟନ୍ତ ନିଶ୍ଚିତ ଭାବରେ ଗ୍ରହଣୀୟ ହେବ। ସଭାକୁ ଅଧ୍ୟାପକ ଗୋବିନ୍ଦ ମହାରଣା ସଂଯୋଜନା କରିଥିଲେ। ପୁସ୍ତକର ରଚୟିତା କୃଷ୍ଣଲିନ କମଳ ଲୋଚନ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ କୃତଜ୍ଞତା ଜଣାଇଥିଲେ। ଏହାପରେ ପରେ କବି ଲଳିତ ମୋହନ ବେବର୍ତ୍ତାଙ୍କ ସଂଯୋଜନାରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ପଙ୍କଜିନି ନାୟକ, ପ୍ରଦୀପ ଯୋଶୀ, ବିଭୂତି ଭୂଷଣ ମିଶ୍ର, କାହ୍ନୁ କେଶବ ବହିଦାର, ଜୟକୃଷ୍ଣ ବେହେରା, ବବଲୁ ବାଗ, ରମଣୀକାନ୍ତ ସାହୁ, ଏମଡି ନିଶାର ସ୍ୱରଚିତ କବିତା ପାଠ କରିଥିଲେ । ଏହି ଉତ୍ସବରେ ବିପ୍ଳବ ଡନସନା, ପ୍ରଦ୍ୟୋତ ପଟ୍ଟନାୟକ, ରମେଶ ମିଦ୍ଧା, ସଞ୍ଜୟ ବାବୁ, ଗୁଣରଞ୍ଜନ ସାଲିମା, କୃଷ୍ଣ ଚନ୍ଦ୍ର ବାଗ, ଘୁନୁ ପାଢ଼ୀ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସନ୍ତରଣ ମନ୍ତ୍ର ଦେଲେ ଏସୀୟ ପଦକ ବିଜେତା ସନ୍ଦୀପ ସେଜୱାଲ

ସମ୍ବଲପୁର,୧୩।୧୧(ଭବାନୀ ଶଙ୍କର ଭୋଇ)



ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ପକ୍ଷରୁ ସନ୍ଦୀପ ସେଜୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଅର୍ଜୁନ ପୁରସ୍କାର ପୁରସ୍କାରପ୍ରାପ୍ତ ତଥା ଏସୀୟ ପଦକ ବିଜେତା ଅନ୍ତର୍ଜାତୀୟ ସନ୍ତରଣକାରୀ ସନ୍ଦୀପ ସେଜୱାଲ ବୁଧବାର ସମ୍ବଲପୁର ଗସ୍ତରେ ଆସି ସ୍ଥାନୀୟ ସନ୍ତରଣକାରୀମାନଙ୍କୁ ସନ୍ତରଣର କୌଶଳ ବିଷୟରେ ଆଲୋଚନା କରିଛନ୍ତି। ସମ୍ବଲପୁର ଡାକ୍ତର ଝସକେତନ ସାହୁ ସନ୍ତରଣାଗାରରେ ସମ୍ବଲପୁରର ସନ୍ତରଣକାରୀ ଏବଂ ସେମାନଙ୍କ ମାତାପିତାଙ୍କୁ ଭେଟି ଆଲୋଚନା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀପ ପାଢୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେଜୱାଲ ସନ୍ତରଣକାରୀଙ୍କ ସହ ଆଲୋଚନା ସମୟରେ ସ୍ଥାନୀୟ ସନ୍ତରଣକାରୀ ସୋନିଆ ପଟେଲଙ୍କ ଉଦାହରଣ ଦେଇଥିଲେ। ସୋନିଆ ସିନିୟର ନ୍ୟାଶନାଲ ସନ୍ତରଣରେ ସ୍ୱର୍ଣ୍ଣ ପଦକ ଜିତିପାରିଛନ୍ତି। ଯୁବ ପିଢୀ ତାଙ୍କର ପାଦ ଅନୁସରଣ କରିବାକୁ ସେଜୱାଲ ପରାମର୍ଶ ଦେଇଥିଲେ। ଏହି ଅବସରରେ ସନ୍ତରଣକାରୀ ଏବଂ ସେମାନଙ୍କ ପିତାମାତାମାନେ ଉଠାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସେଜୱାଲ ଦୁଇ ଦିନ ଧରି ସ୍ଥାନୀୟ କୋଚମାନଙ୍କୁ ତାଲିମ ଦେବା ସହିତ ସମ୍ବଲପୁର ସନ୍ତରଣକାରୀଙ୍କ ଅଗ୍ରଗତି ସମ୍ପର୍କରେ ପରାମର୍ଶ ଦେବା କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ସେଜୱାଲଙ୍କୁ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ, ଜିଲା ସନ୍ତରଣ ସଂଘ ଏବଂ ହୀରାଖଣ୍ଡା ସନ୍ତରଣ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସନ୍ତରଣ ପ୍ରଶିକ୍ଷକ ଅଶୁତୋଷ ନାୟକ, ସ୍ୱିମିଂ ଫେଡେରେଶନ୍ ଅଫ୍ ଇଣ୍ଡିଆର ସହ ସମ୍ପାଦକ ଲକ୍ଷ୍ମୀଚନ୍ଦ୍ର ମହାକୁର, ରାଜ୍ୟ ସଂଘ ଉପାଧ୍ୟକ୍ଷ ଅକ୍ଷୟ ପ୍ରଧାନ, ଜିଲା ସନ୍ତରଣ ସଂଘ ସଲେଗ୍ରାମ ଖୁଣ୍ଟିଆ, ଆର୍ତ୍ତତ୍ରାଣ ମାଝି, ରଙ୍କନିଧି ସେଠ, ମନୋଜ ବନଛୋର, ଦେବଶିଷ ବନଛୋର ଏବଂ ପ୍ରଦୀପ ପଣ୍ଡା, ଜାତୀୟ ପଦକଧାରୀ ସୋନିଆ ପଟେଲ, ଝସକେତନ ସାହୁ ସନ୍ତରଣାଗାରର ସଂଯୋଜକ ସୁଜୟ ରାୟ ଉପସ୍ଥିତ ରହିଥିଲେ। ରାଜ୍ୟ ସନ୍ତରଣ ସଂଘ କୋଷାଧ୍ୟକ୍ଷ ବିଜୟା ଦୀକ୍ଷିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସମ୍ବଲପୁରରେ ଫଟୋଗ୍ରାଫର ମିଟ୍



ଫଟୋଗ୍ରାଫର ମିଟ୍ -୨୦୨୪ରେ ବକ୍ତା ଓ ଅତିଥିମାନେ।

ସମ୍ବଲପୁର,୧୩।୧୧(ବି.ଶଙ୍କର)

ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏଶନ ଆୟୋଜନରେ ଫଟୋଗ୍ରାଫର୍ ମିଟ୍ -୨୪ ବୁଧବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଡମ୍ବରୁଧର ପ୍ରଧାନ, ପୂର୍ବତନ ସମ୍ପାଦକ ସତ୍ୟଜିତ ପଣ୍ଡା, ପୂର୍ବତନ କୋଷାଧ୍ୟକ୍ଷ ମହମ୍ମଦ ଇକବାଲ ଇଷ୍ଟଦେବୀ ମା’ ସମଲେଇ ପାଖରେ ପୂଜାର୍ଚ୍ଚନା କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସଭାପତି ଅକ୍ଷୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଉପସଭାପତି ବିପିନ ବିହାରୀ ନାୟକ ସୂଚନା ପ୍ରଦାନ ଓ ସମ୍ପାଦକ ତପନ୍ ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉପସମ୍ପାଦକ ନରେଶ ସିଂ, କୋଷାଧ୍ୟକ୍ଷ ନିକେଲ୍ ମେହେତା ଏବଂ ଉପଦେଷ୍ଟା ଆଶିଷ କୁମାର ପ୍ରଧାନ, ମାନସ ରଞ୍ଜନ ମିସ୍ତ୍ରୀ, ଅଶୋକ କୁମାର ରାଉତ, ଅଶୋକ ପଟେଲ, ରାଜେଶ ବେହେରା ଯୋଗଦେଇ ଫଟୋଗ୍ରାଫର୍ସଙ୍କ ବିଭିନ୍ନ ସମସ୍ୟା ଓ ବୈଷୟିକ ଦିଗ ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ

ସମ୍ବଲପୁର,୧୩।୧୧(ପ୍ରମୋଦ ବହିଦାର)



ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଚଳିତ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରିତ ସ୍ନାତକ ପାଠ୍ୟକ୍ରମ ଅନୁମୋଦିତ ହୋଇଛି। ଫଳରେ ବୁଧବାରଠାରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ୧୩୭ଟି ମହାବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି ଆଧାରିତ ସ୍ନାତକ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସଭାରେ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ଜାତୀୟ ଶିକ୍ଷାନୀତି ଆଧାରିତ ନୂତନ ଶିକ୍ଷା ବ୍ୟବସ୍ଥା ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ବିଭିନ୍ନ ସ୍ନାତକ ପାଠ୍ୟକ୍ରମ ପାଇଁ ଜାତୀୟ ଶିକ୍ଷାନୀତି ଆଧାରିତ ପାଠ୍ୟ ଖସଡ଼ା ବୋର୍ଡ଼ ଅଫ ଷ୍ଟଡ଼ିଜ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ତୁଷାର କାନ୍ତି ଦାଶ ଜାତୀୟ ଶିକ୍ଷାନୀତିର ପାଠ୍ୟ ଖସଡ଼ା ଓ ସମ୍ପର୍କିତ ନିୟମାବଳୀକୁ ଉପସ୍ଥାପନ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଭାତ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ କୁଳସଚିବ ଡ. ନୃପରାଜ ସାହୁ, ଜାତୀୟ ଶିକ୍ଷାନୀତି ସଂଯୋଜକ ପ୍ରଫେସର ରାମ ନରେଶ ମହାଲିଙ୍ଗ ଓ ନୋଡାଲ ଅଫିସର ପ୍ରଫେସର ବୁଲୁ ମହାରଣା ମଞ୍ଚାସୀନ ଥିଲେ। ସହକାରୀ ପରୀକ୍ଷା ନିୟନ୍ତ୍ରକ ଡ. ବିକ୍ରମ କିଶୋର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଭାବତୀ ଦେବୀ ଅନାଥ ଶିଶୁଙ୍କ ମା’ ଭଳି ଥିଲେ

**ଶ୍ରାଦ୍ଧବାର୍ଷିକୀରେ ରୁକ୍ମଣୀ ଲାଠ୍ ବାଳନିକେତନରେ ଶ୍ରଦ୍ଧାଞ୍ଜଳି**

ସମ୍ବଲପୁର,୧୩।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଛଛାନପାଲିସ୍ଥିତ ରୁକ୍ମଣୀ ଲାଠ୍ ବାଳନିକେତନଠାରେ ବୁଧବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟା ପ୍ରଭାବତୀ ଦେବୀଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଥିଲା। ସକାଳେ ପ୍ରଭାତ ଫେରି କରାଯାଇଥିଲା। ବାଲ ନିକେତନ ପରିସରରେ ଥିବା ପ୍ରଭାବତୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଆୟୋଜିତ ହୋଇଥିଲା ଶ୍ରଦ୍ଧାଞ୍ଜଳି ସଭା। କାର୍ଯ୍ୟକ୍ରମରେ ଏନ୍‌ଏଲସି କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଭାବତୀ ଦେବୀଙ୍କ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥିଭାବେ ରୋଟାରୀ କ୍ଲବ ସିଟି ସଭାପତି ହେମନ୍ତ ପାଣିଗ୍ରାହୀ ପ୍ରଭାବତୀ ଦେବୀଙ୍କ ଅନାଥ ଶିଶୁମାନଙ୍କୁ ଭଲପାଇବା ଏବଂ ମା’ଭଳି ଯତ୍ନ କରିବା ଗୁଣ ସବୁଦିନେମନେ ରହିବ ବାଲି କହିଥିଲେ। ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତିଲତର୍ପଣ କାର୍ଯ୍ୟକ୍ରମ ସହ ରୁକ୍ମଣୀ ଲାଠ ବାଲନିକେତନଠାରେ ବିଶିଷ୍ଟ ଚିକିତ୍ସକମାନଙ୍କ ପକ୍ଷରୁ ଅନ୍ତେବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ, ଧମାସ୍ଥିତ ଝାଡେଶ୍ୱରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ, ଏନ୍‌ଏଲସିର ଏସସିଏମ ପ୍ରତାପ ମହାରଣା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବାଲନିକେତନ ଅଧ୍ୟକ୍ଷା ନଳୀନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧାପକ ତୁଷାର ବାରିକ ପରିଚାଳନା କରିଥିଲେ। ଶେଷରେ ହେମନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦିନତମାମ ବହୁ ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଛଛାନପାଲିସ୍ଥିତ ବାଲ ନିକେତନ ପହଞ୍ଚି ପ୍ରଭାବତୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## କଳସ ଯାତ୍ରାସହ ସଇଡା ବାଲିଯାତ୍ରା ଆରମ୍ଭ

କୁଚିଣ୍ଡା,୧୩।୧୧(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା କୁଣ୍ଡାପୋଷିରେ ବୁଧବାର ଆରମ୍ଭ ହେଲା ୨୧ତମ ସଇଡା ବାଲିଯାତ୍ରା। ନିକଟସ୍ଥ ଭେଡେନ ନଦୀରୁ ଘଣ୍ଟବାଦ୍ୟ ଓ କୀର୍ତ୍ତନ ମଣ୍ଡଳୀ ବାଦ୍ୟର ତାଳେ ତାଳେ ପାଣି ଆଣି ବାଲିଯାତ୍ରା ପଡିଆରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମକୁ କାଉନସିଲର ରାଜେଶ ସାହୁ ଉଦ୍‌ଘାଟନ କରିଥିଲେ। କର୍ତ୍ତାଭାବେ ଦିବ୍ୟରାଜ ବାରିକ ଏବଂ ତାଙ୍କ ସ୍ତ୍ରୀ ମନ୍ଦାକିନୀ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ପ୍ରକାଶ ପୁରୋହିତ ଶୁଭକଳସ ସ୍ଥାପନ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମକୁ ବାଲିଯାତ୍ରା କମିଟି ସଭାପତି ବିଜୁ ସାହୁ, ସାଧାରଣ ସମ୍ପାଦକ ବିଶନାଥ କଣ୍ଡରା, କୋଷାଧ୍ୟକ୍ଷ କ୍ଷୀରୋଦ ସା, ଉପଦେଷ୍ଟା ପ୍ରଫୁଲ୍ଲ ନାୟକ, କୁନା ବାରିକ, ପୌଲସ୍ତି ପାତ୍ର, ଶିବନାରାୟଣ ସାହୁ, ଲମ୍ବୋଦର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା ଶୁକ୍ରବାର ସକାଳେ ବୋଇତ ବନ୍ଦାଣ ସହ ଡଙ୍ଗାଭସା, ଭଜନ ସମାରୋହ, ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ଅର୍କେଷ୍ଟ୍ରା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଖରିଫ ଧାନକ୍ରୟରେ ସାମିଲ କର

**ଜିଲାପାଳଙ୍କ ନିକଟରେ ଦାବିକଲେ କର୍ଡୋଲାର ଚାଷୀ**

ସମ୍ବଲପୁର,୧୩।୧୧(ପ୍ରମୋଦ ବହିଦାର)


ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସହ କର୍ଡୋଲା ଗ୍ରାମର ଚାଷୀମାନେ।

ଗତ ଦୁଇବର୍ଷ ଧରି ଉତ୍ପାଦିତ ଧାନ ବିକ୍ରିରୁ ବଞ୍ଚିତ ରହିଛନ୍ତି ହୀରାକୁଦ ଜଳସେଚିତ ଅଞ୍ଚଳ କର୍ଡୋଲା ଗ୍ରାମ ପଞ୍ଚାୟତର ଚାଷୀ। ଏ ନେଇ ପଞ୍ଚାୟତର ବହୁ ସଂଖ୍ୟାରେ ଚାଷୀ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକଙ୍କ ସହ ଉକ୍ତ ଗ୍ରାମର ଚାଷୀମାନେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ୍ କରି ୨୦୨୪ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ସେମାନଙ୍କୁ ସାମିଲ କରିବାକୁ ଲିଖିତ ଦାବି କରିଥିଲେ। ତେବେ ସେମାନଙ୍କୁ ଚଳିତବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ। ଯଥାଶୀଘ୍ର ଉକ୍ତ ଗ୍ରାମର ଚାଷୀଙ୍କୁ ଧାନ ବିକ୍ରୟ ଟୋକନ ପ୍ରଦାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଚାଷୀମାନେ କହିଛନ୍ତି। ପରେ ଚାଷୀମାନେ ସମ୍ବଲପୁରରେ ଅବସ୍ଥାପିତ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ତହସିଲଦାନଙ୍କ ମଧ ଏହି ପ୍ରସଙ୍ଗରେ ଦୃଷ୍ଟି ଆକର୍ଷଣ କରିଥିଲେ।

ଚାଷୀମାନଙ୍କ ପକ୍ଷରୁ କୁହାଯାଇଛି ଯେ, ହୀରାକୁଦ ଜଳଭଣ୍ଡାର ପ୍ରକଳ୍ପ ନିର୍ମାଣ ସମୟରେ ଆବଶ୍ୟକତା ଦୃଷ୍ଟିରୁ ସରକାର ଧନକଉଡ଼ା ବ୍ଲକ ଅନ୍ତର୍ଗତ କର୍ଡୋଲା, ବସନ୍ତପୁର ଆଦି କେତେକ ପଞ୍ଚାୟତର ଜମି ଅଧିଗ୍ରହଣ ହୋଇଥିଲା। ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଏହି ଜମିକୁ ତତ୍କାଳୀନ ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ(ଓଏସ୍‌ଇବି) ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ତେବେ ପ୍ରକଳ୍ପରେ ଏଥିରୁ କିଛି ଜମି ବ୍ୟବହୃତ ହୋଇଥିଲା। ଅବ୍ୟବହୃତ ଜମିକୁ ଗତ ୧୯୬୦ ମସିହାରେ ଉକ୍ତ ଗ୍ରାମ ପଞ୍ଚାୟତର ଗରିବ, ଅନୁସୂଚିତ ଜାତି ଓ ଜନଜାତି ତଥା ଭୂମିହୀନ ଚାଷୀମାନଙ୍କ ମଧ୍ୟରେ ଲିଜ୍ ଆକାରରେ ବଣ୍ଟନ କରି ଦିଆଯାଇଥିଲା। ସେହିଦିନଠାରୁ ଉକ୍ତ ଗ୍ରାମପଞ୍ଚାୟତର ୬୦ରୁ ଉର୍ଦ୍ଧ୍ୱ ଚାଷୀ ପ୍ରାୟ ୨ ଶହ ଏକର ଜମିରେ ନିୟମିତ ଭାବେ ଚାଷ କରି ଆସୁଛନ୍ତି। ଏଠାରେ ଅମଳ ହେଉଥିବା ଧାନକୁ ଚାଷୀମାନେ ନିୟମିତ ଭାବେ ସରକାରଙ୍କୁ ବିକ୍ରି କରି ଆସୁଥିଲେ। ମାତ୍ର ଗତ ଦୁଇବର୍ଷ ହେଲା ଉକ୍ତ ଗ୍ରାମ ପଞ୍ଚାୟତର ଚାଷୀମାନେ ସରକାରଙ୍କୁ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ଉକ୍ତ ପଞ୍ଚାୟତର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ତେବେ ଧାନ ବିକ୍ରୟରେ ସାମିଲ କରିବାକୁ ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଚାଷୀଙ୍କ ମଧ୍ୟରେ ସେମାନଙ୍କ ଧାନ ବିକ୍ରୟକୁ ନେଇ ନୂତନ ଆଶା ସଞ୍ଚାର ହୋଇଛି।

# ନିବେଶକ ହରାଇଲେ ୭ ଲକ୍ଷ କୋଟି

■ ୨ଦିନରେ ୧୩ ଲକ୍ଷ କୋଟିର କ୍ଷତି
■ ଶେଷ ୫ ଦିନରେ ୨୩ ଲକ୍ଷ କୋଟି ହ୍ରାସ



ମୁମ୍ବାଇ,୧୩।୧୧

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀର ପ୍ରଭାବ ସିଧାସଳଖ ଭାରତୀୟ ଷ୍ଟକ୍ ବଜାର କାରବାର ଉପରେ ପଡୁଛି। ଫଳରେ ଘରୋଇ ଶେୟାର ବଜାରର କାରବାର ବେଶ୍ ପ୍ରଭାବିତ ହେବା ସହ ନିବେଶକମାନେ ବଡ ଧରଣର କ୍ଷତି ସହୁଛନ୍ତି। ଏପରିକି ନିବେଶକ ଦିନକରେ ପ୍ରାୟ ୭ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ମଙ୍ଗଳବାର ପୁଞ୍ଜିବଜାରର ବଜାର ପୁଞ୍ଜି ପ୍ରାୟ ୪୩୬ ଲକ୍ଷ କୋଟି ଥିଲାବେଳେ ବୁଧବାର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ବଜାର କାରବାର ଶେଷ ସୁଦ୍ଧା ନିବେଶକ ପ୍ରାୟ ୭ (୬.୮୦) ଲକ୍ଷ କୋଟି ଟଙ୍କାର ନିବେଶ ହରାଇବାରୁ ପୁଞ୍ଜିବଜାରର ବଜାର ପୁଞ୍ଜି ୪୨୯ ଲକ୍ଷ କୋଟିରେ ପହଞ୍ଚିଛି। ଅପରପକ୍ଷରେ ଚଳିତ ସପ୍ତାହର ୩ ଦିନ ଏବଂ ଗତ ସପ୍ତାହର ଶେଷ ୨ଦିନ ବା ଶେଷ ୫ ଦିନ ମଧ୍ୟରେ ବଜାର ପୁଞ୍ଜି ପ୍ରାୟ ୨୩ ଲକ୍ଷ ହ୍ରାସ ହୋଇଥିଲାବେଳେ କ୍ରମାଗତ ୨ଟି କାର୍ଯ୍ୟ ଦିବସ ମଧ୍ୟରେ ନିବେଶକମାନେ ପ୍ରାୟ ୧୩ ଲକ୍ଷ କୋଟିର କ୍ଷତି ସହିଛନ୍ତି।

ଉଲ୍ଲେଖଯୋଗ୍ୟ, ୩୦ ଶେୟାର ବିଏସ୍ଇ ସେନ୍ସେକ୍ସ ୯୮୪ ପଏଣ୍ଟ କମି ୭୭,୬୯୧ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି-୫୦ରେ ମଧ୍ୟ ୩୨୪ ପଏଣ୍ଟ ହ୍ରାସ ଘଟି ୨୩,୫୫୯ ଅଙ୍କରେ କାରବାର ଶେଷ ହୋଇଥିଲା। ଏପରିକି ବିଏସ୍ଇ ମିଡକ୍ୟାପ ଏବଂ ସ୍ମଲକ୍ୟାପର କାରବାର ୨% ରୁ ଅଧିକ ହ୍ରାସ ଘଟିଛି। ସେହିଭଳି ନିଫ୍ଟି ମିଡକ୍ୟାପ୍ର କାରବାର ୨.୬୪% କମି ୫୩,୮୦୦.୮୫ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ୍ର କାରବାର ୨.୮୫% ହ୍ରାସ ଘଟି ୮୪୨୭.୭୦ ଅଙ୍କରେ ଶେଷ କରିଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୨.୦୯% କମି ୫୦,୦୮୮.୩୫ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିପରି ସେକ୍ଟରାଲ କ୍ଷେତ୍ରରେ ତୈଳ ଏବଂ ଗ୍ୟାସ୍, ଘରୋଇ ବ୍ୟାଙ୍କ, ଅଟୋ, ସିମେଣ୍ଟ, ଏଫ୍ଏମ୍ସିଜି,ମେଟାଲ, ଅଟୋ, ହେଲ୍ଥକେୟାର ଓ ଫାର୍ମା ଭଳି ନିବେଶକ ସଂସ୍ଥାର ନିବେଶ ପ୍ରାୟ ୨ରୁ ୩% ହ୍ରାସ ଘଟିଛି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ପ୍ରାୟ ୯୮୪ (୯୮୪.୨୩) ପଏଣ୍ଟ କମି ପ୍ରାୟ ୭୭,୬୯୧ (୭୭,୬୯୦.୯୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୨୪ (୩୨୪.୪୦) ପଏଣ୍ଟ ହ୍ରାସ ଘଟି ୨୩,୫୫୯ (୨୩,୫୫୯.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ନାଲ୍କୋର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୩।୧୧ (ଅଭୟ ଦାଶ)


ସଞ୍ଜୟ ଲୋହିଆ

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍କୋ)ର ବୋର୍ଡସ୍ତରୀୟ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର ଆଗାମୀ କାର୍ଯ୍ୟପନ୍ଥା ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୪ ସେପ୍ଟେମ୍ବରରେ ଶେଷ ହୋଇଥିବା ତ୍ରୈମାସିକରେ କମ୍ପାନୀ ୪୧୫% ଅଭିବୃଦ୍ଧି ସହ ୧୦୬୨ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଛି। ଗତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଏହି ଲାଭ ୨୦୬ କୋଟି ଟଙ୍କା ଥିଲା। ସେହିପରି ଭୁବନେଶ୍ୱରଠାରେ ଅନୁଷ୍ଠିତ ବୋର୍ଡସ୍ତରୀୟ ବୈଠକରେ ରେକର୍ଡ କରାଯାଇଥିବା ଫଳାଫଳ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ କମ୍ପାନୀର ମୋଟ ବ୍ୟବସାୟିକ ଆୟ ୪,୦୦୧ କୋଟି ଟଙ୍କା ଥିଲାବେଳେ ଗତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ୩୦୪୪କୋଟି ଟଙ୍କା ଆୟ ତୁଳନାରେ ୩୨% ଅଭିବୃଦ୍ଧି ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀ ଉନ୍ନତ ପ୍ରଦର୍ଶନ କରିବା ସହ ୧୯୯ % ଅଭିବୃଦ୍ଧି ସହ ମୋଟ ଲାଭ ୧୬୬୩ କୋଟି ଟଙ୍କା ହୋଇଛି, ଯାହାକି ଗତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୫୫୬କୋଟି ଟଙ୍କା ଥିଲା। ଉଲ୍ଲେଖଯୋଗ୍ୟ,ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀ ଘରୋଇ ବଜାରରେ ୨,୨୧,୯୬୬ ମେଟ୍ରିକ ଟନ୍ ଧାତୁ ବିକ୍ରି କରିବାର ସର୍ବକାଳୀନ ରେକର୍ଡ ହାସଲ କରିଛି। ଏଥିସହ ନାଲ୍କୋ ଚଳିତ ଆର୍ଥିକ ବର୍ଷରେ ପ୍ରତି ଇକ୍ୱିଟି ଶେୟାର ପିଛା ୪ଟଙ୍କା ହିସାବରେ ମୋଟ ୭୩୪.୬୫ କୋଟି ଟଙ୍କାର ଇଣ୍ଟେରିମ ଡିଭିଡେଣ୍ଡ ମଧ୍ୟ ଘୋଷଣା କରିଛି। ପରିଚାଳନା ଦକ୍ଷତାରେ ଉନ୍ନତି,ଆଲୁମିନିୟମ ମୂଲ୍ୟରେ ବୃଦ୍ଧି ଏବଂ ସକାରାତ୍ମକ ଘରୋଇ ବ୍ୟବସାୟିକ ପରିବେଶ ହେତୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ଏ ସମ୍ପର୍କରେ ନାଲ୍କୋର ଅଧ୍ୟକ୍ଷ ତଥା ଏମ୍ଡି ସଞ୍ଜୟ ଲୋହିଆ କହିଛନ୍ତି, ଆମେ ଆମର ଦ୍ୱିତୀୟ ତ୍ରୈମାସିକ ଫଳାଫଳ ଘୋଷଣାକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ସମସ୍ତ କର୍ମଚାରୀ, ଅଂଶୀଦାର ଏବଂ ସହଯୋଗୀମାନଙ୍କ କଠିନ ପରିଶ୍ରମ, ଉତ୍ସର୍ଗୀକୃତତା ଏବଂ ବଜାର ପରିସ୍ଥିତି ସହ ଖାପଖୁଆଇବା ତଥା ସୁପରିଚାଳନା ଦିଗରେ ସାମୂହିକ ଦକ୍ଷତାର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଆମେ ଆଗକୁ ବଢ଼ିବା ସହ ପରିଚାଳନା ଉତ୍କର୍ଷ ତଥା ଆମର ବଜାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବୁ। ନାଲ୍କୋ ସଫଳତାର ଏହି ଧାରାକୁ ବଜାୟ ରଖିବା ସହ ଭବିଷ୍ୟତରେ ଉନ୍ନତ ଫଳାଫଳ ହାସଲ କରିବ।

# ରିଲାଏନ୍ସ ଜିଓର ନୂତନ ଅଭିଯାନ




ମୁମ୍ବାଇ,୧୩।୧୧

ରିଲାଏନ୍ସ ଜିଓର ନୂତନ ଅଭିଯାନ '୨ଜି ମୁକ୍ତ ଭାରତ' ନିକଟରେ ପୁନର୍ବାର ଆରମ୍ଭ ହୋଇଛି। ଏପରିକି ଓଡ଼ିଶା ବଜାରରେ ରିଲାଏନ୍ସ ଜିଓର ୨ଜି ମୁକ୍ତ ଭାରତ ଅଭିଯାନ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। କାରଣ ରାଜ୍ୟର ସମସ୍ତ ୩୦ ଜିଲା ଏବଂ ତହସିଲ ମୁଖ୍ୟାଳୟ ସହ ଗ୍ରାମାଞ୍ଚଳ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୨ଜି ବ୍ୟବହାରକାରୀଙ୍କୁ ୪ଜି ମୋବାଇଲ ନେଟ୍ୱର୍କକୁ ଉନ୍ନୀତ କରିବା ପାଇଁ ବର୍ତ୍ତମାନ ରିଲାଏନ୍ସ ଜିଓର ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ବିଶେଷକରି ଜିଓଭାରତ ୪ଜି ଫୋନ୍ର ମୂଲ୍ୟ ମାତ୍ର ୬୯୯ ଟଙ୍କା ରହିଥିବାରୁ ୨ଜିରୁ ୪ଜିକୁ ଅପ୍ଗ୍ରେଡ୍ କରିବା ବର୍ତ୍ତମାନ ଅତି ସୁଲଭ ଓ ସହଜ ହୋଇଛି। ଜିଓଭାରତ ୪ଜି ଫୋନ୍ ସାହାଯ୍ୟରେ ଜିଓ ରାଜ୍ୟରେ ଲକ୍ଷାଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ଚାହୁଁଛି,ଯେଉଁମାନେ ବର୍ତ୍ତମାନ ମଧ୍ୟ ୨ଜି ନେଟ୍ୱର୍କ ବ୍ୟବହାର କରୁଛନ୍ତି। ଅପରପକ୍ଷରେ ଟେଲିକମ୍ ଶିଳ୍ପର ସୂଚନା ଅନୁଯାୟୀ ବର୍ତ୍ତମାନ ୨ଜି ବ୍ୟବହାରକାରୀଙ୍କ ସଂଖ୍ୟା ଭାରତରେ ପ୍ରାୟ ୨୫ କୋଟି ରହିଛି। ଓଡ଼ିଶାରେ ମଧ୍ୟ ଲକ୍ଷାଧିକ ଗ୍ରାହକ ୨ଜି ନେଟ୍ୱର୍କ ବ୍ୟବହାର କରୁଛନ୍ତି। ଦେଶ ତଥା ରାଜ୍ୟକୁ ଡିଜିଟାଲ ମାଧ୍ୟମରେ ସଶକ୍ତ କରିବାକୁ ୨ଜି ବ୍ୟବହାରକାରୀଙ୍କୁ ୪ଜି/୫ଜି ନେଟ୍ୱର୍କକୁ ଉନ୍ନୀତ କରିବା ଆବଶ୍ୟକ ରହିଛି। ସେହିଭଳି ସହଜ ଏବଂ ସୁଲଭ ମୂଲ୍ୟରେ ଅଧିକରୁ ଅଧିକ ଲୋକଙ୍କୁ ଅତ୍ୟାଧୁନିକ ୪ଜି ନେଟ୍ୱର୍କ ସହ ଯୋଡ଼ିବା ପାଇଁ ରିଲାଏନ୍ସ ଜିଓ ନିକଟରେ ଏକ ସୀମିତ ସମୟ ଅଫର ଭାବେ ଏହାର ଜିଓଭାରତ ୪ଜି ଫୋନ୍ର ମୂଲ୍ୟ ୯୯୯ ଟଙ୍କାରୁ ୬୯୯ ଟଙ୍କାକୁ ହ୍ରାସ କରିଛି। ଜିଓଭାରତ ୪ଜି ଫୋନ୍ର ମାସିକ ରିଚାର୍ଜ ମଧ୍ୟ ଟେଲିକମ୍ କ୍ଷେତ୍ରରେ ସର୍ବନିମ୍ନ ୧୨୩ ଟଙ୍କା ରହିଛି। ଦୀପାବଳି ଧମାକା ଅଫର ଭାବେ ଆସିଥିବା ଏହି ସୀମିତ ସମୟ ସ୍ୱତନ୍ତ୍ର ଅଫରକୁ ନେଇ ଓଡ଼ିଶାର ଗ୍ରାମାଞ୍ଚଳ ତଥା ସହର ଉପକଣ୍ଠ ଅଞ୍ଚଳରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଜିଓ କିଛି ବର୍ଷ ପୂର୍ବେ '୨ଜି ମୁକ୍ତ ଭାରତ ଅଭିଯାନ' ଆରମ୍ଭ କରିଥିଲା। ଏହି ଅଭିଯାନ ଆରମ୍ଭକରି ରିଲାଏନ୍ସ ଗ୍ରୁପ୍ର ଚେୟାରମ୍ୟାନ ମୁକେଶ ଅମ୍ବାନୀ କହିଥିଲେ, ୨ଜି ମୁକ୍ତ ଭାରତ ଅଭିଯାନ ହେଉଛି, ବଞ୍ଚିତ ଲୋକଙ୍କୁ ଡିଜିଟାଲ ଦୁନିଆ ସହ ଯୋଡ଼ିବା ପାଇଁ ଏହା ଏକ ସ୍ୱତନ୍ତ୍ର ଅଭିଯାନ। ଫଳରେ ବିକାଶ ଧାରାର ସର୍ବନିମ୍ନ ପାହାଚରେ ଠିଆହୋଇଥିବା ବ୍ୟକ୍ତି ମଧ୍ୟ ଡିଜିଟାଲ ଦୁନିଆର ଲାଭ ଉଠାଇ ପାରିବେ। ଏହି ଅଭିଯାନ ଆରମ୍ଭ ହେବା ପରଠାରୁ ସାରା ଦେଶରେ ପ୍ରାୟ ୩୦ କୋଟି ୨ଜି ବ୍ୟବହାରକାରୀଙ୍କୁ ଅତ୍ୟାଧୁନିକ ୪ଜି ନେଟ୍ୱର୍କକୁ ଉନ୍ନୀତ କରାଯାଇଛି।

# ଆଇଡିଏ ଠାରୁ ସିଲ୍ ଅଫ୍ ଆକ୍ସେପ୍ଟାନ୍ସ ହାସଲ




ନୂଆଦିଲ୍ଲୀ,୧୩।୧୧

ଡାବର ରେଡ୍ ପେଷ୍ଟକୁ ନିକଟରେ ଜାତୀୟସ୍ତରର ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରାଯାଇଛି। ଏପରିକି ଭାରତର ପ୍ରଥମ ଘରୋଇ ଆୟୁର୍ବେଦିକ ଟୁଥ୍ପେଷ୍ଟ ବ୍ରାଣ୍ଡ ଭାବେ ଡାବର ରେଡ ଇଣ୍ଡିଆନ ଡେଣ୍ଟାଲ ଆସୋସିଏଶନ (ଆଇଡିଏ) ଠାରୁ ସମ୍ମାନଜନକ ସିଲ୍ ଅଫ୍ ଆକ୍ସେପ୍ଟାନ୍ସ ହାସଲ ବା ଗ୍ରହଣ କରିଛି। ଉଲ୍ଲେଖଯୋଗ୍ୟ, ୱାର୍ଲ୍ଡ ଡେଣ୍ଟାଲ ଶୋ'ରେ ଏ ସମ୍ପର୍କରେ ବିସ୍ତୃତ ଭାବେ ଘୋଷଣା କରାଯାଇଥିଲା। ଯେଉଁଥିରେ ୫୦୦୦ରୁ ଅଧିକ ଅଗ୍ରଣୀ ଡେଣ୍ଟିଷ୍ଟ ଓ ଡେଣ୍ଟିଷ୍ଟ୍ରୀ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଏପରିକି ଏହି ଶୋ'ରେ ବ୍ରାଣ୍ଡର ସ୍ୱତନ୍ତ୍ର ଆୟୁର୍ବେଦିକ ଐତିହ୍ୟ ସହିତ ଡାବର ରେଡ୍ ପେଷ୍ଟ ଡାକ୍ତରୀ ରୂପେ ପ୍ରମାଣିତ ଲାଭଗୁଡ଼ିକୁ ପ୍ରଦର୍ଶିତ କରିଥିଲା।

ଏ ସମ୍ପର୍କରେ ଡାବର ଇଣ୍ଡିଆ ଲିମିଟେଡର ମାର୍କେଟିଂ ବିଭାଗର କାର୍ଯ୍ୟକାରୀ ଉପାଧ୍ୟକ୍ଷ ଅଭିଶେକ ଜୁଗ୍ରାନ କହିଛନ୍ତି, ଡାବର ରେଡ୍ ପେଷ୍ଟ ପାଇଁ ଆଇଡିଏ ସିଲ୍ ଅଫ୍ ଆକ୍ସେପ୍ଟାନ୍ସ ଆମର ପାଟେଂଟେଡ ଆୟୁର୍ବେଦିକ ଫର୍ମୁଲାର ସୁରକ୍ଷା ଓ ପ୍ରଭାବଶାଳୀତାକୁ ଦର୍ଶାଉଛି। ଭାରତର ପ୍ରଥମ ଘରୋଇ ବ୍ରାଣ୍ଡ ଭାବେ ଏହି ସମ୍ମାନ ହାସଲ କରିବା ଆମ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ଆମେ ମୁଖ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେବା ପ୍ରତି ଆଇଡିଏର ଉତ୍ସର୍ଗୀକୃତତାକୁ ପ୍ରଶଂସା କରୁଛୁ। ଡାବର ରେଡ୍ ପେଷ୍ଟ ଦାନ୍ତର ସମସ୍ୟାକୁ ରୋକିବା ଓ ହ୍ରାସ କରିବା ପାଇଁ ଏକ ପ୍ରମାଣିତ ସମାଧାନ ବୋଲି ଉପଭୋକ୍ତାଙ୍କୁ ନିଶ୍ଚିତ କରିବା କ୍ଷେତ୍ରରେ ସେମାନଙ୍କର ବହୁମୂଲ୍ୟ ସ୍ୱରକୁ ସମ୍ମାନ ଦେଉଛୁ। ଏହି ସହଭାଗିତା ମାଧ୍ୟମରେ ଡାବର ରେଡ୍ ପେଷ୍ଟ ଆଧୁନିକ ବିଜ୍ଞାନ ଏବଂ ଆୟୁର୍ବେଦର ଜ୍ଞାନର ଏକ ଅନନ୍ୟ ମିଶ୍ରଣ ପ୍ରଦାନ କରୁଛି। ସେହିପରି ଆଇଡିଏର ସାଧାରଣ ସଚିବ ଡା. ଅଶୋକ ଧୋବ୍ଲେ କହିଛନ୍ତି, ୫୦୦୦ ବର୍ଷରୁ ଅଧିକ ସମୟ ହେବ ଆୟୁର୍ବେଦିକ ପ୍ରତିକାରଗୁଡ଼ିକୁ ବିଶ୍ୱାସ କରାଯାଇଆସୁଛି। ଏପରିକି ଡାବର ରେଡ୍ ପେଷ୍ଟକୁ ନେଇ ଆଇଡିଏ ଗ୍ରହଣୀୟତାର ଜଟିଳ ବୈଜ୍ଞାନିକ ମୂଲ୍ୟାୟନ ଉପରେ ଆଧାରିତ ରହିଛି,ଚିକିତ୍ସକୀୟ ଅଧ୍ୟୟନ ଦାନ୍ତ ସମସ୍ୟାକୁ ହ୍ରାସ କରିବା ଓ ସାମଗ୍ରିକ ମୁଖ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବାରେ ଏହାର ପ୍ରଭାବଶାଳୀତାକୁ ନିଶ୍ଚିତ କରିଛି। ଏହା ହେଉଛି ଏକ ସ୍ୱୀକୃତି ଯାହା ସୁରକ୍ଷିତ ଓ ପ୍ରଭାବଶାଳୀ ମୁଖ ଯତ୍ନ ପ୍ରଦାନ କରିବା ପ୍ରତି ବ୍ରାଣ୍ଡର ପ୍ରତିବଦ୍ଧତାକୁ ଆଲୋକପାତ କରିଥାଏ। ଆଇଡିଏ ସିଲ୍ ଅଫ୍ ଆକ୍ସେପ୍ଟାନ୍ସକୁ ଏକ ବିସ୍ତୃତ ବୈଜ୍ଞାନିକ ମୂଲ୍ୟାୟନ ଉପରେ ଆଧାର କରି ଅନୁମୋଦନ କରାଯାଇଥାଏ।

# ଆଭିଭାର ୱେଲ୍ନେସ୍ ପ୍ୟାକେଜ୍

ନୂଆଦିଲ୍ଲୀ,୧୩।୧୧

ଆଭିଭା ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ନୂତନ ୱେଲ୍ନେସ୍ ପ୍ୟାକେଜ୍ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ପ୍ରୋଟେକ୍ସନ ପ୍ଲାନ୍ଗୁଡ଼ିକ ସହ ଏକ ବିସ୍ତୃତ ପ୍ରିଭେଣ୍ଟିଭ୍ ୱେଲ୍ନେସ୍ ପ୍ୟାକେଜ୍ର ଆରମ୍ଭ କରାଯାଇଛି,ଯାହା ପରିବାରର ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ପାଇଁ ଉପଯୁକ୍ତ ଉପକରଣ ଓ ସଂସାଧନ ସହ ସୁସଜ୍ଜିତ ରହିଛି। ଏହି ପ୍ୟାକେଜରେ ବଡି କମ୍ପୋଜିଶନ ମନିଟର, ବ୍ଲଡ୍ ପ୍ରେସର ମନିଟର, ନ୍ୟୁଟ୍ରିଶନିଷ୍ଟଙ୍କ ସହ ପରାମର୍ଶ ଆଦି ସାମିଲ ରହିଛି। ସେହିଭଳି ବ୍ରାଣ୍ଡର ଏହି ନୂତନ ପଦକ୍ଷେପ ଗ୍ରାହକଙ୍କୁ ନିଜ ସ୍ୱାସ୍ଥ୍ୟର ଯତ୍ନନେବା ପାଇଁ ପ୍ରୋତ୍ସାହିତ ସହ ସୁସ୍ଥତା ଦିଗରେ ପ୍ରଥମ ପଦକ୍ଷେପ ଭାବେ ପ୍ରତିରୋଧର ମହତ୍ତ୍ୱକୁ ସୁଦୃଢ଼ କରିଥାଏ। ଆଭିଭା ଇଣ୍ଡିଆ ଦୀର୍ଘାବଧି ପରିବାର ସୁରକ୍ଷା ପାଇଁ ସ୍ଥାୟୀ ସ୍ୱାସ୍ଥ୍ୟକର ଅଭ୍ୟାସ ସୃଷ୍ଟି କରିବା କ୍ଷେତ୍ରରେ ସଫଳ ହୋଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଆଭିଭା ଇଣ୍ଡିଆର ସିଇଓ ତଥା ଏମ୍ଡି ଅସିତ ରଥ କହିଛନ୍ତି,ପ୍ରତିଷେଧମୂଳକ ଯତ୍ନ, ସାମଗ୍ରିକ ସୁସ୍ଥତା ସହଯୋଗ ଓ ସ୍ୱତନ୍ତ୍ର ବୀମା ସମାଧାନ ମାଧ୍ୟମରେ ସୁସ୍ଥ ଜୀବନ ବଞ୍ଚିବାରେ ଗ୍ରାହକଙ୍କୁ ସଶକ୍ତ କରିବା ଉପରେ ଆଭିଭା ଇଣ୍ଡିଆର ଗୁରୁତ୍ୱ ସମ୍ପର୍କରେ ସେ ବିସ୍ତୃତ ଭାବେ ତଥ୍ୟ ପ୍ରଦାନ କରିଛନ୍ତି। ସେହିପରି ସୁସ୍ଥ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତକରି ନିୟମିତ ଚେକ୍ଅପ୍ ଏବଂ ଉଦ୍ଦିଷ୍ଟ ଆର୍ଥିକ ସୁରକ୍ଷା ପ୍ରଦାନକରି ଆମେ ପରିବାରଗୁଡ଼ିକ ପାଇଁ ଦୀର୍ଘାବଧି ପାରିବାରିକ ଖର୍ଚ୍ଚକୁ ହ୍ରାସ କରିପାରିବା ବୋଲି ରଥ ମତପ୍ରକାଶ କରିଛନ୍ତି। ଯେଉଁଠାରେ 'ପ୍ରତ୍ୟେକ ପରିବାର ସମ୍ପୂର୍ଣ୍ଣତା ସହ ବଞ୍ଚିପାରିବେ ଏବଂ ସ୍ୱାସ୍ଥ୍ୟ ସମସ୍ୟା ବିରୋଧରେ ସୁରକ୍ଷିତ ରହିବେ। ଆଭିଭା ଇଣ୍ଡିଆର ଲକ୍ଷ୍ୟ କେବଳ ଏକ ବୀମା ପ୍ରଦାନକାରୀ ହେବାଠାରୁ ଆଗରେ ଏକ ବିଶ୍ୱସନୀୟ ୱେଲ୍ନେସ୍ ପାର୍ଟନରରେ ପରିଣତ ହେବା ପାଇଁ ବିସ୍ତାର ହୋଇଛି।

## ଫୁର୍ସତ

# ଗ୍ରାମର ପ୍ରତି ଘରେ ଚିତ୍ରକଳା



**କୋଲ୍କତା:** ପଶ୍ଚିମବଙ୍ଗର ୱେଷ୍ଟ ମେଦିନୀପୁର ଜିଲା ପିଙ୍ଗଲାର ଥାନା ଅନ୍ତର୍ଗତ ନୟାଗ୍ରାମ ଗ୍ରାମ ରହିଛି। ଏହି ଗ୍ରାମକୁ ଚିତ୍ରକଳାର ଗ୍ରାମ ଭାବେ ମାନ୍ୟତା ମିଳିଛି। ଗ୍ରାମର ପ୍ରତ୍ୟେକ ଘରର କାନ୍ଥରେ ବିଭିନ୍ନ ଚିତ୍ରକଳା ଅଙ୍କାଯାଇଛି। ନୟାଗ୍ରାମ ଗ୍ରାମର ପ୍ରତି ପରିବାର୍ରେ ଜଣେ କିମ୍ବା ୨ ଜଣ ଚିତ୍ରକର ବାସ କରନ୍ତି। ସେହିପରି ଘରର କାନ୍ଥକୁ ଛାଡ଼ି ଏହି ଗ୍ରାମର ବିଭିନ୍ନ ସ୍ଥାନରେ ଅନେକ ଚିତ୍ରକଳା ଓ କଳାକୃତିଗୁଡ଼ିକୁ ପ୍ରଦର୍ଶିତ କରାଯାଇଥାଏ। ନିଜର କଳା, କାରୁକାର୍ଯ୍ୟ ଏବଂ ଚିତ୍ରକଳା ପାଇଁ ଏହି ଗ୍ରାମ ଭାରତ ବର୍ଷରେ ପ୍ରସିଦ୍ଧ।

ଏଠାକାର କଳାକାରମାନଙ୍କ ଦ୍ୱାରା ଅଙ୍କାଯାଇଥିବା ପ୍ରତିଟି ଚିତ୍ରକଳାକୁ ଦେଖିବା ନିହାତି ପକ୍ଷେ ଚମତ୍କାର ଅନୁଭୂତି ଆଣିଥାଏ ବୋଲି ନୟାଗ୍ରାମକୁ ଆସୁଥିବା ପର୍ଯ୍ୟଟକମାନେ କହିଛନ୍ତି। ଗ୍ରାମରେ ପ୍ରବେଶ କରିବା ମାତ୍ରେ ଚିତ୍ରକଳାର ଏକ ଅଦ୍ଭୁତ ଦୁନିଆରେ ପାଦ ଥାପିବା ପରି ମନେ ହୋଇଥାଏ। ଏଠାରେ ପ୍ରଦର୍ଶିତ ହେଉଥିବା ପ୍ରତ୍ୟେକ ଚିତ୍ରକଳା ମଧ୍ୟରେ କିଛି ନା କିଛି ବିଶେଷତା ଲୁଚି ରହିଥାଏ। ନୟାଗ୍ରାମରେ ରହୁଥିବା ଚିତ୍ରକରମାନେ ସେମାନଙ୍କ କଳା ମାଧ୍ୟମରେ କେବଳ ସାମାଜିକ ସମସ୍ୟା ପ୍ରଦର୍ଶନ କରନ୍ତି ନାହିଁ ବରଂ ଅନେକ ପୌରାଣିକ କଥାବସ୍ତୁକୁ ଜୀବନ୍ତ କରିଦେଇଥାନ୍ତି। ସମୟ ସହିତ ଏହି ଗ୍ରାମରେ ପ୍ରଦର୍ଶିତ ହେଉଥିବା ଚିତ୍ରକଳା ଏବଂ କଳାକୃତିଗୁଡ଼ିକ ଭାରତର କଳା ଓ ଐତିହ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପ୍ରତିଦିନ ଅନେକ ଶହ ସଂଖ୍ୟାରେ ପର୍ଯ୍ୟଟକ ନୟାଗ୍ରାମକୁ ଆସି ନିଜ କ୍ୟାମେରାରେ ଏଠାକାର ଚମତ୍କାର କାରୁକାର୍ଯ୍ୟ ଓ ଚିତ୍ରକଳାକୁ କଏଦ କରିଥାନ୍ତି। ଗ୍ରାମର ପ୍ରତ୍ୟେକ କୋଣ ପର୍ଯ୍ୟଟକଙ୍କ ମନରେ ଶାନ୍ତି ଆଣିଦେଇଥାଏ। ନିଜର ସୌନ୍ଦର୍ଯ୍ୟ ଏବଂ ଚିତ୍ରକଳା ଯୋଗୁ ନୟାଗ୍ରାମ ଏକ ଆଦର୍ଶ ପର୍ଯ୍ୟଟନସ୍ଥଳୀ ଭାବେ ପରିଣତ ହୋଇପାରିଛି। ଚିତ୍ର ଆଙ୍କିବା ଏବଂ ଫଟୋଗ୍ରାଫି କରିବାକୁ ଭଲ ପାଉଥିବା ବ୍ୟକ୍ତିଙ୍କ ପାଇଁ ଏହି ଗ୍ରାମ ଏକ ଆଦର୍ଶ ସ୍ଥାନ ହୋଇପାରିଛି।

**ଆଜି ଶିଶୁ ଦିବସ**

# ଶିଶୁପ୍ରେମୀ ଚାଚା ନେହେରୁ



ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହରଲାଲ ନେହେରୁ ଜଣେ ସଚ୍ଚା ଶିଶୁପ୍ରେମୀ ଥିଲେ। ତେଣୁ ତାଙ୍କର ଜନ୍ମ ଦିନ ୧୪ ନଭେମ୍ବର(୧୮୮୮ ମସିହା)କୁ ପ୍ରତିବର୍ଷ 'ଶିଶୁ ଦିବସ' ରୂପେ ପାଳନ କରାଯାଏ। ନେହେରୁ କହିଥିଲେ 'ଶିଶୁମାନେ ଏ ଧରାପୃଷ୍ଠର ସବୁଠୁ ବଡ଼ ଗୁପ୍ତଧନ' ସେ ହୃଦୟଙ୍ଗମ କରିପାରିଥିଲେ ଯେ ଶିଶୁ ହିଁ ଦେଶର ଭବିଷ୍ୟତ। ସେଥିପାଇଁ ତ କୁହାଯାଇଛି- 'ଯାହା ନୋହିଛି ବାଳ କାଳେ, ତାହା ନୋହିବ କାଳେ କାଳେ।'

ବାଲ୍ୟକାଳରୁ ଶିଶୁମାନଙ୍କ ମନରେ ଉତ୍ତମ ଚରିତ୍ର ଗଠନ, ଦେଶପ୍ରେମ ଭାବ ଜାଗ୍ରତ କରାଇବା ଜରୁରୀ। ଏଥିପାଇଁ ମାତାପିତା, ଶିକ୍ଷୟିତ୍ରୀ ଶିକ୍ଷକମାନେ ନଜର ଦେବା ଆବଶ୍ୟକ। ଅପପକ୍ଷରେ ନେହେରୁ ଉପଲବ୍ଧି କରିଥିଲେ -'ଶିଶୁ ହସିଲେ ଦେଶ ହସିବ'। ତେଣୁ ସେ ଶିଶୁଙ୍କ ମୁହଁରେ ହସ ଦେଖିବା ପାଇଁ ବ୍ୟାକୁଳ ହେଉଥିଲେ। ଶିଶୁର କଅଁଳ ହସ ଅପାସୋରା ବୋଲି ସେ କହୁଥିଲେ। ସେହି ଶିଶୁପ୍ରେମୀ ନେହେରୁଙ୍କ ପିଲାଦିନର ଏକ ଘଟଣାକୁ ଏଠାରେ ଉଲ୍ଲେଖ କରାଯାଉଛି।

ତାଙ୍କର ପିତା ମୋତିଲାଲ ନେହେରୁଙ୍କ ଟାମ୍ବରରୁ ସୁନ୍ଦର କଲମଟିଏ କିଏ ଚୋରିକରି ନେଇ ଯାଇଥିଲା। ବାପା କଲମ କଥା ଜବାହରଲାଲଙ୍କୁ ପଚାରିବାରୁ ସେ କହିଲେ ମୁଁ ନେଇ ନାହିଁ। ସେ ମିଛ କହୁଥିବାରୁ ମୋତିଲାଲ ଏକ ଶକ୍ତ ଚାପୁଡ଼ା ତାଙ୍କୁ ମାରିଦେଲେ। ଫଳରେ ସେସବୁ ସତକଥା ମାନିଯାଇ ସେ ହିଁ ଚୋରି କରିଥିବା କହିଥିଲେ। ତେବେ ସେହିଦିନଠାରୁ ଜବାହରଲାଲ ସେ ମିଛ କହିବା ଓ ଚୋରି କରିବା ସବୁଦିନ ପାଇଁ ଛାଡ଼ି ଦେଲେ।

**ଡ. ହିମାଂଶୁ ବାରିକ**
ମୋ:୯୦୬୪୬୬୬୯୧୪

# ଡେଟିଂ ଗୁଜବକୁ ଖଣ୍ଡନକଲେ ଖୁସି


ଖୁସି କପୁର

**ମୁମ୍ବାଇ:** ସ୍ୱର୍ଗତା ଅଭିନେତ୍ରୀ ଶ୍ରୀଦେବୀ ଏବଂ ଫିଲ୍ମ ନିର୍ମାତା ବୋନି କପୁରଙ୍କ ସାନ ଝିଅ ଖୁସି କପୁର ବଡ଼ ପରଦାରେ ପାଦ ଥାପି ସାରିଛନ୍ତି। ଗତବର୍ଷ ରିଲିଜ୍ ହୋଇଥିବା ଜୋୟା ଅଖତରଙ୍କ ନିର୍ଦ୍ଦେଶିତ 'ଦି ଆର୍ଚିଜ୍' ଫିଲ୍ମ ଜରିଆରେ ସେ ବଡ଼ ପରଦାରେ ଡେବ୍ୟୁ କରିଥିଲେ। ତେବେ ଏହି ଚଳଚ୍ଚିତ୍ରର ଅଭିନେତା ବେଦାଙ୍ଗ ରାଇନାଙ୍କ ସହ ଖୁସି ଡେଟ୍ କରୁଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ବୁଧବାର ଏକ ସାକ୍ଷାତ୍କାରରେ ଖୁସି ଏନେଇ ପ୍ରତିକ୍ରିୟା ରଖିଛନ୍ତି। ଜଣେ ଅଭିନେତ୍ରୀ ଭାବେ ତାଙ୍କ ଡେଟିଂ ଲାଇଫ୍କୁ ନେଇ ଯେଉଁ ସବୁ ଆଲୋଚନା ଚାଲିଛି ତାକୁ କିପରି ଭାବେ ଗ୍ରହଣ କରୁଛନ୍ତି ବୋଲି ଏହି ସାକ୍ଷାତ୍କାରରେ ଖୁସିଙ୍କୁ ପଚରାଯାଇଥିଲା। ଉତ୍ତରରେ ଖୁସି କହିଛନ୍ତି, ସେ ଏସବୁ ଚର୍ଚ୍ଚା ଓ ଆଲୋଚନାକୁ ବିଶେଷ ଧ୍ୟାନ ନ ଦେଇ ସର୍ବଦା ନିଜ କାମ ଉପରେ ଫୋକସ୍ କରିଥାନ୍ତି। ଜଣେ ଅଭିନେତ୍ରୀ ହୋଇ ଥିବାରୁ ତାଙ୍କୁ ନେଇ ସର୍ବସାଧାରଣରେ ଅନେକ ଆଲୋଚନା ହୋଇଥାଏ। କିନ୍ତୁ ଏସବୁ କେବଳ ଗୁଜବ ବୋଲି ଖୁସି କହିଛନ୍ତି। ସେ ଆହୁରି କହିଛନ୍ତି, ତାରକାମାନଙ୍କର ମଧ୍ୟ ଅନ୍ୟମାନଙ୍କ ପରି ବ୍ୟକ୍ତିଗତ ଜୀବନ ରହିଥାଏ। ଅନ୍ୟମାନେ ଏହାକୁ ସମ୍ମାନ ଦେବା ଉଚିତ। ତେବେ ନିଜ ପରିବାରକୁ ନେଇ ଖୁସି ଏହି ସାକ୍ଷାତ୍କାରରେ କହିଛନ୍ତି, ବର୍ତ୍ତମାନ ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ନବାଗତା ଅଭିନେତ୍ରୀ। ତାଙ୍କ ପାଇଁ ବହୁତ କିଛି ଶିଖିବାକୁ ବାକି ଅଛି। ସେ ତାଙ୍କ କାର୍ଯ୍ୟକୁ ନେଇ ବାପାଙ୍କ ଠାରୁ ପ୍ରାୟତଃ ପରାମର୍ଶ ନେଇଥାନ୍ତି ବୋଲି ଖୁସି କହିଛନ୍ତି। ସେହିପରି ଭାଇ ଅର୍ଜୁନ କପୁର ଓ ବଡ଼ ଭଉଣୀ ଜାହ୍ନବୀ କପୁରଙ୍କର ମଧ୍ୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ଢେର ଅଭିଜ୍ଞତା ରହିଛି। ଅଭିନୟରେ ଉନ୍ନତି ଆଣିବା ପାଇଁ ସେମାନେ ତାଙ୍କୁ ସବୁବେଳେ ପରାମର୍ଶ ଦେଇଥାନ୍ତି ବୋଲି ଖୁସି କହିଛନ୍ତି। ଖୁବ୍ଶୀଘ୍ର ଖୁସିଙ୍କୁ ଅଭିନେତା ଆମୀର ଖାନ୍ଙ୍କ ପୁଅ ଜୁନୈଦ ଖାନ୍ଙ୍କ ସହ ଏକ ରୋମାଣ୍ଟିକ ଡ୍ରାମା ଫିଲ୍ମରେ ଦେଖିବାକୁ ମିଳିବ। ତେବେ ବର୍ତ୍ତମାନ ସୁଦ୍ଧା ଉକ୍ତ ଫିଲ୍ମର ନାମ ଘୋଷଣା କରାଯାଇ ନାହିଁ।

# ଆନ୍ତଃ ରାଜ୍ୟ ବିବାଦର ସମାଧାନ ପାଇଁ ଗଠନହେବ ମନ୍ତ୍ରୀସ୍ତରୀୟ କମିଟି

ଭୁବନେଶ୍ୱର,୧୩।୧୧(ସୁନିତ୍ ମିଶ୍ର)



ବିଭିନ୍ନ ରାଜ୍ୟ ସହ ଓଡ଼ିଶାର ଥିବା ବିବାଦଗୁଡ଼ିକର ସମାଧାନ ପାଇଁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି। ସରକାର ବିଭିନ୍ନ ରାଜ୍ୟ ସହ ରହିଥିବା ବିବାଦର ସମାଧାନ ଲାଗି ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଲୋକ ସେବା ଭବନଠାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ବିଭିନ୍ନ ଆନ୍ତଃ ରାଜ୍ୟ ବିବାଦ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି। ପୋଲାଭରମ, ବଂଶଧାରା, ମହାନଦୀ, କୋଟିଆ ଆଦି ବିଭିନ୍ନ ସମସ୍ୟା ଉପରେ ମୁଖ୍ୟତଃ ଆଲୋଚନା କରାଯାଇଛି। ଏହି ଆଲୋଚନାରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଆଇନ ବିଭାଗ ପ୍ରମୁଖ ସଚିବ ମାନସ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର ପ୍ରଥମ ପ୍ରାଚୀନ ଅଭିଲେଖ ସତୀଶିଳା ଉଦ୍ଧାର

ଭୁବନେଶ୍ୱର,୧୩।୧୧
(ସୌମ୍ୟ ରଞ୍ଜନ ରାଉତ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଡିଆଟନ୍ ଗ୍ରାମରୁ ଅଭିଲେଖ ଜଡ଼ିତ ସତୀଶିଳା ପାଠ ଉଦ୍ଧାର ହୋଇଛି। ଏହା ଓଡ଼ିଶାର ପ୍ରଥମ ବୋଲି ସ୍ମୃତିସ୍ତମ୍ଭ ଗବେଷକ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ରାଜକୁମାର ରତେ ଓ ପାରଳାଖେମୁଣ୍ଡିର ଲିପିତତ୍ତ୍ୱ ବିଶାରଦ ବିଷ୍ଣୁମୋହନ ଅଧିକାରୀ ଦାବି କରିଛନ୍ତି। ଅଧ୍ୟାପକ ରତେ ତାଙ୍କର ଦୁଇଜଣ ଛାତ୍ର ବିକାଶ କାଣ୍ଡ ଓ ସରୋଜ ବାଗଙ୍କ ସହ ଡିଆଟନ ଗ୍ରାମର ପ୍ରାଚୀନ ମହାଦେବ ମନ୍ଦିରରୁ ଏକ ଅଭିଲେଖ ଜଡ଼ିତ ସତୀଶିଳା ଉଦ୍ଧାର କରିଥିଲେ।



ଉଦ୍ଧାର ହୋଇଥିବା ସତୀଶିଳା।

ଏହାସହ ଅନ୍ୟ ୬ଟି ସତୀଶିଳା, ଗଣେଶ ଏବଂ କାର୍ତ୍ତିକେୟଙ୍କ ମୂର୍ତ୍ତି ଉଦ୍ଧାର କରିଥିଲେ। ଅଭିଲେଖ ଥିବା ସତୀଶିଳାର ଲିପି ଉପରେ ଗବେଷଣା ନିମନ୍ତେ ସେ ଲିପି ବିଶାରଦ ବିଷ୍ଣୁମୋହନ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ଏହି ଲିପି ନାଗରୀ ଲିପିରେ ଲେଖାଯାଇଥିବା ଅଧିକାରୀ କହିଛନ୍ତି। କେବଳ ଏହି ଶିଳାରେ ୩ଟି ଧାଡ଼ି ପଢ଼ିବାଯୋଗ୍ୟ ଥିଲା। ଏହି ଶିଳାଲେଖ ପ୍ରାୟ ୧୦ମରୁ ୧୧ଶ ଶତାବ୍ଦୀର ବୋଲି ଅନୁମାନ କରାଯାଉଛି। ସତୀଶିଳାଟି କା ନ୍ୟୁ ଗ୍ଲା ଦେବୀ ନାମକ ମହିଳାଙ୍କ ସତୀ ହେବାର ଘଟଣା ଉପରେ ପ୍ରତିଷ୍ଠା କରାଯାଇଛି। ସତୀଶିଳାର ଉପର ଭାଗରେ ଅଭୟ ମୁଦ୍ରା ପ୍ରଦାନର ଏକ ହାତ ଚିହ୍ନ ସହ ସୂର୍ଯ୍ୟ ଏବଂ ଅର୍ଦ୍ଧଚନ୍ଦ୍ର ଚିହ୍ନ ଖୋଦିତ ହୋଇଛି। ଏହାର ମଧ୍ୟଭାଗରେ ଗୋଟିଏ ପୁରୁଷ ଓ ମହିଳା ଏକ ସ୍ତମ୍ଭକୁ ପୂଜା କରୁଥିବା ଦେଖାଯାଉଛି। ସାଧାରଣ ଭାବେ ସତୀଶିଳାରେ ଶିବଲିଙ୍ଗକୁ ପୂଜା କରୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ଡିଆଟନ୍‌ର ଏହି ଶିଳାଲେଖରେ ଖମ୍ବ ଆକୃତିର ବସ୍ତୁ ପୂଜା କରୁଥିବା ଦେଖିବାକୁ ମିଳୁଛି, ଯାହାର ଉପର ଭାଗ ମସ୍ତକ ସ୍ୱରୂପ ରହିଛି। ଏହି ପରମ୍ପରା ସ୍ତମ୍ଭେଶ୍ୱରୀ କିମ୍ବା ଖମ୍ଭେଶ୍ୱରୀ ଉପାସନା ସହ ସାମଞ୍ଜସ୍ୟ ଥିବା ଜଣାପଡ଼ିଛି। ଏହା ସହିତ ଆଦିବାସୀ ପରମ୍ପରା ସ୍ତମ୍ଭପୂଜା ସହ ସତୀପ୍ରଥାର ସମ୍ବନ୍ଧ ଥିବା ଅନୁମାନ କରାଯାଉଥିବା ଅଧ୍ୟାପକ ରତେ କହିଛନ୍ତି।

# ୨୦ରୁ ବରଗଡ଼ରୁ ଆରମ୍ଭହେବ ଧାନ ସଂଗ୍ରହ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୩।୧୧(ସୁନିତ୍ ମିଶ୍ର)

■ ଡିସେମ୍ବର ୮ରେ ସୋହେଲାରେ ରାଜ୍ୟସ୍ତରୀୟ କୃଷକ ସମାବେଶ
■ ଡିସେମ୍ବର ୮ରୁ ଚାଷୀଙ୍କ ଖାତାକୁ ଯିବ ଅତିରିକ୍ତ ୮୦୦ ଟଙ୍କା
■ ନଭେମ୍ବର ୨୦ରୁ ଡିସେମ୍ବର ୭ ସୁଦ୍ଧା ଚାଷୀ ପାଇବେ ୨୩୦୦ ଟଙ୍କା

ଆଗାମୀ ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଜିଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି। ତ୍ରୁଟିଶୂନ୍ୟ ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ଓ ଜିଲାପାଳମାନେ ଯାହାସବୁ ପ୍ରସ୍ତୁତି କରିଛନ୍ତି ସେନେଇ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ତି। ବୈଠକରୁ ଜଣାଯାଇଛି, ଆସନ୍ତା ୨୦ରେ ବରଗଡ଼ ଜିଲାରୁ ଏହି ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ। ୨୭ରେ ସମ୍ବଲପୁର ଏବଂ ପରେ ରାଜ୍ୟର ସବୁ ଜିଲାରେ ଏହି ଧାନ ସଂଗ୍ରହ ବ୍ୟବସ୍ଥା ଚାଲିବ। ନଭେମ୍ବର ୨୦ରୁ ଡିସେମ୍ବର ୭ ତାରିଖ ମଧ୍ୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ପ୍ରଦାନ କରାଯିବ। ଡିସେମ୍ବର ୮ରେ ବରଗଡ଼ ଜିଲା ସୋହେଲାଠାରେ ଏକ ରାଜ୍ୟସ୍ତରୀୟ କୃଷକ ସମାବେଶ ଆୟୋଜନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ଧାନର କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ପ୍ରଦାନ କରିବେ। ଚାଷୀଙ୍କ ବ୍ୟାଙ୍କ ଖାତାକୁ ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ଟଙ୍କା ପ୍ରଦାନ କରାଯିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଚାଷୀଙ୍କ ଧାନ ସଂଗ୍ରହ ବ୍ୟବସ୍ଥା ପାଇଁ ନିଆଯାଉଥିବା ସରକାରୀ ପଦକ୍ଷେପ ସମ୍ପର୍କରେ ବିଭିନ୍ନ ସୂଚନା, ଶିକ୍ଷା ଓ ସଞ୍ଚାର କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି। ମୁଖ୍ୟମନ୍ତ୍ରୀ ଏଥିପାଇଁ ଜିଲାପାଳମାନେ ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ ହୋଇ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଧାନମଣ୍ଡିରେ ଗ୍ରେନ୍ ଆନାଲାଇଜର, କ୍ଲିନିଂ ଆନାଲାଇଜର, ମଣ୍ଡି ସୁପରଭାଇଜରରେ ଆଦି ପ୍ରଯୁକ୍ତି ସମ୍ପର୍କରେ ସୂଚନା ଦିଆଯାଇଛି। ଚାଷୀଙ୍କୁ ଟୋକେନ ପ୍ରଦାନ ୧୫ ତାରିଖରୁ ଆରମ୍ଭ ହେବ। ଜିଲାପାଳମାନେ ଚାହିଁଲେ ଟୋକେନର ସମୟସୀମା ୭ ଦିନ ବୃଦ୍ଧି କରିପାରିବେ। ପଡ଼ୋଶୀ ରାଜ୍ୟ ସହ ଲାଗି ରହିଥିବା ଜିଲାଗୁଡ଼ିକରେ ଯେପରି ବାହାର ରାଜ୍ୟର ଧାନ ନ ପଶିବ, ସେଥିପ୍ରତି ଜିଲାପାଳମାନେ ପ୍ରତ୍ୟକ୍ଷ ଭାବେ ନଜର ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୀମାବର୍ତ୍ତୀ ଅଞ୍ଚଳରେ କ୍ୟାମେରା ସଂଯୁକ୍ତ ଥିବା ଯାନ ମାଧ୍ୟମରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଏବଂ ମଣ୍ଡିଗୁଡିକରେ ସିସିଟିଭି ଲଗାଇବା ଓ କଟ୍‌ନି ଛଟ୍‌ନିକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି।

# ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ଯୋଜନା ଅବଧି ୫ ବର୍ଷ ବଢ଼ିଲା

ଭୁବନେଶ୍ୱର,୧୩।୧୧(ଅନିଲ ଦାସ)

**କ୍ୟାବିନେଟ୍ ନିଷ୍ପତ୍ତି**
■ ଖର୍ଚ୍ଚ ହେବ ୭୬୫୨.୨୪ କୋଟି
■ ୧,୫୮,୩୧୮ ହେକ୍ଟର ଅତିରିକ୍ତ ସେଚାଞ୍ଚଳ ସୃଷ୍ଟି ଲକ୍ଷ୍ୟ

ରାଜ୍ୟ ସରକାର ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏସ୍ଆଇଡିପି) ଯୋଜନା ଅବଧି ଆସନ୍ତା ୫ ବର୍ଷ (୨୦୨୪-୨୫ ରୁ ୨୦୨୮-୨୯) ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିପାଇଁ ୭୬୫୨.୨୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି ମିଳିଛି। ଏହି ଯୋଜନା ଦ୍ୱାରା ୬୪୩୫ ହେକ୍ଟର ସେଚାଞ୍ଚଳର ପୁନରୁଦ୍ଧାରକରଣ କରାଯିବା ସହ ୧,୫୮,୩୧୮ ହେକ୍ଟର ଅତିରିକ୍ତ ସେଚାଞ୍ଚଳ ସୃଷ୍ଟି କରାଯାଇ ରାଜ୍ୟରେ ଜଳସେଚନ ବିକାଶକୁ ତ୍ୱରାନ୍ୱିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଛଡ଼ା ଏହି ଯୋଜନା ନୂତନ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ ତଥା ସର୍ଭେ ଓ ଅନୁସନ୍ଧାନ କରିବା, ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା ସହ ନିର୍ମାଣାଧୀନ ଜଳସେଚନ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାରେ ସହାୟତା କରିବ। ସମ୍ପୃକ୍ତ ନଦୀ ଅବବାହିକାରେ ବନ୍ୟା ଏବଂ ମରୁଡ଼ି ପରିସ୍ଥିତିକୁ ନିୟନ୍ତ୍ରଣ କରାଯିବା ସହ କୃଷକମାନଙ୍କୁ ପର୍ଯ୍ୟାୟକ୍ରମେ ଜଳ ଯୋଗାଣ ମଧ୍ୟ ସହଜ ହେବ। ନୂତନ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ ତଥା ସର୍ଭେ ଓ ଅନୁସନ୍ଧାନ କରିବା, ନିର୍ମାଣାଧୀନ ଜଳସେଚନ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବା, ପିଏମ୍‌କେଏସ୍‌ୱାଇ ଭଳି କେନ୍ଦ୍ରୀୟ ଅନୁଦାନ ପାଇବା ନିମନ୍ତେ ପ୍ରକଳ୍ପର ପୂର୍ବ କାର୍ଯ୍ୟକଳାପ ସମାପ୍ତ କରି ନିର୍ମାଣ କାର୍ଯ୍ୟକୁ ଅଗ୍ରିମ ପର୍ଯ୍ୟାୟରେ ପହଞ୍ଚାଇବା ଭଳି ବିଭିନ୍ନ ଲକ୍ଷ୍ୟ ନେଇ ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏସ୍ଆଇଡିପି) ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା।

# 'ସରଳ ଅଭ୍ୟାସ ଦୂରକରେ ବଡ଼ ରୋଗ'



ଭୁବନେଶ୍ୱର,୧୩।୧୧
(ଅନୁରାଧା ମହାରଣା)

ବେଦାନ୍ତ ପାଳିଲା ବିଶ୍ୱ ହାତଧୁଆ ଦିବସ

ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମ ଗୋଷ୍ଠୀମାନଙ୍କ ସହିତ ବିଶ୍ୱ ହାତଧୁଆ ଦିବସ ପାଳନ କରିଛି। 'କାହିଁକି ହାତକୁ ପରିଷ୍କାର କରିବା ଗୁରୁତ୍ୱପୂର୍ଣ୍ଣ ଅଟେ?' ବିଷୟବସ୍ତୁକୁ ନେଇ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ୨୮ ଗ୍ରାମର ୩୩ହଜାରରୁ ଅଧିକ ବାସିନ୍ଦା ଯୋଡ଼ି ହୋଇଛନ୍ତି। ଏହି ଅଭିଯାନରେ ହାତ ଧୋଇବାର ଠିକ ପ୍ରଣାଳୀ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ୱଚ୍ଛତା ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ସରଳ ହାତଧୁଆ ପ୍ରଣାଳୀ କିପରି ବଡ଼ ବଡ଼ ରୋଗ ବିସ୍ତାରକୁ ରୋକିପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ପଦକ୍ଷେପ ସମ୍ପର୍କରେ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, ଆମେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଛୋଟ କାର୍ଯ୍ୟର ଶକ୍ତି ଉପରେ ବିଶ୍ୱାସ କରୁ। ବିଶ୍ୱ ହାତଧୁଆ ଦିବସରେ ଏହି ଅଭିଯାନ ଆମର କାର୍ଯ୍ୟ କରୁଥିବା ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ ଉନ୍ନତି ପାଇଁ ବୃହତ୍ ପ୍ରତିବଦ୍ଧତାର ଏକ ଅଂଶ। ଉତ୍ତମ ସ୍ୱଚ୍ଛତା ଅଭ୍ୟାସକୁ ପ୍ରୋତ୍ସାହିତ କରି ରୋଗ ବିସ୍ତାରକୁ ରୋକିବା ଏବଂ ସମସ୍ତଙ୍କ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ସ୍ୱାସ୍ଥ୍ୟ କିଟ୍ ଗ୍ରହଣ କରିଥିବା ଭବାନୀ ବୁଢା କହିଛନ୍ତି, ମୌଳିକ ସ୍ୱଚ୍ଛତା ଅଭ୍ୟାସ ବହୁତ ସରଳ, ମାତ୍ର ପ୍ରଭାବଶାଳୀ ପରିବର୍ତ୍ତନ ଆଣିପାରେ। ହେଲଥ୍ ଫ୍ରେଣ୍ଡ ଡା. ଜୟନାରାୟଣ ପୂଜାରୀ କହିଛନ୍ତି, ଜନସ୍ୱାସ୍ଥ୍ୟକୁ ବଜାୟ ରଖିବା ସହ ରୋଗ ସଂକ୍ରମଣ ହ୍ରାସ ପାଇଁ ସମ୍ପ୍ରଦାୟକୁ ଉପଯୁକ୍ତ ହାତ ଧୋଇବା କୌଶଳ ଓ ସାମଗ୍ରିକ ସ୍ୱଚ୍ଛତା ଅଭ୍ୟାସ ବିଷୟରେ ଶିକ୍ଷା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୁଦ୍ଧାମାଳର ସରପଞ୍ଚ ଲାବଣ୍ୟ ବ୍ୟାଗ କହିଲେ, ବିଶ୍ୱ ହାତଧୁଆ ଦିବସ ଅବସରରେ ସପ୍ତାହବ୍ୟାପୀ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ହାତ ଧୋଇବାର ଗୁରୁତ୍ୱପୂର୍ଣ୍ଣ ଅଭ୍ୟାସକୁ ପ୍ରୋତ୍ସାହିତ କରିଥିଲା।

# ନାସିକ୍‌ରେ ପିଆଜ ୪୫ ଟଙ୍କାରେ ବିକ୍ରିହେଉଛି, ଆମର ସେଠାରୁ ଆସେ: ମନ୍ତ୍ରୀ

ଭୁବନେଶ୍ୱର,୧୩।୧୧(ସୁନିତ୍ ମିଶ୍ର)

ରାଜ୍ୟର ପ୍ରାୟ ସବୁଆଡ଼େ ପିଆଜ ଦର ବୃଦ୍ଧିକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଗତ କିଛି ମାସ ହେଲା କେତେବେଳେ ଆଳୁ ତ ଆଉ କେତେବେଳେ ପିଆଜ ଏବଂ ଅନ୍ୟ ପରିବାର ଦର ଉଚ୍ଚା ରହୁଛି। ଏହାକୁ ନେଇ ଜନସାଧାରଣଙ୍କ ଭିତରେ ମଧ୍ୟ ଅସନ୍ତୋଷ ଲାଗି ରହୁଛି। ଗତ ୧୫ ଦିନ ଭିତରେ ପିଆଜ କିଲୋ ପିଛା ପାଖାପାଖି ୩୦ ଟଙ୍କା ବଢ଼ି ପ୍ରାୟ ୭୦ ଟଙ୍କାରେ ପହଞ୍ଚିଲାଣି। ପିଆଜ ଦରରେ ଅହେତୁକ ବୃଦ୍ଧି ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ନାସିକ୍‌ରେ ମଧ୍ୟ ପିଆଜ ଦର ଅଧିକ ରହିଛି। ସେଠାରେ ୪୫ ଟଙ୍କାରେ କେଜି ବିକ୍ରି ହେଉଛି। ଆମର ଯେହେତୁ ଉତ୍ପାଦନ ନାହିଁ, ସେଠୁ ଆସିଲେ ଏଠି ବିକ୍ରି ହେବ। ନାଫେଡ୍ ଜରିଆରେ ପିଆଜ କେଜି ପିଛା ୩୦ ଟଙ୍କା ବିକ୍ରି କରିବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ଗ୍ରାହକଙ୍କ ଚାହିଦା ପୂରଣ କରିବାକୁ ବାର୍ଷିକ ପ୍ରାୟ ୫ ଲକ୍ଷ ମେଟ୍ରିକ ଟନ୍ ପିଆଜ ଦରକାର ପଡ଼ିଥାଏ। ମାସକୁ ହାରାହାରି ୪୦ ହଜାର ଟନ୍‌ରୁ ଅଧିକ ପିଆଜ ରାଜ୍ୟରେ ଲୋକମାନେ ଖାଇଥାଆନ୍ତି। ଆବଶ୍ୟକତା ଅନୁପାତରେ ଓଡ଼ିଶାରେ ପିଆଜ ଉତ୍ପାଦନ ବହୁତ କମ୍ ରହେ। ଓଡ଼ିଶାରେ ବାର୍ଷିକ ୬୦ ହଜାର ଟନ୍ ପିଆଜ ଅମଳ କରାଯାଉଛି। କିନ୍ତୁ ଏହା ୨ ମାସକୁ ବି ନିଅଣ୍ଟ। ଏଭଳି ସ୍ଥିତିରେ ପିଆଜ ପାଇଁ ଓଡ଼ିଶା ଆନ୍ଧ୍ର ପ୍ରଦେଶ ଓ ମହାରାଷ୍ଟ୍ର ଉପରେ ଯଥେଷ୍ଟ ନିର୍ଭରଶୀଳ।


## ODISHA PUBLIC SERVICE COMMISSION, CUTTACK

**NOTICE**

**No.6423/ PSC, Dt.12.11.2024**
**(DR-IV) (2PH-04-2024-25)**

**No.D-:**It is for information of all concerned that on the basis of written examination held on 14.07.2024 for the post of Lecturers in different disciplines of **Govt. Homoeopathic Medical Colleges,** pursuant to Advertisement No. 06 of 2023-24, 23 (16-w) candidates bearing following Roll Nos. have been selected for document verification. The physical verification of original certificates/documents in respect of above qualified candidates, will be held on **18.11.2024** as per the programme detailed below.

The candidates are required to reach the office of OPSC at 19, Dr. P. K. Parija Road, Cuttack - 753001, **30 minutes before** the commencement of document verification as per the scheduled programme.

**PROGRAMME FOR VERIFICATION OF ORIGINAL CERTIFICATES/ DOCUMENTS**

| Date of Publication | Time of Verification | Roll Nos. of Candidates to be verified |
|---|---|---|
| 18.11.2024 | 10.00 A.M. To 11.30 A.M. | 100003, 100005, 100007, 100009, 100011, 100013, 100014, 100015, 100016, 100018, 100019, 100020 = **12 Candidates** |
| | 12.00 P.M. To 01.30 P.M. | 100021, 100022, 100025, 100026, 100027, 100031, 100034, 100037, 100038, 100041, 100044 = **11 Candidates** |

It is also made clear that the candidature of these candidates for the above recruitment is purely provisional. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VERIFICATION:-**

1. Hard copy of online application form **mentioning Roll No. at the Top Right-Hand corner.** Application Forms are available in the website of the Commission.
   The candidates are required to download the same using their respective Username and Password/ OTP etc. through apply online link available in the website of the Commission i.e. www.opsc.gov.in.
2. **Three (03) passport size photographs tagged** with the Application Form.
3. **H.S.C. or Equivalent Certificate** in support of declaration of age.
4. **B.H.M.S. Degree certificate** issued by the concerned University;
5. **Post Graduate Degree certificate** in the concerned discipline by the concerned University
6. Mark-lists in support of all the aforesaid Examination **(H.S.C, B.H.M.S. Degree & PG Degree)** passed including fail marks, if any, issued by the concerned Board / Council /University.
7. **Conversion Certificates/ Conversion Formula** wherever applicable.
8. **Housemanship / Internship Completion Certificate, (issued within 21.06.2023)**.
9. **Medical Registration Certificate** under the Odisha State Council of Homoeopathic Medicine. If not registered, a candidate must have registered himself/herself before appointment.
10. If a candidate claims to possess qualification, equivalent to the prescribed qualification, the rule/authority (With number and date) under which it is so treated, must be furnished with the Application Form.
11. **Caste Certificate by birth (SC/ST) issued within the last date i.e. 21.06.2023.**
12. **SEBC Certificate issued from 22.06.2020 to 21.06.2023, wherever applicable.**
13. Required Odia Test Pass Certificate issued within the last date i.e. 21.06.2023, wherever applicable.
14. Permanent Disability Certificate (indicating percentage of disability i.e. 40% and more) issued by the concerned Medical Board wherever applicable issued within the last date i.e. 21.06.2023.
15. Discharge Certificates issued by the Commanding Officer of the Unit last served. Ex-Servicemen must submit an affidavit undertaking that he has not been appointed against any civil post after retirement from military service; wherever applicable.
16. **No Objection Certificate (NOC)** issued by the Competent Authority in case of in service candidates wherever applicable.
17. Attestation Form duly filled-in, signed and attested by a Gazetted Officer, (to be downloaded from the website of the Commission).
18. Any **proof of identity.**
19. The candidates are required to mention on the copy of each document "submitted by me" and put their signature & date of verification on the same.

**OIPR-12002/11/0091/2425** **Sd./- Secretary**



## DISTRICT MINERAL FOUNDATION, JAJPUR

**Ph.: 06728-222227**
**Email: dmfjajpur@gmail.com**
**Website: https://jajpur.odisha.gov.in**
**Letter No. DMF/615/2024** **Date: 12.11.2024**

**WALK-IN-INTERVIEW FOR SPECIALISTS/DOCTORS**

No. CAD-1590: Candidatures are invited for Walk-in-Interview for appointment of Specialists/Doctors in CHC Sukinda, Danagadi and Jajpur Road, PHC (N) Hatibari, Jakhapura & Tamka out of District Mineral Foundation Fund. The vacancy details and all other requisite qualification, experience is available in website **www.jajpur.odisha.gov.in**.
The date of Walk-in-Interview: 30.11.2024 at 10.00 A.M.
Venue: Collectorate Conference Hall.

**Sd./- Collector & Managing Trustee**
**DMF, Jajpur**
**OIPR-30025/11/0004/2425**



## ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ
## INSTITUTE OF MATHEMATICS & APPLICATIONS

**(Science & Technology Department, Govt. of Odisha)**
**Andharua, Bhubaneswar-751029,**
**Website:https://www.iomaorissa.ac.in**

**ADVERTISEMENT FOR THE POST OF ASSISTANT PROFESSOR AND PROFESSOR**

**Letter No.IMA/100/999/2024** **Date:12.11.2024**

**No.CAD-1585:** Applications in prescribed format are invited from the eligible Indian Nationals for the following posts. For details of the post, eligibility criteria, qualifications, experience, scale of pay, application format etc.; please visit the website **www.iomaorissa.ac.in.**

| Sl.No. | Name of the Post | Number of Posts | Category |
|---|---|---|---|
| 01 | Assistant Professor | 01 | UR |
| 02 | Professor | 02 | UR |

Last date of receipt of application 05.12.2024.
**OIPR-28010/11/0009/2425** **Sd./- REGISTRAR**



## ZILLA SWASTHYA SAMITI, MAYURBHANJ
## OFFICE OF THE CDM & PHO-cum-DISTRICT MISSION DIRECTOR, NHM, MAYURBHANJ, ODISHA - 757001

**Advt. No. 3580/NHM/2024-25** **Dt.: 11.11.24**

**TENDER CALL NOTICE**

No. E-490: Sealed tenders are invited from the interested eligible bidders for **("SUPPLY OF GAZELLE HB VARIANT TEST MULTIPACK KIT")**. The eligible criteria, the terms of reference and the formats for submission of bid as set forth in the tender document can be downloaded from the website **https://mayurbhanj.odisha.gov.in**. Interested bidders fulfilling the eligibility criteria may submit their proposal(s) with EMD, Tender Paper Cost & document as per the tender call notice. The bidders have to submit their proposal(s) at the O/o. The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 03.12.2024** through Regd. Post/Speed Post/ Courier and the same will be opened on **04.12.2024 at 11.00 A.M.** The undersigned reserves the right to reject any or all the tender(s) without assigning any reason thereof.

**Sd./- Chief District Medical &**
**OIPR-10020/11/0014/2425** **Public Health Officer, Mayurbhanj**



Annexure - 1

## DISTRICT MINERAL FOUNDATION, JAJPUR

**EXPRESSION OF INTEREST (EOI)**

No. CAD-1592: District Mineral Foundation, Jajpur invites Expression of Interest (EoI) in prescribed format from organisations of repute for "Agency for Operation and Management of Science Academy, Panikoili, Jajpur".
The details of the EoI is available in the district web portal i.e. **www.jajpur.odisha.gov.in**.

**Sd./- Collector & Managing Trustee**
**DMF, Jajpur**
**OIPR-30025/11/0005/2425**



## GOVT. OF ODISHA
**No.A-544:**
## DEPARTMENT OF WATER RESOURCES
**Office of the Additional Chief Engineer**
**Vansadhara Nagabali Basin, Paralakhemundi**
**(email Id: se_sicpkd@yahoo.com)**

**e-Procurement Notice No.ACE, VNB-03/2024-25**

| | | | |
|---|---|---|---|
| 1. | Type of Works | : | River Bank protection & concrete works |
| 2. | Total number of Packages | : | 1 (One) No. |
| 3. | Estimated Cost | : | Rs.154.64 Lakhs |
| 4. | Bid Identification No. | : | ACE, VNB/CHWD-01/2024-25 |
| 5. | Period of Completion | : | 08 (Eight) months |
| 6. | Availability & submission of bids online | : | From 11.00 AM of 14.11.2024 to 5.00 PM of 28.11.2024 |
| 7. | Date of Opening of Technical Bids | : | 29.11.2024 at 11.30 AM in the O/o the Additional Chief Engineer, Vansadhara Nagabali Basin, Paralakhemundi |
| 8. | Procurement Officer | : | Additional Chief Engineer, Vansadhara Nagabali Basin, Paralakhemundi |
| 9. | Further details can be seen from Govt. website www.tendersorissa.gov.in and any addendum/corrigendum/cancellation will be published in the said website. | | |

**Sd./- Additional Chief Engineer**
**Vansadhara Nagabali Basin**
**OIPR-32417/11/0005/2425** **Paralakhemundi**



## ODISHA STATE SEEDS CORPORATION LIMITED
**(A GOVERNMENT UNDERTAKING)**
**SANTARAPUR, BHUBANESWAR-751002**
**Tel-MD 0674-2340573, E-mail-mdosscltd456@gmail.com**

**NIT No.OSSC/Mktg (Hort)-122/2024**

**Short e-Tender Call Notice for Procurement of Certified Garlic Bulb for Rabi- 2024-25**

**No.CAD-1591:**OSSC Ltd., invites Short e-Tender only from Producers (and in case of GOI PSUs, their authorised Agencies) on item wise rate contract basis **for Procurement of Certified Garlic Bulb for Rabi-2024-25** in double cover system through online mode only for the works below.

| | |
|---|---|
| Name of the Work | Purchase of Certified Garlic Bulb for Rabi 2024-25 |
| No. of Work | One |
| Availability of bid documents in portal | 15.00 hours on 13.11.2024 to 17.00 hrs of dt.20.11.2024 |
| Last date of receipt of tender in portal | 17.00 hrs of 20.11.2024 |
| Date and Time opening of Bid | 10.30 hrs of dt.21.11.2024 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.

**Sd./- Managing Director, OSSC Ltd.**
**OIPR-01106/11/0054/2425**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଅନୁଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ତିଳକ ବର୍ମାଙ୍କ ପ୍ରଥମ ଶତକ

**ସେଞ୍ଚୁରିଅନ୍,୧୩।୧୧:** ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ପ୍ରଥମ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି ତିଳକ ବର୍ମା। ତାଙ୍କ ଶତକ ବଳରେ ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୨୧୯ ରନ୍ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଓଭରରେ ଖାତା ଖୋଲିବା ଆଗରୁ ସଞ୍ଜୁ ସାମସନ(୦)ଙ୍କ ଉଇକେଟ ହରାଇଥିଲା। ଅଭିଷେକ ଶର୍ମା (୫୦) ଓ ତିଳକ ବର୍ମା (୧୦୭*) ତୃତୀୟ ଉଇକେଟରେ ୧୦୭ ରନ୍ ଯୋଡ଼ିଥିଲେ। ଅଭିଷେକ ୨୫ ବଲ ଖେଳି ୩ ଚୌକା ଓ ୫ ଛକା ସହ ୫୦ ରନ୍ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମାତ୍ର ୧ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୮ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ତିଳକ ୫୬ ବଲ୍ ଖେଳି ୮ ଚୌକା ଓ ୭ ଛକା ମାରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ମହାରାଜ,ଆଣ୍ଡିଲେ ସିମାଲିନେ ୨ଟି ଲେଖାଏ ଉଇକେଟ ନେଇଥିଲେ। **ସଂକ୍ଷିପ୍ତ ସ୍କୋର:** ଭାରତ ୨୦ ଓଭରରେ ୨୧୯/୬ (ତିଳକ ବର୍ମା-୧୦୭*, ଅଭିଷେକ ଶର୍ମା-୫୦, କେଶବ ମହାରାଜ-୨/୩୬, ଆଣ୍ଡିଲେ ସିମାଲିନେ-୨/୩୪, ମାର୍କୋ ଜାନସେନ୍-୧/୨୮)।




ଅନୁଭା ସାହୁ
ସାହାପୁର, ଗେଡ଼ମା, କେନ୍ଦୁଝର
ଆଜି ତୁମର ୧୧ତମ ଜନ୍ମଦିନରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ ସେ ତୁମକୁ ସୁସ୍ଥ, ଯଶସ୍ୱୀ ଓ ଦୀର୍ଘାୟୁ କରିବା ସହିତ ତୁମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ
- ଶୁଭେଚ୍ଛା ସହ -
ବାପା, ମା, ଜେଜେ ବାପା, ଜେଜେ ମା', ଅଜା, ଆଈ, ମାମୁ, ମାଈଁ, ଭଜନ, ହର୍ଷିତା, ଅର୍ଭି, ହାପି, ବାପି, ଦେବସ୍ମିତା, ରୁଦ୍ର, ଅନନ୍ୟା, ଖୁସି, ତରଣୀସେନ୍, ସୁବ୍ରତ ଓ ସମସ୍ତ ପରିବାରବର୍ଗ।
D-1944


# ଓଡ଼ିଶାକୁ ପ୍ରଥମ ଇନିଂସ ଅଗ୍ରଣୀ

## କୁଚ୍‌ବିହାର ଟ୍ରଫି

### ସୌଭାଗ୍ୟ ଓଝାଙ୍କ ୫ ଉଇକେଟ ସଫଳତା

**ବରଗଡ଼,୧୩।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କ୍ରିଷ୍ଣା ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ଓ ମେଘାଳୟ ମଧ୍ୟରେ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ମ୍ୟାଚ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମେଘାଳୟ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ଦଳ ପ୍ରଥମେ ବ୍ୟାଟିଂ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୯୬ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା। ଜବାବରେ ଓଡ଼ିଶା ଷ୍ଟମ୍ପ ଅପସାରଣ ବେଳକୁ ୩ ଉଇକେଟରେ ୧୮୬ ରନ୍ କରିଛି। ମେଘାଳୟ ପକ୍ଷରୁ ଶୁଭମ୍ ସର୍ବାଧିକ ୪୩ ରନ କରିଥିବା ବେଳେ ସାବିଏନ ୧୨ ରନ କରିଥିଲେ। ଓଡ଼ିଶା ପକ୍ଷରୁ ସୌଭାଗ୍ୟ ଓଝା ୨୩ ରନ ଦେଇ ୫ ଉଇକେଟ ନେଇଥିଲେ। ସୌଭାଗ୍ୟ ଭୁବନେଶ୍ୱର ଇନ୍ଦିରା ମଇଦାନସ୍ଥିତ ଜାଗୃତି କ୍ରିକେଟ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ଅନ୍ୟ ମାନଙ୍କ ମଧ୍ୟରେ କ୍ରିଷ୍ଣା ମହାନ୍ତି, ଅଭିଷେକ ସିଂ ୨ଟି ଲେଖାଏ ଓ ସମ୍ବିତ କୁମାର ବେଜା ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ପକ୍ଷରୁ ଓପନର ଆୟୁଷ ସୁତାର ୮ ରନ କରିଥିବା ବେଳେ ଅନ୍ୟତମ ଓପନର ପ୍ରୟାନ ପ୍ରନ୍ତିକ୍ ସାମଲ ୬୯ ରନ କରିଥିଲେ। ବିଶ୍ୱଜିତ ପ୍ରଧାନ ଖୁବ୍ ୪୮ ରନ କରି ରନ ଆଉଟ୍ ହୋଇଥିଲେ। ବୁଧବାର ଷ୍ଟମ୍ପସ ବେଳକୁ ଅଧିନାୟକ ଶ୍ରେୟାଂଶ ଭରଦ୍ୱାଜ ୫୩ ଓ ସମ୍ବିତ ବେଜା ୭ ରନରେ ବ୍ୟାଟିଂ କରୁଛନ୍ତି। ମେଘାଳୟ ପକ୍ଷରୁ ସାବିଆନ ଓ ଏମ. ଗୁପ୍ତା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ବିସିସିଆଇ ପକ୍ଷରୁ ଅନଲାଇନ ସ୍କୋରର ଅଛନ୍ତି ବିରାଜ ଦାଶ। ସେହିଭଳି ମାନୁଏଲ୍ ସ୍କୋରର ଅଛନ୍ତି ରାଜୁ ପାଣ୍ଡେ। ଭିଡିଓ ଆନାଲିଷ୍ଟ ତାପସ କୁମାର ନାୟକ, ଆସିଷ୍ଟାଣ୍ଡ ଭିଡିଓ ଆନାଲିଷ୍ଟ ଗୋବିନ୍ଦ ବେହେରା ରହିଛନ୍ତି।



ସୌଭାଗ୍ୟ ଓଝା

ଭେନ୍ୟୁ ମ୍ୟାନେଜର ରହିଛନ୍ତି କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନନ ଡି. ମୂରଲୀ କ୍ରିଷ୍ଣା। ଗ୍ରାଉଣ୍ଡ ଦାୟିତ୍ୱ ପିତାମ୍ବର ପ୍ରଧାନ ଓ ଅଶୋକ ସିଂଙ୍କ ଉପରେ ରହିଥିବାବେଳେ କ୍ୟୁରେଟର ରହିଛନ୍ତି ମୁରଲୀ ପାତ୍ର। ଓସିଏ ଆନୁକୂଲ୍ୟରେ ବରଗଡ ଜିଲା କ୍ରିକେଟ ଆସୋସିଏସନ୍ ଏହି ମ୍ୟାଚ ଆୟୋଜନ କରୁଛି। ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିକେଟ ଆସୋସିଏସନ ସଭାପତି ହରିହର ପ୍ରଧାନ, ପୂର୍ବତନ ସାଧାରଣ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, ସାଧାରଣ ସମ୍ପାଦକ ରବି ପଣ୍ଡା, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଅମିୟ ଭୁଷଣ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ କିଶୋର ରଥ, ପ୍ରଦୀପ ନନ୍ଦ, ଚନ୍ଦ୍ରଶେଖର ପ୍ରଧାନ, ବରିଷ୍ଠ ସଦସ୍ୟ ସନ୍ତୋଷ ପଣ୍ଡା, ଗୁରୁଦତ୍ତ ଦାସ, କ୍ରୀଷ୍ଣା ବିକାଶ ଗ୍ରୁପର ସିନିଅର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, କ୍ରୀଡା ବିଭାଗ ମୁଖ୍ୟ ପିତାମ୍ବର ପ୍ରଧାନ, କ୍ରିକେଟ କୋଚ ଅଶୋକ ସିଂ, ଆସିଷ୍ଟାଣ୍ଟ କୋଚ ରୂପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ ସମାରୋହରେ ଅତିଥି, ଆୟୋଜକ ଏବଂ ଖେଳାଳିବୃନ୍ଦ।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି

# ସମ୍ବଲପୁର, କିଟ୍‌କୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ୧୩।୧୧ (ତପନ ସ୍ୱାଇଁ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ରାଉରକେଲାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତାରେ ସମ୍ବଲପୁର ଓ କିଟ୍ ବିଶ୍ୱବିଦ୍ୟାଳୟ ଦଳ ପ୍ରଭାବୀ ପ୍ରଦର୍ଶନ କରିଛି। ସେମିଫାଇନାଲରେ ପ୍ରବେଶ ସହ ଉଭୟ ଦଳ ସର୍ବଭାରତୀୟ ପ୍ରତିଯୋଗିତା ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କିଟ୍ ଦଳ କଲିକତା ବିଶ୍ୱବିଦ୍ୟାଳୟକୁ ୯-୦, ସମ୍ବଲପୁର ଦଳ ହଜାରିବାଗ୍‌ର ବିନୋବା ଭାବେ ବିଶ୍ୱବିଦ୍ୟାଳୟକୁ ୬-୦, ବୀର ବାହାଦୂର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଛତିଶଗଡ଼ର ଶହୀଦ ନନ୍ଦକୁମାର ପଟେଲ ବିଶ୍ୱବିଦ୍ୟାଳୟକୁ ୧୨-୦ ଓ ରାଞ୍ଚି ବିଶ୍ୱବିଦ୍ୟାଳୟ ୮-୦ ଗୋଲରେ ଦୁର୍ଗର ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଏହି ଟପ୍-୪ ଟିମ୍ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ଚାମ୍ପିୟନଶିପ୍ ପାଇଁ ଯୋଗ୍ୟଜା ପାଇଛି। ନର୍ଥ, ସାଉଥ୍, ଇଷ୍ଟ ଓ ୱେଷ୍ଟ ଜୋନ୍‌ର ଶ୍ରେଷ୍ଠ ୧୬ ଦଳକୁ ନେଇ ସର୍ବଭାରତୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରକାଶ ଯୋଗ୍ୟ ଯେ, କ୍ରମାଗତ ଦ୍ୱିତୀୟ ଥରପାଇଁ ସମ୍ବଲପୁର ଓ କିଟ୍ ବିଶ୍ୱବିଦ୍ୟାଳୟ ଦଳକୁ ସର୍ବଭାରତୀୟ ଯୋଗ୍ୟତା ମିଳିଛି। ଗତ ୧୧ରେ ପୂର୍ବାଞ୍ଚଳ ପ୍ରତିଯୋଗିତାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ବିଧୁ ଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରେଜିଷ୍ଟ୍ରାର ନୃପରାଜ ସାହୁ, ପିଜିସି ଚେୟାରମ୍ୟାନ ତୁଷାରକାନ୍ତି ଦାସ, କଲେଜ ଡେଭଲପ୍‌ମେଣ୍ଟ କାଉନସିଲ ନିର୍ଦ୍ଦେଶକ ସଞ୍ଜୁକ୍ତା ଦାସ, କ୍ରୀଡ଼ା ନିର୍ଦ୍ଦେଶକ ତଥା ଆୟୋଜକ କମିଟି ସମ୍ପାଦକ ଦେବେନ୍ଦ୍ର କୁମାର ମହାଲିକ, କ୍ରୀଡ଼ା ଅଧିକାରୀ ଅବିନାଶ କର, ସହକାରୀ ଆୟୋଜକ କମିଟି ସମ୍ପାଦକ କ୍ୟାପଟେନ ସତ୍ୟନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
**0674-2580101, 2549949**



REAL ESTATE

**SALE**

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁରାସ୍ତାକୁ ଲାଗି ବିକ୍ରିହେବ। Ph.- 9437754190. D-1867

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

କଟକ-ଭୁବନେଶ୍ୱର ମଧ୍ୟଭାଗରେ **Sum Hospital-2** ନିକଟସ୍ଥ **Grandbazar (NH-16)** ସମ୍ମୁଖରେ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ। **8249310759.** D-76209

Ready to move 4 BHK Duplex bungalow at Botanda, Sundarpada, Bhubaneswar near Saivilla, ranging 94 Lakhs. Contact: 9040521173 / 9861125539. D-76030

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437192512, 9937846404.** D-1950

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-1951

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd. 9439856856.** D-1953



Healthcare

Newly open health benefits SPA special offer @ 799 Bapujinagar. 8018429809. D-76168

Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

**AFFIDAVIT**

By virtue of an affidavit before Notary Public, Kantabanji bearing No. 1518/ 12.11.2024, I, Pinki Agrawal w/o Rupesh Kumar Agrawal of Lathor (Harishankar Road), P.S.- Lathor, Dist.-Balangir at present /P.O./P.S.- Kantabanji Dist.- Balangir declare that in some educational documents of my son Som Agrawal my name spells as "PINKY AGRAWAL" but in my Aadhaar Card and Voter Identity Card my name spells as "PINKI AGRAWAL" where as Pinki Agrawal & Pinky Agrawal, W/o Rupesh Kumar Agrawal is same and one. D-1945

By virtue of an affidavit before Executive Magistrate, Dhenkanal on dtd. 08.11.2024, solemnly declare that, in my Aadhaar card my name has written as Kokil Debi, W/o. Jayakrushna Satapathi. So I have changed my name from Kokil Debi to Kokila Kumari Satapathy. I, Kokil Debi and Kokila Kumari Satapathy, my husband Jayakrushna Satapathi and Jayakrishna Satapathy is same and one person. Henceforth, I shall be known as Kokila Kumari Satapathy, W/o. Jayakrishna Satapathy, At- Mahindrapur, P.O.: Siminai, P.S.- Sadar, Dist.- Dhenkanal require for pension document and all purposes. D-1948

By virtue of an affidavit sworn before the Executive Magistrate, Bhubaneswar dated 12.11.2024, I Bulu Sahu, Son of Purushottam Sahu, At/P.O.- Seragada, P.S.- Aska, Dist.- Ganjam, Odisha, PIN- 761106 declare that I have changed my daughter's name from SNEHA SAHU to SOMALIN SAHU. Henceforth, my daughter shall be known as SOMALIN SAHU for all purposes. D-1956

By virtue of an affidavit sworn before Magistrate, Bhubaneswar, dated 12.11.2024, I, Abhiram Das, At- Pratapsasan Samil - Rangani Sahi, P.O.- Balakati, P.S.- Balianta, Dist.- Khordha, Odisha, PIN-752100 declare that I have changed my daughter's name from Madhusmita Behera to Madhusmita Das. Henceforth, she shall be known as Madhusmita Das for all purposes. Abhiram Das D-1955

I, Mohammed SIRAJ UDDIN KHAN, S/o Late Mehaboob Khan, Resident of House No.85, SIRAJ Colony, Sudapada, Balangir, P.O./P.S.- Balangir, Dist.- Balangir (Odisha) (India), Pin- 767001 declare by this affidavit No.8098 dt.12.11.2024 that now onwards I shall be known as Siraj Uddin Khan for all future purposes. That I SIRAJ Uddin Khan & Mohammed SIRAJ Uddin Khan is the one and same person. D-1947

By virtue of an affidavit sworn before Notary Public, Sukinda, Jajpur Road, dated 7th November 2024 I, Mahammad Nasir, At- New Siaria Trijanga Colony, P.O.-Danagadi, Jajpur declare that I have changed my daughter's name (DOB: 16.07.2012) from Rahima Qasaf Nasir to Anam Nasir. Henceforth, she shall be known as Anam Nasir for all purposes. Mahammad Nasir D-1954

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Your classified advertisement published in Dharitri will be listed free in Dharitri online edition: dharitriepaper.in


## LEGAL NOTICE

**ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ**
**R.P. କେସ୍ ନମ୍ବର ୧୮୦୦/୨୦୧୫**
(ଓଡ଼ିଶା ଭୂବନ୍ଦୋବସ୍ତ ଆଇନ୍‌ର ଧାରା-୧୫-ବି ଅନୁଯାୟୀ)

ଶ୍ରୀ ବିଶ୍ୱଜିତ୍ ଜେନା ... ... ... ବାଦୀ
ବନାମ
ଚନ୍ଦନ ଭୋଇ ଓଗେର ... ... ... ପ୍ରତିବାଦୀ

୧. ଚନ୍ଦନ ଭୋଇ, ବୟସ ୩୫ ବର୍ଷ, ପିତା ୰ଭାଗୀରଥି ଭୋଇ,
୨. ସଖୀ ଭୋଇ, ବୟସ ୬୦ ବର୍ଷ, ସ୍ୱାମୀ ୰ଭାଗୀରଥି ଭୋଇ,
୩. କୁନା ଓରଫ କୁନିଆ ଭୋଇ, ବୟସ ୫୫ ବର୍ଷ,
୪. ବଟକୃଷ୍ଣ ଭୋଇ, ବୟସ ୫୦ ବର୍ଷ,
କ୍ର.ନଂ.୩ରୁ ୪ଙ୍କ ପିତା ୰ଭିକାରୀ ଭୋଇ,
୫. ସେରନ୍ତି ଭୋଇ, ବୟସ ୭୫ ବର୍ଷ, ସ୍ୱାମୀ ୰ଭିକାରୀ ଭୋଇ,
୬. କେଦାର ଭୋଇ,
୭. ସୁଧୀର ଭୋଇ,
୮. ଜଙ୍ଗଲୀ ଭୋଇ,
କ୍ର.ନଂ. ୬ରୁ ୮ଙ୍କ ପିତା ୰ ଗୋପୀ ଭୋଇ,
୯. ଗିରିଧାରୀ ଭୋଇ, ବୟସ ୬୦ ବର୍ଷ, ପିତା- ସୁରଥ ଭୋଇ,
୧୦. ଖୁଲଣା ଭୋଇ, ବୟସ ୪୭ ବର୍ଷ, ସ୍ୱାମୀ- ୰ଗୋକୁଳି ଭୋଇ,
୧୧. ଭରତ ଭୋଇ, ବୟସ ୮୦ ବର୍ଷ, ପିତା- ଇନ୍ଦ୍ରମଣି ଭୋଇ,
୧୨. ଲକ୍ଷ୍ମଣ ଭୋଇ, ବୟସ ୬୫ ବର୍ଷ,
୧୩. ରାମ ଭୋଇ, ବୟସ ୬୨ ବର୍ଷ,
୧୪. ଶ୍ୟାମ ଭୋଇ, ବୟସ ୫୭ ବର୍ଷ,
କ୍ର.ନଂ. ୧୨ରୁ ୧୪ଙ୍କ ପିତା- ସୁନ୍ଦରା ଭୋଇ,
୧୫. ବାସୁଦେବ ଭୋଇ, ବୟସ ୪୧ ବର୍ଷ, ପିତା- ପୂର୍ଣ୍ଣଚନ୍ଦ୍ର ଭୋଇ,
୧୬. ପୁନି ଭୋଇ, ବୟସ ୭୭ ବର୍ଷ, ସ୍ୱାମୀ- ପୂର୍ଣ୍ଣଚନ୍ଦ୍ର ଭୋଇ,
୧୭. ଗୁନା ଭୋଇ, ବୟସ ୬୩ ବର୍ଷ,
୧୮. ସୁନା ଓରଫ ସୁନାକର ଭୋଇ, ବୟସ ୫୭ ବର୍ଷ,
କ୍ର.ନଂ. ୧୭ ଓ ୧୮ଙ୍କ ପିତା ୰ ପଞ୍ଚୁ ଭୋଇ,
୧୯. ସର୍ବେଶ୍ୱର ଭୋଇ, ବୟସ ୫୦ ବର୍ଷ,
୨୦. ମହେଶ୍ୱର ଭୋଇ, ବୟସ ୪୬ ବର୍ଷ,
୨୧. କିଶୋର ଭୋଇ, ବୟସ ୪୦ ବର୍ଷ,
କ୍ର.ନଂ. ୧୯ରୁ ୨୧ଙ୍କ ପିତା- ୰ ଭରତ ଭୋଇ,
୨୨. ବରୁଣା ଭୋଇ, ବୟସ ୪୨ ବର୍ଷ,
୨୩. ଅରୁଣା ଭୋଇ, ବୟସ ୪୫ ବର୍ଷ,
କ୍ର.ନଂ.୨୨ ଓ ୨୩ଙ୍କ ପିତା- ରାମ ଭୋଇ
୨୪. ଧରଣୀ ଭୋଇ, ବୟସ ୩୯ ବର୍ଷ, ପିତା- ଶ୍ୟାମ ଭୋଇ,
ସମସ୍ତଙ୍କ ଠିକଣା- ସା.- ଗାଡ଼କଣ ସାମିଲି ଭୋଟପଡ଼ା, ପୋ.- ମଞ୍ଚେଶ୍ୱର ରେଲ୍‌ୱେ ଷ୍ଟେସନ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ।

**ନୋଟିସ**

ଏତଦ୍ୱାରା ଉପରୋକ୍ତ ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକଯୋଗେ ନୋଟିସ ପଠାଯାଇଥିଲା। କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପରବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି ; ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

**ଜମିର ତଫସିଲ**

ମୌଜା- ଭୁବନେଶ୍ୱର ସହର ୟୁନିଟ୍ ନଂ.୩୯ ଗାଡ଼କଣ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ.୭୪୬, ସାବିକ ପ୍ଲଟ୍ ନଂ.୩୪୬୭, ରକବା- ଏ୧.୬୨୦ ଡିସିମିଲି, ହାଲ୍ ଖାତା ନଂ.୧୦୩୩, ହାଲ୍ ପ୍ଲଟ୍ ନଂ.୬୭୦୪, ରକବା- ଏ୦.୪୦୦ ଡିସିମିଲି

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଦାଲତ କେଶରୀ ନଗର, ୟୁନିଟ୍-୫ରେ ଆସନ୍ତା ତା୦୫।୧୨।୨୦୨୪ରିଖ ଦିବା ଘ.୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତେବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ।

ଅଦାଲତଙ୍କ ଆଦେଶକ୍ରମେ
**ସ୍ୱା./- ଶ୍ରୀ ଶଶାଙ୍କ ଶେଖର ମିଶ୍ର**
**ଅନୁସଚିବ, ରାଜସ୍ୱ ପର୍ଷଦ, କଟକ**

ଧ-୧୯୪୩


## ମନେ ପଡ଼ନ୍ତି

୧୪ତମ ଶ୍ରାଦ୍ଧବାର୍ଷିକୀ
ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରେଣୁ ପଟ୍ଟନାୟକ
ସ୍ୱାମୀ : ବାବୁଲାଲ ପଟ୍ଟନାୟକ
ଶାସନ ପଡ଼ିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ : ତା ୧୧.୦୨.୧୯୫୫
ତିରୋଧାନ : ତା ୨୦.୧୧.୨୦୧୦
ବଡ଼ଓଷା, ବୈକୁଣ୍ଠ ଚତୁର୍ଦ୍ଦଶୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ - ବନ୍ଧୁ ଓ ପରିବାରବର୍ଗ
D-1835

ତୁମ ସ୍ମୃତିରେ



୰ ନିରଞ୍ଜନ ମିଶ୍ର
ଆବିର୍ଭାବ- ୨୭.୦୮.୧୯୩୩
ତିରୋଧାନ- ୧୦.୧୧.୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଧର୍ମପତ୍ନୀ (ସୁରମା) ଓ ଆତ୍ମୀୟସ୍ୱଜନ
ଧ-୭୫୫୭୭

# ଖୋଜିଲା ଚିଜ ମିଳିଗଲା


ତୃପ୍ତି

ଏବେ ତୃପ୍ତି ଡିମ୍ରିଙ୍କ ଖୁସି କହିଲେ ନ ସରେ। କେମିତି ବା ସେ ଖୁସି ହେବେନି କହୁନାହାନ୍ତି? କଥା କ'ଣ କି ଗତ ବର୍ଷ ତାଙ୍କ ଅଭିନୀତ 'ଆନିମଲ୍' ସୁପରହିଟ୍ ହୋଇଥିଲା। ଆଉ ନିକଟରେ ରିଲିଜ ହୋଇଥିବା 'ଭୁଲ ଭୁଲେୟାଁ-୩' ମଧ୍ୟ ହିଟ୍ ସାବ୍ୟସ୍ତ ହୋଇଛି। ଆଉ ତା'ପରେ ଏହି ଅଭିନେତ୍ରୀଙ୍କ ଖୁସି ଦେଖେ କିଏ ? ଏଭଳି ସଫଳତା ପାଇବା ପରେ ସେ ଆଶା ରଖିଛନ୍ତି ଯେ ଏବେ ପ୍ରଯୋଜକଙ୍କର ଶୁଭ ଦୃଷ୍ଟି ନିଶ୍ଚୟ ତାଙ୍କ ଉପରେ ପଡ଼ିବ। ଏ ନେଇ ତୃପ୍ତି କହନ୍ତି, ''ସତ କଥା କହିବାକୁ ଗଲେ ଏବେ ବୋଧହୁଏ ଭାଗ୍ୟଦେବୀ ମୋ ପ୍ରତି ପ୍ରସନ୍ନ ଅଛନ୍ତି। 'ଭୁଲ ଭୁଲେୟାଁ-୩' ଅଫରଟି ଯେତେବେଳେ ମୋତେ ମିଳିଲା ପ୍ରଥମେ ଏ ନେଇ ହଁ ଭରିବାକୁ ମୋତେ କିଛିଦିନ ଲାଗିଥିଲା। ଯେତେବେଳେ ଏହାର ଶୁଟିଂ ଆରମ୍ଭ ହେଲା ଏହାର ନିର୍ଦ୍ଦେଶକ ଆନିସ୍ ବାଜ୍‌ମୀ ମୋ ମନରେ ଥିବା ସମସ୍ତ ସନ୍ଦେହକୁ ସହଜରେ ଦୂର କରିଦେଇଥିଲେ। ଶୁଟିଂ ସମୟରେ ସମସ୍ତ କଳାକାର ନିଜର ଦ ବେଷ୍ଟ ଦେବାକୁ ଚେଷ୍ଟା କରିଥିଲେ, ଯାହାର ଫଳ ଏବେ ମିଳିଛି। ଆଶା ରଖିଛି, ଏଣିକି ମୋତେ ଭଲ ଅଫର ମିଳିବ।' ସୂଚନାଯୋଗ୍ୟ କାର୍ତ୍ତିକ ଆର୍ଯ୍ୟନ, ବିଦ୍ୟା ବଲାନ, ମାଧୁରୀ ଦୀକ୍ଷିତ ଏବଂ ସଞ୍ଜୟ ମିଶ୍ରଙ୍କ ପରି କଳାକାରଙ୍କୁ ନେଇ ନିର୍ମିତ ଏହି ଫିଲ୍ମ ଇତି ମଧ୍ୟରେ ୨୦୦ କୋଟି କ୍ଲବରେ ପ୍ରବେଶ କରିଛି।

# 'ଇନ୍ନାକୁ-୨୦ ଉନ୍ନାକୁ-୧୮'ରୁ ଆରମ୍ଭ


ତମନ୍ନା

କେବଳ ତେଲୁଗୁ କିମ୍ବା ତାମିଲ ନୁହେଁ ବଲିଉଡ୍‌ରେ ସେ ନିଜ ଅଭିନୟ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ୨୦୦୩ରୁ। 'ଇନ୍ନାକୁ-୨୦ ଉନ୍ନାକୁ-୧୮' ଟାଇଟଲ ବିଶିଷ୍ଟ ଏକ ତାମିଲ ଫିଲ୍ମରେ ତାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା। ତା'ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ହଁ, ସେହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ତମନ୍ନା ଭାଟିଆ। ଯେତେବେଳେ ସେ ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ କଲେ ସେତେବେଳେ ତାଙ୍କୁ କେତେ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ୧୪ ବର୍ଷ। ଏତେ କମ୍ ବୟସରେ ସେ କ୍ୟାମେରା ସାମନା କରିଥିଲେ ମଧ୍ୟ ସାହସର ସହ ନିଜ ଭୂମିକାଟିକୁ ତୁଲାଇଥିଲେ। ଏ ବିଷୟରେ ତମନ୍ନା କହନ୍ତି, 'ମୁଁ କେବେ କଳ୍ପନା କରି ନ ଥିଲି ଯେ ମୋତେ ଏତେ ଶୀଘ୍ର ସିନେମାରେ ଅଭିନୟ କରିବାର ସୁଯୋଗ ମିଳିବ। ତେବେ ସେହି ସମୟରେ ନିଜ ଭୂମିକାକୁ ଠିକ୍ ଭାବରେ ତୁଲାଇଥିଲି। ଦର୍ଶକଙ୍କର ଭଲ ପାଇବା ଆଜି ମୋତେ ଜଣେ ଅଭିନେତ୍ରୀ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛି। ଏ ନେଇ ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।' କେବଳ ସେତିକି ନୁହେଁ, ୨୦୦୫ରେ ତମନ୍ନା ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ସେତେବେଳକୁ ତାଙ୍କୁ ହୋଇଥିଲା ମାତ୍ର ୧୬ ବର୍ଷ। ଫିଲ୍ମଟି ଥିଲା 'ଚାନ୍ଦ ସା ରୋଶନ୍' (୨୦୦୫)। ବର୍ତ୍ତମାନ ସେ ଅଭିନୟ କରିଥିବା ହିନ୍ଦୀ ସିନେମା 'ସିକନ୍ଦର କା ମୁକନ୍ଦର' ଓଟିଟି ପ୍ଲାଟଫର୍ମରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ନୀରଜ ପାଣ୍ଡେ। ତମନ୍ନାଙ୍କ ବ୍ୟତୀତ ଅବିନାଶ, ଜିମ୍ମି, ଦିବ୍ୟା ଦତ୍ତା ଏବଂ ଜୋୟା ଆଫ୍ରୋଜ୍‌ଙ୍କ ଅଭିନୀତ ଏହି ସିନେମା ଚଳିତ ମାସ ୨୯ରେ ରିଲିଜ ହେବ।

# କ୍ରୀତିଙ୍କ ପ୍ରିୟ ଖାଦ୍ୟ

କ୍ରୀତି ସାନନ୍ ବାହାର ଖାଦ୍ୟ ଖାଇବାକୁ ଆଦୌ ପସନ୍ଦ କରନ୍ତି ନାହିଁ। ତେଣୁ ସବୁବେଳେ ସେ ଘରେ ପ୍ରସ୍ତୁତ ଖାଦ୍ୟ ହିଁ ଖାଇଥାଆନ୍ତି। ପିଲାଟି ଦିନରୁ ଏହା ତାଙ୍କର ଏକ ଅଭ୍ୟାସରେ ପଡ଼ିଯାଇଛି। ରାଜ୍‌ମା, ଭାତ, ଡାଲି, ବଟର ଚିକେନ୍ ଏବଂ ପାମ୍ପୁଡ଼ି ଚାଟ୍ ହେଉଛି ତାଙ୍କର ପସନ୍ଦ ଖାଦ୍ୟ। ନିଜ ଖାଇବା ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୁଁ ଘରରନ୍ଧା ଖାଦ୍ୟ ଖାଇବା ଅଭ୍ୟାସରେ ପକାଇ ଦେଇଛି। ଏବେ ତାହାକୁ ଜାରି ରଖିଛି। କାରଣ ନିଜକୁ ଫିଟ୍ ରଖିବା ପାଇଁ ମୁଁ ଘରେ ପ୍ରସ୍ତୁତ ଖାଦ୍ୟକୁ ଗୁରୁତ୍ୱ ଦେଇଥାଏ।' ଅଭିନୟରେ ପ୍ରବେଶ କରିବା ପୂର୍ବରୁ ସେ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ତା'ପରେ ସେ କେତୋଟି ଟିଭି କମର୍ସିଆଲ ପାଇଁ କାମ କରିଥିଲେ। ତା'ସହ ମଡେଲିଂ ଦୁନିଆରେ ମଧ୍ୟ ପାଦ ଥାପିଥିଲେ। ୨୦୧୪ରେ ସେ ଏକ ତେଲୁଗୁ ଫିଲ୍ମ 'ନିନୋକ୍କାଡିନ୍'ରୁ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ। ସେହି ବର୍ଷ ସେ ମଧ୍ୟ ବଲିଉଡ୍‌ରେ ସୁଯୋଗ ପାଇଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ହିରୋପନ୍ତି'। ଏକଦା ଏକ ଫିଲ୍ମ ପାଇଁ ସ୍କୁବା ଡାଇଭିଂ ଶିଖିଥିଲେ। କେବଳ ସେତିକି ନୁହେଁ, କଥକ ନୃତ୍ୟରେ ସେ ନିପୁଣା। ଅଭିନୟ ବ୍ୟତୀତ ବିଜ୍‌ନେସ ସହ ସେ ମଧ୍ୟ ଜଡିତ। ତାଙ୍କର ଏକ ସ୍କିନ୍ କେୟାର କମ୍ପାନୀ ଏବଂ ଏକ ଫିଟ୍‌ନେସ୍ ଷ୍ଟୁଡିଓ ରହିଛି।


କ୍ରୀତି

# ଅଲ୍‌ରାଉଣ୍ଡର ଓଁକାର

ଓଁକାରଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ମନେ ମନେ ମନ ଖୋଜୁଥିଲା'। କିନ୍ତୁ ଏହାପୂର୍ବରୁ ସେ ଅଭିନୟ ସହ ଓତପ୍ରୋତ ଭାବରେ ଜଡିତ ଥିଲେ। ଅନ୍ୟତମ ଲୋକପ୍ରିୟ ଥିଏଟର ଅନୁଷ୍ଠାନ 'ଶତାବ୍ଦୀର କଳାକାର'ରେ ସେ ଅନେକ ନାଟକରେ ଅଭିନୟ କରିଛନ୍ତି। ତା'ସହ ଆଲବମ୍ ଏବଂ ଡକ୍ୟୁମେଣ୍ଟାରିରେ ଆକ୍ଟିଂ ଜାରି ରଖିଥିଲେ। ବର୍ତ୍ତମାନ ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ପ୍ରେମୀ ଆୱାରା'ର ମୁଖ୍ୟ ଭୂମିକାରେ ସେ ଅଭିନୟ କରିଛନ୍ତି। ନିଜ ଅଭିନୟ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ପାଠ ପଢ଼ିବା ବେଳେ ମୁଁ ଏକାମ୍ର କଲେଜର ସଭାପତି ଭାବରେ ନିର୍ବାଚିତ ହୋଇଥିଲି। ପିଲାଟି ଦିନରୁ ମୋର ଅଭିନୟ ପ୍ରତି ରୁଚି ଥିଲା। ଶତାବ୍ଦୀର କଳାକାର ଅନୁଷ୍ଠାନରେ ଯୋଗ ଦେବା ପରେ ମୁଁ ମୋ ଲକ୍ଷ୍ୟ ପଥରେ ଆଗେଇଥିଲି। ମୁଁ ସବୁବେଳେ ମୋତେ ମିଳିଥିବା ଭୂମିକା ପ୍ରତି ବେଶ୍ ସଚେତନ ଥାଏ। ଯେ କୌଣସି ରୋଲ୍ ମିଳିଲେ ତାହାକୁ ତୁଲାଇବାର ଆତ୍ମବିଶ୍ୱାସ ମୋର ରହିଛି।' ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ ଓଁକାର ଜଣେ ଗାୟକ ଥିଲେ। ଓଡ଼ିଶୀ ଏବଂ ହିନ୍ଦୁସ୍ଥାନୀ ଭୋକାଲରେ ସେ ଡିଗ୍ରୀ ହାସଲ କରିଛନ୍ତି।


ଓଁକାର

ଶୁଟିଂ ଚାଲିଛି

# ଜଙ୍ଗଲ ଜଳୁଛେ

'ଜଙ୍ଗଲ ଜଳୁଛେ'-ଏଭଳି ଏକ ଟାଇଟଲକୁ ନେଇ ନିର୍ମିତ ହେଉଛି ଓଡ଼ିଆ ତଥା କୋରାପୁଟିଆ ଫିଲ୍ମ। କାହାଣୀ ଅନୁସାରେ ଜଣେ ନିଶାଗ୍ରସ୍ତ ବ୍ୟକ୍ତି କିପରି କେବଳ ନିଜ ପରିବାରର କ୍ଷତି କରେନା ଏହାଦ୍ୱାରା ସମାଜ ପ୍ରଭାବିତ ହୁଏ। ନିଶାସକ୍ତ ଅବସ୍ଥାରେ ସେ କ'ଣ କରେ ନିଜେ ଜାଣିପାରେନା। ପରିବାର ସଦସ୍ୟମାନେ ଏଥିଯୋଗୁ ଅଯଥାରେ ହଇରାଣ ହୁଅନ୍ତି। ତେଣୁ ସେଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆଧାର କରି ଏହି ଚିତ୍ରଟି ପ୍ରସ୍ତୁତ କରାଯାଉଛି। ଏହାର ଶୁଟିଂ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁରହିଛି। ଏସସିଟି ଏସ. ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ନିବେଦିତା ନାୟକ ଏବଂ ମୀନା ମହାପାତ୍ର। ଉକ୍ତ ସିନେମାର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜ ଭୂୟାଁ। ଏହାପୂର୍ବରୁ ସେ ଅନେକ ଆଲବମ୍, ଧାରାବାହିକ ଏବଂ ଡକ୍ୟୁମେଣ୍ଟାରି ପାଇଁ କାମ କରିସାରିଛନ୍ତି। ସଂଳାପ ରଚନା କରିଛନ୍ତି ଗୋରେଖ ନାଥ ସାହୁ ଏବଂ ନିବେଦିତା ନାୟକ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି କୁମାର ଲାବା। କଣ୍ଠଦାନ କରିଛନ୍ତି କ୍ରିଷ୍ଣା ବେଉରା, ପଙ୍କଜ ଜାଲ୍, ଅନ୍ତରା ଚକ୍ରବର୍ତ୍ତୀ, ରୁକୁ ସୁନା ଏବଂ ସଂଯୁକ୍ତା ମହାନ୍ତି। ସମ୍ପାଦନା ଦାୟିତ୍ୱରେ ଅଛନ୍ତି ମୁନା ମୋଦି। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସରୋଜ ଭୂୟାଁ, ରୋଶନ, ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବୀରେନ୍ ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁବ୍ରତା ନାୟକ, ଶ୍ରଦ୍ଧା ମହାରଣା, ସୀତାରଶ୍ମି ସାହୁ, ଗୋରେଖ ନାଥ ସାହୁ, ମିଟୁ ମିଥୁନ, ବିନ୍ଦୁ ମଲିକ ଏବଂ ମୁନା ମୋଦି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ଅମରେଶ।


ସରୋଜ

# ଆଶାରେ ଅର୍ପଣ

କେବଳ ଆଲବମ୍ ନୁହେଁ କେତୋଟି ଓଡ଼ିଆ ସିନେମାରେ ସେ ଅଭିନୟ କରିସାରିଛନ୍ତି। ଏବେ ତାଙ୍କ ହାତରେ ଦୁଇଟି ନୂଆ ସିନେମା ଅଫର ରହିଛି। ହେଲେ ସେ ବେଶ୍ ଉତ୍ସୁକ ଅଛନ୍ତି ତାଙ୍କର ରିଲିଜ ଅପେକ୍ଷାରେ ଥିବା ମ୍ୟୁଜିକ ଆଲବମ୍ 'ବେହେରୁପିଆ'କୁ ନେଇ। ସେ ହେଲେ ଗୋଲ୍ଡ ବୟ ଭାବରେ ପରିଚିତ ଅର୍ପଣ ମହାନ୍ତି। ଏକ ଭାବପ୍ରବଣତା ଗୀତକୁ ନେଇ ଏହି ମ୍ୟୁଜିକ ଭିଡିଓର ଦୃଶ୍ୟାୟନ କରାଯାଇଛି। ତା' ସହ ଏଥିରେ ଅର୍ପଣଙ୍କ ଗେଟ୍‌ଅପ୍ ଏବେଠାରୁ ଭାଇରାଲ ହେଲାଣି। ଏ ନେଇ ସେ କହନ୍ତି, ସୌମ୍ୟ ରଞ୍ଜନ ମଲ୍ଲିକଙ୍କ ସ୍ୱର ସଂଯୋଜନାରେ ଏବଂ ସ୍ମୃତି ଗାଇଥିବା ଏହି ଗୀତଟିର ନିର୍ଦ୍ଦେଶନା ଦେଇଛନ୍ତି ସରୋଜ ବାରିକ। ଏହାର ପ୍ରଥମ ଟିଜର ରିଲିଜ ହେବା ପରେ ତାହାକୁ ଦର୍ଶକ ଗ୍ରହଣ କରିଛନ୍ତି। ଏହାବ୍ୟତୀତ ମୋ ହାତରେ ଏବେ ଦୁଇଟି ନୂଆ ଅଫର ରହିଛି। ଭଲ ଭଲ ସୁଯୋଗ ମିଳିଲେ ମୁଁ ଅଭିନୟକୁ ନିଶ୍ଚୟ କ୍ୟାରିୟର କରିବି।' ଏହାପୂର୍ବରୁ ଅର୍ପଣ ତିନୋଟି ଓଡ଼ିଆ ସିନେମା 'ହତ୍ୟା', 'କ୍ରିଷ୍ଣା ଗୋବିନ୍ଦା' ଏବଂ 'ସମ୍ରାଟରେ ଅଭିନୟ କରିସାରିଛନ୍ତି। ତା'ସହ ମ୍ୟୁଜିକ ଆଲବମ୍ ଶୁଟିଂରେ ମଧ୍ୟ ବ୍ୟସ୍ତ ଅଛନ୍ତି ସେ।


ଅର୍ପଣ

ଛୋଟ ପରଦା

# ରୋଚକ ମୋଡ଼ରେ ମଧୁର ସଂସାର



ଦର୍ଶକଙ୍କ ଭଲ ପାଇବାକୁ ଧ୍ୟାନରେ ରଖି ଚଳିତ ବର୍ଷ ପ୍ରାରମ୍ଭରୁ ଅନ୍ୟତମ ଲୋକାଦୃତ ଚ୍ୟାନେଲ ଜୀ ସାର୍ଥକରେ ମେଗା ଧାରାବାହିକ 'ମଧୁର ସଂସାର'ର ପ୍ରସାରଣ ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ଏହି ଧାରାବାହିକଟି ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। ତା' ସହ ଏବେ ଏହାର କାହାଣୀରେ ଆସିଛି ରୋଚକ ମୋଡ଼। ଏହାବ୍ୟତୀତ ଏଥିରେ ହେଉଛି ବଡ଼ ପରିବର୍ତ୍ତନ। କିଛି ଦିନ ପୂର୍ବରୁ ମଧୁ ହିଁ ବନିତା ମିଶ୍ର ବୋଲି ବଡ଼ ସତ୍ୟ ସାମନାକୁ ଆସିବାପରେ ସୁଲେଖା ମଧୁକୁ ବିବାହ ବିଚ୍ଛେଦ ପାଇଁ ତିନି ମାସର ସମୟ ଦେଇଛି। ମଧୁ ନିଜ ସମ୍ପର୍କ ଓ ପରିବାରର ରକ୍ଷା ପାଇଁ ଦୃଢ଼ ସଂକଳ୍ପବଦ୍ଧ ଏବଂ ଈଶାର ସବୁ କୁଚକ୍ରାନ୍ତକୁ ସାମନା କରିବାକୁ ସେ ପ୍ରସ୍ତୁତ। ଅନ୍ୟ ପକ୍ଷରେ ରୂପାଲୀ ଓ ଶ୍ରେୟସଙ୍କ ନୂଆ ସମ୍ପର୍କ ଦେଖି ମଧୁ ନିଜ ସାଙ୍ଗକୁ କିଛି ଉଚିତ ମନ୍ତବ୍ୟ ଓ ଉପଦେଶ ଦେଇଛି ଯାହାଦ୍ୱାରା ତାଙ୍କ ସମ୍ପର୍କ ଆହୁରି ନିବିଡ଼ ହୋଇପାରିବ। ତେବେ ମଧୁ ନିଜ ବିବାହ ବନ୍ଧନକୁ ବଞ୍ଚେଇପାରିବ କି ନାହିଁ ? ଶ୍ରେୟସଙ୍କ ପ୍ରେମ କାହାଣୀ ଖୁସିରେ ଭରିବ ତ ? ଏଭଳି ଅନେକ ଅସମାଧିତ ପ୍ରଶ୍ନ ହୁଏତ ଦର୍ଶକଙ୍କ ମନରେ ଉଙ୍କି ମାରିପାରେ। ହେଲେ ଏଭଳି ସମସ୍ତ ପ୍ରଶ୍ନର ଉତ୍ତର ଏହି ଧାରାବାହିକରେ। ଏହାର ପ୍ରସାରଣ ସମୟ ରହିଛି ପ୍ରତ୍ୟେକ ସୋମବାରରୁ ଶନିବାର ସନ୍ଧ୍ୟା ୭ଟା।

'ମଧୁର ସଂସାର' ଧାରାବାହିକରେ ନିଲ୍-ଭକ୍ତି

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୪/୨୦୨୪ Bhubaneswar, Thursday, November 14/ 2024

# ସୁମିତ୍, ଗୋବିନ୍ଦଙ୍କ ପ୍ରଭାବୀ ବୋଲିଂ

## ରଣଜୀ ଟ୍ରଫି

### ମହାରାଷ୍ଟ୍ର ୧୬୨ରେ ସୀମିତ

**ଭୁବନେଶ୍ୱର,୧୩।୧୧(ସରୋଜ ଜେନା)**

ବାରବାଟୀ ଷ୍ଟାଡିୟମରେ ରଣଜୀ ଟ୍ରଫି କ୍ରିକେଟରେ ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଗୋବିନ୍ଦ ପୋଦ୍ଦାର ଓ ସୁମିତ ଶର୍ମା ବୋଲିଂ ସଫଳତା ହାସଲ କରିଛନ୍ତି। ଉଭୟ ଖେଳାଳି ମିଳିତ ଭାବେ ୭ ଉଇକେଟ ନେବାରୁ ମହାରାଷ୍ଟ୍ର ମାତ୍ର ୧୬୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ଓଡ଼ିଶା ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ୧ ଉଇକେଟରେ ୯୯ ରନ୍ କରିଛି। ହାତରେ ୯ ଉଇକେଟ ରହିଥିବା ବେଳେ ଦଳ ମାତ୍ର ୬୨ ରନ୍ ପଛରେ ରହିଛି।



ଅର୍ଦ୍ଧଶତକ ହାସଲକାରୀ ସ୍ୱସ୍ତିକ ସାମଲ।



ଉଇକେଟ ନେବାପରେ ଉଲ୍ଲସିତ ସୁମିତ ଶର୍ମା (ଡାହାଣରୁ ଦ୍ୱିତୀୟ)। (ଫଟୋ: ରାଜକିଶୋର ମହାନ୍ତି)।

ମହାରାଷ୍ଟ୍ର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଅର୍ଶିନ୍ କୁଲକର୍ନୀ(୧୬) ଓ ସଚିନ୍ ଧାସ(୨୦) ପ୍ରଥମ ଉଇକେଟରେ ୨୧ ରନ୍ ଯୋଡିଥିଲେ। କୁଲକର୍ନୀଙ୍କୁ ଆଉଟ କରି ସୂର୍ଯ୍ୟକାନ୍ତ ପ୍ରଧାନ ଓଡ଼ିଶାକୁ ପ୍ରଥମ ସଫଳତା ଦେଇଥିଲେ। ତେବେ ସଚିନ୍ ଓ ରାମକ୍ରିଷ୍ଣା ଘୋଷ(୮୦) ତୃତୀୟ ଉଇକେଟରେ ୪୧ ରନ୍ ଯୋଡିଥିଲେ। ପରବର୍ତ୍ତୀ ବ୍ୟାଟର ଯଶ୍ କ୍ଷୀରସାଗର ମାତ୍ର ୨ ରନ୍ କରି ଆଉଟ ହେବାରୁ ମହାରାଷ୍ଟ୍ର ୭୦ ରନ୍‌ରେ ୩ ଉଇକେଟ ହରାଇଥିଲା। ରାମକ୍ରିଷ୍ଣା ଓ ଅଧିନାୟକ ଅଙ୍କିତ ବାୱ୍ନେ (୩୪) ଦୃଢ ବ୍ୟାଟିଂକରି ୮୦ ରନ୍ ଯୋଡିଥିଲେ। ରାମକ୍ରିଷ୍ଣା ୧୬୧ ବଲ୍ ଖେଳି ୧୩ ଚୌକା ମାରିଥିଲେ। ଅନ୍ୟପକ୍ଷରେ ୫୭ ବଲ୍ ଖେଳିଥିବା ବାୱ୍ନେ ୬ ଚୌକା ସହ ୩୪ ରନ୍ କରିଥିଲେ। ତେବେ ଓଡ଼ିଶା ଅଧିନାୟକ ଗୋବିନ୍ଦ ପୋଦ୍ଦାର ଏହି ଯୋଡ଼ି ଭାଙ୍ଗିବା ପରେ ମହାରାଷ୍ଟ୍ର ଇନିଂସ ତାସ୍ ଘର ପରି ଭୁଶୁଡ଼ି ପଡିଥିଲା। ଏକଦା ୧୫୦/୩ ରହିଥିବା ମହାରାଷ୍ଟ୍ର ୧୨ ରନ୍‌ରେ ଏହାର ଶେଷ ୭ ଉଇକେଟ ହରାଇଥିଲା। ସୁମିତ୍ ଓ ଗୋବିନ୍ଦ ନିଜ ନିଜ ମଧ୍ୟରେ ଏହି ଉଇକେଟ ବାଣ୍ଟି ନେଇଥିଲେ। ମହାରାଷ୍ଟ୍ରର ୭ ଜଣ ଖେଳାଳି ୨ ଅଙ୍କ ସ୍କୋର ଛୁଇଁବାରେ ବିଫଳ ହୋଇଥିଲେ। ଓଡ଼ିଶା ପକ୍ଷରୁ ସୁମିତ୍ ଶର୍ମା ୩୯ ରନ୍‌ରେ ୪ ଓ ଗୋବିନ୍ଦ ପୋଦ୍ଦାର ୧୦ ରନ୍‌ରେ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାରିଣୀ ସ'୨ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୧ ଉଇକେଟ ନେଇଥିଲେ।

ଜବାବରେ ଓଡ଼ିଶା ଖେଳ ଆରମ୍ଭ କରି ପ୍ରଥମ ଦିନର ଷ୍ଟମ୍ପସ ବେଳକୁ ୧ ଉଇକେଟ ହରାଇ ୯୯ ରନ୍ କରିଛି। ସ୍ୱସ୍ତିକ ସାମଲଙ୍କୁ ଓପ୍‌ନର ଭାବରେ ଓଡ଼ିଶା ଖେଳାଇଥିବା ବେଳେ ସେ ଅପରାଜିତ ଅର୍ଦ୍ଧଶତକ ହାସଲ କରିଛନ୍ତି। ଶାନ୍ତନୁ ମିଶ୍ର ମାତ୍ର ୨ ରନ୍ କରି ଷଷ୍ଠ ଓଭରରେ ପ୍ୟାଭିଲିୟନ ଫେରିଥିବା ବେଳେ ତୃତୀୟ ଉଇକେଟରେ ଅବିଭାଜିତ ୮୩ ରନ୍ ଯୋଡ଼ିଛନ୍ତି ସ୍ୱସ୍ତିକ ଓ ସନ୍ଦୀପ ପଟ୍ଟନାୟକ। ସ୍ୱସ୍ତିକ ୧୧୧ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରି ୫୬ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଅନ୍ୟପକ୍ଷରେ ଚଳିତ ସିଜନରେ ଭଲ ଫର୍ମରେ ଥିବା ସନ୍ଦୀପ ୮୧ ବଲ୍ ଖେଳି ୫ ଚୌକା ଓ ୧ ଛକା ସହ ୪୧ ରନ୍‌ରେ ବ୍ୟାଟିଂ କରୁଛନ୍ତି। ମହାରାଷ୍ଟ୍ର ପକ୍ଷରୁ ସଫଳ ବ୍ୟାଟର ରାମକୃଷ୍ଣ ଏକମାତ୍ର ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମହାରାଷ୍ଟ୍ର ପ୍ରଥମ ଇନିଂସ ୫୪ ଓଭରରେ ୧୬୨/୧୦(ରାମକୃଷ୍ଣ ଘୋଷ-୮୦, ଅଙ୍କିତ ବାୱ୍ନେ-୩୪, ସଚିନ୍ ଧାସ-୨୦, ସୁମିତ ଶର୍ମା-୪/୩୯, ଗୋବିନ୍ଦ ପୋଦ୍ଦାର-୩/୧୦, ତାରିଣୀ ସ'-୨/୪୪, ସୂର୍ଯ୍ୟକାନ୍ତ ପ୍ରଧାନ-୧/୩୭)।

ଓଡ଼ିଶା ପ୍ରଥମ ଇନିଂସ ୩୪ ଓଭରରେ ୯୯/୧(ସ୍ୱସ୍ତିକ ସାମଲ-୫୬*, ସନ୍ଦୀପ ପଟ୍ଟନାୟକ-୪୧*, ରାମକୃଷ୍ଣ ଘୋଷ-୧/୨୩)।

# ଟିମ୍ ଗୋନାସିକା ୱେବସାଇଟ୍ ଉନ୍ମୋଚିତ

**ଭୁବନେଶ୍ୱର, ୧୩।୧୧ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ପ୍ରଥମଥରପାଇଁ ଭାଗ ନେବାକୁ ଯାଉଥିବା ବିଶାଖାପାଟଣା ଭିତ୍ତିକ ଫ୍ରାଞ୍ଚାଇଜ୍ 'ଟିମ୍ ଗୋନାସିକା'ର ଅଫିସିଆଲ ୱେବସାଇଟ୍ ଓ ପୋଷ୍ଟର ବୁଧବାର ଏଠାରେ ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦଳର ପ୍ରତ୍ୟେକ ଖେଳାଳିଙ୍କ ପରିଚୟ ସହ ଆନ୍ଥେମ୍ ଟ୍ରାକ୍ ମଧ୍ୟ ରିଲିଜ କରାଯାଇଛି। ଫ୍ରାଞ୍ଚାଇଜ୍‌ର ଓଡ଼ିଶା ମାଲିକ ତାରିଣୀ ପ୍ରସାଦ ମହାନ୍ତି, ମୁଖ୍ୟ ଅତିଥି ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ, ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ତଥା ଦଳର ଅନ୍ୟତମ ବରିଷ୍ଠ ସଦସ୍ୟ ବୀରେନ୍ଦ୍ର ଲାକ୍ରା, ଆସୋସିଏଟ ପାର୍ଟନର ରମେଶ କୁମାର ପ୍ରମୁଖ ଉପସ୍ଥିତ ରହି ଅଫିସିଆଲ ୱେବସାଇଟ୍‌କୁ ଉନ୍ମୋଚନ କରିଥିଲେ। ଦିଲୀପ ଗୋନାସିକା ଦଳକୁ ଶୁଭେଚ୍ଛା ଜଣାଇବା ସହ ଯୁବ ପ୍ରତିଭାଧାରୀ ଖେଳାଳିଙ୍କୁ ଏହି ଲିଗ୍ ଏକ ବଡ଼ ପ୍ଲାଟଫର୍ମ ଯୋଗାଇବ ବୋଲି କହିଥିଲେ। ହକିର ବିକାଶ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ଓ ଏହା ଅନେକ ଯୁବପିଢୀଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଥିଲେ।




ୱେବସାଇଟ ଉନ୍ମୋଚନ ଅବସରରେ ଅତିଥି ଓ କର୍ମକର୍ତ୍ତା। (ଫଟୋ: ବିକାଶ ନାୟକ)


## ହକି ଇଣ୍ଡିଆ ଲିଗ୍

### ସଞ୍ଜୟ ଦତ୍ତ ବ୍ରାଣ୍ଡ୍ ଆମ୍ବାସାଡର

ଏହି ଅବସରରେ ବଲିଉଡ ସୁପରଷ୍ଟାର ସଞ୍ଜୟ ଦତ୍ତ 'ଟିମ୍ ଗୋନାସିକା'ର ବ୍ରାଣ୍ଡ ଆମ୍ବାସାଡର ବୋଲି ମାଲିକା ତାରିଣୀ ପ୍ରସାଦ ଘୋଷଣା କରିଥିଲେ। ସଞ୍ଜୟ ଅନ୍‌ଲାଇନ୍ ମାଧ୍ୟମରେ ଉପଲବ୍ଧ ହୋଇ ଗୋନାସିକା ଦଳକୁ ଶୁଭେଚ୍ଛା ଜଣାଇଥିଲେ। ବ୍ରାଣ୍ଡ ଆମ୍ବାସାଡର କରାଯାଇଥିବାରୁ ସେ ବହୁତ ଖୁସି ଏବଂ ପ୍ରତିଯୋଗିତାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଗୋନାସିକା ଦଳରେ ବୀରେନ୍ଦ୍ରଙ୍କ ସମେତ ଦୀପସାନ ତିର୍କୀ, ନୀଲମ ସଞ୍ଜୀପ ଖେସ୍ ଓ ଅନମୋଲ ଲାକ୍ରା ଆଦି ୪ ଓଡ଼ିଶା ଖେଳାଳି ସାମିଲ ଅଛନ୍ତି।

## ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ

''ଆଗାମୀ ହକି ଇଣ୍ଡିଆ ଲିଗ୍ ଯୁବ ଖେଳାଳିଙ୍କ ପାଇଁ ବଡ଼ ସୁଯୋଗ ଆଣିବ। ବିଭିନ୍ନ ଦଳରେ ଘରୋଇ ଏବଂ ବିଦେଶର ଅନେକ ଅଭିଜ୍ଞ ଖେଳାଳି ଅଛନ୍ତି। ସେମାନଙ୍କ ସହିତ ଏବଂ ବିପକ୍ଷରେ ଖେଳି ଯୁବ ଖେଳାଳିମାନେ ଅନେକ କିଛି ଶିଖି ପାରିବେ। ଯାହାକି ଭବିଷ୍ୟତରେ ସେମାନଙ୍କ କାମରେ ଲାଗିବ'' ବୋଲି ପ୍ରକାଶ କରିଛନ୍ତି ଆଗାମୀ ଏଚ୍‌ଆଇଏଲ୍‌ରେ ଟିମ୍ ଗୋନାସିକାର ବରିଷ୍ଠ ସଦସ୍ୟ ବୀରେନ୍ଦ୍ର ଲାକ୍ରା। ସେହିପରି ଅବସର ନେଇଥିବା ଖେଳାଳିଙ୍କ ପାଇଁ ମଧ୍ୟ ଏହା ଏକ ଖୁବ୍ ଭଲ ପ୍ରତିଯୋଗିତା କହିଲେ ଠିକ୍ ହେବ। ଯେପରି ମୁଁ ପୋଲିସ ଟିମ୍ ପକ୍ଷରୁ ଖେଳି ଆସୁଛି ସେପରି ଅନ୍ୟ ପିଲାମାନେ ମଧ୍ୟ କେଉଁଠି ନା କେଉଁଠି ଖେଳ ଜାରି ରଖିଛନ୍ତି। ତେଣୁ ଅଭିଜ୍ଞତାର ଉପଯୋଗ କରି ନିଜ ଦଳକୁ ଆଗକୁ ନେବାର ଗୁରୁଦାୟିତ୍ୱ ଆମ ଉପରେ ରହିବ। ନିଜେ ଖେଳିବା ସହ ଦଳର ଯୁବ ଖେଳାଳିଙ୍କୁ ଗାଇଡ୍ ମଧ୍ୟ କରିବାକୁ ହେବ। ଦଳଗତଭାବେ ଉନ୍ନତ ପ୍ରଦର୍ଶନ କରି 'ଟିମ୍ ଗୋନାସିକା'କୁ ଫାଇନାଲରେ ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ବୀରେନ୍ଦ୍ର କହିଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ